# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୯/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ ) Sambalpur, Saturday, February 9 / 2019 (Career & Appointment) | ★★

୧୫ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




ଧରିତ୍ରୀ DHARITRI
ଶନିବାର, ୯ ଫେବୃୟାରୀ, ୨୦୧୯



"ବେଆଇନ ପ୍ରବାସୀମାନେ ଏସ୍‌ପି-ବିଏସ୍‌ପିର ଭୋଟ ବ୍ୟାଙ୍କ। ଭାଜପା ପୁନଃ କ୍ଷମତାସୀନ ହେଲେ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯିବ।
–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### କେଜ୍‌ରିୱାଲଙ୍କ କାର୍‌କୁ ଆକ୍ରମଣ



**ନୂଆଦିଲ୍ଲୀ,୮।୨(ପି.ଟି.):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ କାର୍‌କୁ ନରେଲାଠାରେ ଆକ୍ରମଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବାକୁ ଯାଉଥିବାବେଳେ ୧୦୦ ପାଖାପାଖି ଉତ୍ତ୍ୟକ୍ତ ଲୋକ ଠେଙ୍ଗାବାଡ଼ି ଧରି କେଜ୍‌ରିୱାଲଙ୍କ କାର୍‌କୁ ଅଟକାଇବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ତେବେ ଏଥିରେ କେହି ଆହତ ହୋଇନାହାନ୍ତି।

### ଚିଦାମ୍ବରମ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୮।୨(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଜେରା କରିଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଇଡି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୂର୍ବରୁ ଚିଦାମ୍ବରମଙ୍କୁ ଏହି ମାମଲାରେ ଏକାଧିକ ଥର ଜେରା କରାଯାଇଛି। ଗୁରୁବାର ତାଙ୍କ ପୁଅ କାର୍ତ୍ତିଙ୍କୁ ଇଡି ୬ ଘଣ୍ଟା ଜେରା କରିଥିଲା। ତାଙ୍କର ଭାରତ ଓ ବିଦେଶରେ ଥିବା ୫୪ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିବାବେଳେ ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆକୁ ବିଦେଶରୁ ୩୦୫ କୋଟି ପାଣ୍ଠି ଗ୍ରହଣ କରିବାକୁ ବିଦେଶୀ ନିବେଶ ବୃଦ୍ଧି ବୋର୍ଡ (ଏଫଆଇପିବି) ମଞ୍ଜୁରୀ ପ୍ରଦାନ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ସିବିଆଇ ଏତଲା ଆଧାରରେ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ ମାମଲା ରୁଜୁ ହୋଇଥିଲା।

### ବଙ୍ଗଳା ଖାଲି କରିବାକୁ ତେଜସ୍ୱୀଙ୍କୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୮।୨(ପି.ଟି.):** ସୁପ୍ରିମକୋର୍ଟରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ବଡ଼ ଝଟକା ଲାଗିଛି। ପାଟନା ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ତେଜସ୍ୱୀ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବଙ୍ଗଳା ଖାଲି କରି ବିରୋଧୀ ଦଳ ନେତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସକୁ ଚାଲିଯିବା ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟର ଦୁଇଟି ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିବା ସତ୍ତ୍ୱେ ତେଜସ୍ୱୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଦାଲତଙ୍କ ସମୟ ବରବାଦ କରିଥିବାରୁ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। କୋର୍ଟଙ୍କ ମୂଲ୍ୟବାନ ସମୟ ବରବାଦ କରି ଏହି ବିବାଦରୁ କ'ଣ ଆନନ୍ଦ ପାଉଛ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ , ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ବର୍ତ୍ତମାନ ଉପମୁଖ୍ୟମନ୍ତ୍ରୀ ଥିବା ସୁଶୀଲ କୁମାର ମୋଦିଙ୍କୁ ବଙ୍ଗଳା ହସ୍ତାନ୍ତର କରିବା ଲାଗି ବିହାର ସରକାର ଦେଇଥିବା ନିର୍ଦ୍ଦେଶକୁ ତେଜସ୍ୱୀ ପାଟନା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜାନୁୟାରୀ ୭ରେ ଡିଭିଜନ ବେଞ୍ଚ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

# ମୋଦିଙ୍କୁ ଘନ ଘନ ଆକ୍ରମଣ

ନୂଆଦିଲ୍ଲୀ,୮।୨

୫୯,୦୦୦ କୋଟିର ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ପିଏମ୍‌ଓର ହସ୍ତକ୍ଷେପ ନେଇ ପ୍ରକାଶିତ ରିପୋର୍ଟ ଜାତୀୟ ରାଜନୀତିର ଉଷ୍ମତା ବଢ଼ାଇଦେଇଛି। ସାଧାରଣ ନିର୍ବାଚନରେ ରାଫାଲକୁ ପ୍ରସଙ୍ଗ କରିବାକୁ ଚାହୁଁଥିବା ବିରୋଧୀଙ୍କ ପାଇଁ ଏହି ପ୍ରଘଟ ବ୍ରହ୍ମାସ୍ତ୍ର ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୋର ବୋଲି ଏଥିରୁ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛି ଏନ୍‌ଡିଏ। ଏକ ଜାତୀୟ ଗଣମାଧ୍ୟମରେ ରାଫାଲ ଚୁକ୍ତି ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଶୁକ୍ରବାର ରାହୁଲ ଏକ ଖବରଦାତା ସମ୍ମିଳନୀରେ ତାକୁ ପଢ଼ି ଶୁଣାଇଛନ୍ତି। ସେ କହିଛନ୍ତି, ଏହି ଡିଲ୍‌ରେ ପିଏମ୍‌ଓ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଭାରତର ଆଲୋଚନାକାରୀ ଟିମ୍‌ର ପକ୍ଷକୁ ପିଏମ୍‌ଓ ଦୁର୍ବଳ କରିଦେଇଛି। ପ୍ରଧାନମନ୍ତ୍ରୀ ଏହି ଦୁର୍ନୀତିରେ ଦୋଷୀ। ମୋଦି ପ୍ରତିରକ୍ଷା ପ୍ରକ୍ରିୟାକୁ ବାଇପାସ୍ କରି ସଶସ୍ତ୍ର ବଳର ୩୦,୦୦୦ କୋଟି ଟଙ୍କା ଚୋରି କରିଛନ୍ତି। ସେ ଏହି ଅର୍ଥକୁ ନିଜ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ତେଣୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ ବୋଲି ସେ ଦାବି ଦୋହରାଇଛନ୍ତି। କେନ୍ଦ୍ର ସରକାର ଆଇନକୁ ସମସ୍ତଙ୍କ ବିରୋଧରେ ବ୍ୟବହାର କରିପାରନ୍ତି। କ୍ୱାଇଁ ରବର୍ଟ ଭଦ୍ରା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ବିରୋଧରେ ତଦନ୍ତ କରାଅ, କିନ୍ତୁ ରାଫାଲ ଡିଲ୍‌କୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ବୋଲି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜ ବନ୍ଧୁମାନଙ୍କୁ ଫାଇଦା ଦେବା ଲାଗି ଜାଣିଶୁଣି ବାୟୁସେନା ଓ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ନ୍ୟୂନ କରିଦେଇଥିଲେ। ଏଥିଯୋଗୁ ରାଜକୋଷରେ ବୋଝ ବଢ଼ିବା ସହ ଜାତୀୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନର ଶୁଣାଣି ଚାଲିଥିବାବେଳେ ଏହି ତଥ୍ୟକୁ ସରକାର ଲୁଚାଇଦେଇଛନ୍ତି। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପିଏମ୍‌ଓର ସମାନ୍ତରାଳ ଆଲୋଚନାକୁ ନିନ୍ଦା କରିଛନ୍ତି। ଏକ ସ୍ୱାଧୀନ ତଥା ନିରପେକ୍ଷ ସିବିଆଇ ଦ୍ୱାରା ପିଏମ୍‌ଓ ଉପରେ ଚଢ଼ାଉ କରାଯାଇ ଡିଲ୍ ସମ୍ପର୍କିତ ସମସ୍ତ ଦସ୍ତାବିଜ ଜବତ କରାଯାଉ। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯାଉ ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ଚୁକ୍ତିକୁ ନେଇ ମୋଦିଙ୍କ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଅବମାନନା ସହ ସମାନ। କାରଣ ସର୍ବୋଚ୍ଚ ଅଦାଲତରେ ବନ୍ଦ ଲଫାପାରେ କେନ୍ଦ୍ର ଦେଇଥିବା ତଥ୍ୟରେ ଏହି ବିଷୟ ଉଲ୍ଲେଖ କରାଯାଇନାହିଁ ବୋଲି ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟ୍ କରି ଚାଷୀଙ୍କ ମୃତ୍ୟୁଠାରୁ ନେଇ ରାଫାଲ୍ ଡିଲ୍ ଯାଏ ବିରୋଧୀ ଦଳଗୁଡ଼ିକର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ବିରୋଧୀ ନେତା ଏହି ପ୍ରସଙ୍ଗରେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଗଣମାଧ୍ୟମ ରିପୋର୍ଟକୁ ଖଣ୍ଡନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ପ୍ରହାର ଦେବା ସହ ସମାନ। ସରକାର କିଛି ଭୁଲ୍ କରିନାହାନ୍ତି। ବିରୋଧୀ ଦଳ ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ପରିଚାଳିତ ହେଉଛି। ଚୁକ୍ତି ସମ୍ପର୍କରେ ପିଏମ୍‌ଓର ଯାଞ୍ଚକୁ ହସ୍ତକ୍ଷେପ ବୋଲି ମନେକରାଯିବା ଅନୁଚିତ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ରାହୁଲଙ୍କ ରାଫାଲ ଅଭିଯୋଗ ତାଙ୍କ ମିଥ୍ୟା କାରଖାନାର ଆଉ ଏକ ମିଛ। ଯୁଦ୍ଧବିମାନ ଚୁକ୍ତିକୁ ରଦ୍ଦ କରିବା ପାଇଁ ସେ ବିଦେଶୀ ଶକ୍ତିଗୁଡ଼ିକର ଇଙ୍ଗିତରେ କାମ କରୁଛନ୍ତି।



୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୨୦୧୬ ଜାନୁୟାରୀ ୨୫ରେ ବୁଝାମଣାପତ୍ରରେ ସ୍ୱାକ୍ଷର କରିବା ପରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ଓ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଜିନ୍-ୱାଇଭେସ୍ ଲେ ଡ୍ରିଏନ୍। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଉପସ୍ଥିତ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାସୁଁଆ ଓଲାନ୍ଦ।

### ବିରୋଧୀ ଧରିଲେ ରାଫାଲ ବ୍ରହ୍ମାସ୍ତ୍ର

- ଚୌକିଦାର ଚୋର ବୋଲି ପ୍ରମାଣିତ ହେଲା: ରାହୁଲ
- ଏକ 'ସ୍ୱାଧୀନ' ସିବିଆଇ ପିଏମ୍‌ଓରେ ଚଢ଼ାଉ କରୁ: କେଜ୍‌ରିୱାଲ
- ବନ୍ଧୁଙ୍କ ପାଇଁ ଜାତୀୟ ସୁରକ୍ଷାରେ ସାଲିସ କରିଛନ୍ତି ମୋଦି: ୟେଚୁରୀ





ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

> ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ଚାବୁକ ମାରିବା ସହ ସମାନ। ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ବିରୋଧୀ ଦଳ ପରିଚାଳିତ ହେଉଛି।
> – ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ



## ବିଷାକ୍ତ ମଦ ନେଲା ୩୬ ଜୀବନ

ଲକ୍ଷ୍ନୌ/ଡେରାଡୁନ୍,୮।୨(ପି.ଟି.)

ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ୩୬ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର କୁଶିନଗର ଏବଂ ସାହାରନପୁରରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ୧୬ ଜଣ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଲାଗି ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଅବକାରୀ ସବ୍‌ଇନ୍‌ସପେକ୍ଟରଙ୍କ ସମେତ ୫ ଅଧିକାରୀ ଓ ୫ ପୋଲିସ ନିଲମ୍ବିତ ହୋଇଛନ୍ତି। ଜିଲା ଅବକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅବକାରୀ ବିଭାଗ ଓ ପୋଲିସର ଜ୍ଞାତସାରରେ ଉକ୍ତ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଉତ୍ତରାଖଣ୍ଡ ଅବକାରୀ ବିଭାଗର ୧୩ ଜଣ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ହରିଦ୍ୱାର ଜିଲା ବାଲୁପୁର ଗ୍ରାମରେ ଶୁଦ୍ଧିକ୍ରିୟା ଭୋଜିରେ ବିଷାକ୍ତ ମଦ ପରିବେଷଣ କରାଯାଇଥିଲା। ଏହାକୁ ପିଇବା ପରେ ଅନେକେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ବି ରୁର୍କୀ ହସ୍ପିଟାଲରେ ୫/୬ ଜଣ ଚିକିତ୍ସିତ ହେଉଛନ୍ତି।

## ହିମସ୍ଖଳନ: ୭ ପୋଲିସ ମୃତ



ଶ୍ରୀନଗର,୮।୨(ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମଠାରେ ହିମସ୍ଖଳନରେ ୭ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥର ଜବାହର ଟନେଲ୍ ନିକଟରେ ଗୁରୁବାର ହିମସ୍ଖଳନ ହେବାରୁ ୧୦ ପୋଲିସ କର୍ମଚାରୀ ବରଫ ତଳେ ପୋତିହୋଇ ପଡ଼ିଥିଲେ। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲାବେଳେ ଅନ୍ୟମାନଙ୍କ ମୃତଦେହ ମିଳିଛି। ପ୍ରବଳ ପବନ ଓ ତୁଷାରପାତ ଯୋଗୁ ବହୁ କଷ୍ଟରେ ଉଦ୍ଧାରକାରୀ ଟିମ୍ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାରଠାରୁ କଶ୍ମୀର ଉପତ୍ୟକାରେ ତୁଷାରପାତ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କୁଲଗାମ ଜିଲାରେ ସର୍ବାଧିକ ତୁଷାରପାତ ହୋଇ କେତେକ ସ୍ଥାନରେ ୫ ଫୁଟ ଉଚ୍ଚର ତୁଷାର ଜମା ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଘଟଣାରେ ଅନନ୍ତନାଗ ଜିଲାରେ ବରଫ ଅତଡ଼ା ଖସି ଏକ ଘର ପୋତିହୋଇପଡିବା ଫଳରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଟିମ୍ ସେମାନଙ୍କ ଦୁଇ ପିଲାଙ୍କୁ ନିରାପଦରେ ଉଦ୍ଧାର କରିଛନ୍ତି।

## ଲଦାଖ ହେଲା ପୃଥକ୍ ଡିଭିଜନ

ଶ୍ରୀନଗର,୮।୨(ପି.ଟି.)

ଜମ୍ମୁ-କଶ୍ମୀର ପ୍ରଶାସନ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତିକ୍ରମେ ଲଦାଖକୁ ଅଲଗା ଡିଭିଜନ କରିଛନ୍ତି। ଲଦାଖ ବର୍ତ୍ତମାନ ପର୍ଯ୍ୟନ୍ତ କଶ୍ମୀର ଡିଭିଜନର ଅଂଶବିଶେଷ ଥିଲା। ଏବେ ଲଦାଖ ପାଇଁ ସ୍ୱତନ୍ତ୍ର ଡିଭିଜନାଲ କମିଶନର ଏବଂ ପୋଲିସ ଆଇଜି ନିଯୁକ୍ତ ହେବେ। ପୂର୍ବରୁ ଜମ୍ମୁ ଏବଂ କଶ୍ମୀର ଦୁଇଟି ଡିଭିଜନ ଥିବାବେଳେ ଲଦାଖ ଅଲଗା ପ୍ରଶାସନିକ ଏବଂ ରାଜସ୍ୱ ଡିଭିଜନ ହେବା ଫଳରେ ରାଜ୍ୟ ତିନୋଟି ଡିଭିଜନରେ ବିଭକ୍ତ ହୋଇଛି।

## ଫୁର୍‌ସତ

### ଦୀପା ମେହେଟାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

**ଟରଣ୍ଟୋ:** ଫିଲ୍ମ ନିର୍ମାତା ଦୀପା ମେହେଟା ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇବେ। ଦି ଏକାଡେମୀ ଅଫ୍ କାନାଡିଆନ୍ ସିନେମା ଆଣ୍ଡ ଟେଲିଭିଜନ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଇଣ୍ଡୋ-କାନାଡିଆନ୍ ଫିଲ୍ମ ନିର୍ଦ୍ଦେଶିକାଙ୍କୁ କାନାଡିଆନ୍ ସ୍କ୍ରିନ୍ ୱିକ୍‌ରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦୀପା ମେହେଟାଙ୍କ କଳାନୈପୁଣ୍ୟକୁ ସ୍ୱୀକୃତି ପ୍ରଦାନ ପାଇଁ କାନାଡିଆନ୍ ଏକାଡେମୀ ଗର୍ବିତ। କାନାଡିଆନ୍ ଫିଲ୍ମ ନିର୍ମାଣରେ ମଧ୍ୟ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।



### ଚତୁର୍ଥ ସର୍ବାଧିକ ଗରମ ବର୍ଷ ୨୦୧୮

**ନ୍ୟୁୟର୍କ:** ୧୮୮୦ ପରେ ବିଶ୍ୱରେ ସର୍ବାଧିକ ଗରମ ଅନୁଭୂତ ବର୍ଷ ତାଲିକାର ଚତୁର୍ଥବର୍ଷ ହେଉଛି ୨୦୧୮। ନାସା ଏବଂ ନ୍ୟାଶନାଲ ଓସନିକ୍ ଆଣ୍ଡ ଆଟମସ୍‌ଫେରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ) ଦ୍ୱାରା କରାଯାଇଥିବା ଏକ ନିରପେକ୍ଷ ବିଶ୍ଳେଷଣରୁ ଏହି ସୂଚନା ମିଳିଛି।

'ନାସା'ର ଗଡାର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର ସ୍ପେସ୍ ଷ୍ଟଡିଜ (ଜିଆଇଏସ୍‌ଏସ୍)ର ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ୨୦୧୮ରେ ବିଶ୍ୱ ତାପମାତ୍ରା ୧୯୫୧ରୁ ୧୯୮୦ ମଧ୍ୟରେ ହାରାହାରି ବାର୍ଷିକ ତାପମାତ୍ରା ଅପେକ୍ଷା ୦.୮୩ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା। ତେବେ ୨୦୧୮ର ତାପମାତ୍ରା ୨୦୧୬, ୨୦୧୭ ଏବଂ ୨୦୧୫ର ତାପମାତ୍ରା ର୍‍ୟାଙ୍କର ନିମ୍ନରେ ରହିଛି। ସାମଗ୍ରିକ ଭାବରେ ବିଗତ ୪ବର୍ଷ ବିଶ୍ୱ ତାପମାତ୍ରା ରେକର୍ଡରେ ସବୁଠୁ ଗରମ ଅନୁଭୂତ ବର୍ଷ ବୋଲି ନାସା ପକ୍ଷରୁ କୁହାଯାଇଛି। ଏ କ୍ଷେତ୍ରରେ ଦେଖିବାକୁ ଗଲେ ୨୦୧୮ ହେଉଛି ଅତି ଗରମ ଅନୁଭୂତ ବର୍ଷଗୁଡିକ ମଧ୍ୟରେ ଅନ୍ୟତମ ବୋଲି ଜିଆଇଏସ୍‌ଏସ୍ ନିର୍ଦ୍ଦେଶକ ଗାଭିନ ସ୍ମିତ୍ ପ୍ରକାଶ କରିଛନ୍ତି। ୧୮୮୦ ପରଠାରୁ ହାରାହାରି ବିଶ୍ୱ ଉଷ୍ମତା ପାଖାପାଖି ୧ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ବାୟୁମଣ୍ଡଳକୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ଏବଂ ମାନବିକ କାର୍ଯ୍ୟକଳାପରୁ ସୃଷ୍ଟ ଗ୍ରୀନହାଉସ୍ ଗ୍ୟାସ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ସାଜିଥିବା ସ୍ମିତ୍ ପ୍ରକାଶ କରିଛନ୍ତି। ଉତ୍ତରମେରୁ ଅଞ୍ଚଳରେ ବିଶ୍ୱ ଉଷ୍ମାୟନ ଧାରା ତୀବ୍ର ହୋଇଥିବା ବେଳେ ୨୦୧୮ରେ ବ୍ୟାପକ ମାତ୍ରାରେ ବରଫ ତରଳିଥିବା ନାସା ପକ୍ଷରୁ କୁହାଯାଇଛି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କଥିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୩ | ୧୬.୬ |
| ଚାନ୍ଦବାଲି | ୩୨.୦ | ୧୮.୧ |
| କଟକ | ୩୧.୦ | ୧୬.୦ |
| ପାରାଦ୍ୱୀପ | ୨୮.୨ | ୧୯.୦ |
| ଭୁବନେଶ୍ୱର | ୩୧.୮ | ୧୭.୬ |
| ଗୋପାଳପୁର | ୨୮.୯ | ୧୯.୧ |
| ପୁରୀ | ୨୯.୫ | ୨୦.୬ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୩୦.୬ | ୧୭.୫ |
| ଝାରସୁଗୁଡ଼ା | ୨୮.୯ | ୧୭.୧ |
| କେନ୍ଦୁଝର | ୨୮.୬ | ୧୬.୯ |
| ସମ୍ବଲପୁର | ୩୧.୦ | ୧୭.୪ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୩୦.୧ | ୧୭.୨ |
| ତାଳଚେର | ୩୧.୫ | ୧୫.୫ |
| ଭବାନୀପାଟଣା | ୩୦.୫ | ୧୮.୦ |
| ବଲାଙ୍ଗୀର | ୩୨.୦ | ୧୮.୫ |
| କୋରାପୁଟ | ୨୯.୦ | ୧୫.୬ |
| ଫୁଲବାଣୀ | ୨୮.୦ | --- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | ୧୪.୫ |
| ସୋନପୁର | ୩୦.୦ | ୧୪.୫ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ପ୍ରଧାନମନ୍ତ୍ରୀ ଦୌଡ଼ରେ ଥାଇଲାଣ୍ଡ ରାଜକୁମାରୀ



**ବ୍ୟାଙ୍କକ୍:** ଆଗାମୀ ନିର୍ବାଚନରେ ଥାଇଲାଣ୍ଡ ରାଜକୁମାରୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ସେ ଶିନାୱାତ୍ରା ଦଳରୁ ପ୍ରାର୍ଥୀ ହେଉଥିବା ବେଳେ ଏହାଦ୍ୱାରା ଶାସକ ଜୁଣ୍ଟା ଦଳକୁ ଶକ୍ତ ଧକ୍କା ଲାଗିଛି। ୧୯୩୨ରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠା ହେବା ପରଠାରୁ ରାଜପରିବାରର କୌଣସି ସଦସ୍ୟ ପ୍ରଧାନମନ୍ତ୍ରୀ ହୋଇ ନ ଥିବା ବେଳେ ରାଜକୁମାରୀଙ୍କ ଏହି ନିଷ୍ପତ୍ତିକୁ ଦେଶର ଶାସକ ଦଳ ବିରୋଧ କରିଛି। ୬୭ବର୍ଷ ବୟସ୍କା ରାଜକୁମାରୀ ଉବୋଲରତ୍ନା ହେଉଛନ୍ତି ଥାଇଲାଣ୍ଡ ରାଜା ମହା ବାଜିରାଲଙ୍ଗ୍‌କର୍ନଙ୍କ ଭଉଣୀ। ସେ ଥାଇ ରକ୍ଷା ଚାର୍ଟ ପାର୍ଟି ତରଫରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଉବୋଲରତ୍ନା ଜଣେ ଉଚ୍ଚ ଶିକ୍ଷିତ ଏବଂ ଦକ୍ଷ ବ୍ୟକ୍ତିତ୍ୱ। ସେ ସର୍ବାଧିକ ପସନ୍ଦଯୋଗ୍ୟ ବ୍ୟକ୍ତି ବୋଲି ରକ୍ଷା ଚାର୍ଟ ପାର୍ଟିର ନେତା ପ୍ରିଚାପଲ୍ ପଙ୍ଗପାନିଚ୍ ପ୍ରକାଶ କରିଛନ୍ତି। ଶିନାୱାତ୍ରା ପାର୍ଟି ସହିତ ରୟାଲ ଫ୍ରଣ୍ଟେଡ ପାର୍ଟିର ମେଣ୍ଟ ଘୋଷଣା ହେବାପରେ ସାମରିକ ଦଳକୁ ପ୍ରତ୍ୟକ୍ଷ ଭାବରେ ଧକ୍କା ଲାଗିଛି। କାରଣ ଏହି ଦଳର ମୁଖ୍ୟ ପ୍ରୟୁତ ଚାନ୍-ଓ-ଚାଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଦୀର୍ଘ ୫ବର୍ଷ ଧରି ପ୍ରୟୁତ ଜୁଣ୍ଟା ଦଳର ନେତୃତ୍ୱ ନେଇଆସୁଛନ୍ତି। କିନ୍ତୁ ରାଜନୀତିକୁ ଉବୋଲରତ୍ନାଙ୍କ ଅଚାନକ ପ୍ରବେଶ ସାମରିକ ଶାସକଙ୍କ ଯୋଜନାକୁ ଶକ୍ତ ଧକ୍କା ପହଞ୍ଚାଇବା ସମ୍ଭାବନା ଅଛି। ଉବୋଲରତ୍ନା ଦଶବର୍ଷ ତଳେ ଜଣେ ଆମେରିକୀୟଙ୍କୁ ବିବାହ କରିବା ପରେ ସେ ରାଜ ପରିବାରର ସଦସ୍ୟ ପଦ ହରାଇଥିଲେ। କିନ୍ତୁ ଘଟଣାକ୍ରମରେ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଛାଡପତ୍ର ଦିଆନିଆ ହୋଇଥିଲା। ଉବୋଲରତ୍ନା ପୁନଶ୍ଚ ଥାଇଲାଣ୍ଡ ଆସିବା ପରେ ତାଙ୍କୁ ବର୍ତ୍ତମାନ ରାଜ ପରିବାରର ଅନ୍ୟତମ ସଦସ୍ୟା ଭାବେ ବିବେଚନା କରାଯାଉଛି।

### ଇତିହାସର ଆଇନାରେ

#### ଫେବୃୟାରୀ ୯ର ପ୍ରମୁଖ ଘଟଣା

୧୯୭୫ ଫେବୃୟାରୀ ୯ରେ ଦି ସୋୟୁଜ ୧୭ ସୋଭିଏତ୍ ସ୍ପେସ୍‌କ୍ରାଫ୍ଟ ପୃଥିବୀକୁ ଫେରିଥିଲା। ସୋଭିଏତ୍ ୟୁନିୟନ୍‌ର ସଲ୍ୟୁଟ୍ ୪ ସ୍ପେସ୍ ଷ୍ଟେଶନ୍‌କୁ ଯିବା କ୍ଷେତ୍ରରେ ଦୁଇଟି ଦୀର୍ଘ ରହଣି ମିଶନ୍ ମଧ୍ୟରେ ସୋୟୁଜ ପ୍ରଥମ। ଉକ୍ତ ସ୍ପେସ୍‌କ୍ରାଫ୍ଟ ମହାକାଶରେ ୨୯ ଦିନ ରହଣି କରିଥିଲା। ଅପରପକ୍ଷରେ ସୋୟୁଜ ୧୧ର ୨୩ ଦିନର ମହାକାଶ ରହଣି ରେକର୍ଡକୁ ଏହା ଭଙ୍ଗ କରିଥିଲା।

୨୦୧୬ ଫେବୃୟାରୀ ୯ରେ ଜର୍ମାନୀର ବାଭାରିଆ ପ୍ରଦେଶ ଅନ୍ତର୍ଗତ ବାଡ୍ ଏବଲିଙ୍ଗ୍‌ରେ ଦୁଇଟି ଯାତ୍ରୀବାହୀ ଟ୍ରେନ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଦୁର୍ଘଟଣାରେ ୧୨ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୫ଜଣ ଆହତ ହୋଇଥିଲେ।

ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୯/୨୦୧୯ Sambalpur, Saturday, February 9 / 2019 | ପୃଷ୍ଠା-୧




**ନିଜ ପ୍ରତିମୂର୍ତ୍ତି ଅନାବରଣ କଲେ ପ୍ରିୟଙ୍କା**

ନ୍ୟୁୟର୍କରେ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍‌ରେ ନିଜର ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା।

୧୦

୧୨

**କ୍ରୁନାଲଙ୍କ ପ୍ରଭାବୀ ପ୍ରଦର୍ଶନ**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପାଇଁ ୫ କୋଟି

## କେନ୍ଦ୍ର ଆଡ଼କୁ ଗୋଟି ଖେଳିଲା ରାଜ୍ୟ

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀଙ୍କୁ ନିର୍ବାଚନ ପୂର୍ବରୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ପୁଣି କେନ୍ଦ୍ର ଆଡକୁ ଗୋଟି ଚାଳନା କରିଛନ୍ତି। ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଓଡିଶା କୋର୍ଟଙ୍କୁ ବଲ ଫିଙ୍ଗିବା ପରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ଛାଡିଛନ୍ତି। ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଲାଗି ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ବଜେଟରେ ଭିତ୍ତିଭୂମି ନିର୍ମାଣ ସକାଶେ ୫ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିବା ମାତ୍ରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ଏଠାରେ ସୂଚନା ଯୋଗ୍ୟ ଯେ ପଶ୍ଚିମ ଓଡିଶାରେ ପୃଷ୍ଠା–୨

**ଆର୍ଥିକ ସହାୟତା ଦେବାକୁ ବିଧାନସଭାରେ ଅର୍ଥମନ୍ତ୍ରୀଙ୍କ ଘୋଷଣା**



## ଅଧାରୁ ସରିଲା ଅଧିବେଶନ

■ ଧୋଇ ନେଲା ଚାଷୀ, ଚିଟ୍‌ଫଣ୍ଡ, ବେକାରି ସମସ୍ୟା

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଞ୍ଚଦଶ ବିଧାନସଭାରେ ୫ ଦିନିଆ ଶେଷ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ୨ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଅଧିବେଶନ ଫେବୃୟାରୀ ୪ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇ ଥାଆନ୍ତା। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ବିଧାନସଭାକୁ ଆଉ ଆଗକୁ ନେବାକୁ ସରକାର ଚାହିଁ ନ ଥିଲେ। ଏହି ସ୍ୱଳ୍ପକାଳୀନ ପୃଷ୍ଠା–୨


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ ଆଜିଠାରୁ



ଯବାମଣି ଟୁଡୁ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ଆଉ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଭେଟି ଦେବା ପାଇଁ ପ୍ରସ୍ତୁତ। ଏଥର ଓଡ଼ିଶା ଦର୍ଶକ ଦେଖିବାକୁ ପାଇବେ ମହିଳା ଫୁଟ୍‌ବଲର ରୋମାଞ୍ଚ। ହିରୋ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିରେ ଆୟୋଜକ ଭାରତ ସମେତ ମ୍ୟାନ୍‌ମାର, ଇରାନ ଓ ନେପାଳ ଭାଗନେବେ। ୪ଟି ଯାକ ଦଳ ୨୦୨୦ ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ ଟୁର୍ଣ୍ଣାମେଣ୍ଟ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ମ୍ୟାନ୍‌ମାର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଇରାନକୁ ଭେଟିବ ଭାରତ। ଭାରତୀୟ ଦଳରେ ଓଡ଼ିଶାର ଯବାମଣି ଟୁଡୁ ସ୍ଥାନ ପାଇଛନ୍ତି।

■ ପତ୍ର ସାମ୍ନାକୁ ଆସିବା ପରେ ଜାତୀୟ ରାଜନୀତିରେ ଭୂକମ୍ପ

# ରାଫାଲ ଚୁକ୍ତିରେ ହସ୍ତକ୍ଷେପ କରିଥିଲା ପିଏମ୍‌ଓ

ନୂଆଦିଲ୍ଲୀ, ୮।୨

ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଚୁକ୍ତି ସମ୍ପର୍କରେ ଆଲୋଚନା କରୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏଥିରେ ହସ୍ତକ୍ଷେପ କରି ଫ୍ରାନ୍ସ ପକ୍ଷଙ୍କ ସହ 'ସମାନ୍ତରାଳ ଆଲୋଚନା' ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଦଳର ପୋଜିଶନ (ସ୍ଥିତି) ଦୁର୍ବଳ ହୋଇଛି ବୋଲି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ଏ ସମ୍ପର୍କିତ ରିପୋର୍ଟ ଶୁକ୍ରବାର ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦେଶର ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉକ୍ତ ରିପୋର୍ଟ ଆଧାରରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏହାକୁ 'ମଲାଘୋଡ଼ାକୁ ପ୍ରହାର' ଭାବେ ଅଭିହିତ କରି ରିପୋର୍ଟକୁ ମିଛ ବୋଲି ଖଣ୍ଡନ କରିଛନ୍ତି।

ଫ୍ରାନ୍ସଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୭.୮୭ ବିଲିୟନ୍ ୟୁରୋର ଚୁକ୍ତିରେ ବ୍ୟାପକ ଅନିୟମିତା ହୋଇଥିବା ପୃଷ୍ଠା–୨





୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଆଭ୍ୟନ୍ତରୀଣ ନୋଟ୍।

**ଗୁମର ଫିଟାଇଲା ଚିଠି**

■ ଯୁଦ୍ଧବିମାନ କିଣିବା ପାଇଁ ଫ୍ରାନ୍ସ ସହ ଭାରତୀୟ ଟିମ୍ ଆଲୋଚନା କରୁଥିବାବେଳେ ପିଏମ୍‌ଓ ଚଳାଇଥିଲା ସମାନ୍ତରାଳ ଆଲୋଚନା

■ ଏଥିଯୋଗୁ ଭାରତର ପକ୍ଷ ଦୁର୍ବଳ ହୋଇଥିଲା ଓ ଫ୍ରାନ୍ସ ଫାଇଦା ନେଇଥିଲା

■ ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା

■ ୨୦୧୫ ଅକ୍ଟୋବର ୨୦ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟଙ୍କ ଚିଠିରୁ ପିଏମ୍‌ଓର ହସ୍ତକ୍ଷେପ ନେଇ ଜଣାପଡ଼ିଥିଲା

■ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ବଲାଙ୍ଗୀର ଜେଲକୁ ଆସିଲେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ, ୮।୨

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ଼ ଉପକାରାଗାରରୁ ଶୁକ୍ରବାର ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର କରାଯାଇଛି। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପୁଞ୍ଜିଲାଲଙ୍କୁ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ବଲାଙ୍ଗୀର ଜିଲା କାରାଗାରକୁ ଅଣାଯାଇଥିଲା। ବଲାଙ୍ଗୀର ଜିଲା କାରାଗାରକୁ ନିଆଯିବାବେଳେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ପୁଞ୍ଜିଲାଲ ପାଟଣାଗଡ଼ ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପାଟଣାଗଡ଼ ଜେଲ ଭିତରେ ନିର୍ଯାତନା ଦିଆଯାଉଥିବା କହିଥିଲେ। ତାର ପ୍ରତିବାଦ କରିବାରୁ ତାଙ୍କ ବିରୋଧରେ ଜେଲ କର୍ତ୍ତୃପକ୍ଷ ସାଂଘାତିକ ଅଭିଯୋଗ ଆଣି ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର କରିଥିବା କହିଥିଲେ। ଏହାର ପ୍ରତିବାଦରେ ସେ ଗୁରୁବାରଠାରୁ ଅନଶନରେ ରହିଛନ୍ତି। ଗତ ୨୪ ତାରିଖରେ ପାଟଣାଗଡ଼ ଜେଲରୁ କଏଦୀ ଚମ୍ପଟ ଘଟଣାକୁ ସେ ମିଥ୍ୟା ବୋଲି କହିଛନ୍ତି। ପାଟଣାଗଡ଼ ଜେଲ ଭିତରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଗଲେ ସବୁ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି। ମାନବିକତା ଦୃଷ୍ଟିରୁ ସତ୍ୟକୁ ସାମ୍ନାକୁ ଅଣାଯାଉ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି। ପୃଷ୍ଠା–୨

**କଏଦୀ ଚମ୍ପଟ ଘଟଣା ମିଥ୍ୟା ବୋଲି କହିଲେ**



ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲକୁ ନିଆଯାଉଛି।







# ସୁରକ୍ଷା କର୍ମୀଙ୍କୁ ଗୁଳିକରି ହତ୍ୟା

■ବଡ଼ଭାଇଙ୍କ ହାତଥିବା ସନ୍ଦେହ

ଦେବଗଡ଼,୮।୨(ସ୍ୱ.ପ୍ର.)

ଦେବଗଡ଼ ପୌରାଞ୍ଚଳର ପୁରୁଣାଗଡ଼ସ୍ଥିତ ଏସ୍‌ପିଙ୍କ କ୍ୱାର୍ଟର୍ସଠାରୁ ମାତ୍ର ୫୦ ମିଟର ଦୂରରେ ଶୁକ୍ରବାର ଗୁଳିକାଣ୍ଡ ଘଟିଛି । ଏହି ଗୁଳିକାଣ୍ଡରେ ରାଜେନ୍ଦ୍ର ବଲୁଆ(୩୦) ନାମକ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳରୁ ଏପରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ବଡଭାଇ ଫେରାର ଅଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ପୁରୁଣାଗଡ଼ରେ ରାଜେନ୍ଦ୍ର ବଲୁଆ ଓ ତାଙ୍କ ମା' ରୁହନ୍ତି । ରାଜେନ୍ଦ୍ରଙ୍କ ମା' ଜଣେ ପାରାଲିସିସ୍ ରୋଗୀ । ସେ ଖଟରୁ ଉଠିପାରନ୍ତି ନାହିଁ । ରାଜେନ୍ଦ୍ର ଦେବଗଡ଼ ମୁଖ୍ୟ ଡାକ୍ତରଖାନାରେ ସୁରକ୍ଷାକର୍ମୀ ଭାବେ କାମ କରିବା ସହ ମା'ଙ୍କ ସେବାଯତ୍ନ କରନ୍ତି। ରାଜେନ୍ଦ୍ରଙ୍କ ବଡ ଭାଇ ସଚ୍ଚିଦାନନ୍ଦ ବିବାହ ପରେ ନିକଟସ୍ଥ ବାରକୋଟ ବ୍ଲକ ବସାଲଇ ଗ୍ରାମରେ ରୁହନ୍ତି । ହେଲେ ସେ ଅଧିକାଂଶ ସମୟ ରାଜେନ୍ଦ୍ରଙ୍କ ପାଖକୁ ଆସନ୍ତି । ଉଭୟଙ୍କ ମଧ୍ୟରେ ଟଙ୍କା ପଇସାକୁ କେନ୍ଦ୍ର କରି ଗଣ୍ଡଗୋଳ ହୁଏ। ଏମିତି କିଛିଦିନ ଅନ୍ତରରେ ଚାଲେ । ଗୁରୁବାର ରାତିରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହାର କିଛି ପୃଷ୍ଠା–୨


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 08.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

ମିଛ ପରିସଂଖ୍ୟାନ

**ଆଜିର ମନ୍ତବ୍ୟ**

"କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ରାଫାଲ ଅଭିଯୋଗ ତାଙ୍କ 'ମିଥ୍ୟା କାରଖାନା'ର ଆଉ ଏକ ମିଛ।

-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଫେବୃୟାରୀ ୪ ସୁଦ୍ଧା ଦେଶର ଥର୍ମାଲ ପ୍ଲାଣ୍ଟଗୁଡ଼ିକରେ ୨୦.୮୭୦ ନିୟୁତ ଟନ୍ କୋଇଲା ମହଜୁଦ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୪.୬୮ ନିୟୁତ ଟନ୍ ଥିଲା।

–କୋଇଲା ମନ୍ତ୍ରଣାଳୟ






AUTHORIZED DISTRIBUTOR: CUTTACK - VISHAL ENTERPRISES - 9040601631, BHUBANESWAR - RAM JI ENTERPRISES - 0674-2463082, BEHRAMPUR - PATEL SHOE BAZAR - 9437064888, BHWANIPATNA - KWALITY TRADERS - 9040106894, BHUBANESWAR - STYLE EXCLUSIVE - 9938499290

PREFERRED RETAILERS: BHUBANESWAR: SHOE MART - 9437177070 | GOLDEN BOOTS - 9437044407 | KOLHAPURI MART - 7978616737 | GOPAL SHOES - 9437089155 | BHADRAK: SOFT WALK - 9937420078 | DHENKANAL: NEW MADHUSUDAN PATRA & SONS - 8328887187 | ANGUL: DAMINI SHOES - 9437033910 | BHAWANIPATNA: KWALITY SHOES - 9437326234 & 8637273567 | UMARKOTE: K.K. FOOTWEAR - 9437524957 | DHARAMAGARH: SHIV SHANKAR BOOT HOUSE - 9437225120

Shop online at: www.redchief.in, For b2b: www.redchiefb2b.in, FOR TRADE ENQUIRIES CONTACT 7753933497, redchiefb2b@leayan.com
Also available at : Flipkart | Myntra | amazon | AJIO | Paytm | JABONG | SHOPCLUES
Toll free no. 1800-121-0800 For more information contact: 0512-2241749, 9794352683



ଅଗ୍ନି ଶୃଙ୍ଖଳା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ



ଜାଗି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified




## SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Ford Ikon 2003 NXT Diesel car with new AC Cluch pressure plate good running condition for sale. M: 8917370377. D-11015




## SALE

Plotting project near Patia KIIT University, Bhubaneswar 40” mainroad, 30” subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 7829553888. D-10995

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11034

30 feet main road 30 feet sub road yellow zone plot near Vipul Garden & Tata Ariyan Khandagiri. 9437426733. D-10891

Tamando Market ପାଖରେ ଘରବାରି boundary plot ନେଇ ଘର କରନ୍ତୁ। 9438859527. D-10898

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

**21000 Sqft under construction Hostel at Kalarahanga, Total 52 rooms, 28 nos. drawing dining, G+2 building, Sufficient parking, Expected Bed 215 nos., Price- 6.5 Crore/ Negotiable Contact: 9439856856.** D-11033

Booking one lakh simplex 2BHK 1200 sqft. land 20,50,000/- BDA area Tankpaniroad Sai Temple monthly instalment 10,000/-. 7735738102. D-11016

4000 sqft. SC land (Gharabari) BDA approved sft. height boundarywall at Patia. 9437096921, 9938855111. D-64785

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11032

Newly construction Triplex at Sreevihar, Chandrasekharpur (infront of Indian Oil Headoffice). 9437096921, 9938855111. D-64784

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65818

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30’ road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-11035

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3BHK flat Shibani Villa Badagada Canal Road. Rent. 15,000/-. 7735738098. D-11017

7BHK house for rent/ lease. Suitable for Guest House, warehouse. Address– Gour Vihar, On the way to Mata Matha. Contact: 7978356787. D-63761




New opening ayurvedic full body massage. 7077444583. D-10885

## AFFIDAVIT

I Bijaya Kumar Naik, S/o- Late Gopinath Naik, Residing- Suryavihar Gadamohavir, BBSR-2 have changed my name from Bijaya Kumar Naik to Bijaya Kumar Nayak affidavit no.- 22, Dt- 07.02.19 before Executive Magistrate BBSR. Hence I shall be known and called as Bijaya Kumar Nayak. D-11021

## Happy Birthday



(କାହ୍ନା)

**ମଣ୍ଟି ମିଳନ ବିଶ୍ୱାଳ**

ବମିଖାଲ, ଭୁବନେଶ୍ୱର

ଆଜିର ଏହି ଶୁଭ ଜନ୍ମଦିନ ଅବସରରେ ମା’ ଦୁର୍ଗା ତୋତେ ସାହସ, ଶକ୍ତି ପ୍ରଦାନ କରି ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପ୍ରାର୍ଥନା କରୁଅଛୁ। ଶୁଭାଶୀର୍ବାଦ ସହ: ଜେଜେ- ଅଦ୍ୱୈତ, ଜେଜି- ଗୋମତୀ, ବାପା- ରଞ୍ଜନ, ବୋଉ- ବୈଜୟନ୍ତୀ, ବାଙ୍ଗଲୋ ବାପା- ପ୍ରସନ୍ନ, ଓକିଲ ବାପା- ରାକେଶ, ଦିଦି- ନେହା, କୁନୁ, ରିଙ୍କି। ଧ-୬୫୪୭୩

Now Matrimonial ads. only on Wednesday & Sunday Book 1 Get 1 FREE


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବସନ୍ତ କୁମାର କର**

ଆବିର୍ଭାବ: ୧୪।୦୪।୧୯୬୧
ପଣା ସଂକ୍ରାନ୍ତି
ତିରୋଧାନ: ୨୧।୦୧।୨୦୧୮
ମାଘ, ଶୁକ୍ଳପକ୍ଷ ଚତୁର୍ଥୀ

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ପରି ସରଳ, ନିଷ୍ପାପର ଏବଂ ପରୋପକାରୀ ମହାତ୍ମାଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେଉ। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଓ ବନ୍ଧୁବାନ୍ଧବବର୍ଗ। ଧ-୧୦୯୯୧

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶ୍ରୀ ଲିଙ୍ଗରାଜ ଶତପଥି**

ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆବିର୍ଭାବ: ୦୨।୧୧।୧୯୨୭
ତିରୋଧାନ: ୨୯।୦୧।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଶୋକସନ୍ତପ୍ତ: ପୁତ୍ର, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୫୮୨୦

## ପ୍ରଥମ ପୃଷ୍ଠାରୁ...

### ରାଫାଲ ଚୁକ୍ତିରେ ହସ୍ତକ୍ଷେପ...

ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏକୁ ଟାର୍ଗେଟ କରୁଥିବାବେଳେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଖବର ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ଯୋଗୁ ରାଫାଲ ଚୁକ୍ତିକୁ ନେଇ ଭାରତର ପକ୍ଷ ଦୁର୍ବଳ ହୋଇଥିଲା, ଯାହାର ଫାଇଦା ଫ୍ରାନ୍ସ ନେଇଥିଲା। ଦୁଇଦେଶ ମଧ୍ୟରେ ଡିଲ୍ ଚାଲିଥିବାବେଳେ ପିଏମ୍‌ଓ ସମାନ୍ତରାଳ ଭାବେ ଆଲୋଚନା ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଟିମ୍‌ର ପକ୍ଷ ଦୁର୍ବଳ ହୋଇଥିଲା। ୨୦୧୫ ନଭେମ୍ବର ୨୪ରେ ଏ ସମ୍ପର୍କରେ ସେତେବେଳର ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆମେ ପିଏମ୍‌ଓକୁ ପରାମର୍ଶ ଦେଇପାରିବା ଯେ, କୌଣସି ଅଧିକାରୀ ଆଲୋଚନା କରୁଥିବା ଭାରତୀୟ ଟିମ୍‌ର ଅଂଶବିଶେଷ ନୁହନ୍ତି। ତେଣୁ ଫ୍ରାନ୍ସ ସରକାରଙ୍କ ଅଧିକାରୀମାନଙ୍କ ସହ ସମାନ୍ତରାଳ ଆଲୋଚନାରୁ ତାଙ୍କୁ କ୍ଷାନ୍ତ ରହିବାକୁ ତାଙ୍କୁ କୁହାଯାଉ। ଯଦି ପିଏମ୍‌ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଆଲୋଚନାର ନିଷ୍କର୍ଷକୁ ନେଇ ଭରସା କରୁନାହିଁ, ତେବେ ଏହି କ୍ଷେତ୍ରରେ ପିଏମ୍‌ଓ ନେତୃତ୍ୱରେ ଉପଯୁକ୍ତ ସ୍ତରରେ ଏକ ନୂଆ ପ୍ରକ୍ରିୟା ଆପଣାଯାଇପାରେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଉକ୍ତ ନୋଟ୍‌ରେ ଉଲ୍ଲେଖ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ଦୟାକରି ଏହା ଉପରେ ଧ୍ୟାନ ଦିଅନ୍ତୁ ବୋଲି ତତ୍କାଳୀନ ପ୍ରତିରକ୍ଷା ସଚିବ ଜି. ମୋହନ କୁମାର ଏଥିରେ ଲେଖିଥିଲେ। ମୂଳ ଚୁକ୍ତି ସହ ଅଳ୍ପ ସାମଞ୍ଜସ୍ୟ ଥିବା ନୂଆ ରାଫାଲ ଡିଲ୍ ବିଳମ୍ବିତ ହୋଇଥିଲା। ୨୦୧୫ ଏପ୍ରିଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ଗସ୍ତବେଳେ ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ୨୦୧୬ ସାଧାରଣତନ୍ତ୍ର ଦିବସରେ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାସୁଆଁ ଓଲାନ୍ଦ ଭାରତ ଆସିଥିବାବେଳେ ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୁଝାମଣାପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଥିଲେ। ଡାସଲ୍ଟ ଆଭିଏଶନ୍‌ଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଆନ୍ତଃ ସରକାରୀ ଚୁକ୍ତି ୨୦୧୬ ସେପ୍ଟେମ୍ବର ୨୩ରେ ସ୍ୱାକ୍ଷରିତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ପିଏମ୍‌ଓ ପକ୍ଷରୁ ସମାନ୍ତରାଳ ଆଲୋଚନା ନେଇ ୨୦୧୫ ଅକ୍ଟୋବର ୨୩ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟ ଜେନେରାଲ ଷ୍ଟିଫେନ୍ ରେବ୍‌ଙ୍କଠାରୁ ସୂଚନା ମିଳିଥିଲା। ପିଏମ୍‌ଓର ଯୁଗ୍ମ ସଚିବ ଜାଭେଦ୍ ଅଶ୍ରଫ୍ ଏବଂ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟର ପରାମର୍ଶଦାତା ଲୁଇସ୍ ଭାସିଙ୍କ ମଧ୍ୟରେ ୨୦୧୫ ଅକ୍ଟୋବର ୨୦ରେ ଚୁକ୍ତି ନେଇ ହୋଇଥିବା ଟେଲିଫୋନ ବାର୍ତ୍ତାଳାପ ସମ୍ପର୍କରେ ଷ୍ଟିଫେନ୍ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପଠାଇଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ। ଷ୍ଟିଫେନ୍‌ଙ୍କ ପତ୍ର ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପିଏମ୍‌ଓର ଦୃଷ୍ଟି ଆକର୍ଷଣ କରିଥିଲା। ଲୁଇସ୍‌ଙ୍କ ସହ ଆଲୋଚନା କରିଥିବା ନେଇ ଅଶ୍ରଫ୍ ୨୦୧୫ ନଭେମ୍ବର ୧୧ରେ ସ୍ୱୀକାର କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଅଫିସର ପରାମର୍ଶକ୍ରମେ ଲୁଇସ୍ ତାଙ୍କୁ ଫୋନ୍ କରିଥିଲେ ବୋଲି ଅଶ୍ରଫ୍ ଆଲୋଚନାରତ ଭାରତୀୟ ଟିମ୍ ମୁଖ୍ୟ ଏୟାର ମାର୍ଶାଲ ଏସ୍.ବି.ପି. ସିହ୍ନାଙ୍କୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଥିଲେ। ପ୍ରକାଶ ଯେ, ବାୟୁସେନା ଉପମୁଖ୍ୟଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ରାଫାଲ ଡିଲ୍‌କୁ ନେଇ ଆଲୋଚନା ଚାଲିଥିଲା। ଏଥିରେ ପିଏମ୍‌ଓର କିଛି ଭୂମିକା ନ ଥିଲା ବୋଲି ୨୦୧୮ ଅକ୍ଟୋବରରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ ଜବାବରେ କୁହାଯାଇଥିଲା।

### ପଶ୍ଚିମ ଓଡ଼ିଶାରେ...

ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ବିଭିନ୍ନ ଓକିଲ ସଂଘ ଆନ୍ଦୋଳନ ଚଳାଇଥିବା ବେଳେ ଏ ନେଇ ରାଜନୀତି ମଧ୍ୟ ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବାକୁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ୨୦୧୮ ଜାନୁୟାରୀ ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ କହିଥିଲେ। ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ୨୦୧୯ ଜାନୁୟାରୀ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଥିଲେ ଯେ, କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଯଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁପି ନଂ. ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ମୁଖ୍ୟ ବିଚାରପତି ହାଇକୋର୍ଟ ବେଞ୍ଚର ମୁଖ୍ୟ। ରାଜ୍ୟରେ ହାଇକୋର୍ଟ ଦୈନିକ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ତାଙ୍କର ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର। ଯାହାକି ଯେ କୌଣସି ହାଇକୋର୍ଟ ବେଞ୍ଚ ସ୍ଥାପନ କ୍ଷେତ୍ରରେ ତାହାହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଭିତ୍ତିଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଅର୍ଥ ବ୍ୟବସ୍ଥା କରି ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

### ଅଧାରୁ ସରିଲା...

ଅଧିବେଶନରେ ୫ଟି କାର୍ଯ୍ୟ ଦିବସ ହୋଇଥିବା ବେଳେ ୧୦ ଜଣ ପରଲୋକଗତ ନେତା ଓ ଯବାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆସିଥିଲା। ସେହିପରି ୨୬୦ଟି ଅଣତାରକା ଓ ୩ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବା ବେଳେ ଗୃହରେ ୧୫ଟି ପେପର , ୧୪ଟି ବାର୍ଷିକ ରିପୋର୍ଟ, ୮ଟି କମିଟି ରିପୋର୍ଟ, ଗୋଟିଏ ବିଲ୍ ଆଗତ କରାଯାଇଥିଲା। ଏହି ଅଧିବେଶନରେ ଚାଷୀ, ଚିଟ୍‌ଫଣ୍ଡ, ନାବାଳିକା ବଳାତ୍କାର, ବେକାରି ସମସ୍ୟାକୁ ନେଇ ବିରୋଧୀ ବିଧାନସଭାକୁ ହୁଲସ୍ଥୁଲ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ୩ ଦିନ ଗୃହ ଅଚଳ ହୋଇଥିଲା। ଶେଷ ଦିବସରେ ହଟ୍ଟଗୋଳ ହୋଇଥିଲେ ମଧ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଚଳିତ ଅଧିବେଶନରେ ୨୦୧୯-୨୦ ପାଇଁ ରାଜ୍ୟ ସରକାର ୪ ମାସିଆ ୫୬ ହଜାର କୋଟି ଟଙ୍କାର ଲେଖାନୁଦାନକୁ ଅନୁମୋଦନ କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇ ପାରି ନ ଥିଲା।

### ବଲାଙ୍ଗୀର ଜେଲକୁ ...

ଗତ ୨୪ ତାରିଖ ପାଟଣାଗଡ଼ ଜେଲରୁ ୬ ଜଣ କଏଦୀ ଚମ୍ପଟ ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ୬ ଜଣ କଏଦୀଙ୍କୁ ଚମ୍ପଟ କରିବାର ଯୋଜନା ପୁଞ୍ଜିଲାଲ ମେହେର କରିଥିବା ଏବଂ ଜେଲ ଭିତରେ କଏଦୀମାନଙ୍କୁ ଉସୁକାଉଥିବା ନେଇ ପାଟଣାଗଡ଼ ଜେଲ କର୍ତ୍ତୃପକ୍ଷ ଅଭିଯୋଗ କରିଥିଲେ। ଏଭଳି କାଣ୍ଡ ପରେ ପୁଞ୍ଜିଲାଲଙ୍କୁ ପାଟଣାଗଡ଼ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଜେଲ କର୍ତ୍ତୃପକ୍ଷ ଅତିରିକ୍ତ ଜିଲାଦୌରା ଜଜ୍ (ଏଡିଜେ)ଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏହାର ବିଚାର କରି ପାଟଣାଗଡ଼ ଏଡିଜେ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତର ପାଇଁ ଅନୁମତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲକୁ ଅଣାଯାଇଥିଲା । ପୁଞ୍ଜିଲାଲ ବଲାଙ୍ଗୀର ଜେଲକୁ ଆସିବା ପରେ ବଲାଙ୍ଗୀର ଜେଲ ଭାରପ୍ରାପ୍ତ ଅଧୀକ୍ଷକ ସଞ୍ଜୟ ବର୍ମାଙ୍କୁ ପଚରାଯିବାରୁ ପୁଞ୍ଜିଲାଲଙ୍କୁ ଜିଲା କାରାଗାରର ଏକ ନୂଆ ସେଲରେ ରଖାଯାଇଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର ଜେଲରେ କୌଣସି ଅସୁବିଧା ହେବ ନାହିଁ । ଏଠି ଖାଦ୍ୟ ପାନୀୟ ସୁବିଧା ସହ ସୁରକ୍ଷା ବ୍ୟବସ୍ଥା କାଡକଡି ରହିଥିବା କହିଛନ୍ତି । ବଲାଙ୍ଗୀର ଜେଲରେ ଏବେ ସୁଶାନ୍ତ ଧଳସାମନ୍ତ, ମାଧବ ଖୁଣ୍ଟିଆଙ୍କ ଭଳି ଅପରାଧୀ ରହିଛନ୍ତି। ପୁଞ୍ଜିଲାଲ ଆସିବା ପରେ ଜେଲ ପରିସ୍ଥିତି କିଭଳି ରହିବ ବୋଲି ଜେଲ ଅଧୀକ୍ଷକଙ୍କୁ ପଚରାଯିବାରୁ କିଛି ବି ଅସୁବିଧା ହେବନାହିଁ। ସମସ୍ତ ହାର୍ଡକୋର ଅପରାଧିଙ୍କ ସହ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ସ୍ୱତନ୍ତ୍ର ସେଲ ଦିଆଯାଇଛି ବୋଲି ବର୍ମା କହିଛନ୍ତି। ପୁଞ୍ଜିଲାଲ ୨ଦିନ ହେଲା ଅନଶନରେ ଥିବା କହିଛନ୍ତି । କିଛି ସମୟ ବୁଝାଇବା ପରେ ସେ ଗ୍ଲୁକୋଜ ପାଣି ପିଇବାକୁ ରାଜି ହୋଇଥିବା ବର୍ମା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ଏଥିରେ ଭଇଁଷା ଜ୍ୟୋତିବିକାଶ କଲେଜ ଅଧକ୍ଷା ସଂଯୁକ୍ତା ସାହୁ ଓ ପାଟଣାଗଡ଼ ଜବାହର କଲେଜ ଅଧାପକ ରବୀନ୍ଦ୍ର କୁମାର ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରୀମା ସାହୁ ଗୁରୁତର ଆହତ ହୋଇଥିଲେ । ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଭଇଁଷା ଜ୍ୟୋତିବିକାଶ କଲେଜର ଇଂଲିଶ ଅଧାପକ ପୁଞ୍ଜିଲାଲ ମେହେରଙ୍କୁ ଅଭିଯୁକ୍ତ ଦର୍ଶାଇ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିଲା। ଗତବର୍ଷ ୨୫ ଏପ୍ରିଲଠାରୁ ଅଭିଯୁକ୍ତ ପୁଞ୍ଜିଲାଲ ପାଟଣାଗଡ଼ ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। ଶୁକ୍ରବାର ତାଙ୍କୁ ବଲାଙ୍ଗୀର ଜିଲା ଜେଲକୁ ଅଣାଯାଇଛି।

### ସୁରକ୍ଷା କର୍ମୀଙ୍କୁ...

ସମୟ ପରେ ସାନପୁଅର ଚିତ୍କାର ଶୁଣିବାକୁ ପାଇଥିଲେ ବୋଲି ରାଜେନ୍ଦ୍ରଙ୍କ ମା’ କହିଛନ୍ତି। ଶୁକ୍ରବାର ସକାଳୁ ରାଜେନ୍ଦ୍ରଙ୍କ ମୃତ୍ୟୁଦେହ ଘର ବାହାରେ ପଡିଥିବା ଜଣାପଡିଥିଲା । ଖବର ପାଇ ଦେବଗଡ଼ ଏସ୍‌ପି ଅନୁପମା ଜେମେସ୍ ,ଏସ୍‌ଡିପିଓ ସୁଲେମାନ ଏକ୍କା,ଟାଉନ ଥାନାଧିକାରୀ ଜିତେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସଚ୍ଚିଦାନନ୍ଦଙ୍କ ଗୁଳିମାଡ଼ରେ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ସମ୍ବଲପୁର ସାଇଣ୍ଟିଫିକ୍ ଟିମ ମଧ୍ୟ ଅନୁସନ୍ଧାନ ଆରମ୍ଭ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ୨ଟି ଗୁଳି ଉଦ୍ଧାର କରିଛି । ସଚ୍ଚିଦାନନ୍ଦ ଫେରାର ଥିବାରୁ ପୋଲିସ ତାଙ୍କୁ ଖୋଜୁଛି ।

## ଭାବବିହ୍ୱଳ ହେଲେ ଯୋଗେନ୍ଦ୍ର

### ବିଧାନସଭା ଆଉ ଆସି ନ ପାରେ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଶୁକ୍ରବାର ଶେଷ ହୋଇଛି ପଞ୍ଚଦଶ ବିଧାନସଭାର ଶେଷ ଅଧିବେଶନ। ଇତିମଧ୍ୟରେ ୫ ବର୍ଷ ଶେଷ ହୋଇଯାଇଛି। ଏହି ସମୟରେ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ପରସ୍ପର ବିରୋଧରେ ଗର୍ଜୁଥିଲେ ମଧ୍ୟ ଶେଷ ଦିବସରେ ପରିସ୍ଥିତି ଭିନ୍ନ ଥିଲା। ଶାସକ ସଭ୍ୟ ଯୋଗେନ୍ଦ୍ର ବେହେରା ଅଧିବେଶନ ଶେଷ ହେଉଥିବାରୁ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ଭାବବିହ୍ୱଳ ହୋଇପଡିଥିଲେ। ସେ କହିଥିଲେ, ବିଧାନସଭାକୁ ଆସିବା ମୋର ୫ ଥର ହୋଇଗଲା। ବିଧାନସଭାର ସମସ୍ତ ସ୍ମୃତି ମୋ ପାଇଁ ବିରଳ ହୋଇରହିବ। କାହା ପ୍ରତି ରାଗ କିମ୍ବା ଅଭିମାନ ନାହିଁ। ମୁଁ ଏ ଗୃହକୁ ଆସିବି କି ନାହିଁ ଠିକ୍ ନାହିଁ। କିନ୍ତୁ ନବୀନବାବୁ ପୁଣି ପଞ୍ଚମଥର ମୁଖ୍ୟମନ୍ତ୍ରୀ ହେବେ। ଗୀତ ଗାଇ ନିଜର ବକ୍ତବ୍ୟ ଶେଷ କରିଥିଲେ। ଯୋଗେନ୍ଦ୍ରଙ୍କ ବକ୍ତବ୍ୟକୁ ସମସ୍ତ ସଦସ୍ୟ ନୀରବରେ ଶୁଣୁଥିଲେ। ଆସନ୍ତା ଏପ୍ରିଲ-ମେରେ ନିର୍ବାଚନ। ଆଉ ପରସ୍ପର ଭେଟ ହେବ କି ନାହିଁ ସେନେଇ ଅନେକ ସଦସ୍ୟ ସନ୍ଦୀହାନ ହୋଇପଡିଥିଲେ। ନିଜ ମନର କଥା କହି ନ ଥିଲେ ମଧ୍ୟ ଭବିଷ୍ୟତକୁ ନେଇ ସେମାନଙ୍କ ମାନସପଟରେ ଅନିଶ୍ଚିତତା ଯେ ଉଙ୍କି ମାରୁଥିଲା, ତାହା ଜଳ ଜଳ ଦେଖାଦେଉଥିଲା। ଗୃହ ବାହାରେ ଶାସକ ଓ ବିରୋଧୀ ସଦସ୍ୟ ପରସ୍ପର କୋଳାକୋଳି ଏବଂ କରମର୍ଦ୍ଦନ କରୁଥିବା ଦେଖାଯାଇଥିଲା। ଅଧିବେଶନ ଶେଷରେ ବିଧାନସଭାର ସମସ୍ତ ସଦସ୍ୟ ଗୃହର ନେତା ନବୀନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସହ ଫଟୋ ଉଠାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ପ୍ରତି ଭାଗ୍ୟାଧିପତିଙ୍କ ଶୁଭଦୃଷ୍ଟି ମାଙ୍ଗଳିକ କାମ ସକାଶେ ନିଯୁକ୍ତ କରାଇବ। ଚତୁର୍ଥାଧିପତି ଚନ୍ଦ୍ର ନିଜ ଭାବରୁ ନବମସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନା ପରିସରରେ ନିଜର ସୀମା ଭିତରେ ରହିବା ଭଲ।

**ବୃଷ** ରାଶ୍ୟାଧିପ ଚନ୍ଦ୍ରଙ୍କ କେନ୍ଦ୍ରବର୍ତ୍ତୀ ହେତୁ ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ। ଭଲ ସମ୍ପର୍କ ରହିଥିବା ପଡୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଉପକୃତ ହୋଇପାରନ୍ତି ।

**ମିଥୁନ** ଧନାଧିପତି କର୍ମଭାବରେ ପ୍ରବଳ ଧନଯୋଗ ସୃଷ୍ଟି କରୁଥିବାରୁ ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। କିନ୍ତୁ ବୁଧଙ୍କ ସ୍ଥିତି ଆପଣଙ୍କୁ ବିଭିନ୍ନ ପ୍ରକାର ସଂଘର୍ଷମୟସ୍ଥିତି ଉତ୍ପନ୍ନ କରିବାର ଆଶଙ୍କା ମଧ୍ୟ ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି।

**କର୍କଟ** ମଙ୍ଗଳ ଓ ଚନ୍ଦ୍ର ସ୍ଥିତି ଆପଣଙ୍କ କାର୍ଯ୍ୟସିଦ୍ଧିର ସୂଚକ ହେତୁ ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜି ନିଷ୍ପତି ନେବା ପୂର୍ବରୁ ପରିବାରରେ ବୟସ୍କଙ୍କ ଏବଂ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କର ମତକୁ ମଧ୍ୟ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାର ଟୀକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ଅର୍ଥ ପାଇବାରେ ସକ୍ଷମ ହେବେ।

**ତୁଳା** ରାଶିପ୍ରତି ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ଶୁଭକର୍ମ ପ୍ରୀତିପ୍ରଦ ରହିବ। ଏବଂ ମଙ୍ଗଳଙ୍କ ସ୍ଥିତି ଓ ଦୃଷ୍ଟି ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରାଇ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବାର ଲକ୍ଷ୍ୟ କରିପାରନ୍ତି। ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମସ୍ୟାର ସରଳ ସମାଧାନ ହୋଇପାରିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ** ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାୟାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର** ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ଥନ କର୍ମଚାରୀ ମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଆଜି ଦିନଟିରେ ବ୍ୟବସାୟିକ ସଫଳତା ମିଳିବ। ନିକଟ ସମ୍ପର୍କୀୟ ମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ପାରିବାରିକ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ** ରାଶିରେ ଚନ୍ଦ୍ର ହେତୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଆପଣଙ୍କୁ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ର ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘମାସ ଶୁକ୍ଳପକ୍ଷର ବରଦା ଚତୁର୍ଥୀ ଶନିବାର, ଦିବା ଘ୧୨।୧୬ମି. ଗତେ ୫ମୀ, ଫେବୃୟାରୀ ୯ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ, ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୧୨।୦୦ମି. ଗତେ ଘ୧।୫୩ମି. ମଧ୍ୟେ, ଘ୪।୦୯ମି. ଗତେ ଘ୫।୪୩ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୫୩ମି. ଗତେ ଘ୯।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୧୨ମି. ଗତେ ଘ୧୦।୩୬ମି. ମଧ୍ୟେ ରାହୁକାଳ।




## କଞ୍ଚା ବେଲ କଟାଯନ୍ତ୍ର ପାଇଁ ଓୟୁଏଟିକୁ ମିଳିଲା ପ୍ୟାଟେଣ୍ଟ

ଭୁବନେଶ୍ୱର, ୮।୨(ବ୍ୟୁରୋ): ବେଲ ଏକ ପୁଷ୍ଟିକର ଫଳ। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ବେଲର ଉପରି ଭାଗ ବା ଖୋଳ କଠିନ ହୋଇଥିବାରୁ ଏହାକୁ ଭାଙ୍ଗିବା କଷ୍ଟକର ହୋଇଥାଏ। ବେଲ ପାଚି ଗଛରୁ ଝଡି ପଡିବା ପରେ ତାହାର ସଂରକ୍ଷଣ କ୍ଷମତା କମିଯାଏ। ତେଣୁ କଞ୍ଚା ବେଲକୁ ପାକଳ ଅବସ୍ଥାରେ ପ୍ରକ୍ରିୟାକରଣ କରାଗଲେ ଏହାର ଯଥାର୍ଥ ବ୍ୟବହାର ହୋଇପାରିବ। କଞ୍ଚା ବେଲକୁ ସହଜରେ କାଟିବାକୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ କଞ୍ଚା ବେଲ କଟାଯନ୍ତ୍ର ଉଦ୍ଭାବନ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ପାକଳ ଓ କଞ୍ଚା ବେଲକୁ ଚକି ପରି ସହଜରେ କଟାଯାଇପାରିବ। ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ପ୍ରଫେସର ମହମ୍ମଦ ଖାଲିଦ ଖାଁ ଓ ଡ. କଳ୍ପନା ରାୟଗୁରୁଙ୍କ ଦ୍ୱାରା ଉଦ୍ଭାବିତ ଏହି ଯନ୍ତ୍ର ପାଇଁ ଶୁକ୍ରବାର ଭାରତ ସରକାରଙ୍କ ପକ୍ଷରୁ ଓୟୁଏଟିକୁ ପ୍ୟାଟେଣ୍ଟ ପ୍ରଦାନ କରାଯାଇଛି। ଅମଳ ପରବର୍ତ୍ତୀ ଜ୍ଞାନକୌଶଳ ସମ୍ପର୍କିତ ସର୍ବଭାରତୀୟ ସଂଯୋଜିତ ପ୍ରକଳ୍ପ ମାଧ୍ୟମରେ ଉଦ୍ଭାବିତ ଏହି ଯନ୍ତ୍ର ପାଇଁ ପ୍ୟାଟେଣ୍ଟ ଅବଧି ୨୦୨୮ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଯନ୍ତ୍ର ସାହାଯ୍ୟରେ ବେଲରୁ ଅନେକ ପ୍ରକାର ମୂଲ୍ୟଯୁକ୍ତ ସାମଗ୍ରୀ ଯଥା ମୃଦୁପାନୀୟ, ଜାମ, ଟଫି, ବାର ଆଦି ପ୍ରସ୍ତୁତ କରାଯାଇପାରିବ।

■ରାଉରକେଲା ଏନ୍ଆଇଟି ବୈଜ୍ଞାନିକଙ୍କ ନୂତନ ଉଦ୍ଭାବନ

# ଗ୍ରୀନ୍ ଟି, ସୋୟା ପ୍ରୋଟିନ,ଦହି କମାଇବ କୋଲେଷ୍ଟରଲ ଓ ରକ୍ତଚାପ

ରାଉରକେଲା ଅଫିସ,୮।୨


ଏନ୍ଆଇଟି ଗବେଷକ ରସୁ ଜୟାବାଲନ।

କୋଲେଷ୍ଟରଲ ଓ ରକ୍ତଚାପ କମାଇବା ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ବୈଜ୍ଞାନିକ ନୂତନ ଉଦ୍ଭାବନ କରିଥିବା ଦାବି କରିଛନ୍ତି। ଗ୍ରୀନ ଟି, ସୋୟା ପ୍ରୋଟିନ ଓ ଦହିରେ ଥିବା ବ୍ୟାକ୍ଟେରିଆ କମାଇବାରେ ସହାୟକ ହେବ ବୋଲି କୁହାଯାଇଛି। ବିଶ୍ୱରେ ଏବେ ପ୍ରାୟ ୧୦୦ କୋଟି ଲୋକ ଉଚ୍ଚ ରକ୍ତଚାପ ଓ କୋଲେଷ୍ଟରଲଜନିତ ସମସ୍ୟାରେ ଜର୍ଜରିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ରିପୋର୍ଟ ଅନୁସାରେ ବର୍ଷକୁ ପ୍ରାୟ ୭୦ ଲକ୍ଷ ଲୋକ ଏହି ରୋଗରେ ଜୀବନ ହରାଉଛନ୍ତି। ଏପରି ଅବସ୍ଥାରେ ଏନ୍ଆଇଟି ବୈଜ୍ଞାନିକ ଏହି ରୋଗର ନିଦାନ ନେଇ ନୂତନ ଉଦ୍ଭାବନ କରିବାକୁ ସକ୍ଷମ ହୋଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି। ଏନ୍ଆଇଟି ଜୀବବିଜ୍ଞାନ ବିଭାଗ ପ୍ରଫେସର ରସୁ ଜୟାବାଲନ ଏପରି ଅନୁସନ୍ଧାନ କରିଥିବା କୁହାଯାଇଛି। ଉତ୍ତମ ପ୍ରୋବାୟୋଟିକ୍ସ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବ୍ୟାକ୍ଟେରିଆକୁ ଚିହ୍ନିବାକୁ ଅନୁସନ୍ଧାନକାରୀ ପ୍ରଯତ୍ନ କରିଛନ୍ତି। ପ୍ରୋବାୟୋଟିକ୍ସ ସୂକ୍ଷ୍ମଜୀବୀ ଅଟନ୍ତି। ଏଥିରେ ଲେକ୍ଟୋବେସିଲ୍ସ ଭଳି ଏସିଡୋଫିଲ୍ସ ବ୍ୟାକ୍ଟେରିଆ ରହିଛନ୍ତି। ଯେଉଁମାନେ ପାଚନତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଏହାଦ୍ୱାରା ରକ୍ତଚାପକୁ ନିୟନ୍ତ୍ରିତ କରାଯାଇ ପାରିବ। ଅନୁସନ୍ଧାନକାରୀ ବାଲନଙ୍କ ସହ ସାହୁ ସୌମିତା, ଭାସ୍କର ଦାସ, ଅର୍ଚ୍ଚନା ସୌନ୍ଦର୍ଯ୍ୟ ଓ ସଂଘମିତ୍ରା ସେନାପତି ଏହି ଗବେଷଣାରେ ସାମିଲ ଥିଲେ। କାନାଡ଼ାର ମ୍ୟାକଗିଲ ବିଶ୍ୱବିଦ୍ୟାଳୟର ଜଣେ ଅନୁସନ୍ଧାନକାରୀ ଦୀର୍ଘ ୧୨ବର୍ଷ ଗବେଷଣାରୁ ପ୍ରମାଣ କରିଥିଲେ ଯେ ଦହିରେ ଥିବା ବ୍ୟାକ୍ଟେରିଆ କୋଲେଷ୍ଟରଲକୁ କମାଇବାରେ ସହାୟକ ହେବ। ହେଲେ ଜୟାବଲାନ ଓ ତାଙ୍କ ଟିମ୍ ଏହି ଅନୁସନ୍ଧାରରୁ କିଛି ପାଦ ଆଗକୁ ଯାଇ ଏମିତି ପଦାର୍ଥ ତିଆରି କରିଛନ୍ତି ଯାହା ଦହିରୁ କରାଯାଇଥିବା ବ୍ୟାକ୍ଟେରିଆ, ଗ୍ରୀନ ଟି ଓ ସୋୟା ପ୍ରୋଟିନର ଏକ ମିଶ୍ରଣ। ଏମାନଙ୍କ ଅନୁସନ୍ଧାନ ସମ୍ପର୍କରେ ଫୁଡ୍ ଓ କେମେଷ୍ଟ୍ରି ପତ୍ରିକାରେ ଏକ ସନ୍ଦର୍ଭ ପ୍ରକାଶିତ ହୋଇଛି। ଅନୁସନ୍ଧାନକାରୀ ଏହି ମିଶ୍ରଣ ତିଆରି ନେଇ ଦହିରୁ ବାହାର କରାଯାଇଥିବା ବ୍ୟାକ୍ଟେରିଆକୁ କ୍ଷୀରରେ ମିଶାଇ ସେଥିରେ ସୋୟା ମିଶ୍ରଣ କରିଥିଲେ। ଏହାକୁ ପ୍ରୟୋଗ କରାଯିବା ପରେ ଏଭଳି ସତ୍ୟ ପ୍ରକାଶିତ ହୋଇଛି। ଏଥିରୁ ଜଣାଯାଇଛି ଯେ ଦହିରେ ରହିଥିବା ଲେକ୍ଟୋବେସିଲ୍ସ, ହଲୱେଟାଇକ୍ସ କୋଲେଷ୍ଟ୍ରଲ କମ୍ କରିବାକୁ ସକ୍ଷମ। ଯଦି ଏହି ମିଶ୍ରଣକୁ ୪ଡିଗ୍ରୀ ସେଲ୍ସିୟସରେ ରଖି ୧୪ଦିନ ମଧରେ ସେବନ କରାଯାଏ ତେବେ ଏହା ଲାଭକାରୀ ହୋଇଥାଏ। ଏନେଇ ଜୟାବାଲାନଙ୍କ ମତ ହେଲା ଆମେ ଏକ ସୁସ୍ଥ ଓ ପ୍ରାକୃତିକ ଆହାର ତିଆରି କରିବାକୁ ଚେଷ୍ଟା କରିଛୁ ଯାହା ଚିକିତ୍ସାର ଆବଶ୍ୟକତାକୁ କମ୍ କରିବାରେ ସକ୍ଷମ ହେବ।

## ଗଛରେ ପିଟି ହେଲା ବାଇକ୍: ମାମୁ ମୃତ, ଭଣଜା ଗୁରୁତର

ବାଲିଶଙ୍କରା, ୮।୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ଶାଗବାହାଲ ପଞ୍ଚାୟତର ଶାଗଯୁରି ଗ୍ରାମ ନିକଟ ଗଛରେ ଏକ ବାଇକ୍ ଭାରସାମ୍ୟ ହରାଇ ପଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତାଙ୍କ ଭଣଜା ଗୁରୁତର ହୋଇଛନ୍ତି । ମୃତକ ହେଲେ ଶାଗଯୁରିର ସନାତନ ଗଉଡ (୩୫)। ଭଣଜା ଦୀପକ ନାଗଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟେ ଝାଡଖଣ୍ଡ ଯାଇ ସେଠାରୁ ଫେରୁଥିଲେ । ହେଲେ ଗାଁଠୁ ମାତ୍ର ୨ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା ।







କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ

# ମିଛ ପରିସଂଖ୍ୟାନ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜାତୀୟ ପରିସଂଖ୍ୟାନ ଆୟୋଗର କାର୍ଯ୍ୟକାରୀ ମୁଖ୍ୟଙ୍କ ସମେତ ଏହାର ଦୁଇଜଣ ବେସରକାରୀ ସଦସ୍ୟ ମୋଦି ସରକାର ସହ ମତାନ୍ତର ଯୋଗୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏହି ସ୍ୱୟଂଶାସିତ ସଂସ୍ଥାର କାର୍ଯ୍ୟକାରୀ ମୁଖ୍ୟ ତଥା ଭାରତୀୟ ପରିସଂଖ୍ୟାନ ସେବାର ପୂର୍ବତନ ସଦସ୍ୟ ପି.ସି. ମୋହାନନ ଏବଂ ଏହାର ଅନ୍ୟତମ ସଦସ୍ୟ ତଥା ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସର ପ୍ରଫେସର ଜେ.ଭି. ମୀନାକ୍ଷୀ ଇସ୍ତଫା ଦେବା ପରେ ଆୟୋଗରେ ଆଉ କୌଣସି ବାହ୍ୟ ସଦସ୍ୟ ନାହାନ୍ତି। ଏଥିରେ ବର୍ତ୍ତମାନ ମାତ୍ର ଆଉ ଦୁଇଜଣ ସଦସ୍ୟ ଅଛନ୍ତି– ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରବୀଣ ଶ୍ରୀବାସ୍ତବ ଓ ନୀତି ଆୟୋଗର ଅମିତାଭ କାନ୍ତ। ଯାହା ଜଣାଯାଏ, ଗତବର୍ଷର ନିଯୁକ୍ତି ସର୍ଭେ ଓ ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟକୁ ନେଇ ଉଭୟ ମୋହାନନ ଓ ମୀନାକ୍ଷୀ ସରକାରଙ୍କ ଉପରେ ଖୁସି ନ ଥିଲେ। ଉପା ସରକାର ତୁଳନାରେ ଏନ୍‌ଡିଏ ସରକାର ଅମଳରେ ଦେଶର ଅର୍ଥନୀତି ଯଥେଷ୍ଟ ଆଗେଇଛି ବୋଲି ଏହି ତଥ୍ୟ ପ୍ରକାଶ ପାଇଥିଲା। ଉକ୍ତ ଦୁଇ ବାବୁଙ୍କ ଇସ୍ତଫା ନିଶ୍ଚୟ ବିରୋଧୀ ଦଳକୁ ସୁହାଇବ, ଯେଉଁମାନେ ନିଯୁକ୍ତି ଓ ଜିଡିପି ତଥ୍ୟକୁ ନେଇ ସରକାର ନିଜକୁ ସୁହାଇଲା ଭଳି ଜାଲିଆତି କରୁଛନ୍ତି ବୋଲି ଅଭିଯୋଗ କରିଆସୁଛନ୍ତି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପରିସଂଖ୍ୟାନ ଆୟୋଗରେ ୭ ଜଣ ସଦସ୍ୟ ରହିବା କଥା। ଉକ୍ତ ଦୁଇ ବାବୁ ଇସ୍ତଫା ଦେବା ପୂର୍ବରୁ ତିନୋଟି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ମାତ୍ର ଦୁଇଜଣରେ ସଂସ୍ଥା ଚାଲିଛି।

## ନୀତି ଆୟୋଗ ନବୀକରଣ ପ୍ରସ୍ତାବ

ପୂର୍ବତନ ଅର୍ଥ ସଚିବ ତଥା ପୂର୍ବତନ ଅର୍ଥ ଆୟୋଗ ଅଧ୍ୟକ୍ଷ ବିଜୟ କେଲ୍‌କାର ନୀତି ଆୟୋଗର ନବୀକରଣ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଆୟୋଗ ତା'ର ନୂଆ ଅବତାରରେ ରାଜ୍ୟଗୁଡ଼ିକୁ ପୁଞ୍ଜି ଓ ଆର୍ଥିକ ଅନୁଦାନ ମଞ୍ଜୁର କରିପାରିବ। ସରକାର ଯୋଜନା ଆୟୋଗ ସ୍ଥାନରେ ନୀତି ଆୟୋଗ ପ୍ରତିଷ୍ଠା କରିବାର ପାଞ୍ଚବର୍ଷ ନ ପୂରୁଣୁ ଏପରି ପ୍ରସ୍ତାବ ଆସିଛି। କେଲ୍‌କାରଙ୍କ ପ୍ରସ୍ତାବ ଅନୁସାରେ, ଅର୍ଥନୀତିରେ ଆଞ୍ଚଳିକ ଅସମାନତା ଦୂର କରିବାରେ ନୂଆ ଆୟୋଗ ଭୂମିକା ଗ୍ରହଣ କରିବ। ତାଙ୍କ ମତରେ ପୂର୍ବର ଯୋଜନା କମିଶନ ଅଭିବୃଦ୍ଧିରେ ଆଞ୍ଚଳିକ ସମତୁଲତା ରକ୍ଷା କରୁଥିଲା, ଯାହା ନୀତି ଆୟୋଗ ଦ୍ୱାରା ସମ୍ଭବ ହେଉନାହିଁ। କାରଣ ଆୟୋଗର କୌଣସି ରାଜ୍ୟକୁ ପାଣ୍ଠି ମଞ୍ଜୁର କରିବାର କ୍ଷମତା ନାହିଁ। ଏହା କେବଳ ସରକାରଙ୍କୁ ସୁପାରିସ କରିବା ଛଡ଼ା ଅନ୍ୟ କିଛି କରିପାରୁ ନାହିଁ। ବର୍ତ୍ତମାନ ପାଣ୍ଠି ମଞ୍ଜୁର କରିବା କେବଳ ଅର୍ଥ ମନ୍ତ୍ରଣାଳୟର କ୍ଷମତା ପରିସରଭୁକ୍ତ। କିନ୍ତୁ ଆଗରୁ ଯୋଜନା କମିଶନ ମଧ୍ୟ ପାଣ୍ଠି ମଞ୍ଜୁର କରିପାରୁଥିଲା। ତା'ଛଡ଼ା ଏହା ରାଜ୍ୟ ସରକାରଙ୍କ ଉପରେ କିଛି ନୀତି ଲଦିଦେଇ ପାରୁଥିଲା, ଯାହା ସେମାନେ ପାଳନ କରିବାକୁ ବାଧ ହେଉଥିଲେ। ସର୍ବୋଚ୍ଚ ସ୍ତରରେ ସରକାରଙ୍କ ନୀତି ନିର୍ଦ୍ଧାରଣରେ ଯଦି ନୀତି ଆୟୋଗ ଅଂଶ ଗ୍ରହଣ କରିବାର ଅଧିକାର ପାଇଥାନ୍ତା, ତେବେ ଏହା ଅଧିକ ଫଳପ୍ରଦ ହୋଇପାରିଥାନ୍ତା ବୋଲି କେଲ୍‌କାର କହିଛନ୍ତି। ତେବେ ଏପରି ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞଙ୍କ ମତକୁ କ'ଣ ସରକାର ଗ୍ରହଣ କରିବେ?

## ସିବିଆଇ ମାଡ଼

ସିବିଆଇ ଏବେ ଉପା ଅମଳର ଆଉ ଏକ ଦୁର୍ନୀତିର ତଦନ୍ତ କାର୍ଯ୍ୟରେ ନିୟୋଜିତ ହୋଇଛି। ଦେଶର ଏହି ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ଏବେ ପୂର୍ବତନ ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ଯାଦବ ଏବଂ ଏୟାର ଇଣ୍ଡିଆର ଆଉ ଚାରିଜଣ ପୂର୍ବତନ ଅଧିକାରୀଙ୍କ ବିରୋଧରେ ୨୦୧୦ରେ ବିଭିନ୍ନ ନିଯୁକ୍ତି ଓ ପଦୋନ୍ନତିରେ କରିଥିବା ଅନିୟମିତତାର ତଦନ୍ତ କରୁଛି। ଯାଦବଙ୍କ ଛଡ଼ା ସିବିଆଇ ପୂର୍ବତନ ମହାପ୍ରବନ୍ଧକ (ମେଡିକାଲ ସେବା) ଏଲ୍.ପି. ନାଖୱା (ବର୍ତ୍ତମାନ ଅବସରପ୍ରାପ୍ତ) ଏବଂ ତତ୍କାଳୀନ ଅତିରିକ୍ତ ମହାପ୍ରବନ୍ଧକ ଏ. କାଠପାଳିଆ, ଅମିତାଭ ସିଂ ଓ ରୋହିତ ଭାସିନଙ୍କ ବିରୋଧରେ ତଦନ୍ତ କରୁଛି। ୨୦୦୯–୧୦ରେ ମହାପ୍ରବନ୍ଧକ ପାହ୍ୟାର ଅଧିକାରୀମାନଙ୍କ ନିଯୁକ୍ତିରେ ନୀତିନିୟମ ପାଳନ କରି ନ ଥିବା ଅଭିଯୋଗରେ ଆପରାଧିକ ଷଡ଼ଯନ୍ତ୍ର ସମ୍ବନ୍ଧିତ ଆଇପିସିର ବିଭିନ୍ନ ଧାରା ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଉକ୍ତ ପୂର୍ବତନ ବାବୁମାନଙ୍କ ବିରୋଧରେ ଅଭିଯୋଗ ଦାଏର କରାଯାଇଛି। ଏତଲା ଅନୁସାରେ ମହାପ୍ରବନ୍ଧକ–ଅପରେଶନ୍ସ ପାଇଁ ନିର୍ଦ୍ଦିଷ୍ଟ ପ୍ରାର୍ଥୀମାନଙ୍କୁ ପଦୋନ୍ନତି ଦେବା ଲାଗି ଯାଦବ ଏକ 'ବେଆଇନ' ତିନିଜଣିଆ ଚୟନ କମିଟି ଗଠନ କରିଥିଲେ। ଆପରାଧିକ ମାମଲା ଥିବା ଓ ଭିଜିଲାନ୍ସ ଅଭିଯୋଗ ଥିବା ପ୍ରାର୍ଥୀମାନଙ୍କୁ ସେ ପଦୋନ୍ନତି ଦେଇଥିଲେ। କାଠପାଳିଆ, ସିଂ ଓ ଭାସିନଙ୍କ ସମେତ ପାଞ୍ଚଜଣଙ୍କ ନାମ ପ୍ୟାନେଲ ସୁପାରିସ କରିଥିଲା। କାଠପାଳିଆଙ୍କ ନାମରେ ଆପରାଧିକ ମାମଲା ଥିଲେ ମଧ୍ୟ ତାଙ୍କୁ ଭିଜିଲାନ୍ସ କ୍ଲିୟରାନ୍ସ ମିଳିଥିବା ଅଭିଯୋଗ ହୋଇଛି। ଅନ୍ୟ ଦୁଇଜଣଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଥିଲେ ମଧ୍ୟ ସେମାନଙ୍କୁ ଚୟନ କରାଯାଇଥିଲା। ଏହି ନିଯୁକ୍ତିରେ ଉପଯୁକ୍ତ ପଦ୍ଧତି ଅନୁସରଣ କରାଯାଇ ନ ଥିବା ସିବିଆଇ ଦାବି କରିଛି। ଆର୍ଥିକ ଅଭାବ ଦେଇ ଗତି କରୁଥିବା ଏୟାର ଇଣ୍ଡିଆ ପାଇଁ ସିବିଆଇର ଏହି ପଦକ୍ଷେପ ଏକ ଧକ୍କା ସଦୃଶ ହୋଇଛି। ତେବେ ଏୟାର ଇଣ୍ଡିଆ ପାଇଁ ଏହା କେବଳ ଆର୍ଥିକ ଅସୁବିଧା ନୁହେଁ, ପରିଚାଳନାଗତ ସଙ୍କଟ ମଧ୍ୟ ସୃଷ୍ଟି କରିଛି।

Email: dilipcherian@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| | | | | | | | | | | 5 | | | | 9 | |
| 9 | | | 7 | 3 | | D | | | 2 | B | | E | | | 4 |
| | 1 | | | A | | | | 5 | | 9 | | | 7 | | |
| | A | | | | 0 | 1 | | | 3 | | | | C | | B |
| | | | | | | | | | | 7 | | 3 | 8 | 6 | D |
| B | | | | | 9 | | | | | | 2 | 4 | | 7 | |
| | | 4 | | | | | | E | | | | | | | C |
| | | 5 | | | C | A | 3 | | 7 | 9 | | | | | |
| | 5 | | | | | | | 6 | | | | B | 2 | 0 | 1 |
| | | | 6 | | | 0 | C | | | | E | | 3 | D | |
| | | | | | | 3 | 7 | A | | | C | D | 4 | | |
| | | D | | | | | | | | | | 0 | | | A |
| | | | | 4 | | 8 | 1 | | | | | 5 | | B | |
| | | | | 1 | 5 | | | C | | | | 6 | 9 | | |
| C | | 1 | | 6 | E | B | | A | 8 | | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତକାଲିର ଉତ୍ତର

# କେବଳ ସରକାରଙ୍କ ଦୋଷ ନୁହେଁ



ମନ–ମାନଚିତ୍ର

ଡ. ନରହରି ବେହେରା

ଏ ପ୍ରବନ୍ଧ ସରକାରଙ୍କର ସ୍ତୁତି ନୁହେଁ କି ଜନସାଧାରଣଙ୍କୁ ଆକ୍ଷେପ ନୁହେଁ। ଏହା ହେଉଛି କ୍ଷେତ୍ରୀୟ କାର୍ଯ୍ୟର କିଛି ରୂପରେଖ, ଯାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। କିଛିଦିନ ତଳେ ଖବରକାଗଜରୁ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଦୁଇଟି ପ୍ରସଙ୍ଗ ଦୃଷ୍ଟିଗୋଚର ହୋଇଥିଲା। ଗୋଟିଏ ଥିଲା, ସରକାର ସମସ୍ତଙ୍କୁ ପକ୍କାଘର ଯୋଗାଇବା ପାଇଁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରିପାରି ନାହାନ୍ତି। ଅନ୍ୟଟି ଥିଲା ଖୋର୍ଦ୍ଧା ଜିଲାର ନିରାକାରପୁରବାସୀ ଲକ୍ଷ୍ମୀଧର ବେହେରା ଘରଟିଏ ନ ପାଇ ଆତ୍ମହତ୍ୟା କରିବା ଘଟଣା। ଏ ଦୁଇଟି ପ୍ରସଙ୍ଗ ଆଲୋଚନା କରିବା ପରିପ୍ରେକ୍ଷୀରେ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଆବଶ୍ୟକ। ପୂର୍ବରୁ ଗରିବ ଲୋକମାନଙ୍କୁ ପଲ୍ଲିସଭା ଏବଂ ଗ୍ରାମସଭା ମାଧ୍ୟମରେ ଚୟନ କରି ଘର ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତଦନ୍ତ କରାଯାଇ ଏକ ପାଞ୍ଚବର୍ଷିଆ ୱେଟ୍ ଲିଷ୍ଟ କରାଯାଇ କ୍ରମାନ୍ୱୟରେ ଘର ପାଇଁ ଅର୍ଥ ପ୍ରଦାନ କରାଯାଉଥିଲା। ମାତ୍ର ତା'ପରେ ଏହି ତାଲିକାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ପାଇଁ ୨୦୧୧ ମସିହାରେ ସାମାଜିକ, ଆର୍ଥିକ ଓ ଜାତି ଭିତ୍ତିରେ ଗଣନା କରାଯାଇ ଏକ ସ୍ଥାୟୀ ତାଲିକା ପ୍ରସ୍ତୁତ କରାଯାଇଛି। ଏବେ ସେ ତାଲିକାର କ୍ରମାଙ୍କ ଅନୁଯାୟୀ କଚ୍ଚାଘର ଥିବା ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସ୍ଥାୟୀ ତାଲିକାରେ ଉପରେ ଥିବା ଜଣେ ହିତାଧିକାରୀଙ୍କୁ ବାଦ୍‌ଦେଇ ତା' ତଳ ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଦିଆଯାଇ ପାରିବନାହିଁ। ଜଣେ ହିତାଧିକାରୀ ଘର କରିବା ପାଇଁ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ଏବଂ ଷୋଳ ହଜାର ତିନିଶହ ଅଶୀ ଟଙ୍କା ଦିଆଯାଇଥାଏ। କେତେକ ଜିଲାରେ ଏହାଠାରୁ ଅଧିକ ଅର୍ଥ ମଧ୍ୟ ଦିଆଯାଉଛି। ପୂର୍ବରୁ ହିତାଧିକାରୀମାନେ ଘର ଆରମ୍ଭ କରିବା ପରେ ଟଙ୍କାର କିସ୍ତି ଦିଆଯାଉଥିଲା। ଜଣେ ଗରିବମଣିଷ ଘର ଆରମ୍ଭ କରିବା ପାଇଁ ଅର୍ଥ ବାଧକ ସାଜୁଛି ବୋଲି ଚିନ୍ତାକରି ଏବେ ଘର ଆରମ୍ଭ କରିବାପୂର୍ବରୁ ପ୍ରଥମ କିସ୍ତି କୋଡ଼ିଏ ହଜାର ଟଙ୍କା ଦିଆଯାଉଛି। ଏହା ବ୍ୟତୀତ ହିତାଧିକାରୀଙ୍କୁ ଶୀଘ୍ର ଘର ଶେଷ କରିବା ପାଇଁ ଉତ୍ସାହିତ କରିବା ସକାଶେ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। ଯେଉଁ ହିତାଧିକାରୀ ଚାରିମାସରେ ଘର ସମ୍ପୂର୍ଣ୍ଣ କରିଥାନ୍ତି ସେମାନଙ୍କୁ କୋଡ଼ିଏ ହଜାର ଏବଂ ଯେଉଁମାନେ ଛଅମାସରେ ଘର କରିଥାନ୍ତି ସେମାନଙ୍କୁ ଦଶହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥାଏ।

ସରକାର ଗରିବ ଅବହେଳିତ ଲୋକମାନଙ୍କୁ ଛାତଘରଟିଏ ନିର୍ମାଣ କରିବା ପାଇଁ ଏତେ ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରିଥାନ୍ତି। ସ୍ଥାୟୀ ତାଲିକାରେ ହିତାଧିକାରୀମାନେ ନିଜ ନାମ ଦେଖିବାରେ ସୁବିଧା ହେବ ବୋଲି ଗ୍ରାମପଞ୍ଚାୟତ କାନ୍ଥରେ ସେମାନଙ୍କ ତାଲିକା ପ୍ରକାଶ କରାଯାଇଛି। ଅନ୍ ଲାଇନ୍‌ରେ ସେମାନଙ୍କ ନାମର କ୍ରମାଙ୍କ ଦେଖିବାର ସୁବିଧା ମଧ୍ୟ ଅଛି। ଏହି ସୁବିଧା ପ୍ରଦାନର ମୂଳ ଲକ୍ଷ୍ୟ ହେଉଛି, ସାଧାରଣ ହିତାଧିକାରୀମାନେ ମୁନାଫାଖୋରମାନଙ୍କ ଶିକାର ନ ହୁଅନ୍ତୁ। ଅପରପକ୍ଷରେ ସରକାର ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା ଏବଂ ପରାମର୍ଶ ଦେବା ପାଇଁ ବ୍ଲକ୍‌ର ବିଡିଓ, ଏବିଡିଓ, ସିପି, ଏସିପି, ଜେଇ ପ୍ରମୁଖଙ୍କୁ ନିୟୋଜିତ କରିଛନ୍ତି।

ଏତେ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ଶହେରୁ ପ୍ରାୟ ଚାଳିଶ ଜଣ ହିତାଧିକାରୀ ଏବେ ବି ଘରକାମ ସମ୍ପୂର୍ଣ୍ଣ କରୁନାହାନ୍ତି। ଏଣେ ହିତାଧିକାରୀମାନେ ଘର ସମ୍ପୂର୍ଣ୍ଣ ନ କଲେ ବ୍ଲକ୍ ପ୍ରଶାସନର କର୍ମଚାରୀ ବିଭିନ୍ନ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। କାଉ ଦୋଷ କଲେ ହଂସ ଦଣ୍ଡପାଇବା ପରି ଏ ବ୍ୟବସ୍ଥା। କିନ୍ତୁ ଜଣେ ହିତାଧିକାରୀ ଘର ନ କଲେ ତାଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ– ଏହାର ବାସ୍ତବ ଉତ୍ତର କାହା ପାଖରେ ନାହିଁ। କାରଣ ହିତାଧିକାରୀ ଜଣେ ଗରିବ ମଣିଷ ବୋଲି ବିବେଚନା କରାଯାଉଥିବାରୁ ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାର ଚିନ୍ତା କରିନାହାନ୍ତି। ତେଣୁ କିଛି ହିତାଧିକାରୀ ଏ ଘର ନିର୍ମାଣ ଦିଗରେ ଖୁବ୍ ବେପରୱା ଏବଂ କିଛି ହିତାଧିକାରୀ ପରିସ୍ଥିତି ଚାପରେ ଘର କରିପାରୁନାହାନ୍ତି। ତେଣୁ କ୍ଷେତ୍ରୀୟ ତଦାରଖ ସମୟରେ ବିଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ। ପୁଅ ସୁରଟରେ ଚାକିରି କରିଛି, ସେହି ଆଶାରେ ଧାର୍ଯ୍ୟ ଆକାରଠାରୁ ବଡ଼ଘର କରିଦେଇ ହିତାଧିକାରୀ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଅନେକ କ୍ଷେତ୍ରରେ ଜମିଜମା ବିବାଦ ମଧ୍ୟ ତୁଟୁନାହିଁ। ଘରେ କାହାର ଦେହ ଅସୁସ୍ଥ ହୋଇଛି, ତେଣୁ ଘରକାମ ଆରମ୍ଭ ହୋଇପାରୁନାହିଁ। ଏହା ବ୍ୟତୀତ ଅନ୍ଧବିଶ୍ୱାସ ହେତୁ ମଧ୍ୟ ଅନେକ ଘର ହୋଇପାରୁନାହିଁ। ଯଥା ଅମୁକ କହିଛନ୍ତି, ଏ ଘର ଛାତ ପଡ଼ିଲେ ମୁଣ୍ଡ ଚାଲିଯିବ। ପରିବାରର ଜଣେ ମରିଯାଇଛି, ବର୍ଷକିଆ ନ ଗଲେ ଘର କରି ହେବନାହିଁ। ଚୈତ୍ରମାସ, ପୌଷମାସ ନିଷ୍ଫଳା ମାସ ହୋଇଥିବାରୁ ବନ୍ଧ ପକେଇ ହେବନାହିଁ ଇତ୍ୟାଦି। କିଛି ବେପରୱା ହିତାଧିକାରୀଙ୍କ ଉତ୍ତର ମଧ୍ୟ ଦେଖନ୍ତୁ– ସରକାର ଯେତିକି ଟଙ୍କା ଦେଇଛନ୍ତି ସେଥିରେ କ'ଣ ଘର ହୋଇଯିବ? ଟଙ୍କା ହେଲେ କରିବି ନା, ବାରମ୍ବାର ମୋ ଘରକୁ କାହିଁକି ଆସୁଛ? ପୁଣି କେହି କହନ୍ତି– ଟଙ୍କା ତ ଦେଇଛ, ମୁଁ କ'ଣ ପଳାଇଯାଉଛି? ସରକାରଙ୍କ ସମସ୍ତ ଯୋଜନାର ସଫଳତା ନିର୍ଭର କରେ ଜନସାଧାରଣଙ୍କ ମାନସିକତା ଏବଂ ସହଯୋଗିତା ଉପରେ। ସେମାନେ ପାଇଥିବା ଅର୍ଥ ବା ସୁବିଧା ସୁଯୋଗକୁ ଠିକ୍ ବିନିଯୋଗ ନ କଲେ କୌଣସି ଯୋଜନା ସଫଳ ହେବନାହିଁ। ତେଣୁ ଏଥିପାଇଁ କେବଳ ସରକାର କିମ୍ବା ସରକାରୀ କର୍ମଚାରୀଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ।

ଗ୍ରାମୀଣ ଆବାସ ଯୋଜନା କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ତ ତ୍ରୁଟିବିଚ୍ୟୁତିକୁ ଦୂର କରିବା ପାଇଁ ଏବେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। ଉଦ୍ଦେଶ୍ୟ ହେଉଛି, ଏ ଯୋଜନାର ସବୁ କାର୍ଯ୍ୟ ଅଧିକ ସ୍ୱଚ୍ଛ ହେବ ଏବଂ ସମସ୍ତେ ନିଜ ଘରେ ବସି ନିଜର ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ। ତେଣୁ କାହା ପଛରେ ଦୌଡ଼ିବା ବା ଲାଞ୍ଚ ଦେବା ଆବଶ୍ୟକ ପଡ଼ିବ ନାହିଁ। ଅନ୍ୟପକ୍ଷରେ ବିଭିନ୍ନ ପ୍ରଚାର ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ଲାଞ୍ଚ ନ ଦେବା ପାଇଁ ସଚେତନ କରାଯାଉଛି। ଏହା ସତ୍ତ୍ୱେ କିଏ କାହାକୁ କାହିଁକି ଲାଞ୍ଚ ଦେଉଛନ୍ତି ତାହା ବିଚାର୍ଯ୍ୟ। କ୍ଷେତ୍ରୀୟ କାର୍ଯ୍ୟରେ କେଉଁଠି କେଉଁଠି ଦୁଷ୍ଟ ବ୍ରଣମାନେ ନ ଥିବେ ସେ କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ। ଏ କ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ କରାଯାଇପାରେ। ସରକାରଙ୍କୁ ଏଥିରେ ଦୋଷ ଦେଲେ ସମସ୍ୟାର ସମାଧାନ ହେବନାହିଁ।

ଏଥର ନିରାକାରପୁର ଲକ୍ଷ୍ମୀଧରଙ୍କ ଘଟଣାଟିକୁ ବିଚାର କରାଯାଇପାରେ। ଖବରକାଗଜରୁ ଜଣାଯାଇଛି ତିତ୍‌ଲିରେ ତାଙ୍କର ଆଜ୍‌ବେଷ୍ଟସ ଘର ଭାଙ୍ଗିଯାଇଥିଲା, ସେ ଘରଟିଏ ପାଇଁ ବିଡିଓ, ତହସିଲଦାର ଓ ଅନ୍ୟମାନଙ୍କୁ ଅନୁରୋଧ କରିଥିଲେ। ତା'ଙ୍କୁ କେହି କେହି ୧୫ ଓ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ସେ ନିରାଶ ହୋଇ ଆତ୍ମହତ୍ୟା କଲେ। ପ୍ରକୃତ ଘଟଣା କ'ଣ ଜଣାନାହିଁ। ତାଙ୍କର ଅଭିଯୋଗକୁ ଭିତ୍ତିକରି ଏତିକି କୁହାଯାଇପାରେ ତିତ୍‌ଲି ବାତ୍ୟା ହୋଇଥିଲା ଅକ୍ଟୋବରରେ। ଆବାସ ଯୋଜନାର ହିତାଧିକାରୀ ଚୟନ ଏବଂ କିସ୍ତି ପ୍ରଦାନ ସାଧାରଣତଃ ମେ–ଜୁନ୍ ସୁଦ୍ଧା ଶେଷ ହୋଇଥାଏ। ତେଣୁ ସେତେବେଳେ ଘରଟିଏ ଦେବା କୌଣସି ବିଡିଓଙ୍କ ପକ୍ଷରେ ସମ୍ଭବ ନୁହେଁ। ତାଙ୍କୁ ଯଦି କେହି ଲାଞ୍ଚ ମାଗିଥିଲେ ସେ ସମ୍ପର୍କରେ ଜିଲାପାଳ କିମ୍ବା ସରକାରଙ୍କୁ ଅବଗତ କରାଇ ପାରିଥାନ୍ତେ, ମାତ୍ର ତାହା କଲେନାହିଁ। କେବଳ ହିତାଧିକାରୀଙ୍କ ଧୈର୍ଯ୍ୟ ଅଭାବରୁହିଁ ଲାଞ୍ଚ ବା ପିସି କାରବାର ହୋଇଥାଏ। ଖୁସିର କଥା, ତିତ୍‌ଲିରେ ଘର ହରାଇଥିବା ହିତାଧିକାରୀଙ୍କୁ ଏବେ ବିଜୁ ପକ୍କାଘର ଦେବା ପାଇଁ ଯୋଜନା କରାଯାଇଛି। ସରକାରଙ୍କ ଯୋଜନା ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ହୋଇଥାଏ। ହିତାଧିକାରୀମାନେ ଏହି ନିୟମକୁ ଭଲଭାବେ ଅନୁଧ୍ୟାନ କରିବା ଉଚିତ।

narahari1965@gmail.com

# ପ୍ରକୃତ ନେତା



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଗୀତାରେ ଅଛି– ''ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନାଃ। ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ॥'' (୩।୨୧) ଅର୍ଥାତ୍ ଶ୍ରେଷ୍ଠ ବ୍ୟକ୍ତି ଯେଭଳି ଆଚରଣ କରନ୍ତି ସାଧାରଣ ଜନତା ତାହା ଅନୁସରଣ କରନ୍ତି ଏବଂ କୌଣସି ବିଷୟର ଭଲମନ୍ଦ ବିଚାରକରି ନିଜର ବାସ୍ତବ ଅଭିଜ୍ଞତା ଦ୍ୱାରା ସେ ଯାହା ପ୍ରମାଣ କରନ୍ତି ସାଧାରଣ ଜନତା ସେହି ପଥରେ ଚାଲନ୍ତି। ବାସ୍ତବରେ ସମାଜ ସବୁବେଳେ ଏପରି ଜଣେ ନେତା ଆବଶ୍ୟକ କରେ, ଯିଏ ବାସ୍ତବ ଆଚରଣ ଭିତରଦେଇ ଲୋକଙ୍କୁ ଶିକ୍ଷା ଦେଇପାରୁଥିବେ, ପଥପ୍ରଦର୍ଶନ କରିପାରୁଥିବେ। ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ମଧ୍ୟ କହିଛନ୍ତି, ''ଯିଏ ଆଗେ ଝାମ୍ପ ଦେଇଛି, ଆଗେ ପଥ ଦେଖାଇଛି, ସେ ହିଁ ନେତା, ନଚେତ୍ କେବଳ କଥାରେ କି ନେତା ହୋଇ ହୁଏ?'' (ସତ୍ୟାନୁସରଣ)। ଆଜାଦ ହିନ୍ଦ୍ ଫୌଜ ଗଠିତ ହେବା ପରେ ନେତାଜୀ ସୁଭାଷଚନ୍ଦ୍ର ନିଜେ ଜଣେ ସାଧାରଣ ସୈନିକ ଭଳି ରାଇଫଲ ଧରି ସେନା ଛାଉଣୀ ବାହାରେ ରାତିରେ ପହରା ଦେଉଥିଲେ। ଯେଉଁମାନେ ଦେଶର ନେତା, ଲୋକପ୍ରତିନିଧି କିମ୍ବା ରାଷ୍ଟ୍ରନାୟକ ସେମାନଙ୍କର ଆଚରଣ ଏବଂ ବ୍ୟକ୍ତିତ୍ୱ ଦେଶର ଜନଜୀବନକୁ ବହୁ ଭାବରେ ପ୍ରଭାବିତ କରିଥାଏ। ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ପ୍ରମୁଖଙ୍କ ଭଳି ନେତୃବୃନ୍ଦଙ୍କ ଜୀବନାଦର୍ଶ ବହୁ ଲୋକଙ୍କ ଜୀବନକୁ ଉତ୍କର୍ଷମଣ୍ଡିତ କରିପାରିଥିଲା। କିନ୍ତୁ ଆମ ଦେଶର ସାମ୍ପ୍ରତିକ ନେତୃବୃନ୍ଦଙ୍କୁ ଲକ୍ଷ୍ୟ କଲେ ଦେଖାଯାଏ ଅଧିକାଂଶଙ୍କ ଜୀବନ ଆଦର୍ଶହରା, ଅନିୟନ୍ତ୍ରିତ, ନୈତିକତାହୀନ, ପରନିନ୍ଦାପରାୟଣ, ଛନ୍ଦକପଟପୂର୍ଣ୍ଣ, ମିଥ୍ୟାଭାଷଣସର୍ବସ୍ୱ, ଏପରିକି ଅନେକ ସ୍ଥଳରେ ଜାତୀୟ ସ୍ୱାର୍ଥର ବିରୋଧୀ ହୋଇଉଠିଛି। ଏଭଳି ନେତୃତ୍ୱ ପ୍ରଭାବରେ ଦେଶର ସାଧାରଣ ଜନତାଙ୍କ ଜୀବନ ଏବଂ ଚରିତ୍ର ମଧ୍ୟ କ୍ରମାଗତ ଭାବରେ ନିମ୍ନଗାମୀ ହେବାରେ ଲାଗିଛି। ଯେନତେନ ପ୍ରକାରେ ରାଜନୈତିକ କ୍ଷମତା ହାସଲ କରିବା ଅଥବା କ୍ଷମତାର ସିଂହାସନକୁ ଜାବୁଡ଼ି ଧରିବା, ପରସ୍ପରର କୁତ୍ସାରଟନାରେ ମତ୍ତହେବା, ଲୋକଙ୍କୁ ନାନା ଭାବରେ ପ୍ରଲୋଭିତ ଅଥବା ବିଭ୍ରାନ୍ତ କରି ଜନସମର୍ଥନ ଆଦାୟ କରିବା, ନାନା ପ୍ରକାର ହୀନ ପନ୍ଥା ଅବଲମ୍ବନ କରି ନିର୍ବାଚନରେ ଜୟଲାଭ କରିବା ଆଜି ନେତୃତ୍ୱର ପରିଭାଷା ହୋଇଉଠିଛି।

ଏ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ କତିପୟ ଦିଗ୍‌ଦର୍ଶନ ଉଲ୍ଲେଖ କରିବା ସାମ୍ପ୍ରତିକ ପରିସ୍ଥିତିରେ ପ୍ରାସଙ୍ଗିକ ହେବ। ସତ୍ୟାନୁସରଣରେ ସେ କହିଛନ୍ତି (୧) ଆଗେ ଅନ୍ୟ ପାଇଁ ଯଥାସର୍ବସ୍ୱ ଢାଳିଦିଅ, (୨) ଦଶଜଣଙ୍କ ପାଦରେ ମଥା ବିକ୍ରୟ କର, (୩) ଆଉ କାହାରି ଦୋଷ ବୋଲି ଦୋଷ ଦେଖିବା ଭୁଲିଯାଅ, (୪) ସେବାରେ ଆତ୍ମହରା ହୁଅ, ତେବେ ନେତା, ତେବେ ଦେଶର ହୃଦୟ, ତେବେ ଦେଶର ରାଜା, ନଚେତ୍ ସେସବୁ କେବଳ ମୁହେଁ ମୁହେଁ ହୁଏନାହିଁ। ଏବଂ ଯଦି ନେତା ହେବାକୁ ଚାହଁ ତେବେ (୫) ନେତୃତ୍ୱର ଅହଂକାର ତ୍ୟାଗ କର, (୬) ନିଜର ଗୁଣଗାନ ଛାଡ଼ିଦିଅ, (୭) ପରହିତରେ ଯଥାସର୍ବସ୍ୱ ପଣ କର, (୮) ଆଉ ଯାହା ମଙ୍ଗଳ ଓ ସତ୍ୟ ନିଜେ ତାହା କରି ଦେଖାଅ, (୯) ସମସ୍ତଙ୍କୁ ପ୍ରେମର ସହିତ କୁହ, ଦେଖିବ ହଜାର ହଜାର ଲୋକ ତୁମକୁ ଅନୁସରଣ କରିବେ।

ଆମ ଦେଶର ନେତାମାନେ ବହୁତ ଭଲ ଭଲ କଥା କହନ୍ତି କିନ୍ତୁ ନିଜେ ଆଚରଣ କରନ୍ତି ନାହିଁ। ଦ୍ୱିତୀୟତଃ ସେମାନେ ଧରି ନେଇଛନ୍ତି, ଯେକୌଣସି ଦଳର ନେତା ହେବାକୁ ହେଲେ ଅନ୍ୟ ଦଳ ଏବଂ ଅନ୍ୟ ନେତାଙ୍କର ନିନ୍ଦା ଓ ସମାଲୋଚନା କରିବାକୁ ହେବ। ଜଣେ ନେତା ଅନ୍ୟ ଜଣେ ନେତାଙ୍କୁ ଭଲ କାମ ପାଇଁ ସହଜ ଭାବରେ ପ୍ରଶଂସା କରିବା କ୍ୱଚିତ୍ ଦେଖିବାକୁ ମିଳେ। ସେମାନେ ବୁଝନ୍ତି ନାହିଁ ଯେ, ଅଯଥାରେ ଅନ୍ୟର ନିନ୍ଦା କଲେ ନିଜର ମଧ୍ୟ ଅପ୍ରତିଷ୍ଠା ଆସିଥାଏ ଏବଂ ଅନ୍ୟକୁ ସତ୍ ଭାବରେ ପ୍ରଶଂସା କରିବା ଦ୍ୱାରା ପ୍ରକାରାନ୍ତରେ ନିଜର ମଧ୍ୟ ପ୍ରତିଷ୍ଠା ଆସିଥାଏ। ଆଉ ଗୋଟିଏ କଥା ହେଲା–ଆତ୍ମପ୍ରଚାର ଅର୍ଥାତ୍ ନିଜକୁ ବହୁତ ବଡ଼ କରି ପ୍ରଚାର କରିବା। ଶ୍ରୀଶ୍ରୀଠାକୁର କହିଛନ୍ତି, ଭୁଲରେ ବି ନିଜକୁ ପ୍ରଚାର କରିବାକୁ ଯାଅ ନାହିଁ ବା ନିଜକୁ ପ୍ରଚାର କରିବାକୁ କାହାକୁ ଅନୁରୋଧ କରନାହିଁ। ତା'ହେଲେ ସମସ୍ତେ ତୁମକୁ ଘୃଣା କରିବେ ଆଉ ତୁମଠାରୁ ଦୂରେଇଯିବେ। ସେ କହନ୍ତି, 'ଯିଏ କଥାରେ କମ୍ କାମରେ ବେଶି ସେ ହିଁ ପ୍ରଥମ ଶ୍ରେଣୀର କର୍ମୀ' (ସତ୍ୟାନୁସରଣ)। ତେଣୁ ଆମର ନେତାମାନେ ଯଦି କେବଳ ପ୍ରଚାରସର୍ବସ୍ୱ ନ ହୋଇ ଜନଗଣଙ୍କର ପ୍ରକୃତ ଉନ୍ନତି ଏବଂ ମଙ୍ଗଳ ପାଇଁ କାର୍ଯ୍ୟ କରିଚାଲିବେ ତେବେ ଦେଶର ପ୍ରକୃତ ଉନ୍ନତି ହେବା ସଙ୍ଗେ ସଙ୍ଗେ ଜନମାନସରେ ସେମାନଙ୍କର ଆସନ ମଧ୍ୟ ପକ୍କା ହୋଇଯିବ।

ପ୍ରକୃତ ଜନନେତା ହେବାକୁ ହେଲେ ଜଣକର ଆଦର୍ଶନିଷ୍ଠା, ସେବାପ୍ରାଣତା, ଚରିତ୍ରବତ୍ତା ଏବଂ ନିଜର ଐତିହ୍ୟ, ସଂସ୍କୃତି ପ୍ରତି ଆନୁଗତ୍ୟ ତଥା ସ୍ୱଦେଶପ୍ରୀତି ରହିବା ବାଞ୍ଛନୀୟ । ଯେଉଁ ବ୍ୟକ୍ତି କୌଣସି ସତ୍ ଆଦର୍ଶ ସହିତ ଯୁକ୍ତ ନୁହନ୍ତି ତାଙ୍କ ନିଜର ଜୀବନହିଁ ଅନିୟନ୍ତ୍ରିତ। ତେଣୁ ସେ କିପରି ଅନ୍ୟମାନଙ୍କୁ ନିୟନ୍ତ୍ରଣ କରିପାରିବେ? ଯାହାଙ୍କର କୌଣସି ପଥପ୍ରଦର୍ଶକ ନାହାନ୍ତି ସେ କିପରି ଅନ୍ୟମାନଙ୍କର ପଥପ୍ରଦର୍ଶକ ବା ନେତା ହେବେ? ମୌର୍ଯ୍ୟସମ୍ରାଟ୍ ଚନ୍ଦ୍ରଗୁପ୍ତଙ୍କ ଜୀବନରେ ଆଦର୍ଶ ଥିଲେ ମହାପଣ୍ଡିତ ଚାଣକ୍ୟ ଏବଂ ଛତ୍ରପତି ଶିବାଜୀଙ୍କ ଜୀବନର ଆଦର୍ଶ ଥିଲେ ଗୁରୁ ରାମଦାସ। ତେଣୁ ସେମାନେ ସଫଳ ରାଷ୍ଟ୍ରନାୟକ ହୋଇପାରିଥିଲେ। ଅନିୟନ୍ତ୍ରିତ ନେତା ନିଜର ଅନୁଗାମୀମାନଙ୍କୁ ମଧ୍ୟ ବିଧ୍ୱସ୍ତି ଆଡ଼କୁ ନେଇଯାଇଥାନ୍ତି। ଆଦର୍ଶନିଷ୍ଠା ଅଭାବରୁ ଆମ ଦେଶର ନେତାମାନେ ଉଡ଼ା ଚଢ଼େଇ ଭଳି ଏ ଡାଳ ସେ ଡାଳ ହୋଇ ସାରା ଜୀବନ ବିତାଇଦିଅନ୍ତି। ଏଣୁ ଆଜିର ନେତୃବୃନ୍ଦଙ୍କୁ ଶ୍ରୀଶ୍ରୀଠାକୁରଙ୍କର ଅମିୟ ସନ୍ଦେଶ– ''ପରିପୂରଣୀ ଆଦର୍ଶରେ ଅଚ୍ୟୁତିର ସହିତ ସବୁ ରକମରେ ନୀତ ହୁଅ– ତେବେ ତୁମେ ନେତା ହୋଇଉଠିବ, ଆଉ ସେ ନେତୃତ୍ୱରେ ସମସ୍ତଙ୍କୁ ସର୍ବତୋଭାବରେ ଉତ୍କର୍ଷମୁଖର କରି ତୋଳିବ ହିଁ ତୋଳିବ; ତୁମର ସେହି ଆଦର୍ଶାନତି ବିଚ୍ଛୁରିତ ହୋଇ, ସମସ୍ତଙ୍କୁ ତୁମଠାରେ ଆନତ କରି ତୋଳିବ,– ସଂଘବଦ୍ଧ ହେବେ ସମସ୍ତେ– ଶକ୍ତି ପାଇବେ ସମସ୍ତେ– ଶକ୍ତି, ବୃଦ୍ଧି, କାନ୍ତି ଓ ଚେଷ୍ଟା ଉଦ୍‌ବର୍ଦ୍ଧିତ ହୋଇଉଠିବ ସାଫଲ୍ୟରେ।'' (ସମ୍ବିତୀ–୧୪୪)। (୧୦୦୨– ଭୁବନେଶ୍ୱର ସତ୍‌ସଙ୍ଗ ମନ୍ଦିର ଉଦ୍‌ବୋଧନ ସ୍ମୃତି–ମହୋତ୍ସବ ଉପଲକ୍ଷେ)

ମୋ–୯୪୩୭୨୮୭୯୬୪

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ରହିଛି। ଏଠାରେ ଏପରି ଏକ ଅଞ୍ଚଳ ରହିଛି ଯେଉଁଠାରେ ଅନ୍ୟର ଅଇଁଠାପତ୍ର ଉଠାଇବା ଦ୍ୱାରା ପୁଣ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ଏହା କରିବା ପାଇଁ କେତେଜଣ ଲୋକ ଘୃଣାରେ ନାକ ଟେକନ୍ତି। କିନ୍ତୁ ଆୟୋଜିତ ଉତ୍ସବରେ ଅଇଁଠାପତ୍ର ଉଠାଇବାକୁ ଲୋକେ ଆଗଭର ହୋଇ ଏଥିପାଇଁ ନିଲାମ ଧରିଥାଆନ୍ତି। ମଧ୍ୟପ୍ରଦେଶର ଖଣ୍ଡୱାରେ ଥିବା ଦେବୀମାତାଙ୍କ ମନ୍ଦିରରେ ୬୦ବର୍ଷରୁ ଅଧିକ ହେଲା ଏପରି ଏକ ପରମ୍ପରା ଚଳିଆସୁଛି। ଚୈତ୍ର ଗୁପ୍ତ ନବରାତ୍ର ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କୁ ଖାଇବାକୁ ଦିଆଯାଏ। ଏହାକୁ ଗଣଗୌର ଉତ୍ସବ କୁହାଯାଏ। ଶ୍ରଦ୍ଧାଳୁଙ୍କ ଅଇଁଠାପତ୍ର ଉଠାଇବା ପାଇଁ ପ୍ରଜାପତି ଏବଂ କହ୍ୱାର ସମ୍ପ୍ରଦାୟ ପକ୍ଷରୁ ନିଲାମ ଡକାଯାଏ। ଅଧିକ ଟଙ୍କା ଦେଇ ନିଲାମ ନେଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟମାନେ ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ ଉପସ୍ଥିତରହି ଶ୍ରଦ୍ଧାଳୁଙ୍କ ଅଇଁଠାପତ୍ର ଉଠାଇଥାଆନ୍ତି। ଏହାଦ୍ୱାରା ପୁଣ୍ୟଫଳ ମିଳେ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ–ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା!

(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୪

- ଚେକ୍ ରାଷ୍ଟ୍ରପତି ଭାକଲାଭ ହାଭେଲଙ୍କୁ ୧୯୯୩ ମସିହାର ସମ୍ମାନଜନକ ଇନ୍ଦିରା ଗାନ୍ଧୀ ଶାନ୍ତି ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ।
- ଆଙ୍ଗୋଲାର ଯୁଦ୍ଧଗ୍ରସ୍ତ କୁଇଟୋ ସହର ଉପରେ ୟୁନିଟା ବିଦ୍ରୋହୀ ଗୋଷ୍ଠୀର ଆକ୍ରମଣ ଫଳରେ ୧୭୫ ଜଣଙ୍କ ମୃତ୍ୟୁ।
- କୋଷ୍ଟାରିକାର ରାଷ୍ଟ୍ରପତି ନିର୍ବାଚନରେ ଶାସକ ସୋସିଆଲ ଖ୍ରୀଷ୍ଟିଆନ ୟୁନିଟ୍ ଦଳର ପ୍ରାର୍ଥୀ ଆଙ୍ଗେଲ ରୋଡ୍ରିଗୀଜ ମୁଖ୍ୟ ବିରୋଧୀ ଦଳର ପ୍ରାର୍ଥୀ ଜୋସେ ମାରିଆଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରରେ ଉଦାରତା

ମହାଶୟ,

ଭାରତ ସ୍ୱାଧୀନ ହେବା ସମୟରେ ବହୁ ଲୋକ ଭାରତରେ ଗଣତନ୍ତ୍ରର ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରିଥିଲେ। ହେଲେ ସ୍ୱାଧୀନ ଭାରତର ନେତୃବୃନ୍ଦ ବିଶେଷତଃ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଗଣତନ୍ତ୍ର ପ୍ରତି ଉଦାରତା ଓ ଅଙ୍ଗୀକାରବଦ୍ଧତା ଭାରତରେ ସଂସଦୀୟ ଗଣତନ୍ତ୍ରକୁ ସମୃଦ୍ଧ ଓ ଦୀର୍ଘାୟୁ କରିବାରେ ସହାୟକ ହୋଇଥିଲା। ମାତ୍ର ଏବର ନେତୃବୃନ୍ଦଙ୍କର ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ଉଦାରତା ଓ ଅଙ୍ଗୀକାରବଦ୍ଧତା ଊଣା ଥିବାର ପରିଲକ୍ଷିତ ହେଉଛି। ପ୍ରତିପକ୍ଷଙ୍କ ପ୍ରତି ଅଶାଳୀନ ଭାଷା ଓ ଅପଶବ୍ଦ ପ୍ରୟୋଗ କରିବା ଏବର ରାଜନେତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ସ୍ୱାୟତ୍ତତାକୁ କ୍ଷୁଣ୍ଣ କରିବାକୁ ଉଦ୍ୟମ କରାଯାଉଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ମାନବ ସମ୍ବଳର ସୁବିନିଯୋଗ ହେଉ

ମାନବ ସମ୍ବଳର ସୁବିନିଯୋଗ ଦ୍ୱାରା ହିଁ ଦେଶର ଅର୍ଥନୀତି ସୁଦୃଢ଼ ହୋଇଥାଏ। ଭାରତ ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର, ଯୁବଶକ୍ତିର ସୁବିନିଯୋଗ ଅଭାବରୁ ଦେଶରେ ବେକାରି, ବେରୋଜଗାରି ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷିତ, ଅଶିକ୍ଷିତ ସବୁସ୍ତରରେ ଏହା ସୁସ୍ପଷ୍ଟ। କିଛିଦିନ ପୂର୍ବେ ମହାରାଷ୍ଟ୍ରର ସଚିବାଳୟ କ୍ୟାଣ୍ଟିନ ପିଅନ ପୋଷ୍ଟ ପାଇଁ ବିଜ୍ଞପ୍ତି ଜାରି ପରେ ୧୪ଟି ପୋଷ୍ଟ ପାଇଁ ୭୦ ହଜାର ପ୍ରାର୍ଥୀ ଚୟନ ପରୀକ୍ଷାରେ ଯୋଗଦେଇଥିଲେ। ସେଥିରେ ବହୁସଂଖ୍ୟାରେ ସ୍ନାତକ ଥିଲେ। ଏହା ବେକାରି ସମସ୍ୟାର ଏକ ଜ୍ୱଳନ୍ତ ନିଦର୍ଶନ ନୁହେଁ କି? ବର୍ତ୍ତମାନ ଦେଶରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ 'ଟଙ୍କିକିଆ ଚାଉଳ ଏବଂ ୫ ଟଙ୍କିଆ ଆହାର କେନ୍ଦ୍ର ଶ୍ରମବିମୁଖତାର କାରଣ। ଗ୍ରାମାଞ୍ଚଳରେ ଚାଷଜମି ପଡିଆ ପଡୁଛି। କୃଷିର ଭିତ୍ତିଭୂମି ବିକାଶ ଦ୍ୱାରା କୃଷକ ସ୍ୱାବଲମ୍ବୀ ହୋଇପାରିବ, ଯାହାକି ତା'ର ସ୍ୱାଭିମାନର ପ୍ରତୀକ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡ଼ଗାଁ, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- କେ.ଏସ୍. ଗୋଲ୍ଡସ୍ମିଥ

## ସଂକ୍ଷେପରେ

### ପଥପ୍ରାନ୍ତ ସଚେତନତା, ହେଲମେଟ ଯାଞ୍ଚ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ରେଙ୍ଗାଲି ବସଷ୍ଟାଣ୍ଡସ୍ଥିତ ପୁରୁଣା ଥାନା ସମ୍ମୁଖରେ ପରିବହନ ବିଭାଗ ଏବଂ ରେଙ୍ଗାଲି ପୋଲିସ ମିଳିତ ଭାବରେ ହେଲମେଟ, ସିଟବେଲ୍ଟ ଓ ମଦୁଆଙ୍କୁ ଯାଞ୍ଚ କରିଥିଲେ। ଏହା ସହ ସଚେତନତା କାର୍ଯ୍ୟକ୍ରମ କରି ସଡକ ସୁରକ୍ଷା ଲିଫଲେଟ ବଣ୍ଟନ କରିଥିଲେ। ପରିବହନ ବିଭାଗର ଏମଭିଆଇ ହରିହର ଷଡଙ୍ଗୀ, ଛାତ୍ର ଟ୍ରାଫିକ ଭଲେଣ୍ଟିୟରି, ରେଙ୍ଗାଲି ପୋଲିସ ଶୁକ୍ରବାର ରେଙ୍ଗାଲି ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଥାନା ସମ୍ମୁଖରେ ଯାଞ୍ଚ କରିବା ସହ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବିନା ହେଲମେଟରେ ବାଇକ ଚଳାଇବା, ତିନି ଚାରିଜଣ ବସି ବାଇକରେ ଯିବା, ସିଟବେଲ୍ଟ ନ ଲଗାଇ ଯାନ ଚଳାଇବା, ମଦ ପିଇ ବାଇକ କିମ୍ବା କାର ଚଳାଇବା ଆଦି ଯାଞ୍ଚ କରିଥିଲେ। ମଦ ଡିକ୍ଟେଟର ମେସିନ ଫୁଙ୍କାଇ ମଦୁଆ ଡ୍ରାଇଭର ମାନଙ୍କୁ ଚିହ୍ନଟ କରି ଫାଇନ କରିବା ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ କରିଥିଲେ।

### ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ

**ସମ୍ବଲପୁର,୮।୨(ବ୍ୟୁରୋ)-** ସମ୍ବଲପୁର- ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା କୟାକୁଦ ଗ୍ରାମ ନିକଟରେ ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ଅନ୍ଦାରୀ ଗ୍ରାମର ନବୀନ ତରିଆ (୬୦)। ସେ କୟାକୁଦ ଗ୍ରାମ ପଞ୍ଚାୟତକୁ ପିଡିଏସ୍ ସାମଗ୍ରୀ ନେବା ପାଇଁ ଯାଇଥିଲେ। ଆହତ ଅବସ୍ଥାରେ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭର ଫେରାର୍ ହୋଇଯାଇଥିବାବେଳେ ବସକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୪/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଓଡି ୧୫- ୧୯୧୯ ନଂ. ଗୁରୁଡ ନାମକ ବସ ସମ୍ବଲପୁର ପଟ୍ଟକୁ ଆସୁଥିଲା। ନବୀନ ସାଇକେଲ ଯୋଗେ ନିକଟସ୍ଥ ପଞ୍ଚାୟତକୁ ପିଡିଏସ ସାମଗ୍ରୀ ନେବାକୁ ଯାଇଥିଲେ। ସେ ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଠେଲକୁଲି ଥାନା ଅନ୍ତର୍ଗତ ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଝାରସୁଗୁଡା ବେହେରାମାଲର ସାନ୍ତନୁ ଗିରି (୨୮) ଓଆର୍ ୨୩ ଡି- ୩୦୮୧ ବାଇକ୍ ଯୋଗେ ଝାରସୁଗୁଡାରୁ ସମ୍ବଲପୁର ଯାଉଥିବା ସମୟରେ ଏକ ଗାଡି ଧକ୍କା ଦେଇ ପଳାଇଯାଇଥିଲା। ପାଖରେ ଗାଡି ଯାଞ୍ଚ କରୁଥିବା ଏମ୍‌ଭିଆଇ ଗୁରୁତର ଆହତ ହୋଇ ସଂଜ୍ଞାହୀନ ହୋଇଥିବା ସାନ୍ତନୁଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଠେଲକୁଲି ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରିବା ସହ ଅଜଣା ଗାଡିର ସନ୍ଧାନ ଜାରି ରଖିଛି।

### ଲପଙ୍ଗା ହାଇସ୍କୁଲରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ରେଙ୍ଗାଲି ବ୍ଲକ ଲପଙ୍ଗା ହାଇସ୍କୁଲରେ ଭୂଷଣ କମ୍ପାନୀ ଏବଂ ଠେଲକୁଲି ପୋଲିସର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ସଡକ ସୁରକ୍ଷାର ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। କୁଇଜରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଠେଲକୁଲି ଥାନା ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର, ଭୂଷଣ କମ୍ପାନୀର ସୁରକ୍ଷା ଜିଏମ ମୋହାକୁନ୍ଦ ବାବୁ, ଲପଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାହୁ, ଠେଲକୁଲି ଏସଆଇ ସବିତା ଠେମରିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ପ୍ରତିବଦ୍ଧତା ସ୍ପଷ୍ଟ କଲେ ରାଜ୍ୟ ସରକାର

**ସମ୍ବଲପୁର, ୮।୨ (ବ୍ୟୁରୋ)**

**କେନ୍ଦ୍ର ଉପରେ ଚାପ**
- ବେଞ୍ଚ ସ୍ଥାପନ ପାଇଁ ୫ କୋଟି ଘୋଷଣା
- ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ
- ଜିଲା ପ୍ରଶାସନ ସହଯୋଗ,ଜନସାଧାରଣଙ୍କ ବିଜୟ

ପଶ୍ଚିମ ଓଡ଼ିଶାରେ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ବଜେଟ ରଖିଥିବା ବେଳେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏହାକୁ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ନିର୍ମାଣ ପାଇଁ ପ୍ରତିବଦ୍ଧତା ଥିବା ଜଣାପଡିଛି। ଫେବ୍ରୁୟାରୀ ୨ ତାରିଖ ସମ୍ବଲପୁର ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ରାଜ୍ୟ ସରକାର ପକ୍ଷରୁ କୌଣସି ସମସ୍ୟା ନାହିଁ ବୋଲି ଏବେ ସ୍ପଷ୍ଟ କରିଛନ୍ତି। ଏବେ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବା ସମୟ ଆସିଛି ବୋଲି ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବଜେଟରେ ଅନୁମୋଦନ, ହାଇକୋର୍ଟଙ୍କୁ ଚିଠି, କମିଟି ଗଠନ କରିବା ଭଳି ୩ ଟି ଦାବି କରାଯାଇଥିଲା। ହେଲେ ପ୍ରଥମ ଦାବି ବଜେଟରେ ଅନୁମୋଦନ କରି ଇଚ୍ଛାଶକ୍ତି ଥିବା ଜଣାଇଛନ୍ତି। ହେଲେ ବାକି ୨ ଦାବି ଉପରେ ମଧ୍ୟ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଦୀର୍ଘ ୫ ମାସ ଧରି ଜନସାଧାରଣଙ୍କ ଅନେକ ସମସ୍ୟା ଭୋଗୁଥିଲେ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରୁଥିଲେ। ତେଣୁ ଏହା ଜନସାଧାରଣଙ୍କ ବିଜୟ ହୋଇଛି। ଏଥିପାଇଁ ଜିଲାପାଳ ସମର୍ଥ ବର୍ମା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ସଞ୍ଜିବ ଆରୋରାଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିଲା ବୋଲି ସଭାପତି ପ୍ରଧାନ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ହେଲେ ଆନ୍ଦୋଳନ ସ୍ଥଗିତ ହେବାର ଏବେ ସ୍ଥିର କରାଯାଇ ନାହିଁ। ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେଲା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ହେଲେ ଏବେ ଚିଠି ଦିଆନିଆ ନ ହୋଇ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତେଣୁ ଏବେ କେନ୍ଦ୍ର ସରକାର ଉପରେ ଚାପ ପଡୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସେପ୍ଟମ୍ବର ୫ରୁ ଆନ୍ଦୋଳନ ଜାରି ରହିଛି। ବିଭିନ୍ନ ଉପାୟରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏପରିକି ନଭେମ୍ବର ୨୯ ଓ ୩୦ ମହାବନ୍ଦ ପାଳନ କରାଯାଇଥିଲା। ରେଳରୋକୋ, ଯାତାୟତ ଠପ ହୋଇ ପଡିଥିଲା। ପ୍ରତିଦିନ ରିଲେ ଅନଶନ କରାଯାଉଛି। ଶତାଧିକ ଅନୁଷ୍ଠାନର ପୂର୍ଣ୍ଣ ସମର୍ଥନ ରହିଛି।



ବିଜେଡି କର୍ମୀ ସମ୍ମିଳନୀରେ ଜଣେ ନେତା ଉଦ୍‌ବୋଧନ ଦେଉଛନ୍ତି।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ରେଙ୍ଗାଲି, ୮।୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଘିଚାମୁରାଠାରେ ଶୁକ୍ରବାର ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ରେଙ୍ଗାଲି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ଯୁବ ବିଜେଡି ନେତା କିରଣ ବେହେରା ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ବରିଷ୍ଠ ବିଜେଡି ନେତା ହରିଶଙ୍କର ବେହେରା, ଶେଷଦେବ ପ୍ରଧାନ, ଅଶୋକ ବରୁଆ, ଦାଶରଥି ବେହେରା, ଲାଲବିନୟ ସିଂ, ଦୁର୍ଗା ପଟେଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଜେଡି ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଏକ କଲ୍ୟାଣ ମଣ୍ଡପ ଏବଂ ହରିଜନ ପଡାଠାରେ ଏକ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରାଯାଇଥିଲା। ଶେଷରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ସଭାପତି ବାବୁଲୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## କୃମିନାଶକ ଔଷଧ ବଣ୍ଟନ ନେଇ ବୈଠକ

**ରେଙ୍ଗାଲି, ୮।୨ (ଡି.ଏନ.ଏ)**

ରେଙ୍ଗାଲି ଶିକ୍ଷକ ଭବନଠାରେ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ କୃମି ଔଷଧ ବଣ୍ଟନ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ ପ୍ରତି ପଞ୍ଚାୟତରେ ଆଶାକର୍ମୀ, ଏଏନଏମ ପାରା ମେଡିକାଲ ଷ୍ଟାଫ୍ ଓ ଶିକ୍ଷକମାନଙ୍କୁ ନେଇ ଏକ ମେଡିକାଲ ୟୁନିଟ ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଔଷଧ ବଣ୍ଟନ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଯୋଗାଇ ଦେବାକୁ ଜିଲାମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ କୃମି ଔଷଧ ବଣ୍ଟନ ପାଇଁ ପ୍ରତି ପଞ୍ଚାୟତରେ ୩ରୁ ୪ଟି ମେଡିକାଲ ୟୁନିଟ ଗଠନ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କଲ୍ୟାଣ କୁମାର ଗୁପ୍ତା, ଡ. ଚିନ୍ତାମଣି ମେହର, ଡ. ସୁବ୍ରତ ନନ୍ଦ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜିତେନ୍ଦ୍ର ନନ୍ଦ, ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିଚନ୍ଦ୍ର ଗର୍ଡିଆ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସହସମ୍ପାଦକ ଭୋଜରାଜ ପଧାନ, ଓଷ୍ଟାର କର୍ମକର୍ତ୍ତା ପିତାମ୍ବର ଟଣ୍ଡକାର, ମାମିନୀ ସାହୁ, ଭଗବାନ ରାଉତ ତଥା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୫ ତାରିଖ ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ଏବଂ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକ କୃମି ଔଷଧ ବଣ୍ଟନ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି କରିଥିଲେ।

ଓକିଲଙ୍କ ବିରୋଧରେ ସୋସିଆଲ ମିଡିଆରେ ମନ୍ତବ୍ୟ

# ଭାଜପା ଯୁବ ମୋର୍ଚ୍ଚା ସଭାପତି ଗିରଫ

**ସମ୍ବଲପୁର,୮।୨(ବ୍ୟୁରୋ)**

- ସରକାରୀ ଅଫିସ ନ ଖୋଲିବାଯାଏ ଅନଶନ
- ପୋଲିସକୁ ଚାପ ପକାଇଥିବା ଅଭିଯୋଗ
- ଓକିଲ ସଂଘ ବିରୋଧରେ ପାଲଟା ଅଭିଯୋଗ

ସମ୍ବଲପୁର ଜିଲା ଓକିଲଙ୍କ ବିରୋଧରେ ସୋସିଆଲ ମିଡିଆ (ଫେସବୁକ)ରେ କଟୁ ମନ୍ତବ୍ୟ ଦେଇ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବୁର୍ଲା ଟାଉନ ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଭାସ ପୃଷେଟ। ପୋଲିସ ନଂ.୪୪/୧୯, ଦଫା ୫୦୪, ୫୦୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ହେଲେ ପ୍ରଭାସଙ୍କ ପକ୍ଷରୁ ବେଲ ଆବେଦନ କରାଯାଇ ନ ଥିଲା। ତେଣୁ ତାଙ୍କୁ ମଣ୍ଡଳକାରାଗାରକୁ ପଠାଇ ଦିଆଯାଇଛି। ସେ କୌଣସି କଟୁ ମନ୍ତବ୍ୟ ଦେଇନାହାନ୍ତି। ପୋଲିସ ଓକିଲମାନଙ୍କ ଚାପରେ ଆସି ଗିରଫ କରିଛି। ତେଣୁ ବେଲ ଆବେଦନ କରିବେ ନାହିଁ। ଶୁକ୍ରବାର ସକାଳୁ ଆମରଣ ଅନଶନରେ ରହିଛି। ଅନ୍ୟଦଳର ନେତା ଆସିଲେ ବିରୋଧ କରୁଛନ୍ତି, ହେଲେ ମୁଖ୍ୟମନ୍ତ୍ରୀ ଆସିଲେ ବିରୋଧ କରାଯାଉ ନାହିଁ। ସଲା ସୁତୁରା ରହିଛି ବୋଲି ସେ କହିଥିଲେ। ମାସମାସ ଧରି ପଶ୍ଚିମ ଓଡିଶାର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକ ବନ୍ଦ ରହିଛି। ଫଳରେ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ପୋଷ୍ଟ କରିଥିବା ସେ କହିଛନ୍ତି। ଓକିଲ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲା। ପ୍ରଥମେ ପ୍ରଭାସଙ୍କୁ ଥାନାରେ ହାଜର ହେବାକୁ ନୋଟିସ କରାଯାଇଥିଲା। ସେ ଗୁରୁବାର ଥାନାରେ ହାଜର ହୋଇଥିଲେ। ହେଲେ ପୋଲିସ କିଛି ଆଲୋଚନା ନ କରି ଛାଡି ଦେଇଥିଲା। ଶୁକ୍ରବାର ଭୋର ୪ଟାରୁ ଘରୁ ଗିରଫ କରିଥିଲା।



ସମ୍ବଲପୁର ଟାଉନଥାନାରେ ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଭାସ ପୁଷେଠ ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

- ରାସ୍ତା ନିର୍ମାଣକାରୀ ସଂସ୍ଥାର ମ୍ୟାନେଜରଙ୍କ ନାମରେ ଥାନାରେ ଅଭିଯୋଗ କଲେ ବିଜେଡି ନେତା

**ରେଢାଖୋଲ ୮।୨ (ଡି.ଏନ.ଏ)**

**ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ**

ସମ୍ବଲପୁର- ଅନୁଗୋଳ ଚାରିଥାକିଆ ରାସ୍ତା ନିର୍ମାଣ ଏବେ ମରଣଯନ୍ତା ପାଲଟିଛି। ନିର୍ମାଣକାରୀ ସଂସ୍ଥାର ଦାୟୀତ୍ୱହିନତା ଯୋଗୁ ଦିନକୁ ଦିନ ରାସ୍ତା ଦୁର୍ଘଟଣା ବଢିବା ସହ ଅନେକ ଧନଜୀବନ ନଷ୍ଟ ହେଉଛି। ଶୁକ୍ରବାର ଅପରାହ୍ନ ସାଢେ ଏଗାରଟା ବେଳେ ରେଢାଖୋଲ ସହର ଉପକଣ୍ଠସ୍ଥ ବର୍ଷକିଆଛକରେ ଏକ ଟ୍ରକ ଧକ୍କାରେ ଚାରମାଳ ଥାନା ଗୁଞ୍ଜିଘରା ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ (୫୩)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ୫୫ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ରେଢାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଥାନା ଅଧିକାରୀ ଉପଜିଲାପାଳଙ୍କ ସହ ଫୋନରେ ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିବାକୁ କହିଥିଲେ। ଏଥିସହ ନିର୍ମାଣକାରୀ ସଂସ୍ଥା ଗାୟତ୍ରୀ କନଷ୍ଟ୍ରକସନ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ଷତିପୂରଣ ଦେବାକୁ କହିବାରେ ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚି ୫୦ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଉପଜିଲାପାଳ ବିଶିକେଶନ ଦେହୁରୀ ମଧ୍ୟ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାମତେ କୃଷ୍ଣଚନ୍ଦ୍ର ପରିବା ବିକ୍ରିକରି ରେଢାଖୋଲ ସହରରୁ ତାଙ୍କ ଗ୍ରାମକୁ ସାଇକେଲରେ ଫେରୁଥିଲେ। ବର୍ଷକିଆ ଛକରେ ସମ୍ବଲପୁର ଦିଗରୁ ଆସୁଥିବା ଟ୍ରକ ନଂ. ଓଆର ୧୯ ଜି ୨୪୨୯ ଧକ୍କା ଦେଇଥିଲା। ଫଳରେ କୃଷ୍ଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି। ଟ୍ରକର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଅପର ପକ୍ଷରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ଏ ଘଟଣାରେ ନିର୍ମାଣକାରୀ ସଂସ୍ଥାକୁ ଦାୟୀକରି ବିଜେଡି ନେତା ତଥା ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ସଂସ୍ଥାର ମ୍ୟାନେଜରଙ୍କ ନାମରେ ରେଢାଖୋଲ ଥାନାରେ ଏକ ଅଭିଯୋଗ କରିଛନ୍ତି।

## ସଡ଼କ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

**ରେଢାଖୋଲ, ୮।୨(ଡି.ଏନ.ଏ)**

ରେଢାଖୋଲରେ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଏ ଅବସରରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ ଧରି ସଡକ ସୁରକ୍ଷା ସଚେତନତା ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ରେଢାଖୋଲ ଉପଖଣ୍ଡର ବିଭିନ୍ନ ସ୍କୁଲର ପ୍ରାୟ ୧୫୦ ଛାତ୍ରୀଛାତ୍ର ରାଣି ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖରୁ ବାହାରି ଥିଲେ। ଟ୍ରାଫିକ ଇନସପେକ୍ଟର ରମାକାନ୍ତ ନାୟକ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ପରେ ବିଦ୍ୟାଳୟ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଶ୍ରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାର୍କର ସଂଯୋଜକ ଚକ୍ରଧର ନନ୍ଦ, ଟ୍ରାଫିକ ଇନସପେକ୍ଟର ନାୟକ ଯୋଗଦେଇ ସଡକ ସୁରକ୍ଷା ସଚେତନତା ପାଇଁ ରହିଥିବା ବିଭିନ୍ନ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ସଡକ ସୁରକ୍ଷା ଉପରେ ସ୍ଲୋଗାନ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚାରମାଳରେ ମଧ୍ୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଚାରମାଳ ଥାନା ଅଧିକାରି ବସନ୍ତ କୁମାର ଦଳେଇଙ୍କ ସଂଯୋଜନାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର, ଚାରମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ମହାଦେବ ରାଉଳ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

ଚିପିଲିମା ଓଏଚ୍‌ପିସି ଏମଇ ସ୍କୁଲ ବାର୍ଷିକୋତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଲା

**ଚିପିଲିମା, ୮।୨ (ଡି.ଏନ.ଏ)**

ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚ୍‌ପିସି) ଅଧୀନ ଚିପିଲିମାସ୍ଥିତ ମଧ୍ୟ ଇଂରାଜୀ ବିଦ୍ୟାଳୟ (ଏମଇ ସ୍କୁଲ)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ମାନବସମ୍ବଳ ଅଧିକାରୀ ପ୍ରଫୁଲ୍ଲ କୁମାର ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଏଚଇପି ମୁଖ୍ୟ ଇଂ. ଦେବାଶିଷ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ସିଏଚଇପିର ଏଜିଏମ ୟୁଟିଲିଟି ଇଂ. ବାସୁଦେବ ମିଶ୍ର ଯୋଗଦାନ କରି ଅକ୍ଳାନ୍ତ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କୁ ସଫଳତା ଶୀର୍ଷକୁ ପହଞ୍ଚାଇ ଥାଏ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏଜିଏମ ଡିଜାଇନ (ଟେକନିକାଲ ୱିଙ୍ଗ୍) ଇଂ. ଦିଲୀପ କୁମାର ସ୍ୱାଇଁ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାଠପଢ଼ାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ହରେରାମ ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ, ନାଗପୁରୀ, ସାଉତ ସେମି କ୍ଲାସିକାଲ, ଡାଲଖାଇ, ରସରକେଳି ଭଳି ସାଂସ୍କୃତିକ ନାଚଗୀତ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସରିତା ଦାଶଙ୍କ ରଚିତ ଓ ରାଜକିଶୋର ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ପାରିବାରିକ ଡ୍ରାମ ଜୀବନ ସାଥି ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିବାବେଳେ ଦର୍ଶକମାନଙ୍କର ବେଶ ମନଛୁଆଁ ହୋଇଥିଲା। ସମସ୍ତ ସାଂସ୍କୃତିକ ନାଚଗୀତରେ ମାଷ୍ଟର କାହ୍ନା ପଣ୍ଡା, ମାଷ୍ଟର ସନ୍ତୋଷ ଜେନା, ମାଷ୍ଟର ମାନୁଏନ ବାବୁ, ମାଷ୍ଟର ସନ୍ତୋଷ ଗଣ୍ଡ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ସହଯୋଗ କରିଥିଲେ।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ନାମଯଜ୍ଞ ଉଦ୍‌ଯାପିତ

**ନାକଟିଦେଉଳ, ୮।୨ (ଡ଼ି.ଏନ.ଏ)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ଗ୍ରା.ପ.ର ପୋଡ଼ାଖୋଳ ଗ୍ରାମରେ ଗତ ତିନି ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଅଷ୍ଟପ୍ରହରୀ ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୬ରେ କଳଶ ଶୋଭାଯାତ୍ରା ହୋଇଥିଲା। ନାମଯଜ୍ଞରେ ଗ୍ରାମର ଯୁଧିଷ୍ଠିର ପ୍ରଧାନ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱରେ ଥିଲେ। ଏଥିରେ ପ୍ରାୟ ୨୬ଟି ନାମ ସଂକୀର୍ତ୍ତନ ଓ ୮ଟି କୃଷ୍ଣଗୁରୁ ଦଳ ଯୋଗଦେଇଥିଲେ।

## ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର,୮।୨ (ବ୍ୟୁରୋ)**

ସମ୍ବଲପୁର ମାନେଶ୍ୱର ବ୍ଲକ ବିରଘାଟ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ବନବାସ ପ୍ରଧାନ, ମୁଖ୍ୟବକ୍ତା ରମେଶ ପ୍ରଧାନ, ସମ୍ମାନୀୟ ଅତିଥିଭାବେ ଯୁଧିଷ୍ଠିର ପୋଢ, ନବୀନ ସାଲିମା ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିନୋଦ ଢିଲା, ସୁଜିତ ରନବିଡା ନିର୍ଦ୍ଦେଶନାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ନିଜ ମନକୁ ଅଜ୍ଞାନରୁ ମୁକ୍ତ କର ଏବଂ ସତ୍ୟକୁ ଖୋଜିବା ପାଇଁ ଜିଜ୍ଞାସୁ ହୁଅ।
- ବୁଦ୍ଧଦେବ

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ

ନାକଟିଦେଉଳ, ୮।୨(ଡ଼ି.ଏନ.ଏ)- ନାକଟିଦେଉଳ ସଂଯୁକ୍ତ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଯୁକ୍ତ ଦୁଇର ଅଧକ୍ଷ କନ୍ଦର୍ପ ଚନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାରେ କଲେଜର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଅଧାପକ ଡ଼.ଦୀପେନ କୁମାର ପଟ୍ଟନାୟକ, ସରୋଜ କୁମାର ଭୁଏଁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରି ଥିବା ବେଳେ ନାକଟିଦେଉଳ ସ୍ଥିତ ଡ଼ି/୧୨ବାଟାଲିୟନର ସିଆରପିଏଫ ଯବାନମାନେ ମଧ ଏଥିରେ ସାମିଲ ହୋଇଥିଲେ। ଡ଼ିଗ୍ରୀ କଲେଜର ଅଧାପକ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଅଧାପକ ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ବୈଷ୍ଣୋଦେବୀ ମନ୍ଦିରରେ ବିଶାଳ ଜାଗରଣ

# କଳସ ଯାତ୍ରାରେ ସାମିଲ ହେଲେ ଶତାଧିକ ଭକ୍ତ

ସମ୍ବଲପୁର, ୮।୨ (ବ୍ୟୁରୋ)

କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ବିଶାଳ ଜାଗରଣ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ସମଲେଶ୍ୱରୀ ମନ୍ଦିର ଛକରୁ କ୍ଷେତରାଜପୁର ବୈଷ୍ଣୋଦେବୀ ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଭକ୍ତ ମୁଣ୍ଡରେ ଚୁନୁରି ବାନ୍ଧି କଳସ ଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ହୋମ ଓ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଇଣ୍ଡିଆନ୍ ଆଇଡଲ୍ ଫେମ୍ ଦିଲ୍ଲୀର ମୋହିତ ଚୌପ୍ରା ଓ ନିଧି ସାହିଲଙ୍କ ସଙ୍ଗୀତରେ ଜାଗରଣ ପରିସର ମୁଖରିତ ହୋଇଥିଲା। ଇଣ୍ଡିଆସ୍ ଗଡ୍ ଟ୍ୟାଲେଣ୍ଟ ବିଜେତା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ନୃତ୍ୟ ଛଟାରେ ଭକ୍ତମାନେ ଆନମନା ହୋଇଥିଲେ।



କ୍ଷେତରାଜପୁର ବୈଷ୍ଣୋଦେବୀ ମନ୍ଦିର ପରିସରରେ ବିଶାଳ ଜାଗରଣ ଲାଗି ଭକ୍ତମାନେ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ମା' ବୈଷ୍ଣୋଦେବୀ ମନ୍ଦିରର ୩୨ତମ ପ୍ରତିଷ୍ଠା ଦିବସରେ ଏହି କାର୍ଯ୍ୟକ୍ରମ ହୋଇଛି। ଶନିବାର ରାତ୍ରି ସାଢ଼େ ୭ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ବୈଷ୍ଣୋଦେବୀ ମନ୍ଦିର ପ୍ରାଙ୍ଗଣରେ ବିଶାଳ ଭଣ୍ଡାର କାର୍ଯ୍ୟକ୍ରମ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚୀତ କରାଯାଇଛି। ଟ୍ରଷ୍ଟ ସଭ୍ୟ ଦିନଦୟାଲ ବରେଲିଆ, କେୱଲ ନୈନ ସେହେଗଲ୍, ଜ୍ଞାନ ପ୍ରକାଶ ଅଗ୍ରୱାଲ, ରମେଶ ଭାଇ ପଟେଲ, ମଙ୍ଗତୁରାମ ଅଗ୍ରୱାଲ, ଶିବଶଙ୍କର ରାଠି, ପ୍ରଦୀପ କୁମାର କୁସମିରି, ପ୍ରହଲ୍ଲାଦ ରାୟ ଫରମାନିଆ, ଅଶୋକ ଅରୋରା, ମାଧବ ଡାଲମିଆ, ଅଜୟ କୁମାର ପୌଦାର, ପ୍ରେମ କୁମାର ମୁଞ୍ଜାନୀଙ୍କ ସମେତ ସମ୍ବଲପୁର, ବରଗଡ, ଝାରସୁଗୁଡା ଅଞ୍ଚଳର ୩୮ଜଣ ଭକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ଭୂମିହୀନଙ୍କୁ ଘରଡିହ, ଆଦିବାସୀଙ୍କୁ ଜଙ୍ଗଲଜମି ପଟ୍ଟା ଦିଅ

ଦେବଗଡ,୮।୨(ସ୍ୱ.ପ୍ର.)
ଦେବଗଡ ଜିଲାର ଅନେକ ଲୋକ ଭୂମିହୀନ। ବହୁ ଆଦିବାସୀ ସଂପ୍ରଦାୟର ଲୋକେ ଜଙ୍ଗଲ ଜମିପଟ୍ଟା ପାଇବାରୁ ବଞ୍ଚିତ। ଏଣୁ ସେମାନଙ୍କୁ ସେମାନଙ୍କର ହକ୍ ଦେବା ଲାଗି ବାରମ୍ବାର ଦାବି ହେଉଛି। ହେଲେ ପ୍ରଶାସନ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଆଦିବାସୀ ମହାସଂଘ ସଭାପତି ସେମ୍ ହେମ୍‌ରମ୍‌ଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ଭିତରେ ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଦୁଃଖବନ୍ଧୁ ମୁଣ୍ଡା, ରାଜେଶ ବାର୍ଲା, ଆଲୋକ ହେମରମ୍, ଦେବାଶିଷ ପ୍ରସାଦ ନାଏକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ

ସମ୍ବଲପୁର, ୮।୨ (ବ୍ୟୁରୋ)

ପଞ୍ଚମ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅମୃତ ବିହାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ୪୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୦ ତାରିଖ ପର୍ଯ୍ୟନ୍ତ ମ୍ୟାଚ ଚାଲିବ। ବିଭିନ୍ନ ବିଭାଗର ୧୦ଟି ମ୍ୟାଚ ଉଦ୍‌ଘାଟନୀ ଦିବସରେ ହୋଇଥିଲା। ହର୍ଷ ସାହୁ, ସନ୍ଦିପ ମିଶ୍ର, ରାଜଗୋପାଳ ଚୌଧୁରୀ, ଭୋଜୁ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଶିବମ୍ ଅଗ୍ରୱାଲ, ଚୁମନ୍ ପ୍ରଧାନ, ଉତ୍ସବ ମହାପାତ୍ର ସ୍କୋରର ଥିଲେ। ଶୁଭମ ସାହୁ, ସୁଧାଂଶୁ ଆଚାର୍ଯ୍ୟ, ଏନ ବିଶ୍ୱାଳ, ଦେବଜ୍ୟୋତି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଭମ ସେଲମା, ପ୍ରତୀକ ସେଠ, ବିକାଶ ରଞ୍ଜନ ଧାରାବିବରଣୀ ପ୍ରଦାନ କରିଥିଲେ।



ଅମୃତବିହାରରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

## ରାଜ୍ୟ ବାହାର ରାକେଟ ଠାବ, ଗାଡି ଉଦ୍ଧାର

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରୁ ଚାରି ଚକିଆ ଗାଡି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ରାଜ୍ୟବାହାରେ ବିହାରରେ ଏହାର ରାକେଟ କାମ କରୁଥିବା ନେଇ ପୋଲିସକୁ ସୁରାକ ମିଳିଥିଲା। ବିହାର ପୋଲିସ ସହାୟତାରେ ଚଢାଉ କରି ଚୋରିଗାଡି ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି। ଚୋରି ହୋଇଥିବା ପିକଅପ ଭ୍ୟାନ, ବୋଲେରୋ, କାର ଜବତ କରିଛି। ପ୍ରାୟ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି।




ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଶୁକ୍ରବାର ସମ୍ବଲପୁର କଚେରି ଛକଠାରେ ଆଇନଜୀବୀମାନେ ରିଲେ ଅନଶନରେ ବସିଛନ୍ତି।

### ଯୁଯୁମୁରା ବ୍ଲକ୍‌ରେ ଗାଈ ଖାଉଛନ୍ ଛତୁଆ ଘଟନା

# ଯାଁଚ୍ ରିପୋର୍ଟ ଠୁଲାଲେ ବିଭାଗୀୟ ଅଧିକାରୀ

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଗରଭିନି, ପିଲାତି ମହିଲା ଆର ୧ରୁ ୬ ବଛର୍‌ର ପିଲାକୁ ଛତୁଆ ବଁଟା ଯାଉଛେ। ହେଲେ ଇ ଛତୁଆର ମାନ ଅତି ହଲ୍‌କା ଥିବାର ଅଭିଯୋଗ ହେଇଥିଲା। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଡିସେମ୍ବର ୧୨, ଫେବୃୟାରୀ ୬ ତାରିଖ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ବିଭାଗର ନିଦ୍ ଭାଂଗିଛେ। ବିଭାଗ୍‌ର ଦୁଇଝନ୍ ସୁପରଭାଇଜର ଶୁକୁରବାର ଛତୁଆ ତିଆର ହେଉଥିବାର ବ୍ଲକର କବରାପାଲି କେନ୍ଦ୍ରରେ ଚଢ଼ଉ କରି ମାନର ଯାଁଚ୍ କରିଥିଲେ। ଇ ବାବ୍‌ଦେ ଦାଇତିଅରେ ଥିବାର ଏସଏଚଜି ମହିଲାଙ୍କର ସଂଗେ ଆଲୋଚନା କରି ଛତୁଆର ମାନ ଉପରେ ଗୁରୁତ୍ ଦେବାକେ କହିଥିଲେ। ପଛେ ସେମାନେ କେତେ ଗରଭିନି ମହିଲା ଆର ଅଙ୍ଗନୱାଡି ପିଲାକର ଅଭିଭାବକମାନକୁ ଭେଟି ରିପୋର୍ଟ ଠୁଲେଇଛନ୍। ହେଲେ ଇ ତଦଁତ୍‌କେ ନେଇ ଥାନୀୟ ଲୁକ୍‌କର ସଁଧେ ହେଉଛେ। ଛତୁଆ ଲେଖେନ୍ ଖାଏଦ୍ ଯେନ୍‌ଟାକେ ଛୋଟ୍ ଛୁଆ ଆର ଗରଭିନି ମହିଲାମାନେ ଖାଉଛନ୍ ସେତାକେ ହାଲ୍‌କା ହିସାବେ ନେଇ ବିଭାଗୀୟ ତଦଁତ୍ କରବାରଟା ଠିକ୍ ନୁହେ। ଇଥିର ଲାଗି ଗୁଟେ ଖାସ୍ ଟିମ ଗଠନ କରାଯାଉ, ବଁଟା ଯାଇଥିବାର ଛତୁଆ ପ୍ୟାକେଟ ଠୁଲେଇ ଖାଏଦ୍‌ର ମାନ ଯାଁଚ୍ କରୁଥିବାର ସରକାରୀ ଏଜେନ୍ସି କି ଲାବ୍ରୋଟୋରିରେ ସେଟାକେ ଯାଁଚ୍ କରାଯାଉ। ଯେନ୍‌ଥିରେ ସତ୍ କଥାଟା ଧରାପଡ଼ବା ବଲି ସାଧାରନରେ ଦାବି ହେଉଛେ। ଛତୁଆ ତିଆର କରୁଥିବାର ଏସଏଚ୍‌ଜି ସଂଗେ ବିଭାଗୀୟ ଅଧିକାରୀମାନକର ସଲାସୁତ୍‌ରା ରହୁଥିବାର ବି ସାଧାରନରେ ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ଇ ଘଟନାକେ ବିଭାଗ ଦୁଆରା ତଦଁତ୍, ଯାଁଚ୍ କରାଗଲେ ସତ୍ କଥାଟା ନାଇଁ ବାହାରେ ବଲି ଲୋକ୍ ସଁଧେ କରୁଛନ୍।

# ଜିଏମୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର, ୮।୨ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଆଲୋଚନାଚକ୍ର ଅମୃତ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପିଏଚଡି ସ୍କୋଲାର୍ ରାମକୃଷ୍ଣ ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଡ. ଜ୍ୟୋତିପ୍ରକାଶ ଶତପଥି, ଡ. କୃପାସିନ୍ଧୁ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ସ୍ନାତ୍ତକୋତ୍ତର ଓ ଏମଫିଲ୍ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ହରିପାଲ, ଜ୍ଞାନରଞ୍ଜନ ବଳ, ସୁବାଷ ଚନ୍ଦ୍ର ଝାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱବିଦ୍ୟାଳୟ ପରିସରରେ ଆଲୋଚନାଚକ୍ରରେ ବକ୍ତା, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

### ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ

# ସମ୍ବଲପୁର ଏକାଡେମୀ ସେମିଫାଇନାଲରେ



ସମ୍ବଲପୁର ଫୁଟବଲ ଏକାଡେମୀରେ ଅତିଥିଙ୍କ ସହ ଖେଳାଳି।

ସମ୍ବଲପୁର, ୮।୨ (ବ୍ୟୁରୋ)

ଆନ୍ତଃ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀ ୨-୧ ଗୋଲରେ କୋଲକତା ଟିଡି ଏକାଡେମୀକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁର ଫୁଟବଲ ଏକାଡେମୀ ଖେଳ ପଡିଆରେ ଦୁଇ ଦଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ ହୋଇଥିଲା। ରାଧେଶ୍ୟାମ ବାରିକ, ଅଶୋକ ପଣ୍ଡା, ସପନ ମଜୁର୍ଦ୍ଦାର, ନାଉରୀ ନାୟକ, ସଞ୍ଜିତ ମାଝି ଅତିଥି ଭାବେ ଯୋଗଦେଇଥିଲେ।

# ମାଝିପାଲି ହନୁମାନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ

ସମ୍ବଲପୁର, ୮।୨ (ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ନିକଟସ୍ଥ ମାଝିପାଲିରେ ନବନିର୍ମିତ ହନୁମାନ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଆରମ୍ଭ ହୋଇଯାଇଛି। ଗୁରୁବାର ତିଥି ଅନୁସାରେ ମଣ୍ଡଳୀକରଣ, ମଣ୍ଡପ ସାଜସଜ୍ଜା ଓ ଅଙ୍କୁରାରୋପଣ କରାଯାଇଥିଲା। ଶୁକ୍ରବାର ମଙ୍ଗଳାରୋପଣ, କଳସ ଯାତ୍ରା, ବ୍ରାହ୍ମଣ ବରଣ, ମଣ୍ଡପ ପୂଜା, ଆରତୀ–ପୁଷ୍ପାଞ୍ଜଳି କରାଯାଇଛି। ୯ ତାରିଖ ଅଗ୍ନି ସ୍ଥାପନ, ହନୁମାନ ଚାଲିଶା ହୋମ, ଅଷ୍ଟପ୍ରହରୀ ନାମଯଜ୍ଞ, ଅଧିବାସ, ୧୦ରେ ନାମଯଜ୍ଞ ପ୍ରାରମ୍ଭ, ମହାସ୍ନାନ, ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ, ସିଂହାସନ ପୂଜା, ଗୀତା ହୋମ ଆରତୀ, ୧୧ରେ ଚଣ୍ଡୀହୋମ, ରାମ ସହସ୍ରବାଣ, ନାମଯଜ୍ଞ ସମାପନ, ୧୨ରେ ଅଷ୍ଟଶିଳା ପୋତନ, ମନ୍ଦିରରେ ଦେବତା ସ୍ଥାପନ, ପୂର୍ଣ୍ଣାହୂତି ଓ ବିସର୍ଜନ ହେବ। ପ୍ରତିଦିନ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଡା. ବିନୋଦ ବିହାରୀ ନାୟକ, ଆଇନଜୀବି ରତନ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଆଇନଜୀବି ହର୍ଷବର୍ଦ୍ଧନ ଝୁନ୍‌ଝୁନ୍‌ୱାଲା ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।



ସମ୍ବଲପୁର ମାଝିପାଲି ହନୁମାନ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଲାଗି କଳସ ଯାତ୍ରା।

## ଶୁଣୁନି ଦେବଗଡ଼ ଜିଲା ପ୍ରଶାସନ

ଦେବଗଡ,୮।୨(ସ୍ୱ.ପ୍ର.)

୪୦ବର୍ଷ ପରେ ବି ରେଙ୍ଗାଳି ନଦୀବନ୍ଧ ବାସଚ୍ୟୁତ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନି। ରାଜ୍ୟ ସରକାର ଚରମ ଅବହେଳା କରୁଛନ୍ତି। ଏଣୁ କ୍ଷତିଗ୍ରସ୍ତମାନେ ଏହାର ପ୍ରତିବାଦରେ ଗତ ମଙ୍ଗଳବାରଠାରୁ ନେତ୍ରାନନ୍ଦ ସାମଲଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଣଧାରଣାରେ ବସିଛନ୍ତି। ହେଲେ ୪ ଦିନ ହେଲା ଜିଲା ପ୍ରଶାସନ ଶୁଣୁନି। କୌଣସି ଅଧିକାରୀଙ୍କ ଦେଖା ନାହିଁ। ଏଣୁ ଆନ୍ଦୋଳନକାରୀ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଧାନମଣ୍ଡି ବନ୍ଦ ପ୍ରତିବାଦରେ ଚାଷୀଙ୍କ ରାସ୍ତାରୋକୋ

ରିଆମାଳ, ୮।୨(ଡି.ଏନ୍.ଏ.)

ରିଆମାଳ ବ୍ଲକ ଅଧୀନ ତାରଙ୍ଗ ସେବା ସମବାୟ ସମିତିର ଧାନମଣ୍ଡି ବନ୍ଦ ପ୍ରତିବାଦରେ ଶୁକ୍ରବାର ଚାଷୀମାନେ ୨୪ନମ୍ବର ରାଜପଥ ଅବରୋଧ କରିବା ସହ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ସୂଚନାଯୋଗ୍ୟ ତାରଙ୍ଗ ସେବା ସମବାୟ ସମିତି ଧାନ ମଣ୍ଡିରେ ୨୩ହଜାର ୭୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ହେଲେ ସମିତି ପକ୍ଷରୁ ୧୧ ହଜାର ୩୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ପାଖାପାଖି ୪୫ ପ୍ରତିଶତ ଧାନ କ୍ରୟ କରା ନ ଯାଇ ମଣ୍ଡି ବନ୍ଦ କରିଦିଆଯାଇଛି। ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଚାଷୀମାନେ ଗୁରୁବାର ସକାଳୁ ଆନ୍ଦୋଳନ କରିଥିବା ବେଳେ ଶୁକ୍ରବାର ମଧ୍ୟ କୌଣସି ପ୍ରଶାସନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଆନ୍ଦୋଳନ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିବା ବେଳେ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।



ଚାଷୀମାନେ ୨୪ନମ୍ବର ରାଜପଥ ଅବରୋଧ କରିଛନ୍ତି।

# ସଡକ ସୁରକ୍ଷା ସପ୍ତାହରେ ଛାତ୍ରୀଛାତ୍ର ପୁରସ୍କୃତ

ଦେବଗଡ,୮।୨(ସ୍ୱ.ପ୍ର.)

ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ୩୦ତମ ସଡକ ସୁରକ୍ଷା ସପ୍ତାହର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଉତ୍ତରାଞ୍ଚଳ ପରିବହନ କାର୍ଯ୍ୟାଳୟର ଉପାୟୁକ୍ତ ଏ.ବି. ଦତ୍ତ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ କୁମାର ସାହୁ, ଓକିଲ ସଂଘ ସଭାପତି ଦିଲ୍ଲୀପ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସ୍ଲୋଗାନ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜଣେ ଦୁର୍ଘଟଣାଗ୍ରସ୍ତ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଇଥିବା ଇଂ. ଚିତ୍ତରଂଜନ ପ୍ରଧାନଙ୍କୁ ୨ହଜାର ଟଙ୍କାର ଏକ ଚେକ୍ ଏବଂ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରଧାନ କିନ୍ତୁ ଆଉ ୧ ହଜାର ଟଙ୍କା ଦେଇ ମୋଟ ୩ ହଜାର ଟଙ୍କା ରେଡ୍‌କ୍ରସ ପାଣ୍ଠିକୁ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇ ଗାଡି ଚାଳକମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ରକ୍ତଦାନ ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଡ.ମନୋଜ କୁମାର ଉପାଧାୟ ଏବଂ ବ୍ଲଡବ୍ୟାଙ୍କ ଅଧିକାରୀ ଡ.ଅମିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗର ଟେକ୍‌ନିସିଆନମାନେ ସହାୟତା କରିଥିଲେ।




ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ କୁମାର ସାହୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରୁଛନ୍ତି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରୋ

**ସଂକ୍ଷେପରେ**

## ଧର୍ମାନନ୍ଦ ହେଲେ ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି

**ଭୁବନେଶ୍ୱର(ବ୍ୟୁରୋ)/ କାମାକ୍ଷାନଗର (ଡି.ଏନ୍.ଏମ.), ୮।୨:** ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସିର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ ବିଜେଡି ନେତା ଧର୍ମାନନ୍ଦ ପରିଡ଼ାଙ୍କୁ ଜିଲା ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ଦଳର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବରିଷ୍ଠ ବିଜେଡି ନେତା ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡ ପରେ ଏହି ପଦବୀ ଖାଲି ପଡ଼ିଥିଲା। ଧର୍ମାନନ୍ଦ ହେଉଛନ୍ତି ଯଶୋବନ୍ତଙ୍କ ସାନ ଭାଇ। ଜିଲା ଯୁବ ବିଜେଡି ସଭାପତି ପଦ ମିଳିବା ପରେ ଧର୍ମାନନ୍ଦ ନିଜ ପ୍ରତିକ୍ରିୟାରେ କୁହନ୍ତି, ଯୁବଗୋଷ୍ଠୀଙ୍କୁ ଏକାଠି କରିବା, ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଠାଣ କରିବା ଏବଂ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ଉଦ୍ୟମ କରିବେ।

# ଫୁସ୍କିଗଲା କାଳିଆ: ନରସିଂହ

ଭୁବନେଶ୍ୱର,୮।୨(ବ୍ୟୁରୋ)

କାଳିଆ, ପିଠା ଯୋଜନା କରି ରାଜ୍ୟ ସରକାର ଚାଷୀଙ୍କୁ ଭେଳିକି ଦେଖାଉଛନ୍ତି। ଭାଗଚାଷୀ, ନାମମାତ୍ର ଚାଷୀ, ଭୂମିହୀନ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହାନ୍ତି। କେଉଁ ଆଧାରରେ କାଳିଆ ଯୋଜନାରେ ସରକାର ଆକାଉଣ୍ଟକୁ ଟଙ୍କା ପଠାଉଛନ୍ତି। ଉକ୍ତ ଟଙ୍କା ବିଜେଡି କର୍ମୀଙ୍କ ପକେଟକୁ ଯାଉଛି। ଗରିବ ଚାଷୀ ଏହାର ଫାଇଦା ପାଇପାରୁନାହିଁ। ଭୋଟ କିଣିବା ପାଇଁ ପରୋକ୍ଷରେ ଏଭଳି କାର୍‌ସାଦି କରାଯାଇଛି। ଏହି ଯୋଜନାର ଲାଭ ପାଇବାକୁ ସରକାର ଯେଉଁ ଉଦ୍ୟମ କରିଥିଲେ, କଂଗ୍ରେସର ଋଣଛାଡ଼ ଓ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି ଘୋଷଣା ପରେ ତାହା ଫୁସ୍କି ଯାଇଛି। ଗୋଟିଏ କୁଇଣ୍ଟାଲ ଧାନ ଅମଳ କରିବାକୁ ଚାଷୀଙ୍କର ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି ବୋଲି ସରକାର ହିସାବ ଦେଇଛନ୍ତି। ଚାଷୀ ଧାନ ବିକିଲା ବେଳେ ଏମ୍ଏସ୍‌ପି ମିଳୁଛି ମାତ୍ର ୧୭୫୦ ଟଙ୍କା। ଖର୍ଚ୍ଚକୁ ହିସାବକୁ ନେଲେ ୬୦୦ ଟଙ୍କା ପ୍ରତି କୁଇଣ୍ଟାଲରେ କ୍ଷତି ହେଉଛି। ଅର୍ଥାତ୍ ପ୍ରତି ଏକର ପିଛା ଧାନ ଚାଷ ପାଇଁ ଚାଷୀଙ୍କର ୧୨ ହଜାର ଟଙ୍କା କ୍ଷତି ହେଉଛି। କାଳିଆ ଯୋଜନାରେ ରାଜ୍ୟ ସରକାର ୫ ହଜାର ଟଙ୍କା ଦେଉଛନ୍ତି। ଆହୁରି ୭ ହଜାର ଟଙ୍କା କିଏ ଦେବ। ଛତିଶଗଡ଼ର କଂଗ୍ରେସ ସରକାର ଚାଷୀଙ୍କୁ ଋଣଛାଡ଼ କରିବା ସହ ଧାନ କୁଇଣ୍ଟାଲ ପିଛା ଏମ୍ଏସ୍‌ପି ୨୫୦୦ ଟଙ୍କା ଦେଉଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ୪ ମାସିଆ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଉପରେ ଏଭଳି ବର୍ଷିଛନ୍ତି।

**ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା**

ନରସିଂହ କହିଛନ୍ତି ଯେ, ଚାଷଜମିକୁ ଜଳସେଚନ କେବଳ କାଗଜ କଲମରେ ଚାଲିଛି। ଗତ ୫ ବର୍ଷ ଧରି ସରକାର ତାହା ମିଛ କହିଚାଲିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଲୋକମାନେ ବିରୋଧ କରୁଥିବା ବେଳେ କାର୍ଯ୍ୟ ଚାଲୁଥିଲା। ଲୋକମାନେ ସମର୍ଥନ କରିବା ବେଳେ ତାହା ବନ୍ଦ ରହିଛି। ଯେଉଁଠି ଜଳସେଚନ ପ୍ରକଳ୍ପ କରାଯାଇଛି ସେଠାରେ ୭୫ ଭାଗ ଜମିକୁ ପାଣି ମାଡୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡିଛି। ପିଲାଙ୍କ ଡ୍ରେସ୍ କିଣାରେ ଦୁର୍ନୀତି ଭରି ରହିଛି। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ନରସିଂହ କହିଲେ ଯେ, ଭାଜପା ପରିଚାଳିତ କେନ୍ଦ୍ରର ଏନ୍‌ଡିଏ ସରକାର ୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ସୁପ୍ରିମ୍‌କୋର୍ଟ ବିଚାରପତି ଖବରଦାତା ସମ୍ମିଳନୀରେ ଗଣତନ୍ତ୍ର ବିପଦରେ ଥିବା କଥା କହିଲେ। ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ ପଡିଲା। ସିବିଆଇର ଦୁଇ ବରିଷ୍ଠ ଅଫିସରଙ୍କ ଝଗଡ଼ା କେନ୍ଦ୍ରର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ୫ ବର୍ଷରେ ୧୦ କୋଟି ନିଯୁକ୍ତି ଦେବା କଥା। ଭୋଟ ପାଇବା ପାଇଁ ଲୋକମାନଙ୍କୁ ତାହା ମିଛ କହିଛନ୍ତି। ଲୋକେ ମଧ ଏହାର ଜବାବ ଦେବା ଆରମ୍ଭ କରିଛନ୍ତି, ଯାହାର ପ୍ରତିଫଳନ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଦେଖିବାକୁ ମିଳିଛି ବୋଲି ନରସିଂହ କହିଛନ୍ତି।

ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି ଯେ, ସାରା ଦେଶରେ ରାଜନୀତିରେ ଆରୋପ-ପ୍ରତ୍ୟାରୋପର ଘଟଣା ଦେଖିବାକୁ ମିଳୁଛି। ରାଜନୈତିକ ଶୀର୍ଷ ବ୍ୟକ୍ତିମାନେ ଶାଳୀନତା ରକ୍ଷା କରୁନାହାନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଶାଳୀନତା ରକ୍ଷା କରିବା ସହ ବିକାଶମୁଖୀ ରାଜନୀତି କରୁଛନ୍ତି। କେନ୍ଦ୍ର ସରକାର ସମ୍ବିଧାନକୁ ଅଣଦେଖା କରି ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ରାଜ୍ୟ ସରକାର ୪ ମାସ ପାଇଁ ଲେଖାନୁଦାନ ଆଗତ କରିଛନ୍ତି। କେନ୍ଦ୍ର ସରକାର ପ୍ରଥମେ କାଳିଆ ଯୋଜନାକୁ ସମାଲୋଚନା କରିଥିଲେ, ହେଲେ ପରବର୍ତ୍ତୀ ସମୟରେ ସେହି ପ୍ରକାର ଯୋଜନା ଘୋଷଣା କଲେ। ପୂର୍ବରୁ ମମତା ଯୋଜନାକୁ ମଧ ଓଡ଼ିଶାରୁ ପ୍ରେରଣା ନିଆଯାଇଥିବା ଅରୁଣ କହିଛନ୍ତି। ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ପ୍ରଭାକରନ ଖଣି କମ୍ପାନୀ ଏବଂ ବେଦାନ୍ତ ଭଳି କମ୍ପାନୀକୁ ଫାଇଦା ଦେବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ମଣ୍ଡିରେ ଧାନ ପଡ଼ିରହୁଛି, ହେଲେ ମଣ୍ଡି ଖୋଲୁନାହିଁ। ଅସାଧୁ ମିଲରମାନେ ଶାସକ ଦଳକୁ ଚାନ୍ଦା ଦେଇ ଚାଷୀଙ୍କୁ ଲୁଟ୍ କରୁଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଗ୍ରାମରକ୍ଷୀ, ଜିଆରଏସ୍‌ମାନଙ୍କ ଦୁଃଖ ସରକାର ବୁଝୁନାହାନ୍ତି। କୃଷିଋଣ ଛାଡ଼ କରାଯାଉ। କୋରାପୁଟ ଜିଲାରେ ଏଲ୍ ଆଣ୍ଡ ଟି କମ୍ପାନୀକୁ ଦିଆଯାଇଥିବା ୨ଟି ଖଣି ଲିଜ୍ ବାତିଲ କରାଯାଉ।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରର ଏକ ମନ**
**ଚୋରିଗଲା ଲୋକର ସହସ୍ର ମନ ।**

ଚୋରର ମନ ସବୁବେଳେ ଚୋରି କରିବା ପାଇଁ ଫନ୍ଦିଫିକର ଖୋଜୁଥାଏ। ଅନ୍ଧାର ରାତିରେ ଚୋରି କରିବାକୁ ସହଜ ହେଉଥିବା ସ୍ଥଳେ ଟିକିଏ ସୁବିଧା ମିଳିଲେ ଚୋରି କରିବାରେ ପଛଘୁଞ୍ଚା ଦେଇ ନ ଥାଏ। ସେହିପରି ଯାହାର ଚୋରି ହୋଇଥାଏ ସେ ବହୁଲୋକଙ୍କୁ ଅଯଥାରେ ସନ୍ଦେହ କରିଥାଏ। କିଏ ନେଲା, କେମିତି ନେଲା, ଏପରିକି ଚୋରି ଯାଇଥିବା ଜିନିଷ କେମିତି ଫେରିପାଇବ ସେ ନେଇ ମନର ବ୍ୟସ୍ତତା ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଳକୁ ସୁନ୍ଦର ନଡ଼ା ଛପର**
**ଘରକୁ ସୁନ୍ଦର ଘରଣୀ ସାର ।**

ନଡ଼ାରେ ଛାଉଣି କରାଯାଇଥିବା ଘର ଆଖିକୁ ସୁନ୍ଦର ଦିଶିଥାଏ। ଗୃହିଣୀ ବିନା ଗୃହସ୍ଥାଶ୍ରମ ଶ୍ମଶାନ ସଦୃଶ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ବିଜେଡି ବିଧାୟକମାନେ କେନ୍ଦ୍ର ସରକାରଙ୍କ ନିଯୁକ୍ତି ପ୍ରତିଶ୍ରୁତି ପାଳନ ବିଫଳତା ବିରୋଧରେ ରାଜ୍ୟପାଳଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଚାଷୀ, ନିଯୁକ୍ତି ପ୍ରସଙ୍ଗକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୮।୨(ବ୍ୟୁରୋ):**

ଚାଷୀଙ୍କୁ ଋଣଛାଡ, ଏମଏସପି ବୃଦ୍ଧି, ଚିଟ୍‌ଫଣ୍ଡ ଏବଂ ବେକାରି ସମସ୍ୟାକୁ ନେଇ ଦୁଇଦିନ ବିଧାନସଭା ଅଚଳ ହେବା ପରେ ଶୁକ୍ରବାର ମଧ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ଉଭୟ ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ମାତ୍ର ୧ ମିନିଟ ପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ। ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ସମେତ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହକୁ ମାଡି ଆସି ଚାଷୀ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଅଡି ବସିଥିଲେ। ଅନ୍ୟ ପକ୍ଷରେ ବିରୋଧୀଙ୍କୁ ମୁକାବିଲା କରିବାକୁ ଶାସକ ଦଳ ନିଯୁକ୍ତିକୁ ମୁଖ୍ୟ ଅସ୍ତ୍ର କରିଥିଲା। ଶାସକ ସଭ୍ୟମାନେ ନିଜ ଆସନରେ ଛିଡା ହୋଇ ନିଯୁକ୍ତି ପ୍ରସଙ୍ଗକୁନେଇ କେନ୍ଦ୍ର ବିରୋଧରେ ନାରାବାଜି କରିଥିଲେ। ବିରୋଧୀ ଏବଂ ଶାସକଙ୍କ ହଟ୍ଟଗୋଳ ମଧରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ୯୩ ନମ୍ବର ପ୍ରଶ୍ନର ଉତ୍ତର ପଢିବାକୁ କ୍ରୀଡା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରାଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢିବା ମାତ୍ରେ ବାଚସ୍ପତି ହଟ୍ଟଗୋଳକୁ ଦେଖି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ବନ୍ଦ କରି ଦେଇଥିଲେ। ବିଜେଡି ସଭ୍ୟମାନେ କେନ୍ଦ୍ର ସରକାର ବର୍ଷକୁ ଦୁଇକୋଟି ନିଯୁକ୍ତି ଦେବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାକୁ ବିରୋଧ କରି ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସଦସ୍ୟମାନେ ଏକ ଶୋଭାଯାତ୍ରାରେ ରାଜଭବନ ଯାଇ କେନ୍ଦ୍ର ବିରୋଧରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକୁ ଦୁଇଟି ପର୍ଯ୍ୟାୟରେ ୧୨ଟା ୨୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ହୋଇଥିଲା।

ବଜେଟକୁ ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ଚାଷୀଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ଅସମ୍ଭବ: ପଞ୍ଚାନନ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ଜିଏସ୍‌ଟି କାଉନସିଲ୍ ଦ୍ୱାରା ଗଠିତ ମନ୍ତ୍ରିଗୋଷ୍ଠୀ ରିୟଲ ଇଷ୍ଟେଟ କ୍ଷେତ୍ରକୁ ଗତିଶୀଳ କରିବା ଲାଗି ଜିଏସ୍‌ଟି ହ୍ରାସ ସପକ୍ଷରେ ମତପ୍ରକାଶ କରିଛି। ନିର୍ମାଣାଧୀନ ଆବାସିକ ଘର ଉପରେ ଜିଏସ୍‌ଟିକୁ ୧୨ରୁ ୫%କୁ ଏବଂ ଶସ୍ତା ଘର କ୍ଷେତ୍ରରେ ୮ରୁ ୩% ଜିଏସ୍‌ଟି ଆଦାୟ କରାଯିବା ଉପରେ ଏହା ଜୋର୍ ଦେଇଛି।

ସୂଚନାଥାଉ କି, ରିୟଲ ଇଷ୍ଟେଟ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧା ଏବଂ ଆହ୍ୱାନ ସମ୍ପର୍କରେ ଜାଣିବା ଲାଗି ଜିଏସ୍‌ଟି କାଉନସିଲ ପକ୍ଷରୁ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲଙ୍କ ଅଧକ୍ଷତାରେ ଗତ ମାସରେ ଏକ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଥିଲା। ଶୁକ୍ରବାର ଏହାର ପ୍ରଥମ ବୈଠକ ବସିଥିଲା। ଜଣେ ଅଧିକାରୀଙ୍କ କହିବାନୁଯାୟୀ ମନ୍ତ୍ରିଗୋଷ୍ଠୀ ସପ୍ତାହକ



ମଧ୍ୟରେ ନିଜର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବ ଏବଂ କାଉନସିଲର ପରବର୍ତ୍ତୀ ବୈଠକରେ ଏହାକୁ ଉପସ୍ଥାପନ କରିବ। ସେ କହିଛନ୍ତି ଯେ, ବିନା ଇନପୁଟ ଟ୍ୟାକ୍ସ କ୍ରେଡିଟରେ ଆବାସିକ ଘର ପାଇଁ ଜିଏସ୍‌ଟିକୁ ୫% ଏବଂ ଶସ୍ତା ଘର ପାଇଁ ୩% କରିବାକୁ ମନ୍ତ୍ରିଗୋଷ୍ଠୀ ବିଚାର କରିଛି। ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ରିପୋର୍ଟରେ ସୁପାରିସ କରାଯିବ। ବର୍ତ୍ତମାନ ନିର୍ମାଣାଧୀନ ଏଭଳି ଆବାସ ଉପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପ୍ରମାଣପତ୍ର ନ ଦେଲେ ଏହା ଉପରେ ୧୨% ଜିଏସ୍‌ଟି ଆଦାୟ ହେଉଛି। ପୂର୍ବରୁ ଏଭଳି ସମ୍ପତ୍ତି ଉପରେ ୧୫ରୁ ୧୮ ପ୍ରତିଶତ ଟିକସ ଆଦାୟ ହେଉଥିଲା। ତେବେ ବିକ୍ରି ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ପ୍ରମାଣପତ୍ର ଜାରି ହୋଇଥିଲେ,କ୍ରେତାଙ୍କ ଉପରେ ଜିଏସ୍‌ଟି ଲାଗୁ କରାଯାଇ ନ ଥାଏ। ଉଲ୍ଲେଖଥାଉ କି, ଜିଏସଟି ଲାଗୁ ହେବା ପରେ ବିଲ୍ଡରମାନେ ସମ୍ପତ୍ତିର ଦାମକୁ କମାଇ ଗ୍ରାହକଙ୍କୁ ଇନପୁଟ ଟ୍ୟାକ୍ସ କ୍ରେଡିଟ ଲାଭ ଦେଉ ନ ଥିବାର ଅଭିଯୋଗ ଆସିଛି। ମନ୍ତ୍ରିଗୋଷ୍ଠୀରେ ମହାରାଷ୍ଟ୍ର, କର୍ନାଟକ, କେରଳ, ପଞ୍ଜାବ ଓ ଉତ୍ତରପ୍ରଦେଶର ଅର୍ଥମନ୍ତ୍ରୀ ତଥା ଗୋଆର ପଞ୍ଚାୟତିରାଜ ମନ୍ତ୍ରୀ ମାଓବିନ ଗୋଦିନହୋ ସାମିଲ ହୋଇଛନ୍ତି।

# ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ସିବି ୩୦୦ ଆର୍ ବଜାରରେ



**ଭୁବନେଶ୍ୱର,୮-୨**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ବଜାରକୁ ଆସିଛି ନୂଆ ସିବି ୩୦୦ ଆର୍ ମଡେଲ। ଏହାଦ୍ୱାରା କମ୍ପାନୀ ମଧ୍ୟମ ଓଜନ ରେଞ୍ଜ ବଜାରରେ ପ୍ରବେଶ କରିଛି। ନିଓ ସ୍ପୋର୍ଟସ କାଫେ ବର୍ଗରେ ଏହା କମ୍ପାନୀର ଦ୍ୱିତୀୟ ପ୍ରଡକ୍ଟ। ଏଥିରେ ୨୮୬ ସିସି ଲିକ୍ୱିଡ କୁଲ୍‌ଡ ପିଏମ୍‌ଜି-ଏଫ୍‌ଆଇ ଇଞ୍ଜିନ ରହିଛି। ଆଇଏମ୍‌ୟୁ ଭିତ୍ତିକ ୯-ଚ୍ୟାନେଲ ଏବିଏସ୍ ଏଥିରେ ସ୍ଥାନିତ ରହିଛି। ମଡେଲଟିରେ ଫୁଲ ଏଲ୍‌ଇଡି ଲାଇଟ ଇଣ୍ଡିକେଟର ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ ଡିସ୍ପଲେ, ରବର ମାଉଣ୍ଟେଡ ଷ୍ଟିଲ ହ୍ୟାଣ୍ଡେଲ ରହିଛି। ଏହା ଦେଶର ୨୨ଟି ବଛା ବଛା ଡିଲରଶିପରେ ଉପଲବ୍ଧ ହେଉଥିବା ବେଳେ ଓଡ଼ିଶାର ପିଜିଏଲ୍ ରାମଜୀ ମୋଟର୍ସଠାରେ ଗ୍ରାହକମାନେ ଏହି ବାଇକ ପାଇପାରିବେ। ମଧ୍ୟମ ଓଜନ ବର୍ଗରେ ନୂଆ ବାଇକକୁ ଉନ୍ମୋଚନ କରି ଆମେ ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିଶ୍ରୁତିକୁ ପାଳନ କରିଛୁ ବୋଲି ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆର ସଭାପତି ତଥା ସିଇଓ ମିନୋରୋ କାଟୋ ସୂଚନା ଦେଇଛନ୍ତି। ଏଥିରେ ହୋଣ୍ଡା ବ୍ରାଣ୍ଡର ଇଞ୍ଜିନିୟରିଂ ଶକ୍ତି, ଡିଜାଇନ ଦର୍ଶନ ଏବଂ ଉଚ୍ଚମାନର ଶ୍ରେଷ୍ଠ ଉପସ୍ଥାପନ ଗ୍ରାହକ ପାଇପାରିବେ ବୋଲି ସେ କହିଛନ୍ତି। ନୂଆ ମଡେଲଟି କ୍ଲାସିସ ରୋଡଷ୍ଟର ଡିଜାଇନର ଆଧୁନିକ ରୂପ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା କହିଛନ୍ତି।

# ନୂଆ ଟାଟା ହାରିୟର ଉନ୍ମୋଚିତ




**ଭୁବନେଶ୍ୱର,୮-୨**

ଟାଟା ମୋଟର୍ସ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଏସ୍‌ୟୁଭି ମଡେଲ ନୂଆ ହାରିୟର ବରମୁଣ୍ଡାସ୍ଥିତ 'ତୃପ୍ତି ମୋଟର୍ସ'ଠାରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ରାଜ ଭଞ୍ଜ, ବରିଷ୍ଠ ପ୍ରବନ୍ଧକ ରୂପେନ୍ଦ୍ର କୁମାର, ଡିଲର ପ୍ରିନ୍ସପାଲ ସୁଭେନ୍ଦୁ ମହାନ୍ତି, ତୃପ୍ତି ଗ୍ରୁପର ସିଇଓ ଶ୍ରୀକାନ୍ତ ମିଶ୍ର ଉପସ୍ଥିତ ରହି ଏହାର ବଜାର ପ୍ରବେଶ କରାଇଥିଲେ। ଏସ୍‌ୟୁଭି ବର୍ଗରେ ଏହା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି ଶିଶିର ଶ୍ରୀବାସ୍ତବ କହିଛନ୍ତି। ଏହାକୁ ଜାଗୁଆରର ପ୍ରେରଣା ସହ ଭିନ୍ନ ଟେକ୍ନୋଲୋଜିରେ ପ୍ରସ୍ତୁତ କରାଯାଇଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି ସେ କହିଛନ୍ତି। ଏହି ମଡେଲଟିର ମୂଲ୍ୟ ୧୨.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କୁ ଭାଲ୍ୟୁ ଫର ମନି ପ୍ରସଙ୍ଗକୁ ନଜରରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ୟାଲିପ୍ସୋ କପର, ଅର୍କସ ହ୍ୱାଇଟ, ଟେଲେସ୍କୋ ଗ୍ରେ, ଏରିଏଲ ସିଲଭର, ଥର୍ମିସ୍ତୋ ଗ୍ଲୋଡ ଭଳି ରଙ୍ଗରେ ଉପଲବ୍ଧ। ଏଥିରେ କ୍ରିଟୋଟେକ ୨.୦ ଲିଟର ଟର୍ବୋ ଚାର୍ଜଡ ଇଞ୍ଜିନ, ଡିଜେଲ ବିଏସ୍-୪, ୧୯୫୬ ସିସି ଇଞ୍ଜିନ, ଇନଲାଇନ ୪ ସିଲିଣ୍ଡର, ୬ସ୍ପିଡ ମାନୁଆଲ ଟ୍ରାନ୍ସମିଶନ, ୫୦ ଲିଟରର ଫୁଏଲ ଟ୍ୟାଙ୍କ, ୪୨୫ ଲିଟରର ବୁଟ ସ୍ପେଶ, ୫ ସିଟର କ୍ଷମତା ସହ ଆସୁଛି। ସେହିଭଳି କମ୍ପାନୀ ଏଥିରେ ଇମ୍ପାକ୍ଟ ଡିଜାଇନ ୨.୦ ପ୍ରଦାନ କରିଛି। ଲୁକ୍ସ କ୍ଷେତ୍ରରେ ଏହାକୁ ବେଶ୍ ଆକର୍ଷକ କରାଯାଇଛି।

# ପିଏମ୍-କିଷାନ ସମ୍ମାନ ନିଧି ପୋର୍ଟାଲ ଉନ୍ମୋଚିତ

**୨୬ ପରେ ୱେବ୍‌ସାଇଟ୍‌ରେ ଦେଖିହେବ ନିଜ ନାମ**

**ନୂଆଦିଲ୍ଲୀ,୮-୨**

କେନ୍ଦ୍ର ସରକାର ଚାଷୀଙ୍କୁ ବାର୍ଷିକ ୬ ହଜାର ଆର୍ଥିକ ସହାୟତା ଦେବାକୁ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଘୋଷଣା କରିଛନ୍ତି। ପ୍ରଥମ କିସ୍ତି ମାର୍ଚ୍ଚ ସୁଦ୍ଧା ମିଳିଯିବ। ଏ ସଂକ୍ରାନ୍ତରେ ଏକ ପୋର୍ଟାଲ ଏଚଟିଟିପି://ପିଏମ୍‌କିଷାନ.ଏନଆଇସି.ଇନର ଶୁଭାରମ୍ଭ କରାଯାଇଛି। ଚାଷୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ରାଜ୍ୟ ସରକାରଗୁଡ଼ିକୁ କୁହାଯାଇଛି। ନାମ ଦାଖଲ ଲାଗି ଫେବୃଆରୀ ୨୫ ଶେଷ ଦିନ ଧାର୍ଯ୍ୟ କରାଯାଇଛି। ୨୬ତାରିଖରୁ ଚାଷୀମାନେ ନିଜ ନାମକୁ ପୋର୍ଟାଲରେ




ଯାଞ୍ଚ କରିପାରିବେ। ଫେବୃଆରୀ ୨୮ରୁ ଆର୍ଥିକ ସହାୟତା ବ୍ୟାଙ୍କ ଆକାଉଣ୍ଟରେ ପଠାଯିବା କାର୍ଯ୍ୟ ଆରମ୍ଭ ହେବ। ମାର୍ଚ୍ଚ ୩୧ ସୁଦ୍ଧା ପ୍ରଥମ କିସ୍ତି ଅର୍ଥ ସହାୟତା ପ୍ରଦାନ ଶେଷ ହେବ। ଏହି ଯୋଜନାକୁ ୨୦୧୮ ଡିସେମ୍ବର ପହିଲାରୁ ଲାଗୁ କରାଯାଇଛି।

# ଓଏଫ୍‌ଏସ୍ ଲାଗି ବଣିକରେ ସ୍ୱତନ୍ତ୍ର କୋଚିଂ

**ଭୁବନେଶ୍ୱର,୮-୨**

VANIK VANIK-IAS Exclusive Coaching for UPSC/OPSC/PSC

ଓଡ଼ିଶା ବନ ସେବା (ଓଏଫ୍‌ଏସ୍) କୋଚିଂ ଲାଗି ପ୍ରମୁଖ କୋଚିଂ ପ୍ରତିଷ୍ଠାନ 'ବଣିକ'ରେ ସ୍ୱତନ୍ତ୍ର ଆରମ୍ଭ ହେବ। ଚଳିତ ମାସ ୧୧ରୁ ସକାଳ ଏବଂ ସନ୍ଧ୍ୟାରେ ଏଥି ଲାଗି ନୂଆ ବ୍ୟାଚ୍ ଶୁଭାରମ୍ଭ ହେବ। ସର୍ବଭାରତୀୟ ତଥା ରାଜ୍ୟ ସ୍ତରର ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ପ୍ରତିଷ୍ଠାନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ବଣିକ ଆଇଏଏସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଛାଟୋଇ ସୂଚନା ଦେଇଛନ୍ତି। ଶିକ୍ଷାଦାନ ଲାଗି ଶ୍ରେଷ୍ଠ ପ୍ରଶିକ୍ଷକ, ଷ୍ଟଡି ମ୍ୟାଟେରିଆଲ, ପ୍ରଶ୍ନାବଳୀ, ମାସିକ ପତ୍ରିକା ଏବଂ ଭିଡିଓ ଭିତ୍ତିଭୂମି ଦିଆଯାଉଥିବା ଛାଟୋଇ କହିଛନ୍ତି। ପ୍ରମୋଦ ପାଢୀଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ୫୦ରୁ ଉର୍ଦ୍ଧ୍ୱ ମେଣ୍ଟର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଲାଗି ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ୨୦୧୫ ବନସେବା ପରୀକ୍ଷାରେ ପ୍ରତିଷ୍ଠାନର ଛାତ୍ର ପ୍ରଥମସ୍ଥାନ ହାସଲ କରିବା ସହ ମୋଟ ୧୨ ଛାତ୍ରୀଛାତ୍ର ସଫଳ ହୋଇଥିଲେ। ଛାତ୍ରୀଛାତ୍ରଙ୍କୁ ଓଏଫ୍‌ଏସ୍ କୌଶଳ ସମ୍ପର୍କରେ ସଚେତନ କରାଇବା ଲାଗି ଫେବୃଆରୀ ୯ (ଶନିବାର) ପୂର୍ବାହ୍ନ ୧୧ଟା ସମୟରେ ଏକ ସେମିନାର ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

# ପିଏନ୍‌ବିର ନେଟ୍ ଲାଭରେ ଉନ୍ନତି

**ଭୁବନେଶ୍ୱର,୮-୨:** ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୨୪୬.୫୧ କୋଟି ଟଙ୍କା ନେଟ୍ ଲାଭ କରିବାକୁ ସକ୍ଷମ ହୋଇଛି। ଗତ ବର୍ଷ ସମାନ ସମୟରେ ଏହା ୨୩୦ କୋଟି ଟଙ୍କା ରହିଥିଲା। ବ୍ୟାଙ୍କ ନେଟ ସୁଧ ଆୟ କ୍ଷେତ୍ରରେ ୮% ଅଭିବୃଦ୍ଧି ହାସଲ କରିବା ସହ ୪,୨୯୦ କୋଟି ଟଙ୍କା ଲାଭ ହାସଲ କରିଛି। ବ୍ୟାଙ୍କର ମୋଟ ଏନପିଏ ହ୍ରାସ ଘଟି ୭୭,୭୩୩ କୋଟି ଟଙ୍କା ରହିଥିବା ଏହା ସୂଚନା ଦେଇଛି।

**BRAHMAPUR DEVELOPMENT AUTHORITY**
Court road, Courtpeta, Brahmapur, Ganjam, Odisha PIN- 760004,
www.bdabrahmapur.in, e-mail: bda.brahmapur311@gmail.com, Phone No- 0680 2292797

NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB) No.36/BeDA(Engg.), Dt.08.02.2019

| Sl. No. | Name of Work | Bid Identification No | Estimated Cost (Rs.) | Class of Contractor | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1. | Development of Park at Gopalpur-on-Sea, Ganjam | EM-BeDA-31/2018-19 | 7318543/- | "B" & "A" | 6 (Six) Calendar Months | 09.02.19 11Hours | 02.03.19 17Hours | Engineer Member, Brahmapur Development Authority, Courtpeta Brahmapur-760004. |
| 2. | Internal Electrification of Chatrapur Market Complex, Chatrapur. | EM-BeDA-32/2018-19 | 5911744/- | LT & HT Electrical Contractor | 6 (Six) Calendar Months | 09.02.19 11Hours | 02.03.19 17Hours | |
| 3. | Design, Construction of Fire exit (M/S Stair Case) at Administrative Building of Brahmapur Development Authority, Brahmapur | EM-BeDA-33/2018-19 | 889300/- | Regd. Firm only | 4 (four) Calendar Months | 09.02.19 11Hours | 25.02.19 17Hours | |

●Corrigendum and addenda shall be published in official website only. ●The Bidder shall have to participate in ONLINE bidding process only. ●Tender shall be opened online on Dt.06.03.2019 at 11 Hour for ID No.EM-BeDA-31/2018-19 & ID No.EM-BeDA-32/2018-19 ●Tender shall be opened online on Dt.26.02.2019 at 11 Hour for ID No.EM-BeDA-33/2018-19. ●The intending bidders willing to participate in the tender should get registered themselves in CDMS available at www.cdmsorissa.gov.in. ●Further details can be seen from the e-Procurement portal www.tendersorissa.gov.in and www.bdabrahmapur.in.
Engineer Member

**OFFICE OF THE EXECUTIVE ENGINEER POTTERU IRRIGATION DIVISION, BALIMELA**
No.1243-A
e-mail id : eepid78@gmail.com
**e-procurement Notice No.- EE- PID- BML- 03/2018-19**

1. Type of works :- System Improvements works.
2. Total No. of works :- Fourteen (14) Nos.
3. Estimated Cost :- Varies from 10.67 lakh to 44.03 lakh
4. Period of Completion :- 90 (Ninety) days

| Procurement Officer | Bid Identification No. | Bid Amount in Lakhs Rs. | Availability & Submission of Bids online. |
|---|---|---|---|
| Executive Engineer, Potteru Irrigation Division, Balimela, Malkangiri | EE-PID-BML- 27/2018-19 to EE-PID-BML-40/2018-19 | Varies from 10.67 lakh to 44.03 lakh | From 15.02.2019 10.00 AM. to 25.02.2019 5.00 PM. |

Date of opening of the Tender / Bid :-26.02.2019 at 11.30 AM.
Further details can be seen from the Govt. website www.tendersorissa.gov.in
Sd./- Executive Engineer
Potteru Irrigation Division, Balimela
32052/11/0006/1819

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Office of the Sr. General Manager (Construction), Zonal - I
Technical Building, 1st Floor, Bhoinagar, Bhubaneswar-751 022
Tel. : 0674 - 2546353, E-mail : sgm.con1.bbs@optcl.co.in, CIN : U40102OR2004SGC007553

No. : Sr. GM (TP&C)/Publication/Gaz/08/(Vol.IV)/314 Dated : 08.02.2019

**NOTIFICATION**

In accordance with Section - 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha, Order No. : R&R-II-10/2006/2353, dt. 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar - 751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount (₹) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of 220 kV LILO from one circuit from Loc. No. 554, 555, 556 & 557 of existing 220 kV Therubali - Narendrapur DC line to 220/132/33 kV Grid Sub Station, Aska (U/S). | **Tahasil : DIGAPAHANDI** **R.I. Circle : Digapahandi** **Revenue Village :** Bhakta Padmanavapur, Digapahandi, Ankuroda **Tahasil : SANAKHEMUNDI** **R.I. Circle : Patapur** **Revenue village :** Chakrapur, Chudangapur, Sahasapur, Magura Ambatha, Kalasandhapur, Osta Jagannathpur **R.I. Circle : Khilingi** **Revenue Village :** Biswanathpur **R.I. Circle : Kunkarada** **Revenue Village :** Patharapunji **R.I. Circle : Srichandanpur** **Revenue Village** : Ramachandrapur **Tahasil : SERAGADA** **R.I. Circle : Dhabalapur** **Revenue Village** : Andirasingh, Krushna Chhai, Takarada, Sagarapalli, Bhusunda **R.I. Circle : Seragada** **Revenue Village** : Ramakrushnapur, Kirtipur, Seragada **R.I. Circle : Dhinkisala** **Revenue Village :** Padmapur, Badagada, Dasamundali, Kula Gada **Tahasil : DHARAKOTE** **R.I. Circle : Dhaugaon** **Revenue Village :** Sunamahi, Bahadaguda, Dhaugan, Kama Sasan, Pankala Badi. **Tahasil : ASKA** **R.I. Circle : Aska** **Revenue Village :** Tumbathengapalli, Sunamba, Chadia Palli, Aska NAC, Debabhumi, Season 1941-42, Gabanala **R.I. Circle : Gunthapada** **Revenue Village :** Nirala, Balichhai, Risipur **R.I. Circle : Bhetnai** **Revenue Village :** Ataranga, Maharajapur, Sidhanai, Bhetanai | ₹37.21 Crore | D.G.M. (Elec.), EHT (C) Division, Berhampur | This will facilitate the un-interrupted power supply to the villages' covers under the Tahasils of of Digapahandi, Sanakhemundi, Seragada, Dharakote, Aska & overall development of Odisha State in general. |

CHIEF GENERAL MANAGER (CONSTN.), Zone - I

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**
ରେ: ନଂ: ୫୧/ ଏସ୍.ଏମ୍. ତା ୨୬।୦୬।୧୯୫୬
ବିଜ୍ଞପ୍ତି ସଂଖ୍ୟା: ୭୦୬୪ ତାରିଖ: ୦୬।୦୨।୨୦୧୯

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୦ତମ ବାର୍ଷିକ ସାଧାରଣ ସଭା ଆସନ୍ତା **ତା ୨୭।୦୨।୨୦୧୯ (ବୁଧବାର)** ପୂର୍ବାହ୍ନ **୧୧.୦୦** ଘଟିକା ସମୟରେ ବରଗଡ଼ ବାନ୍ଧୁଟିକ୍ରା ଛକ ନିକଟସ୍ଥ **"ସ୍ୱୟଂସିଦ୍ଧା ଭବନ"** ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି.ଦ୍ର: ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୧୭-୧୮ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୧୭-୧୮ ବର୍ଷର ଅଡିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୧୯-୨୦ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୫. ୨୦୧୭-୧୮ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୬. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

**ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ**
**ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**"e" PROCUREMENT NOTICE**
Tender Reference No_BNJNAC_5/2018-19, Tender Call Notice No_200/2019 Dt. 04.02.19, Tender ID_2019_ORULB_46575
Bid documents consisting of the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in. **1.** Name of the work: Civil works as mentioned in website. **2.** No. of Works: 14 Nos. **3.** Bid value: Rs. 2.11 Lakhs to 8.00 Lakhs. **4.** Period of completion: 90 days to 180 days. **5.** Date and time of availability of the bid documents in the portal: 07.02.2019 at 10.00 AM to 5.00 PM of dt. 16.02.2019. **6.** Last date of Time for receipt of bids in the portal: 16.02.2019 upto 5.00 PM. **7.** Bids received on line shall be opened on 20.02.2019 at 11.00 AM. **8.** Name and Address of the officer inviting Bid: Executive Officer, N.A.C., Bhanjanagar.
Further details can be seen from the procurement portal: www.tendersorissa.gov.in.
Sd./- Executive Officer, N.A.C., Bhanjanagar

**ODISHA POWER TRANSMISSION CORPORATION LIMITED**
OPTCL Lifeline of Orissa
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
E.H.T. (O & M) DIVISION, JAJPUR ROAD
P.O.-SOBRA DIST:- JAJPUR PIN:- 755019 (ODISHA)
PHONE / FAX NO:- 06726-220218 E-mail:- ehtm.div.jjp@optcl.co.in
CIN:- U40102OR2004SGC007553

**TENDER CALL NOTICE NO.-03 /18-19**

Sealed tenders are invited by the undersigned from registered order suppliers / Manufacturers/ their authorised dealers for "supply of G.I. NUT & BOLTS, WASHERS and STEP BOLTS for diversion work in 132KV TTPS- Duburi DC line for proposed ANGUL SUKINDA Railways line". Cost of tender paper is Rs.2,240/-, EMD @ 1% of the tendered value. sale of tender documents is from Dt.11.02.2019 to Dt.16.02.2019 (during office hours). Last date of submission of tender is Dt.18.02.2019 up to 01:00 PM. Date of openinng of tender is Dt.18.02.2019 at 3:00 PM. For details visit our website www.optcl.co.in.
Corrigendum if any will be published in the website only.
*Sd./- Dy. General Manager*
*(Elect) EHT (O & M) Division, Jajpur Road*

“ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟକୁ ନେଇ ଆମେ ଦୁଃଖିତ ନୋହୁଁ। ଆମେ ଏହି ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବା ସହ ଅନେକ କିଛି ଶିକ୍ଷାଲାଭ କରିଛୁ।

– ହରମନପ୍ରୀତ କୌର, ଭାରତୀୟ ମହିଳା ଦଳ ଅଧିନାୟିକା



“ଆସନ୍ତା ବିଶ୍ୱକପ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତି ନିହାତି ଜରୁରୀ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବେଳେ ତାଙ୍କ ପରାମର୍ଶ ବିରାଟ କୋହଲିଙ୍କ ପାଇଁ ଅପରିହାର୍ଯ୍ୟ।

– ଯୁବରାଜ ସିଂ, ଭେଟେରାନ ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଜୁଲାନିୟା ନୂଆ କ୍ରୀଡ଼ା ସଚିବ



ନୂଆଦିଲ୍ଲୀ, ୮।୨(ପି.ଟି.): ରାହୁଲ ଭଟନାଗରଙ୍କ ସ୍ଥାନରେ ମଧ୍ୟପ୍ରଦେଶ କ୍ୟାଡର ଆଇଏଏସ୍ ଅଫିସର ରାଧେଶ୍ୟାମ ଜୁଲାନିୟା ନୂଆ କେନ୍ଦ୍ର କ୍ରୀଡ଼ା ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୮୫ ବ୍ୟାଚ୍‌ର ଏହି ଅଫିସର ଏପର୍ଯ୍ୟନ୍ତ ହୋମ୍ କ୍ୟାଡରରେ କାର୍ଯ୍ୟ କରିଆସୁଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଇତିମଧ୍ୟରେ ଉତ୍ତର ପ୍ରଦେଶର ୧୯୮୩ ବ୍ୟାଚ୍ ଅଫିସର ଭଟନାଗରଙ୍କୁ ରିଲିଜ୍ କରିସାରିଛି। ସେ ପଞ୍ଚାୟତିରାଜ ମନ୍ତ୍ରଣାଳୟରେ ଯୋଗଦେବେ। ଭଟନାଗର କହିଛନ୍ତି ଯେ, କ୍ରୀଡ଼ା ମନ୍ତ୍ରଣାଳୟରେ ଦେଢ଼ବର୍ଷ କାର୍ଯ୍ୟକାଳ ମଧ୍ୟରେ ଆମେ ଅନେକ ମାଇଲଖୁଣ୍ଟ ହାସଲ କରିପାରିଛୁ। ଏହାଛଡ଼ା ବହୁ ନୂଆ ପ୍ରୋଜେକ୍ଟ ମଧ୍ୟ ଆରମ୍ଭ କରାଯାଇପାରିଛି। ଭଟନାଗର ଆହୁରି ମଧ୍ୟ ପୂର୍ବରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ଏବଂ ନ୍ୟାଶନାଲ ଆଣ୍ଟି-ଡୋପିଙ୍ଗ୍ ଏଜେନ୍ସି (ନାଡା)ରେ କାର୍ଯ୍ୟ କରିସାରିଛନ୍ତି।

### କଳିଙ୍ଗ, ରୟାଲ ବିଜୟୀ

ଭୁବନେଶ୍ୱର, ୮।୨(ସ୍ପୋର୍ଟ୍ସ ବ୍ୟୁରୋ): ସୋଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା କର୍ପୋରେଟ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ କଳିଙ୍ଗ ପାନ୍ଥର୍ସ ଓ ରୟାଲ ରେଞ୍ଜର୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କଳିଙ୍ଗ ପ୍ରତିପକ୍ଷ ବ୍ଲୁଟେକ ସ୍ମାସର୍ସଙ୍କୁ ହରାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ ରେଞ୍ଜର୍ସ ପ୍ରତିପକ୍ଷ ସର୍ଜିକାଲ ଷ୍ଟ୍ରାଇକର୍ସ ହରାଇଛି। ଏହି ବିଜୟ ସହ କଳିଙ୍ଗ ୧ ନମ୍ବର ଦଳର ମାନ୍ୟତା ପାଇଛି। ପରାଜୟ ସହ ବ୍ଲୁଟେକ ଓ ସର୍ଜିକାଲ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। କଳିଙ୍ଗ, କ୍ଲାଉଡ ଏକାଦଶ, ରୟାଲ ଓ ଆରକେଡି ଶ୍ରେଷ୍ଠ ୪ ଦଳ ବିବେଚିତ ହୋଇଛନ୍ତି। ଶନିବାର ଫାଇନାଲ ମ୍ୟାଚ୍ ପାଇଁ ଦଳଗୁଡି ମୁକାବିଲାରେ ଅବତୀର୍ଣ୍ଣ ହେବେ।

# ଭାରତର ସହଜ ବିଜୟ

ଅକ୍‌ଲାଣ୍ଡ,୮।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଭ୍ରମଣକାରୀ ଭାରତ ସହଜରେ ବିଜୟ ହାସଲ କରିଛି। କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଭାବୀ ସ୍ପିନ୍, ରୋହିତଙ୍କ ବିସ୍ଫୋରକ ବ୍ୟାଟିଂ ଓ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପଯୋଗୀ ପ୍ରଦର୍ଶନ ବଳରେ ଭାରତ ୭ଟି ବଲ୍ ବାକି ରଖି ୭ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରରେ ପହଞ୍ଚିଛି। ସ୍ଥାନୀୟ ଇଡେନ୍ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ରୋହିତ ଓ ପନ୍ତଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୬୨ ରନ୍ କରି ବଜୟୀ ହୋଇଥିଲା। ୪ ଓଭର ବୋଲିଂ କରି ୨୮ ରନ୍ ଦେଇ ନ୍ୟୁଜିଲାଣ୍ଡ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିବା ଭାରତୀୟ ଅଲ୍‌ରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରବିବାର ହାମିଲଟନ୍‌ରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ।

୧୫୯ ରନ୍ ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛା କରି ଭାରତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପ୍ରଥମ ଉଇକେଟ ଯୋଡ଼ିରେ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ୫୬ଟି ବଲରୁ ୭୯ ରନ୍ ସଂଗ୍ରହ କରିଥିଲେ। ରୋହିତ ୨୯ଟି ବଲ୍ ଖେଳି ୩ ଚୌକା ଓ ୪ ବିଶାଳ ଛକା ସହ ୫୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନ୍ ଇଶ୍ ସୋଧୀଙ୍କ ବଲ୍‌କୁ ପୁଲ କରିବାକୁ ଯାଇ ବିଫଳ ହୋଇଥିଲେ ଓ ମିଡ୍ ଉଇକେଟରେ ଟିମ୍ ସଉଦି ହାତରେ ଧରାପଡିଥିଲେ। ଏହାପରେ ଧାୱନ ୩୧ ବଲ୍‌ରୁ ୩୦ ରନ୍ କରି ଲୋକି ଫର୍ଗୁଶନଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ୱାଇଡ୍ ଓ ବାଉନ୍ସର ବଲ୍‌କୁ ପୁଲ୍ କରିବାକୁ ଯାଇ ପଏଣ୍ଟରେ କଲିନ୍ ଡି ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅଲ୍‌ରାଉଣ୍ଡର ବିଜୟ ଶଙ୍କର ୮ଟି ବଲ୍ ଖେଳି ଗୋଟିଏ ଚୌକା ଓ ଗୋଟିଏ ଛକା ସହାୟତାରେ ୧୪ ରନ୍ କରିଥିବାବେଳେ ଡାରେଲ ମିଚେଲଙ୍କ ବଲ୍‌କୁ ପୁଲ କରିଥିଲେ। ତେବେ ସେ ମିଡ୍ ଉଇକେଟରେ ସଉଦିଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ରିଷଭ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଚତୁର୍ଥ ଉଇକେଟ ଯୋଡ଼ିରେ ୩୧ଟି ବଲରୁ ଅପରାଜିତ ୪୪ ରନ୍ କରି ଦଳକୁ ଜିତାଇଥିଲେ। ଧୋନୀ ୧୭ ବଲ୍‌ରୁ ୧ ଚୌକା ସହ ୨୦ ଓ ପନ୍ତ ୨୮ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ଦ୍ରୁତ ୪୦ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଫର୍ଗୁଶନ, ସୋଧୀ ଓ ଡାରେଲ ମିଚେଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଉଇକେଟ ହାସଲ ପରେ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରତିକ୍ରିୟା।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ କିନ୍ତୁ ପ୍ରଥମ ଟି୨୦ ଭଳି ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ ୫୦ ରନ୍ (୨୮ବଲ, ୧ ଚୌକା, ୪ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅଭିଜ୍ଞ ଟେଲର ୪୨ ରନ୍ ସଂଗ୍ରହ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଜିତାଇଥିବା ଓପନର ଟିମ୍ ସିଫର୍ଟ ମାତ୍ର ୧୨ ରନ୍ କରି ପ୍ରଥମେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। କଲିନ୍ ମୁନ୍‌ରୋ ମଧ୍ୟ ୧୨, ଡାରେଲ ମିଚେଲ ୧ ଓ ଅଧିନାୟକ କେନ୍ ୱିଲିୟମସନ ୨୦ ରନ୍ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟେଲର ଦୁର୍ଭାଗ୍ୟଜନକ ଭାବେ ଶଙ୍କର ଦ୍ୱାରା ରନ୍ ଆଉଟ ହୋଇଥିଲେ। ଗ୍ରାଣ୍ଡହୋମ୍ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ବଲ୍‌ରେ ରୋହିତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଚେଲ ସାଣ୍ଟନର ୭ ଓ ସଉଦି ୩ ରନ୍ କରି ଖଲିଲ ଅହମ୍ମଦଙ୍କ ଶିକାର ହୋଇଥିଲେ। ସ୍କଟ୍ କୁଗ୍‌ଲେଜିନ୍ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ କ୍ରୁନାଲ ସର୍ବାଧିକ ୩, ଖଲିଲ ୨, ଭୁବନେଶ୍ୱର ଓ ହାର୍ଦ୍ଦିକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୮/୮ (ଗ୍ରାଣ୍ଡହୋମ– ୫୦, ଟେଲର– ୪୨, ୱିଲିୟମସନ– ୨୦, କ୍ରୁନାଲ– ୩/୨୮, ଖଲିଲ– ୨/୨୭, ଭୁବନେଶ୍ୱର– ୧/୨୯, ହାର୍ଦ୍ଦିକ– ୧/୩୬)।

ଭାରତ ୧୮.୫ ଓଭରରେ ୧୬୨/୩ (ରୋହିତ– ୫୦, ପନ୍ତ– ୪୦*, ଧୋନୀ– ୨୦*, ଧାୱନ– ୩୦, ଶଙ୍କର– ୧୪, ଫର୍ଗୁଶନ– ୧/୩୧, ସୋଧୀ– ୧/ ୩୧, ଡାରେଲ– ୧/୧୫)।

## ସିରିଜ୍ ହାରିଲା ମହିଳା ଭାରତୀୟ ଦଳ

ଅକ୍‌ଲାଣ୍ଡ,୮।୨(ପିଟି)

ମଧ୍ୟକ୍ରମର ବ୍ୟାଟ୍ସମ୍ୟାନଙ୍କ କ୍ରମାଗତ ବିଫଳତା ଯୋଗୁ ଭାରତୀୟ ମହିଳା ଦଳକୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌କୁ ହାତ ଛିଡ଼ା କରିବାକୁ ପଡ଼ିଛି। ଏଠାରେ ଶୁକ୍ରବାର ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ୪ ଉଇକେଟରେ ଭାରତକୁ ହରାଇ ଦେଇଛି। ଏଥିସହ ନ୍ୟୁଜିଲାଣ୍ଡ ଦଳ ୨–୦ ବ୍ୟବଧାନରେ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୦ ତାରିଖରେ ଅନୁଷ୍ଠିତ ହେବ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ପୂର୍ବ ମ୍ୟାଚ୍ ଭଳି ଓପନର ପ୍ରିୟା ପୁନିଆ(୪)ଙ୍କ ଉଇକେଟ ଶୀଘ୍ର ହରାଇଥିଲା। ଏହାପରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ୨ୟ ଉଇକେଟ ପାଇଁ ୬୩ ରନ୍ ଯୋଡ଼ିଥିଲେ। ମନ୍ଧାନା ୩୬ ରନ୍ କରି ଆଉଟ୍ ହେବା ପରେ ରୋଡ୍ରିଗୁଏଜଙ୍କୁ ଦଳର କୌଣସି ବ୍ୟାଟ୍ସଓମ୍ୟାନ ଉପଯୁକ୍ତ ସହାୟତା ଦେଇପାରି ନ ଥିଲେ। ଫଳରେ ଭାରତ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୩୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ରୋଡ୍ରିଗୁଏଜ ସର୍ବାଧିକ ୭୨ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ରୋଜମେରୀ ମେର ୨ ଉଇକେଟ ନେଇଥିଲେ। ଜବାବରେ ସୁଜି ବାଟେଙ୍କ ଧୈର୍ଯ୍ୟପୂର୍ଣ୍ଣ ୬୨ ରନ୍ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଟିମ୍‌କୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ବଲ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ବାଟେଙ୍କ ବ୍ୟତୀତ ସୋଫି ଡେଭିନ (୧୯) ଓ ଅଧିନାୟିକା ଆମି ସାଟ୍ଟରଥୱେଟ (୨୩) ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତୀୟ ଦଳ ଲାଗି ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ୨ ଉଇକେଟ ଲେଖାଏ ହାସଲ କରିଥିଲେ।

## ବ୍ରାଜିଲ ଫୁଟ୍‌ବଲ ଟ୍ରେନିଂ ଫାସିଲିଟିରେ ନିଆଁ ଲାଗି ୧୦ ମୃତ

ରିଓ ଡି ଜେନିରୋ,୮।୨(ପି.ଟି.)

ବ୍ରାଜିଲର ସବୁଠାରୁ ଲୋକପ୍ରିୟ ଫୁଟ୍‌ବଲ କ୍ଲବ ଫ୍ଲାମେଙ୍ଗୋର ଏକ ଟ୍ରେନିଂ ଫାସିଲିଟିରେ ଶୁକ୍ରବାର ନିଆଁ ଲାଗି ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ରିଓ ଡି ଜେନିରୋର ଏକ ବିଲ୍ଡିଂରେ ୧୪ରୁ ୧୭ ବର୍ଷ ମଧ୍ୟରେ କେତେକ ଯୁବ ଫୁଟ୍‌ବଲର ରହୁଥିଲେ। ନିଆଁ ଲାଗିବାରୁ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ଘଟଣାରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଦୁଇ ଘଣ୍ଟା ଜଳିବା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଭୋର୍ ୫ଟାରେ ନିଆଁ ଲାଗିଥିଲା। ରିଓର ଭାରଜେମ ଗ୍ରାଣ୍ଡ ଜିଲାସ୍ଥିତ ଏକ ଆଧୁନିକ ଫୁଟ୍‌ବଲ ଫାସିଲିଟିରେ କେତେକ ପ୍ରତିଭାସମ୍ପନ୍ନ ଯୁବ ଫୁଟ୍‌ବଲର ରହୁଥିଲେ ଓ ଟ୍ରେନିଂ ନେଉଥିଲେ। ମୃତକଙ୍କ ମଧ୍ୟରେ ୬ ଖେଳାଳି ଓ ୪ଜଣ ଟିମ୍ ଷ୍ଟାଫ୍ ଥିବା ଜଣାପଡ଼ିଛି।


## ODISHA LIFT IRRIGATION CORPORATION LIMITED

( A Government of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, BHUBANESWAR

e-Mail: eeolicdivn.bbsr@ymail.com Tel. 0674-2391847

### e-Procurement Notice

Bid Identification No. 845 / 2018-19 Dt. 02.02.2019

No. CAD-1385: The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration , Drilling and Installation of Medium Deep Tube Wells ( Approximate up to 100 Mtr Depth) . The proof of registration & experience from the appropriate authority shall be enclosed along with the Bid.

**Details of Works :-**

| PKg No. | Name of the Dist. | Name of Work | Estimated Cost (in Rs.) | EMD to be deposited (in Rs.) | Cost of tender paper (in Rs.) | Class of Contractor | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Khordha/ Puri | Drilling and installation of 10 Nos of 200 mm dia Medium Deep Tube Well at different locations | 1905643 | 19056 | 6000 | Civil D & C | 90 days |

**1. Date & time of publishing:- 8.02.2019 at 10.00 A.M.**
**2. Date of seeking clarification:- 08.02.2019 to 15.02.2019 (10 AM to 5 PM)**
**3. Closing date and time :- 18.02.2019 at 5.00 P.M.**
**4. Opening date & time:- 19.02.2019 at 04.00P.M.**

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

32155/11/0036/1819

Executive Engineer, L.I. Division, Bhubaneswar



## OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA

Phone No. - (0674) - 2571075, Fax No. - (0674) - 2571075,
E-mail ID - secz.dag@gov.in

### Govt. of Odisha “e” procurement Notice

Bid Identification No. : S.E. (A), C/Z - 05/2018-19

No.155-L: The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in single cover system in ONLINE MODE only, for “Purchase of Blinds “ as detailed below.

Name of the Item: - Purchase of Blinds .

1. Estimated cost (Approx). : Rs. 20,00,000.00 (Excluding G.S.T)
2. Bid Cost: Rs. 6720.00 Mentioned in Column - 05
3. Period of completion : 30 Days Mentioned against Column - 08
4. No. of works (Tender): 1 no.
5. Class of Bidder : Manufacturer / Authorized Dealer/ Authorized Supplier in Column - 07.
6. Date & Time of availability of bid document in the portal: 11.02.2019 at 10.00 A.M. To 25.02.2019 up to 5.00 P.M.
7. Last date / time for receipt of bids in the portal: 25.02.2019 at 5.00 PM
8. Date of submission of documents : 12.02.2019 at 11.00 A.M. To 26.02.2019 up to 4.00 P.M (working days only)
9. Date & time of opening of online bids : 27.02.2019 at 11.00 AM & onwards
10. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha

Further details can be seen from the e-procurement portal http:// tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website “http://tendersodisha.gov.in” will appear in the Latest.
C. The Bidders have to participate in ONLINE bidding only. Further details can be seen from the website “http://tendersodisha.gov.in”. Any addendum / corrigendum / cancellation of tender can also be seen in the said website.

Sd /- P.K. Mohapatra
Superintending Engineer (Agril.)
01032/11/0015/1819 Central Zone, Bhubaneswar



## OFFICE OF THE PRINCIPAL : UTKAL SANGEET MAHAVIDYALAYA, BHUBANESWAR

No. 210/USM Dated : 07.02.2019

### CORRIGENDUM

No. 46-RR: The following correction in inviting Advertisement No. 186/USM, Dated : 05.02.2018 made as follows :
“Qualification for Assistant Guest Lecturer in Odissi Pakhwaj for Odissi Vocal Department at Sl. No. 01 is Degree in Odissi Pakhwaj instead of Degree in Odissi Vocal and the empanelment of Assistant Guest Lecturer is for academic session 2018-19 instead of 2019-20”.

03011/11/0008/1819 Sd./- Principal



No. 1238-B

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## GANJAM [R&B] DIVISION NO.I BERHAMPUR

Phone/Fax : (0680) 2233683,
e-mail : eernb1_bam@yahoo.com

### “e” Procurement Notice

Bid Identification No. EE R&B Divn.No.I Bam. 94 /2018-19
Lr.No. 1112 dtd. 06.02.2019

| | | |
|---|---|---|
| Name of work | : | Building work. |
| No.of works | : | 1 (One) No. |
| Estimated Cost | : | Approximately Rs.36.65 lakh |
| Period of completion. | : | Three Calender months. |
| Date and time of Availability of bid document in the portal. | : | From 10.00 hours of 13.02.2019 to 16.00 hours of 22.02.2019 |
| Last date / time for receipt of bids in the portal | : | Upto 16.00 hours of 22.02.2019. |
| Name & address of the Officer Inviting Bid | : | Executive Engineer, Ganjam (R&B) Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/- Executive Engineer
34109/11/0033/1819 Ganjam(R&B)Division No.I, Berhampur



No. 1235-B

## GOVERNMENT OF ODISHA
## EXECUTIVE ENGINEER, BOUDH (R&B) DIVISION, BOUDH

E-mail - eeboudhrb@gmail.com

INVITATION FOR BIDS (IFB)

### “e” procurement Notice

Letter No. 323 dtd. 06.02.2019
Bid Identification No. EE( R and B )-BDH 21/2018-19

| | | | |
|---|---|---|---|
| 1 | Name of the work | : | 01 (One) Nos of External Electrification work (Single cover) |
| 2 | Estimated Cost | | Rs.8.00 lakhs |
| 3 | Period of Completion | | 1 (One) Calendar month. |
| 4 | Date & Time of availability of Bid documents in the portal | | From 12.02.2019, 10.00 AM to 21.02.2019, 5.00 PM |
| 5 | Last date/time for seeking of Tender Clarification | | 20.02.2019 up to 5.00 P.M |
| 6 | Last date / time for receipt of bids in the portal | | up to 5.00 P.M. of dated 21.02.2019, |
| 7 | Date & time of opening of tender /Bid | | 22.02.2019 at 11.30 A.M |
| 8 | Name and address of the O.I.T. | | Executive Engineer, Boudh (R&B) Division. |

Further details corrigendum (s) can be seen from the website http://tendersorissa.gov.in

Sd/- Executive Engineer,
34134/11/0033/1819 Boudh (R&B) Division, Boudh



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION

E-mail: dpmunrhmrayagada@gmail.com, Phone: 06856-235357

No.: 1028/NHM/2019 Date: 6.2.18

### TENDER CALL NOTICE

No.: 864-E: Sealed tenders are invited from the reigstered contractors (D & C Class) of P.W.D./Water Resources/R.D./PHD Govt. of Orissa/C.P.W.D. Contractors for the following works to be eventually drawn up in P.W.D. P1 forms in conformity with the Detailed Tender Call Notice.

| Sl. No. | Name of the Work | Approximate Estimated Cost (Rs.) | Cost of Tender Paper (Non-refundable) (In Rs.) | E.M.D. Required @ 1% (In Rs.) | Time for Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | New Construction of Operation Theatre at AH-Ambadola | 20,56,669.00 | 6000.00 | 20600.00 | Six Calendar Months |

The tender document can be obtained from O/o. CDM & PHO, Rayagada on payment of the cost of the tender paper (Non-refundable) in shape of DD drawn in favour of CDM & PHO, Rayagada payabale at any Nationalized Bank at Rayagada during office horus (10 A.M. to 5 P.M.) from 6.2.2019 to 18.02.2019 on working day only. The tender paper duly signed by the contractor should be accompanied with the attested copies of valid contract licnese, GST Clearance Certificate, PAN Card and requistie EMD or N.S.C./P.O.T.D./ Kissan Vikash Patra/P.O.S.B. Account/TDR or any Nationalized Bank duly pledge in favour of Chief District Medical & Public Health Officer, Rayagada. The tender paper without required amount of E.M.D. will not be considered and transfer or adjustment of E.M.D. is also not permissible. The bid document will be selling and recieved from Dt.6.02.2019 to 18.02.2019 till 05.00 P.M. at Office of Chief District Medical & Public Health Office, Rayagada through Regd. Post/Speed Post/Courier or the same can be dropped in the tender box at O/o. CDM & PHO, Rayagada. The envelope containing the bid documents must be super scribed as “BID FOR THE CIVIL WORK UNDER NHM FOR CONSTRUCTION OF OPERATION THEATRE AT AH-AMBADOLA, MUNIGUDA, RAYAGADA”. The tender will be opened on Dt.19.02.2019 at 05.00 P.M. at the Office Chamber of CDM & PHO cum District Mission Director, Rayagada in presence of the tenderers or their authorised representatives. The tenderer are required to furnish an affidavit about the authenticity of the tender documents along with the tender paper. The tender without the above documents and EMD will be rejected. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the right to reject any or all tenders without assigning any reason thereof.

Sd./- Dr. Siba Prasad Padhi
Chief District Medical & Public Health Officer
cum District Mission Director, Rayagada

10035/11/0031/1819



## ପୂର୍ତ୍ତ ବିଭାଗ ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ

### ବିଜ୍ଞପ୍ତି

ନଂ. 1372 ଅନୁଗୋଳ ତା. ୨୪ ଫେବୃୟାରୀ, ୨୦୧୯

No.–1233–B ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗମନାଗମନର ବିକାଶପାଇଁ ଏବଂ ଅନୁଗୋଳ ଜିଲାବାସୀଙ୍କ ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଜିଲାର ଅନୁଗୋଳ କଳମଚ୍ଛୁଇଁ ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉପରୋକ୍ତ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୨(ଦୁଇ) ଗୋଟି ମୌଜା, ଯଥାକ୍ରମେ ନତଡାର ୦.୪୪୦ଏକର ଏବଂ ଆୟପାଳର ୦.୭୪୫ ଏକର ଜମିର ଆବଶ୍ୟକତା ରହିଛି। ଉକ୍ତ ୦.୪୪୦ ଏକର ଓ ୦.୭୪୫ ଏକର ବେସରକାରୀ ଜମିର ସବିଶେଷ ବିବରଣୀ ଯାହାକି ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦାଠାରୁ ପ୍ରାପ୍ତ ହୋଇଛି, ତାହା ନିମ୍ନରେ ପ୍ରଦତ୍ତ କରାଗଲା। ଉକ୍ତ ବେସରକାରୀ ଜମିକୁ ରାଜସ୍ୱ ଓ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୧୦୨୪୧ ତା.୩୧।୦୩।୨୦୧୪ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ ( ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଜମି ମାଲିକ କିମ୍ବା ତାଙ୍କର ଉତ୍ତରାଧିକାରୀ ସହ ସବିଶେଷ ଆଲୋଚନା କରିବା ସହ ବ୍ୟକ୍ତିଗତ ନୋଟିସ୍ ଜାରି କରାଯାଇଛି।

ପୁନଶ୍ଚ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ କୌଣସି ଜମି ସମ୍ବନ୍ଧରେ କୌଣସି ବ୍ୟକ୍ତିର ଆଗ୍ରହ ରହିଥାଏ, ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୧୫(ପନ୍ଦର) ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନଲିଖିତ ଠିକଣାରେ ଜଣାଇ ପାରିବେ। ତତ୍ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବାକୁ ଚାହୁଁଥିଲେ ମଧ୍ୟ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।

**ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ବିଭାଜନ କାର୍ଯ୍ୟାଳୟ, ଅନୁଗୋଳ**
**ସହକାରୀ ନିର୍ବାହୀ ଯନ୍ତ୍ରୀ, ଅନୁଗୋଳ (ଗୃହ) ଉପବିଭାଜନ, ଅନୁଗୋଳ**

ସ୍ୱା./- ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ
ନିର୍ବାହୀ ଯନ୍ତ୍ରୀଙ୍କ ( ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ

**ଜିଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ନତଡା**

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୭୫ | ୩୨୭୫ | ଶାରଦ–୧ | କୁଳମଣି ପ୍ରଧାନ, ପି– ଭଜନ/ଦୁଷ୍ମନ୍ତ ପ୍ରଧାନ, ପି– ମଦନ ପ୍ରଧାନ | ୦.୦୭ | ୦.୦୭ |
| ୨ | ୭୫ | ୩୨୬୪ | ଶାରଦ–୩ | କୁଳମଣି ପ୍ରଧାନ, ପି– ଭଜନ/ଦୁଷ୍ମନ୍ତ ପ୍ରଧାନ, ପି– ମଦନ ପ୍ରଧାନ | ୦.୦୩ | ୦.୦୩ |
| ୩ | ୭୫ | ୩୨୬୬/୧ | ଶାରଦ–୧ | କୁଳମଣି ପ୍ରଧାନ, ପି– ଭଜନ/ଦୁଷ୍ମନ୍ତ ପ୍ରଧାନ, ପି– ମଦନ ପ୍ରଧାନ | ୦.୦୧ | ୦.୦୧ |
| ୪ | ୪୪୬/୮୧୬ | ୩୨୬୫ | | ଚକ୍ରଧର ମାଝି, ପି– ନରସିଂହ | ୦.୦୫ | ୦.୦୫ |
| ୫ | ୪୪୬/୮୧୬ | ୩୬୬୭/୧ | ଶାରଦ–୩ | ଚକ୍ରଧର ମାଝି, ପି– ନରସିଂହ | ୦.୦୨ | ୦.୦୨ |
| ୬ | ୧୦୦ | ୩୨୬୦/୧ | ଶାରଦ–୩ | ବଡଚନ୍ଦ୍ର ପ୍ରଧାନ, ପି– ପାଣ୍ଡୁ | ୦.୦୩ | ୦.୦୩ |
| ୭ | ୪୪୬/୮୪୧ | ୩୨୬୨/୧ | ଶାରଦ–୩ | ଭିକାରି ନାୟକ, ପି– ଟଙ୍କଧର | ୦.୦୪ | ୦.୦୦୫ |
| ୮ | ୧୬୯ | ୩୨୫୪/୧ | ଶାରଦ–୩ | ଧନିଆ ପ୍ରଧାନ, ପି– ବୁଟୁ | ୦.୦୫ | ୦.୦୨୫ |
| ୯ | ୩୧୨ | ୩୨୫୬ | ଶାରଦ–୩ | ମଦନ ପ୍ରଧାନ, ପି– ଧର୍ମୁ | ୦.୦୩ | ୦.୦୩ |
| ୧୦ | ୩୧୨ | ୩୨୫୯ | ଶାରଦ–୩ | ମଦନ ପ୍ରଧାନ, ପି– ଧର୍ମୁ | ୦.୦୪ | ୦.୦୪ |
| ୧୧ | ୭୫ | ୩୨୫୫ | ଶାରଦ–୩ | କୁଳମଣି ପ୍ରଧାନ, ପି– ଭଜନ/ଦୁଷ୍ମନ୍ତ ପ୍ରଧାନ, ପି– ମଦନ ପ୍ରଧାନ | ୦.୦୩ | ୦.୦୩ |
| ୧୨ | ୧୩୭ | ୩୨୬୩ | ଶାରଦ–୩ | ଜିବନ ପ୍ରଧାନ, ପି– ଜଗବନ୍ଧୁ | ୦.୦୩ | ୦.୦୩ |
| ୧୩ | ୩୩୬ | ୩୨୬୮/୧ | ଶାରଦ–୩ | ମୁଳିଆ ପ୍ରଧାନ, ପି– ପାଣ୍ଡୁ | ୦.୦୪ | ୦.୦୦୫ |
| ୧୪ | ୨୯୩ | ୩୨୫୭/୧ | ଶାରଦ–୩ | ଭଜନ ପ୍ରଧାନ, ପି– ଧର୍ମୁ | ୦.୦୩ | ୦.୦୩ |
| ୧୫ | ୧୦୪ | ୩୨୫୮/୧ | ଶାରଦ–୩ | ସନାତନ ପ୍ରଧାନ, ପି–ବୃନ୍ଦାବନ | ୦.୦୪ | ୦.୦୦୫ |
| ୧୬ | ୪୪୬/୧୪୭ | ୩୩୨୫/୧ | ଶାରଦ–୩ | ନରହରି ବିଶ୍ୱାଳ, ପି– ହୃଷିକେଶ | ୦.୦୩ | ୦.୦୩ |
| | | | | | ମୋଟ : | ୦.୪୪୦ |

**ଜିଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ଆୟପାଳ**

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୧୫୩ | ୧୨୦୨/୧ | ଶାରଦ–୨ | ବଛିଆ ବାରିକ, ପି– ବୈରି ସେଠୀ | ୧.୯୭ | ୦.୪୪ |
| ୨ | ୧୭୯ | ୧୧୮୬/୨୫୫୫ | ଶାରଦ–୨ | ମକା ସେଠୀ, ପି–ବୈରି ସେଠୀ | ୦.୦୪ | ୦.୦୪ |
| ୩ | ୨୭୪/୬୬ | ୧୨୦୧/୧ | ଶାରଦ–୨ | ସୂର୍ଯ୍ୟ କୁମାରୀ ସାହୁ, ସ୍ୱା– ଜୟକୁମାର ସାହୁ | ୦.୩୮ | ୦.୦୦୫ |
| ୪ | ୨୭୪/୫୩୧ | ୧୨୦୫ | ଶାରଦ–୨ | ଦିନେଶ ସାହୁ, ପି– କୁମୁଦ ସାହୁ | ୦.୦୭୫ | ୦.୦୭୫ |
| ୫ | ୨୭୪/୪୨୭ | ୧୨୦୫/୩୦୭୬ | ଶାରଦ–୨ | ସୁଧାକର ସାହୁ, ପି– ଅର୍ଜୁନ | ୦.୦୭୫ | ୦.୦୭୫ |
| ୬ | ୨୭୪/୨୦୧ | ୧୨୦୪ | ଘରବାରି | ସୁଶାନ୍ତ କୁମାର ସାହୁ, ପି– ସର୍ବେଶ୍ୱର | ୦.୧୩ | ୦.୧୩ |
| 34074/11/0037/1819 | | | | | ମୋଟ : | ୦.୭୪୫ |




# କଳିଙ୍ଗରେ ଆଜିଠାରୁ ମହିଳା ଫୁଟବଲ ରୋମାଞ୍ଚ

ଭୁବନେଶ୍ୱର, ୮ା୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଓଡ଼ିଶା ସରକାର ଏବଂ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍)ର ମିଳିତ ଆନୁକୂଲ୍ୟରେ ଏଠାରେ ଶନିବାରଠାରୁ ଆରମ୍ଭ ହେବ ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏଥିରେ ମ୍ୟାନ୍‌ମାର, ଇରାନ, ନେପାଳ ଏବଂ ଆୟୋଜକ ଭାରତ ଭାଗନେବେ। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ମହିଳା ଦଳ ୬୨ତମ ସ୍ଥାନରେ ରହିଥିବା ବେଳେ ମ୍ୟାନ୍‌ମାର ୪୪, ଇରାନ ୬୦ ଓ ନେପାଳ ୧୦୮ତମ ସ୍ଥାନରେ ରହିଛି। ୪ଟି ଯାକ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ କଳିଙ୍ଗରେ ଦେଖିବାକୁ ମିଳିବ ମହିଳା ଫୁଟ୍‌ବଲର ରୋମାଞ୍ଚ। କେବଳ ଭାରତର ଓଡ଼ିଶାରେ ଏହା ହେବ ପ୍ରଥମ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ତେଣୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ କ୍ରୀଡ଼ା ସଚିବ ବିଶାଲ ଦେବ। ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ କରାଯିବା ପାଇଁ ହେଉଥିବା ଉଦ୍ୟମର ଏହା ଏକ ଅଂଶବିଶେଷ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ରାଜ୍ୟରେ ମହିଳା ଫୁଟ୍‌ବଲର ଉନ୍ନତିରେ ସହାୟକ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ସୁପର କପ୍‌ର ଦ୍ୱିତୀୟ ସଂସ୍କରଣ ମଧ୍ୟ ଆୟୋଜନ ହେବ। ୨୦୨୦ରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଭାରତ ରହିଛି। ଭାରତକୁ ଯଦି ଆୟୋଜନ ଅଧିକାର ମିଳେ, ତେବେ ଟୁର୍ନାମେଣ୍ଟ ୪ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରୁ ଗୋଟିଏ ଭେନ୍ୟୁ ଭୁବନେଶ୍ୱରକୁ କରାଯିବାକୁ ପ୍ରସ୍ତାବ ଦିଆଯାଇଥିବା ବିଶାଲ ସୂଚନା ଦେଇଛନ୍ତି। ଗୋଲ୍ଡ କପ୍‌କୁ ଦର୍ଶକମାନେ ମାଗଣାରେ ଉପଭୋଗ କରିପାରିବେ। ତେଣୁ ବହୁସଂଖ୍ୟାରେ ଷ୍ଟାଡିୟମରେ ଉପସ୍ଥିତ ରହି ଦଳଗୁଡ଼ିକୁ ଉତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, ଏଆଇଏଫ୍ଏଫ ଟେକ୍ନିକାଲ ଡାଇରେକ୍ଟର ଅଭିଷେକ ଯାଦବ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ଏବଂ ଗୋଲ୍ଡ କପ୍‌ରେ ଭାଗନେବାକୁ ଯାଉଥିବା ୪ଟି ଯାକ ଦଳର ଅଧିନାୟିକା ଉପସ୍ଥିତ ଥିଲେ।

## ପୁରସ୍କାର ୧୦ ଲକ୍ଷ ଟଙ୍କା

ଗୋଲ୍ଡ କପ୍ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନ ଦଳକୁ ୭ ଏବଂ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି କୁଶାଲ ଦାସ ପ୍ରକାଶ କରିଛନ୍ତି। ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନଙ୍କ ବିଦାୟ ପରେ ଭାରତୀୟ ସିନିୟର ପୁରୁଷ ଦଳର କୋଚ୍ ପଦ ଖାଲିପଡ଼ିଛି। କୋଚ୍ ପଦ ପାଇଁ କେତେକ ଆବେଦନ ଆମର ହସ୍ତଗତ ହୋଇଛି। ଏଥିରେ କେତେକ ଭାରତ ଏବଂ ବିଦେଶୀ ଅଛନ୍ତି। ଆମେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ଯାହା ନିଷ୍ପତ୍ତି ନେବୁ ବୋଲି କୁଶାଲ କହିଛନ୍ତି। ୨୦୨୦ ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟକୁ ଦୃଷ୍ଟିରେ ରଖି ଆସନ୍ତା ମାସ ମଧ୍ୟଭାଗରେ ତୁର୍କୀରେ ଭାରତ ଏକ ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗନେବ। ବର୍ତ୍ତମାନ ସୁଦ୍ଧା ଏଥିରେ ଜୋର୍ଡାନ, ରୋମାନିଆ, ଉଜ୍‌ବେକିସ୍ତାନ ଓ ଭାରତ ଭାଗନେବା ସ୍ପଷ୍ଟ ହୋଇଛି। ଅବଶିଷ୍ଟ ୨ଟି ଦଳ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଅଭିଷେକ ଯାଦବ କହିଛନ୍ତି। ଏହି ଅବସରରେ ଭାରତୀୟ ଦଳର କୋଚ୍ ମେମୋଲ ରକି, ଅଧିନାୟିକା ଅଦିତି ଚୌହାନ, ମ୍ୟାନମାର କୋଚ୍ ୱିନ୍ ଥୁ ମୋଇ, ଅଧିନାୟିକା ଖିନ୍ ମାର୍ଲାର ତୁନ୍, ନେପାଳ କୋଚ୍ ହରି ଖାଦ୍‌କା, ଅଧିନାୟିକା ନିରୁ ଥାପ୍ପା ଏବଂ ଇରାନ ଅଧିନାୟିକା ସାରା ଘୋମି ଟୁର୍ନାମେଣ୍ଟକୁ ନେଇ ନିଜ ନିଜର ଭାବ ବ୍ୟକ୍ତ କରିଥିଲେ।



ଖବରଦାତା ସମ୍ମିଳନୀରେ ଟ୍ରଫି ଓ ୪ ଦଳର ଅଧିନାୟିକାଙ୍କ ସହ କର୍ମକର୍ତ୍ତାମାନେ।

ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏଥିରେ ଆୟୋଜକ ଭାରତ ସମେତ ମ୍ୟାନ୍‌ମାର, ଇରାନ ଓ ନେପାଳ ଅଂଶଗ୍ରହଣ କରୁଛନ୍ତି। ମ୍ୟାନ୍‌ମାର ଓ ନେପାଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅପରାହ୍ଣ ୪ଟାରେ ଆରମ୍ଭ ହେଉଥିବାବେଳେ ରାତି ୭ଟାରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଶକ୍ତିଶାଳୀ ଇରାନକୁ ଭେଟିବ। ନିକଟରେ ହଂକଂ ଓ ଇଣ୍ଡୋନେସିଆର ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜିତ କରିଥିବାରୁ ଭାରତୀୟ ଦଳର ମନୋବଳ ଉପରେ ରହିଛି। ଭାରତରେ ପ୍ରଥମଥର ପାଇଁ ସିନିୟର ସ୍ତରରେ ଏକ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ହେବାକୁ ଯାଉଥିବାବେଳେ ଘରୋଇ ଦଳର ଶକ୍ତି, ଯୋଜନା ଏବଂ ଗୋଲ୍ଡ କପ୍‌ର ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଭାରତୀୟ ଦଳର କୋଚ୍ ମେମୋଲ ରକି।



# ଆମେ ପ୍ରସ୍ତୁତ: ମେମୋଲ

**■ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଜଣେ କୋଚ୍ ଭାବେ ଆପଣ ଏହାକୁ କିପରି ଦେଖୁଛନ୍ତି ?**

● କୌଣସି ଦଳ କ୍ରମାଗତ ୪ଟି ମ୍ୟାଚ୍ ଜିତିଲେ ଏହାର କୋଚ୍ ନିଶ୍ଚିତ ଖୁସି ପ୍ରକାଶ କରିବ। ଗତ ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆମ ପାଇଁ ବହୁ ଅଭିଜ୍ଞତା ଆଣିଦେଇଥିଲା। ଉଭୟ ଭଲ ଅନ୍ତର୍ଜାତୀୟ ଦଳ। ଖେଳାଳିଙ୍କ ମନୋବଳ ଦୃଢ଼ ଥିବାରୁ ଆମେ ହିରୋ ଗୋଲ୍ଡ କପ୍ ଖେଳିବାକୁ ବ୍ୟଗ୍ର।

**■ ଭାରତୀୟ ଦଳ ସମ୍ପର୍କରେ କ'ଣ କହିବେ ?**

● ପ୍ରାରମ୍ଭିକ ଏକାଦଶଠାରୁ ଆରମ୍ଭ କରି ବେଞ୍ଚ୍ ଷ୍ଟ୍ରେନ୍ଥ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଖେଳାଳି ନିଜ ଗେମ୍ ସମ୍ପର୍କରେ ଭଲଭାବେ ଅବଗତ। ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମ୍ୟାଚ୍ ଆମେ ମ୍ୟାନ୍‌ମାରରେ ଖେଳିଥିଲୁ। ଏବେକାର ଦଳ ତାହାର ସମକକ୍ଷ ବୋଲି ମୁଁ ବିବେଚନା କରୁଛି। ଆମର ବେଞ୍ଚ୍ ଷ୍ଟ୍ରେନ୍ଥ୍ ବଢ଼ିଛି। ସେମାନଙ୍କୁ କୌଣସି ମ୍ୟାଚ୍‌ରେ ୫ ମିନିଟ ପାଇଁ ଖେଳିବାକୁ ଦିଆଗଲେ ସେମାନେ ପୂର୍ବାପେକ୍ଷା ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ।

■ ପ୍ରତିପକ୍ଷ ଦଳଗୁଡ଼ିକୁ କିପରି ଦେଖୁଛନ୍ତି ?

● ଆମେ ଏହି ଟୁର୍ନାମେଣ୍ଟରେ ଉଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବୁ। ତେବେ ମୁଁ ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱାସ କରେନାହିଁ। ଆମେ ଅତୀତରେ ଲୋବାନନ ଓ ଥାଇଲାଣ୍ଡ ପରି ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। କଳିଙ୍ଗରେ ପ୍ରତିପକ୍ଷ ଦଳଗୁଡ଼ିକଠାରୁ କଡ଼ା ଚ୍ୟାଲେଞ୍ଜ ମିଳିବ ବୋଲି ଜାଣିଛୁ। ତେବେ ସେଥିପାଇଁ ଆମେ ପ୍ରସ୍ତୁତ।

**■ ଗତ ତିନୋଟି ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ଏ ସମ୍ପର୍କରେ ଆପଣ କ'ଣ ଚିନ୍ତା କରୁଛନ୍ତି ?**

● ମୁଁ ମଧ୍ୟ ତାହା ଅନୁଭବ କରୁଛି। ଆବଶ୍ୟକ ସମୟରେ ଦଳ ରକ୍ଷଣାତ୍ମକ ଖେଳୁଛି ଏବଂ ସମୟ ଅନୁସାରେ ପୂରା ୟୁନିଟ ଆକ୍ରମଣ କରୁଛି। ଗତ ତିନୋଟି ମ୍ୟାଚ୍‌ରେ ଦଳ ଗୋଲ ବରଣ କରି ନ ଥିବାରୁ ଜଣେ କୋଚ୍ ଭାବେ ମୁଁ ବହୁତ ଖୁସୀ। ତେଣୁ ଦଳର ଷ୍ଟ୍ରାଇକରଙ୍କଠାରୁ ଗୋଲକିପରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଶ୍ରେୟ ଦେବାକୁ ପଡ଼ିବ।

**■ ହିରୋ ଗୋଲ୍ଡ କପ୍ ଭାରତୀୟ ଦଳକୁ କିପରି ସହାୟକ ହୋଇପାରିବ?**

ଉ: ଭାରତରେ ପ୍ରଥମଥର ପାଇଁ ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ ଶ୍ରେଷ୍ଠ ଖେଳାଳି ବାହାର କରିବା ପାଇଁ ଆମ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଛି। ପିଲାମାନେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବେ। ଆମେ ଏହି ଟୁର୍ନାମେଣ୍ଟରୁ ପ୍ରକୃତ ହୀରା ଖୋଜି ବାହାର କରିବୁ ଏବଂ ଆମେ ସକ୍ଷମ ବୋଲି ଦର୍ଶକମାନଙ୍କୁ ଦେଖାଇଦେବୁ। ମହିଳା ଖେଳାଳିଙ୍କ ପାଇଁ ଗୋଲ୍ଡ କପ୍ ଏକ ବଡ଼ ପ୍ଲାଟ୍‌ଫର୍ମ। ପ୍ରତିଯୋଗିତାକୁ ଆମନ୍ତ୍ରିତ ହୋଇଥିବା ସମସ୍ତ ଦଳ ହାଇ କ୍ୱାଲିଟି ବିଶିଷ୍ଟ। ପ୍ରତିଦ୍ୱନ୍ଦ୍ୱୀ ୩ଟି ଯାକ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେମାନଙ୍କ ସହିତ ଖେଳି ଏବଂ ସମ୍ଭବ ହେଲେ ପରାସ୍ତ କରି ଆମେ ଆମ ଖେଳରେ ଉନ୍ନତି ଆଣିପାରିବୁ।

**■ ଭାରତ ଏକ ଯୁବ ଦଳ। ଭବିଷ୍ୟତ ପାଇଁ ଏହା ସହାୟକ ହେବ ବୋଲି ଭାବୁଛନ୍ତି କି?**

ଉ: ମୁଁ ସର୍ବଦା ଯୁବ ଖେଳାଳିଙ୍କ ଉପରେ ଭରସା ରଖିଥାଏ। ସେମାନେ ନିଶ୍ଚିତ ରୂପେ ଆଗାମୀ ଦିନରେ ଫଳାଫଳ ପ୍ରଦାନ କରିବେ। ଆମ ଦଳର ଅଧିକାଂଶ ଖେଳାଳି ୨୩ ବର୍ଷରୁ କମ୍। ଏହା ଏକ ଯୁବ ଭାରତୀୟ ଦଳ। ମୁଁ ମୋ ଷ୍ଟାଇଲରେ ଦଳକୁ ପରିଚାଳିତ କରିବାକୁ ଚାହେଁ। ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି ଏବଂ ସବୁବେଳେ ସେମାନେ ନୂଆ କିଛି ଶିଖିବା ମନୋବୃତ୍ତି ରଖୁଛନ୍ତି।

**■ କେଉଁ ବିଭାଗରେ ଉନ୍ନତି ଆବଶ୍ୟକ ବୋଲି ଭାବୁଛନ୍ତି ?**

● ଗୋଲପୋଷ୍ଟ ସମ୍ମୁଖରେ ଫିନିଶିଂରେ କିଛିଟା ଉନ୍ନତି ଆଣିବା ଉପରେ ମୁଁ ଫୋକସ କରୁଛି। ନିକଟରେ ଆମେ ସୁଯୋଗକୁ ଭଲଭାବେ ସଦ୍‌ବ୍ୟବହାର କରିପାରିଛୁ। ମାତ୍ର ଏଥିରେ ଆହୁରି ଉନ୍ନତି ଆବଶ୍ୟକ ଅଛି। ଆଗାମୀ ଦିନରେ ଦଳର ସ୍କୋରିଂ ହାର ନିଶ୍ଚିତ ବଢ଼ିବା ନେଇ ମୁଁ ଦୃଢ଼ ଆଶାୟୀ।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663) 2405616 ସମ୍ବଲପୁର, ଶନିବାର, ଫେବୃଆରୀ ୯/୨୦୧୯ Sambalpur, Saturday, February 9/2019




# ବସ୍ ଯାତ୍ରୀଙ୍କଠାରୁ ଲୁଟ୍, ୫ ଗିରଫ

ବରଗଡ଼ ଅଫିସ୍, ୮।୨


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ଏକ ଘରୋଇ ବସ୍‌ରେ ଭୁବନେଶ୍ୱରରୁ ବରଗଡ଼ ଫେରିବା ବାଟରେ କେତେକ ଦୁର୍ବୃତ୍ତ ସୋହେଲା ଥାନା ସରକଣ୍ଡା ଗ୍ରାମର ରାଜେନ୍ଦ୍ର କୁମାର ସାହୁଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିଲେ । ଗୁରୁବାର ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଧମା ଥାନା ବଧୁଆପାଲି ଗ୍ରାମର ଶଙ୍କର ଦାସ (୨୪), ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୩ ହାଟପଦାର ଦୀପକ ଚୌଧୁରୀ (୨୨), ବରଗଡ଼ ବରହମଚାରୀର ମୋହନ ବାଗ (୨୦), ବରଗଡ଼ କଲେଜ ରୋଡ୍‌ର ମନୀଷ ମହାପାତ୍ର (୨୨) ଏବଂ ବରଗଡ଼ ମନାବନ୍ଧ ପଡ଼ାର ଫୁଲବାବୁ ଚୌଧୁରୀ(୨୧) । ସେମାନଙ୍କ ପାଖରୁ ନଗଦ ୭୩୦୦ ଟଙ୍କା, ୪ଟି ମୋବାଇଲ, ଗୋଟିଏ ପାୱାର ବ୍ୟାଙ୍କ୍ ଏବଂ ଛୁରୀ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୬୬/୧୯) ରୁଜୁ ହୋଇଛି ।

ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବଜେଲ ହାଜତକୁ ପଠାଇ ଦିଆଯାଇଛି । ଏସଡ଼ିପିଓ କ୍ଷୀରସାଗର ନାଏକ କହିଛନ୍ତି, ଘଟଣା ଦିନ ରାଜେନ୍ଦ୍ର ଏକ ଘରୋଇ ବସ୍ ଯୋଗେ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଆସୁଥିଲେ । ସମ୍ବଲପୁରରେ ସେହି ବସ୍‌ରେ ଅଭିଯୁକ୍ତମାନେ ଚଢ଼ିଥିଲେ । ବସ୍‌ଟି ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ପଁର୍ରାପାଟ୍ ମନ୍ଦିର ଓ ଟୋଲଗେଟ୍ ମଧ୍ୟରେ ଥିବାବେଳେ ଅଭିଯୁକ୍ତମାନେ ବସ୍‌ରେ ଶୋଇଥିବା ରାଜେନ୍ଦ୍ରଙ୍କୁ ଛୁରି, ଭୁଜାଲି ଦେଖାଇ ତାଙ୍କଠାରୁ ନଗଦ ୨୨ହଜାର ଟଙ୍କା ଓ ୩ଟି ମୋବାଇଲ ଲୁଟି ନେଇ ପଳାଇଥିଲେ । ଏହି ସମୟରେ ରାଜେନ୍ଦ୍ର ପାଟି କରିବାରୁ ଅନ୍ୟ ଯାତ୍ରୀମାନେ ୨ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ । ଅନ୍ୟ ୩ଜଣ ଫେରାର ହୋଇ ଯାଇଥିଲେ । ଏ ନେଇ ରାଜେନ୍ଦ୍ର ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି ଏସଡ଼ିପିଓ ନାଏକ ସୂଚନା ଦେଇଥିଲେ । ଖବରଦାତା ସମ୍ମିଳନୀରେ ବରଗଡ଼ ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ଉପସ୍ଥିତ ଥିଲେ ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



**ସଂକ୍ଷେପରେ**

## ସାମୂହିକ ବ୍ରତୋପନୟନ

**ବରପାଲି, ୮।୨ (ଡି.ଏନ.ଏ):** ବରପାଲି କଲ୍ୟାଣ ମଣ୍ଡପରେ ସବୁବର୍ଷ ପରି ବ୍ଲକସ୍ତରୀୟ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଲଟାକେରାର ବିକ୍ରମ ଦେବତା, ଆଗଲପୁରର ରାଜୀବ ପଣ୍ଡା, ତୁଲଣ୍ଡିର ରୋହନ ତ୍ରିପାଠୀ, ରେମଣ୍ଡା ତରୁଣ ଶତପଥି, ଭବାନୀପାଟଣାର ପ୍ରିୟାଂଶୁ ପଣ୍ଡା ଓ ପ୍ରୟାଶ ପଣ୍ଡା ପ୍ରମୁଖ ବ୍ରତଧାରଣ କରିଥିଲେ । ବ୍ରାହ୍ମଣ ସମାଜ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବ୍ରତ କାର୍ଯ୍ୟକ୍ରମରେ ପୂଜକ ଭାବେ ହେମନ୍ତ ମିଶ୍ର, ଛନ୍ଦାଚରଣ ରଥ, ଡୋଲାମଣି ଦେବତା, ଦେବବ୍ରତ କର, ଠାକୁରଚରଣ ରଥ, ସାହେବ ଦାଶ ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ । ଦୁଇ ଦିନ ଧରି ଚାଲିଥିବା ଚାରିକର୍ମ ଓ ବ୍ରତ କାର୍ଯ୍ୟରେ ରାଜୀବ ଲୋଚନ ହୋତା, ଡା. କାଳୀଚରଣ ଦାଶ, ଡା. ଧୀରେନ୍ଦ୍ର ମୁଣ୍ଡ ଓ ସମ୍ପାଦକ ଶରତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

## ହେଲମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଉପହାର

**ଅତାବିରା, ୮।୨ (ଡି.ଏନ.ଏ):** ଭେଡେନ ବ୍ଲକ ଅନ୍ତର୍ଗତ ସାଲନା ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ୩୦ତମ ଜାତୀୟ ସଡକ ସପ୍ତାହ ପଳିତ ହୋଇଛି । ଏହି ଅବସରରେ ୫୪ ନମ୍ବର ରାଜ୍ୟ ରାଜପଥର ଗୋଡଭଗା-ତୁରୁମ ଖୁଣ୍ଟୁଲିପାଲି ଛକଠାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯାନବାହନ ଚାଳକମାନଙ୍କୁ ସଚେତନ କରିଥିଲେ । ଛାତ୍ରୀଛାତ୍ର ହେଲମେଟ ପିନ୍ଧି ବାଇକରେ ଯାଉଥିବା ଚାଳକମାନଙ୍କୁ ଡଟପେନ୍ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା । ପରେ ସାଲନା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାନନ୍ଦ ଶତପଥିଙ୍କ ମଧକ୍ଷତାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ ବିଷୟରେ ବୁଝାଇଥିଲେ । ଶିକ୍ଷୟିତ୍ରୀ ରାଜକିଶୋରୀ କେର୍କେଟା, ତନୁଜା ପାଢ଼ୀ, ଆନନ୍ଦ ପୁରୋହିତ, ବାବୁଲା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବାବୁଲା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ରୀଡ଼ା ପ୍ୟାକ୍ସର ବାର୍ଷିକ ସଭା

**ଭେଡ଼େନ, ୮।୨(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଅର୍ଜୁଣ୍ଡା ଶାଖା ଗୋଦାମ ଗୃହ ପରିସରରେ ଅନୁଷ୍ଠିତ ହୋଇଛି । ପ୍ୟାକ୍ସ ସଭାପତି ସତ୍ୟଜିତ ପୂରୋହିତଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ସମ୍ପାଦକ ଜୟଦେବ ଭୋଇ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୨୦୧୭-୧୮ ବର୍ଷର ଆୟବ୍ୟୟ ଏବଂ ୨୦୧୮-୧୯ ବର୍ଷର ବାର୍ଷିକ ବଜେଟ ଅଟକଳ ଅନୁମୋଦନ ହୋଇଥିଲା । ସମିତିର ଖିଲାପି ଋଣ ଆଦାୟ ସକାଶେ ଆଇନଗତ ପଦକ୍ଷେପ ନେବା ସହ ଓଟିଏସ ପ୍ରସ୍ତାବ ଅନୁସାରେ କେନ୍ଦ୍ର ସମବାୟ ବ୍ୟାଙ୍କ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଅର୍ଜୁଣ୍ଡା ଗ୍ରାମପଞ୍ଚାୟତର ଚାଷୀମାନେ ଗତ ରବି ଋତୁରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଶେଷରେ ରାମକୃଷ୍ଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷା ଶୋଭାଯାତ୍ରା

**ଭେଡ଼େନ, ୮।୨(ଡ଼ି.ଏନ.ଏ):** ବରଗଡ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଜାତୀୟ ସେବା ଶିବିର ପ୍ରୋଗ୍ରାମ ଅଫିସର ଯୁବରାଜ ପ୍ରଧାନ ଏବଂ ଯୁବ ରେଡ଼କ୍ରସ କାଉନସିଲର ଡ଼. ଅଶ୍ୱିନୀ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

▪ ସୈନିକଙ୍କୁ ସମ୍ମାନ, ବିଶ୍ୱ ରେକର୍ଡ ଲକ୍ଷ୍ୟ

# ଲକ୍ଷ୍ୟ ହାସଲ ପାଇଁ ସାଇକେଲ ଯାତ୍ରା

**ବରଗଡ଼ ଅଫିସ୍,୮।୨**

**ବରଗଡ଼ ସହର**



ବିଶ୍ୱ ରେକର୍ଡ଼ ଲକ୍ଷ୍ୟରେ ବାହାରିଥିବା ସାଇକେଲ ଆରୋହୀ ଦିଲ୍ଲୀର ଅଫତାବ ଫରିଦି ।

- ବିଶ୍ୱ ରେକର୍ଡ ଲକ୍ଷ୍ୟରେ ଅଫ୍ତାବ
- ୧୬୨ ଦିନରେ ୧୫,୪୦୦ କିମି ଯାତ୍ରା କଲେଣି
- ଶ୍ମଶାନରେ ବିତାଇଲେଣି ୧୮ ରାତି
- ୯ ରାଜ୍ୟ ପରିକ୍ରମା ସାରିଛନ୍ତି
- ସଦର ଥାନାରେ ଅନୁଭୂତି ବଖାଣିଲେ

ଦେଶ ମାତୃକାର ସେବା କରୁଥିବା ସୈନିକଙ୍କୁ ସମ୍ମାନ ଜଣାଇବା ସହିତ ବିଶ୍ୱ ରେକର୍ଡ଼ ଲକ୍ଷ୍ୟରେ ଇଣ୍ଡିଆ ଗେଟ୍‌ରୁ ସାଇକେଲ ଯାତ୍ରାରେ ବାହାରିଥିବା ଦିଲ୍ଲୀର ଅଫତାବ ଫରିଦି (୨୩) ଶୁକ୍ରବାର ମଧ୍ୟାହ୍ନରେ ବରଗଡ଼ ସହରରେ ପହଞ୍ଚିଥିଲେ । ଆସିବା ବାଟରେ ବରଗଡ଼ ସଦର ଥାନାକୁ ଯାଇ ଅଫତାବ୍ କାର୍ଯ୍ୟରତ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ଭେଟି ତାଙ୍କ ଯାତ୍ରାର ଅନୁଭୂତି ଓ ଆଭିମୁଖ୍ୟ ଉପରେ ବଖାଣିଥିଲେ। ସେ କହିଥିଲେ, ଗତବର୍ଷ ଅଗଷ୍ଟ ୨୬ତାରିଖ ରକ୍ଷାବନ୍ଧନରୁ ସାଇକେଲ ଯାତ୍ରାରେ ବାହାରିଛନ୍ତି । ଇତିମଧ୍ୟରେ ସେ ଦେଶର ହରିଆନା, ପଞ୍ଜାବ, ଉତ୍ତରପ୍ରଦେଶ, ଛତିଶଗଡ଼ ସମେତ ୯ଟି ରାଜ୍ୟ ପରିକ୍ରମା କରି ଓଡ଼ିଶାକୁ ପ୍ରବେଶ କରିଛନ୍ତି । ଦେଶର ସୈନିକଙ୍କୁ ସମ୍ମାନ ଜଣାଇବା ଏହି ଯାତ୍ରାର ମୂଳଲକ୍ଷ୍ୟ ବୋଲି ଅଫତାବ କହିଛନ୍ତି।

ସେ ଆହୁରି କହିଥିଲେ, ଅଷ୍ଟ୍ରେଲିଆର କ୍ରିକେଟର ବେଲଜିନ ବୋଡ଼ାନ୍ ସର୍ବାଧିକ ୧୮ହଜାର ୯୨୨କି.ମି ସାଇକେଲ ଯାତ୍ରା କରି ବିଶ୍ୱ ରେକର୍ଡ଼ କରିଛନ୍ତି । ଏହି ରେକର୍ଡ଼ ଭାଙ୍ଗି ଦେଶ ମାତୃକା ପାଇଁ ନିଜେ ବିଶ୍ୱ ରେକର୍ଡ଼ ସୃଷ୍ଟି କରିବା ତାଙ୍କ ଅନ୍ୟତମ ଲକ୍ଷ୍ୟ ବୋଲି ଅଫତାବ ପ୍ରକାଶ କରିଛନ୍ତି ।

ଜଣେ ଜାତୀୟସ୍ତରୀୟ ସାଇକେଲ ଆରୋହୀ (ସାଇକ୍ଲିଷ୍ଟ) ଭାବେ ପରିଚିତ ଅଫତାବ ଇତିମଧ୍ୟରେ ତାଙ୍କର ୧୬୨ ଦିନର ଯାତ୍ରାରେ ୧୫ହଜାର ୪୦୦ କି.ମି ଅତିକ୍ରମ କରିସାରି ଥିବାବେଳେ ବେଲଜିନ୍ ବୋଡ଼ାନଙ୍କ ରେକର୍ଡ଼କୁ ଭାଙ୍ଗିବା ନିକଟତର ହୋଇଛନ୍ତି । ସାଇକେଲ ଯୋଗେ ଦେଶର ବିଭିନ୍ନ ରାଜ୍ୟ ପରିଭ୍ରମଣ ସାରି ଆସନ୍ତା ଜୁନ୍ ୧୫ତାରିଖ ସୁଦ୍ଧା ପୁଣି ଇଣ୍ଡିଆ ଗେଟ୍‌ରେ ସେ ପହଞ୍ଚିବେ । ନିଶ୍ଚିତ ଭାବେ ସେ ବିଶ୍ୱ ରେକର୍ଡ଼ ସୃଷ୍ଟି କରିବେ ବୋଲି ଅଫତାବ୍ ଦୃଢ଼ୋକ୍ତି କରିଛନ୍ତି। ଆସିବା ବାଟରେ ସେ ୧୮ରାତି ଶ୍ମଶାନରେ ବିତାଇ ଥିବାବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ମାତ୍ର ନିଜ ଲକ୍ଷ୍ୟକୁ ଛୁଇଁବା ପାଇଁ ସେ ସାଇକେଲ ଯାତ୍ରାକୁ ଅଟକାଇ ନାହାନ୍ତି ବୋଲି କହିଥିଲେ ।



ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଲୋକ କବି ହଳଧର ନାଗ କବିତା ପାଠ କରୁଛନ୍ତି ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

**ଭେଡ଼େନ, ୮।୨(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ଗୁରୁପାଲିରେ ଚାରିଦିନ ଧରି ଚାଲିଥିବା ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ଚଣ୍ଡି ହୋମ, ହନୁମାନ ସହସ୍ରନାମ ହୋମ, ଦେବାଳୟ ନ୍ୟାସ, ସିଂହାସନ ପ୍ରତିଷ୍ଠା, ବିଗ୍ରହ ପ୍ରାଣ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆନନ୍ଦ କରନ, ହରିଶଙ୍କର ବେହେରା, ସତ୍ୟନାରାୟଣ ଠାଠୀ, ପୂର୍ଣ୍ଣଚନ୍ଦ୍ର ଭୁଏ, କ୍ଷମାନିଧି ନାୟକ, ଅର୍ଜୁନ ବେହେରା, ଶଙ୍କର ବେହେରା, ନାରାୟଣ ମହାକୁର, ବଜରଙ୍ଗ କରନ ଏବଂ ପ୍ରଫୁଲ୍ଲ ବେହେରା ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶୁକ୍ରବାର ଲୋକକବି ପଦ୍ମଶ୍ରୀ ହଳଧର ନାଗଙ୍କ ମହାସତୀ ଉର୍ମିଳା କାବ୍ୟ ପାରାୟଣ, ଅନ୍ୟାନ୍ୟ କବିତା ପାଠ, ସୁବୋଧ କୁମାରଙ୍କ ରାମାୟଣ ପାରାୟଣ, ବ୍ରଜସୁନ୍ଦର ଘିବେଲାଙ୍କ ଭଜନ ସମାରୋହ, ମାଁ ସେରାୱାଲି ମେଲୋଡ଼ି, ଛୁମକୁଛମା ସାଂସ୍କୃତିକ କଳା ପରିଷଦର ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ମୁଖ୍ୟ ଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି ଛେତି, ଜିଲା ପରିଷଦ ସଭ୍ୟ ସୁବାସ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଥିଲେ ।

▪ ସଡକ ସୁରକ୍ଷା ସପ୍ତାହରେ ଶୋଭାଯାତ୍ରା

# ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

**ଜାମଟିକ୍ରା, ୮।୨ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଗରିଆଟିକ୍ରା ପ୍ରକଳ୍ପ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମଧୁସୂଦନ ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ ସ୍କୁଲରୁ ବାହାରି ପତ୍ରାପାଲି ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଏହି ସମୟରେ ଛାତ୍ରୀଛାତ୍ର ବାଇକ ଆରୋହୀଙ୍କୁ ଟ୍ରାଫିକ ନିୟମ ମାନିବା ଏବଂ ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବା ପାଇଁ ସଚେତନ କରିଥିଲେ । ହେମନ୍ତ କୁମାର ମୁଦୁଲି, ବିଜୁଳି ସେଠ, କିଶୋର ପଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।




ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।



ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀବୃନ୍ଦ ।

## ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

**ବରଗଡ଼ ଅଫିସ୍,୮।୨**

ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲାପାଳ ଅଫିସ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ବସିଥିଲା । ବୈଠକରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସପି ମୁକେଶ କୁମାର ଭାମୁ, ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲାପାଳ ତ୍ରିପାଠୀ ସମସ୍ତ ଅଧିକାରୀଙ୍କୁ ନିର୍ବାଚନୀ ପ୍ରସ୍ତୁତି ଉପରେ ପରାମର୍ଶ ଦେଇଥିବା ବେଳେ ସେ ନେଇ ସମୀକ୍ଷା କରିଥିଲେ । ସେହିପରି ଏସ୍‌ପି ଭାମୁ ମଧ୍ୟ ପୋଲିସ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ବୈଠକରେ ଜିଲାର ପ୍ରାୟ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିଶୁ ସାହିତ୍ୟ ପାଠୋତ୍ସବ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୮।୨**

ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ସ୍ଥାନୀୟ ରାଣାପ୍ରତାପ ସ୍କୁଲ ପରିସରରେ ଶିଶୁ ସାହିତ୍ୟ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତିଷ୍ଠିତ ଶିଶୁ ସାହିତ୍ୟିକଙ୍କ ରଚିତ ପୁସ୍ତକ, ମହାପୁରୁଷଙ୍କ ଜୀବନୀ ଆଧାରିତ ବହି ଓ ଶିଶୁ ପତ୍ରିକା ପିଲାମାନଙ୍କୁ ପଢ଼ିବାକୁ ଦିଆଯାଇଥିଲା। ପଠନ ଆଧାରିତ ପୁସ୍ତକ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଏଥିରେ ଛାତ୍ରୀ ରୋଜି ତାଣ୍ଡି ପ୍ରଥମ, କଳ୍ପନା ସାହୁ ଦ୍ୱିତୀୟ ଓ ମୋନିକା ନାଏକ ତୃତୀୟ ହୋଇଥିଲେ । କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଇଓ ସୁଧାଂଶୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏବିଇଓ ଅର୍ଜୁନ ସାହୁ, ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ଭାବନା ସାହୁ, ତପସ୍ୱିନୀ ତ୍ରିପାଠୀ, ସୁନୀତା ମିଶ୍ର, ଜ୍ୟୋସ୍ନା ସାହୁ, ମୀନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପାଠାଗାରର ସଂଯୋଜକ ଡଃ ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଛାତ୍ର ବିଶ୍ୱଜିତ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଧ୍ୟାତ୍ମିକ ଜ୍ଞାନ, ନୈତିକ ଶିକ୍ଷା ଜରୁରୀ



କର୍ମଶାଳାରେ କାନାଡ଼ାରୁ ଆସିଥିବା ସାଧ୍ୱୀ ଜେସନ୍ଥ ଚିଆସନ ବକ୍ତବ୍ୟ ରଖୁଛନ୍ତି ।

**ବରଗଡ଼ ଅଫିସ୍,୮।୨**

ପାଠପଢ଼ା ସାଙ୍ଗକୁ ଯୋଗାଭ୍ୟାସ ଛାତ୍ରୀଛାତ୍ରଙ୍କ ମନରେ ଏକାଗ୍ରତା ସୃଷ୍ଟି କରେ। ଏହା ମାନସିକ ଶାନ୍ତି ମଧ୍ୟ ପ୍ରଦାନ କରିଥାଏ । ଫଳରେ ଛାତ୍ରୀଛାତ୍ରଙ୍କ ପାଇଁ ଆଧ୍ୟାତ୍ମିକ ଜ୍ଞାନ ଓ ନୈତିକ ଶିକ୍ଷାର ମଧ୍ୟ ଆବଶ୍ୟକତା ରହିଛି । ବରଗଡ଼ ରାଣାପ୍ରତାପ ସ୍କୁଲରେ ଶୁକ୍ରବାର ନୈତିକ ଶିକ୍ଷା ପ୍ରଦାନ ଅବସରରେ ଅନୁଷ୍ଠିତ କର୍ମଶାଳାରେ କାନାଡ଼ାରୁ ଆସିଥିବା ସାଧ୍ୱୀ ଜେସନ୍ଥ ଚିଆସନ ଓ ସମାଜ ସଂସ୍କାରକ ତେଜୋମୟାନନ୍ଦ ସରସ୍ୱତୀ ଏହା କହିଛନ୍ତି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଅଧ୍ୟାପକ ତୀର୍ଥବାସୀ ଦେବତା, ନମିତା ବଡ଼ପଣ୍ଡା, ଭାବନା ସାହୁ, ଜ୍ୟୋସ୍ନା ସାହୁ, ସୁଧାଂଶୁ ଶେଖର ସାହୁ, ସୁନିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଉଭୟ ଅତିଥିଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷକ ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସ କୃଷକ ସେଲ୍‌ର ବୈଠକ

**ବରଗଡ଼ ଅଫିସ୍,୮।୨**

ବରଗଡ଼ରେ ଜିଲା କଂଗ୍ରେସ(କୃଷକ ସେଲ୍)ର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ବୈଠକରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ, ସମ୍ପାଦକ ଗୁଣମଣି ସାହୁ, ଜିଲା କୃଷକ ସେଲ ସଭାପତି ଦୟାସାଗର ମେଣ୍ଡଲି ପ୍ରମୁଖ ଯୋଗଦେଇ କୃଷିଋଣ ଛାଡ଼ ଏବଂ ଧାନର ଏମଏସପି ବୃଦ୍ଧି ନେଇ ଜାତୀୟ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀ କରିଥିବା ଘୋଷଣା ଗାଁ ଗାଁରେ ପହଞ୍ଚାଇବା ପାଇଁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି କ୍ରମରେ ଜିଲାର ପ୍ରତି ପଞ୍ଚାୟତରେ କାର୍ଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା । ବୈଠକରେ ଭୁବନେଶ୍ୱର ପ୍ରଧାନ, ଆନନ୍ଦ ପ୍ରଧାନ, ନନ୍ଦିଘୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ବୈଠକରେ କଂଗ୍ରେସର ନେତା, କର୍ମୀବୃନ୍ଦ ।

# ହସ୍ତତନ୍ତ ବୈଷୟିକ ଅନୁଷ୍ଠାନର ବାର୍ଷିକୋତ୍ସବ

**ବରଗଡ଼ ଅଫିସ୍,୮।୨**

ଭାରତୀୟ ହସ୍ତତନ୍ତ ବୈଷୟିକ ଅନୁଷ୍ଠାନ, ବରଗଡ଼ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବୈଷୟିକ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ପ୍ରିନ୍ସପାଲ ସଚିନ୍ଦ୍ର କୁମାର ଗୋଖୁରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପିକେଏସିଇର ପ୍ରିନ୍ସିପାଲ ଡଃ ଭାରତ ଭୂଷଣ ଶତପଥୀ, ଇମ୍ପିରିଆଲ କଲେଜର ଏମଡ଼ି ଦୀପକ ଗୋୟଲ, ରାମକୃଷ୍ଣ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ଅନୁଷ୍ଠାନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀ ଶିନସ୍କା ମିଶ୍ର ପରିଚାଳନା କରିଥିଲେ। ରଞ୍ଜିତ ଚୌହାନ, ଦୀପକ ଦୁବେ ପ୍ରମୁଖ ସହଯୋଗ କରିଥିଲେ । ସୋଫାର ପରିଚାଳକ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ । ଏମ.ବି ସପାଗ୍ନେକର ଧନ୍ୟବାଦ ଅର୍ପଣ କରିଥିଲେ ।




ବାର୍ଷିକୋତ୍ସବରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।



ଧନ ସଞ୍ଚୟ, ବାହାରର ସଫଳତା, ପ୍ରଚାର, ବିଳାସ
ଏହି ଚାରୋଟିକୁ ମୁଁ ବରାବର ଘୃଣା କରି ଆସିଛି।
- ଆଲବର୍ଟ ଆଇନଷ୍ଟାଇନ



## ସଂକ୍ଷେପରେ

### ସୁବଳୟାରେ ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବୀରମହାରାଜପୁର,୮।୨(ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ସୁବଳୟାଠାରେ ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ପୂର୍ବତନ ଜିଲା ପରିଷଦ ସଭାପତି ଆନନ୍ଦ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ସୁବଳୟା ମଣ୍ଡଳ ଅନ୍ତର୍ଗତ ପିତାମହୁଲ, କମିରା, ସଂଗ୍ରାମପୁର ଓ ସୁବଳୟା ପଞ୍ଚାୟତ ପ୍ରମୁଖ ତଥା ବୁଥ ପ୍ରମୁଖମାନେ ଅଂଶଗ୍ରହଣ କରିଥିଲେ । ସଭାରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପ୍ରଭାରୀ ଯୁଗଳ କୁମାର ସାହୁ, ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, ଉପସଭାପତି ସତ୍ୟବ୍ରତ ମିଶ୍ର, ବେଣୁଧର ଦାଶ, ରଘୁବୀର ପାଣିଗ୍ରାହୀ, ସୁଦାମ ମେହେର, ଗୌତମ ପଣ୍ଡା, ସେନାପତି ଭୋଇ, ସୁମନ୍ତ ଜଗଦଲା ଓ ବଳରାମ ଦୀପ ପ୍ରମୁଖ ଉଦବୋଧନ ଦେଇଥିଲେ। ସାଙ୍ଗଠନିକ ଆଲୋଚନା ବିଶେଷତଃ ନିର୍ବାଚନୀ ପ୍ରସ୍ତୁତି ସଂକ୍ରାନ୍ତିୟ ଆଲୋଚନା ପାଇଁ ଉର୍ଦ୍ଦିଷ୍ଟ ସମ୍ମିଳନୀରେ ଶତାଧିକ କର୍ମୀ ଯୋଗଦେଇଥିଲେ ।

### ପ୍ରକାଶ ଚନ୍ଦ୍ର ସାହୁ ହେଲେ ଡବ୍ଲ୍ୟୁଓଡିସି ସଭ୍ୟ

**ସୋନପୁର,୮।୨(ନି.ପ୍ର.):** ପ୍ରକାଶ ଚନ୍ଦ୍ର ସାହୁଙ୍କୁ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ସଭ୍ୟ ଭାବେ ମନୋନୀତ କରିଛନ୍ତି। ସାମାଜିକ ସେବା କ୍ଷେତ୍ରରେ ତାଙ୍କର ଅବଦାନ ସକାଶେ ପରିଷଦର ଏକ୍ସପର୍ଟ ସଭ୍ୟ ଭାବେ ସାହୁଙ୍କୁ ମନୋନୀତ କରାଯାଇଥିବା ଜଣାପଡିଛି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିକାଶ ପରିଷଦର କାର୍ଯ୍ୟାଳୟରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରକାଶ ପୂର୍ବରୁ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର ଅଧକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏନେଇ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡ଼ଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**ବୌଦ୍ଧ,୮।୨(ସ୍ୱ.ପ୍ର)-** ବୌଦ୍ଧ ଜିଲା ବାମଣ୍ଡା ପଞ୍ଚାୟତରେ ଚାଲିଥିବା ଦୁଇ ଦିନିଆ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସରପଞ୍ଚ ଲଳିତ ମୋହନ ଥାଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି, ବିକାଶ ଚନ୍ଦ୍ର କାନୁନଗୋ, ସରସରା ସରପଞ୍ଚ ଅରୁଣ ପ୍ରଧାନ ସମ୍ମାନିତ ଅତିଥି, ବିଇଓ ସନାତନ ଗାହାଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି କ୍ରୀଡାରେ ପଞ୍ଚାୟତର ୧୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ କୁମର ସାହୁ, ଅମରେଶ ପ୍ରଧାନ, ବରୁଣ ପ୍ରଧାନ ଖେଳ ପରିଚାଳନା କରିଥିଲେ । ସିଆରସିସି ଶୈଳେନ୍ଦ୍ର କୁମାର ମେଣ୍ଡୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଲେ ଶିକ୍ଷକ

# ଦୁଇ ଘଣ୍ଟା ରାସ୍ତାରେ ଛାତ୍ରୀଛାତ୍ର

**ଉଲୁଣ୍ଡା,୮।୨(ଡି.ଏନ୍.ଏ.)**

ବିଳମ୍ବରେ ଆସିବାରୁ ବିଦ୍ୟାଳୟ ପ୍ରବେଶ ମନା। ଛାତ୍ରୀଛାତ୍ରମାନଙ୍କୁ ଏଭଳି ତାଗିଦ କରି ସହକାରୀ ଶିକ୍ଷକ ଜଣକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ବିଦ୍ୟାଳୟକୁ ପ୍ରବେଶ କରି ନ ପାରି ଛାତ୍ରୀଛାତ୍ର ବାହାରେ ଛିଡା ହୋଇ ରହିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଯୋଗ୍ୟ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୧୫୪ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ୬ଜଣ ଶିକ୍ଷକ ଅଛନ୍ତି। ତେବେ ଶୁକ୍ରବାର ସକାଳ ପ୍ରାୟ ୯.୪୫ ମିନିଟ ସମୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ ହୃଷୀକେଶ ଭୋଇ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ କୁକିଆ, ବାରିଗାଁ, ବରପଦର, ଅମୂର୍ଭା ଏବଂ ପଞ୍ଚମହଲା ଗ୍ରାମରୁ ଆସୁଥିବା ଛାତ୍ରୀଛାତ୍ରୀଙ୍କ ସହ ଶିକ୍ଷକ ପ୍ରଦୀପ କୁମାର ସେଠୀ ବିଦ୍ୟାଳୟ ଭିତରକୁ ପ୍ରବେଶ କରି ନ ପାରି ବାହାରେ ଛିଡା ହୋଇ ରହିଥିଲେ। ଖବର ପାଇ ଅଭିଭାବକମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାସଂକ୍ରାନ୍ତରେ ପଚାରି ବୁଝିଥିଲେ। ଘଟଣା ସଂକ୍ରାନ୍ତରେ ଜାଣିବା ପରେ ଅଭିଭାବକ ଏବଂ ଗ୍ରାମ୍ୟ ଶିକ୍ଷା କମିଟି ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ସହକାରୀ ଶିକ୍ଷକ ହୃଷୀକେଶ ଭୋଇଙ୍କୁ ପଚରାଯିବାରୁ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ର ବିଳମ୍ବରେ ଆସୁଥିବାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ। ଖବର ପାଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଏବିଇଓ ସନ୍ତୋଷ ରଥ ସ୍କୁଲରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା ପରେ ମଧ୍ୟାହ୍ନ ୧୨ଟାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ପ୍ରଧାନଶିକ୍ଷକ ରଥଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ।




ଶିଳ୍ପ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

**ବୀରମହାରାଜପୁର,୮।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଶିଳ୍ପ ତାଲିମ କେନ୍ଦ୍ର (ଡିଆଇସି) ଆନୁକୂଲ୍ୟରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ବୀରମହାରାଜପୁର କଲେଜରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ମୂରଲୀଧର ହୋତାଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟତଃ ସୁକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଲିଡ୍ ବ୍ୟାଙ୍କ ମ୍ୟାନେଜର ସରୋଜ କୁମାର ଦାଶ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ ତରଫରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ସମ୍ପର୍କରେ ବୁଝାଇଥିଲେ । ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବଳଭଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ କରି ଛାତ୍ରୀଛାତ୍ରମାନେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ସେହିଭଳି ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମିଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଅଧକ୍ଷ ଜନାର୍ଦ୍ଦନ ନାୟକ ସମ୍ମାନିତ ଅତିଥି ଭାବରେ ଉଦବୋଧନ ଦେଇ ବିଭିନ୍ନ ଶିଳ୍ପ ତାଲିମ ଉପରେ ମାର୍ଗଦର୍ଶନ କରିଥିବା ବେଳେ ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅର୍ଥନୀତି ବିଭାଗ ଅଧାପକ ଦୀନବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶିଳ୍ପ କେନ୍ଦ୍ରର ଗୋପବନ୍ଧୁ ପ୍ରଧାନ ଉକ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ । କର୍ମଶାଳାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ ।

ବୀରମହାରାଜପୁରରେ ସଡକ ସୁରକ୍ଷା ସଚେତନତା ଅଭିଯାନ

# ବସ୍ତି ପରିକ୍ରମାରେ ଏନସିସି ସହ ସାମିଲ ସ୍କୁଲ ଛାତ୍ରୀଛାତ୍ର

**ବୀରମହାରାଜପୁର, ୮।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଗତ ୪ ତାରିଖଠାରୁ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳନ ଚାଲିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବୀରମହାରାଜପୁର ସଦର ମହକୁମାଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ଆଦର୍ଶ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ବସ୍ତି ପରିକ୍ରମା କରିଥିଲା । ସୁବର୍ଣ୍ଣପୁର ଏମଭିଆଇ ରବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଅଭିଯାନର ଶୁଭାରମ୍ଭ କରିଥିଲେ। ବୀରମହାରାଜପୁର ଏସଡିପିଓ ଧିରଜ ଚୌପଦାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପୋଲିସ ଅଧିକାରୀ ଗଣ ସାମିଲଥିଲେ। ରାଲିରେ ପୋଲିସ କର୍ମଚାରୀଙ୍କ ସହ କଲେଜର ଏନସିସି ତଥା ସରକାରୀ ହାଇସ୍କୁଲ ଓ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲ ଛାତ୍ରୀଛାତ୍ର ସାମିଲ ଥିଲେ । ପରିକ୍ରମା ବେଳେ ସେମାନେ ବିଭିନ୍ନ ଛକରେ ଯାନଗୁଡିକୁ ଅଟକାଇ ସତର୍କ ସୂଚନାର ଲିଫଲେଟ୍ ବିତରଣ କରିଥିଲେ। ଅଟୋ ରିକ୍ସା ଚାଳକମାନେ ମଧ ନିଜ ଗାଡି ସହ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇ ବସ୍ତି ପରିକ୍ରମା କରିଥିଲେ। ଏନସିସି ଅଫିସର ସୂର୍ଯ୍ୟନାରାୟଣ ପଣ୍ଡା ଓ କଲେଜ ପିଇଟି ନରେନ୍ଦ୍ର ଚାନ୍ଦଙ୍କ ସହିତ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଆଦର୍ଶ ଥାନା ପରିସରରେ ସଚେତନତା ରଥ ତଥା ରାଲିର ଶୁଭାରମ୍ଭ କରାଯାଉଛି ।

ସ୍କୁଲ ଛାତ୍ରୀ ମା' ହେବା ଘଟଣା

# ଶିଶୁ ସୁରକ୍ଷା ବିଭାଗ ଦେଲା ଏତଲା

**ବୌଦ୍ଧ,୮।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଗତ ଗୁରୁବାର ଜଣେ ସ୍କୁଲ ଛାତ୍ରୀ ଶିଶୁପୁତ୍ର ଜନ୍ମ ଦେବା ପରେ ମା' ଓ ଶିଶୁଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ଡାକ୍ତରଖାନାରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ନାବାଳିକା ମା' ଓ ଶିଶୁର ଯତ୍ନ ନିଆଯାଉଛି । ଏ ନେଇ ନାବାଳିକାର ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ତେବେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସୂଚନା ଦେଇଛନ୍ତି । ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ହେଲା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ ।

# ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

## ୫୦ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ

**କଟକ ଅଫିସ, ୮।୨**

ବୌଦ୍ଧ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଯାଞ୍ଚରୁ ମୋଟ ୭୧ ଲକ୍ଷ ୯୮ ହଜାର ୧୩୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ଗୋଠଡିହପଡ଼ା ଗ୍ରାମରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି। ଉକ୍ତ କୋଠାର ମୂଲ୍ୟ ୪୩ ଲକ୍ଷ ୬୫ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ବ୍ୟାଙ୍କ ଓ ଇନସ୍ୟୁରାନ୍ସ ଆଦିରେ ସେ ୧୧ ଲକ୍ଷ ୧୫ହଜାର ଟଙ୍କା ଜମା କରିଥିବା ବେଳେ ତାଙ୍କର ୮ ଲକ୍ଷ ୫୦ହଜାର ଟଙ୍କା ମୂଲ୍ୟର ଗୋଟିଏ ବୋଲୋରୋ ଗାଡ଼ି, ୬୫ହଜାର ଟଙ୍କାର ଆକ୍ଟିଭା ମୋଟରସାଇକେଲ, ୧ ଲକ୍ଷ ୪୬ହଜାର ଟଙ୍କାର ସୁନାଗହଣା ଓ ୬ ଲକ୍ଷ ୫୩ହଜାର ୧୨୦ ଟଙ୍କାର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି। ସୂଚନାଥାଉକି, ଗତ ୪ ତାରିଖରେ ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀ ସାମନ୍ତରାୟଙ୍କୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଥିଲେ। ସେ ଏହି ଲାଞ୍ଚ ଟଙ୍କା ବୌଦ୍ଧ ଜିଲା ଗୋବିନ୍ଦପୁର ଗ୍ରାମର ମିତ୍ରଭାନୁ ପ୍ରଧାନଙ୍କଠାରୁ ଗ୍ରହଣ କରୁଥିଲେ। ମିତ୍ରଭାନୁ ଜଳ ଓ ପରିମଳ ବିଭାଗ ଅଧୀନରେ ଏକ ସୋଲାର ୱାଟରେ ସପ୍ଲାଏ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ କରିଥିଲେ। ପ୍ରକଳ୍ପ ବାବଦ ବିଲ୍ ପ୍ରସ୍ତୁତ କରିବା ପାଇଁ ଯନ୍ତ୍ରୀ ସାମନ୍ତରାୟ ଏହି ଲାଞ୍ଚ ଦାବି କରିଥିଲେ।

# ବାପା ବନାମ ବୁଢ଼ା, ଧର୍ମାଶୋକ, ପ୍ରେମ କା ଉଦୟ ମଞ୍ଚସ୍ଥ

**ସୋନପୁର,୮।୨(ନି.ପ୍ର.)**

## ରାଷ୍ଟ୍ରୀୟ ନାଟ୍ ମେଳା ଉଦ୍‌ଘାଟିତ

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବହୁଭାଷୀୟ ନାଟକ ପ୍ରତିଯୋଗିତା ରାଷ୍ଟ୍ରୀୟ ନାଟ୍ ମେଳା-୨୦୧୯ । ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ଅନୁଷ୍ଠାନ ନାଟ୍ ପକ୍ଷରୁ ସ୍ଥାନୀୟ ଭୀମଭୋଇ କଳାମଣ୍ଡପରେ ଏହି ନାଟକ ମେଳା ଆୟୋଜିତ ହେଉଛି । ଉଦ୍‌ଘାଟନୀ ସନ୍ଧ୍ୟାରେ ୩ଟି ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରଥମେ ଡ୍ରାମା ଚେତନା, ଅଶୋକ କୁମାର ବହିଦାରଙ୍କ ଦ୍ୱାରା ଲିଖିତ ଓ ଡ. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ-କୋସଲି ନାଟକ ବାପା ବନାମ ବୁଢା ମଞ୍ଚସ୍ଥ ହୋଇଥିଲା । ସାମ୍ପ୍ରତିକ ସମାଜର ପ୍ରତିଛବି ମଞ୍ଚସ୍ଥ ହୋଇଥିଲା ଏହି ନାଟକରେ । ମଞ୍ଚସ୍ଥ ନାଟକର ଅନ୍ତଃସ୍ୱର ଥିଲା ଏହିପରି । ସବୁ ମା ବାପା ସ୍ୱପ୍ନ ଦେଖନ୍ତି ଯେ, ପୁଅଟି ଭଲ ପଢାପଢି ବଡ ଚାକିରି କରିବ । ଘରକୁ ବହୁ ଆସିବ । ପୁଅ ବହୁ ମିଶି ସେମାନଙ୍କ ବୃଦ୍ଧା ବସ୍ଥାରେ ସେବା କରିବ । ହେଲେ ପୁଅ ବଡ ଚାକିରି କରି ସହରରେ ରହେ । ପୁଅର ଘରେ ତା ଶାଶୁ ଶ୍ୱଶୁର ନିଜର ହୁଅନ୍ତି, କିନ୍ତୁ ଜନ୍ମକଲା ବାପା ପର ହୋଇଯାଏ । ଏଭଳି ଏକ ନିଚ୍ଛକ ଚିତ୍ର ପ୍ରଦାନ କରାଯାଇଥିଲା ଏହି ନାଟକରେ । ଦ୍ୱିତୀୟ ଓଡ଼ିଆ ନାଟକ ଧର୍ମାଶୋକ ମଞ୍ଚସ୍ଥ କରିଥିଲେ ରାଉରକେଲା କଳିକା ନୃତ୍ୟ ଏବଂ ସଙ୍ଗୀତ ଏକାଡେମୀର କଳାକାର । ସ୍ୱର୍ଗତ ଚିନ୍ତାମଣି ଜେନା ଏହି ନାଟକକୁ ରଚନା କରିଥିଲା ବେଳେ ନିର୍ଦ୍ଦେଶନା ଦେଇଥିଲେ ମନୋଜ ମହାନ୍ତି । ଜୀବନର ଲୁଚକାଳି ଖେଳରେ କିଏ ଜିତେ ତ କିଏ ହାରେ । ଯୁଦ୍ଧ ଦ୍ୱାରା ଦେଶ ଜୟ କରାଯାଇପାରେ । କିନ୍ତୁ ଶେଷରେ ଅହିଂସା, ଭଲ ପାଇବାର ହିଁ ବିଜୟ ହୋଇଥାଏ । ଅଶୋକ କଳିଙ୍ଗ ଯୁଦ୍ଧରେ ବିଜୟ ଲାଭ କରିବା ପରେ କିଭଳି ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ ସେ ସମ୍ପର୍କରେ କଳାକାରମାନେ ନାଟକ ମାଧ୍ୟମରେ ବୁଝାଇଥିଲେ । ତୃତୀୟ ହିନ୍ଦୀ ନାଟକ ପ୍ରେମ କା ଉଦୟକୁ ମଞ୍ଚସ୍ଥ କରିଥିଲେ ବାରଣାସୀ, ନୟଲପୁରର କଳାକାରମାନେ । ମୁନ୍‌ସୀ ପ୍ରେମଚାନ୍ଦଙ୍କ ଲିଖିତ ଓ ଅଜୟ ରୋଶନଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଦେଶର ଗରିବ, ଖଟିଖିଆମାନଙ୍କ ଜୀବନ ସମ୍ପର୍କରେ ପ୍ରଦର୍ଶିତ ହୋଇଥିଲା । ଜନସାଧାରଣ ସଚେତନ ହେଲେ, ଅନ୍ୟାୟର ପ୍ରତିବାଦ କଲେ ସୁନାର ଭାରତ ଗଢିବା ସମ୍ଭବ ହୋଇପାରିବ ବୋଲି ବାର୍ତ୍ତା ଦିଆଯାଇଥିଲା । ଦର୍ଶକ ଏହି ନାଟକରୁ ଭରପୁର ମନୋରଞ୍ଜନ ପାଇଥିଲେ । ନାଟ ମେଳାକୁ ସିନେ ଅଭିନେତା ପଦ୍ମଶ୍ରୀ ଡ. ସାଧୁ ମେହେର ଉଦ୍‌ଘାଟନ କରିଥିଲେ । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି, ଏସ୍‌ପି ଦେବୀପ୍ରସାଦ ଦାଶ, ଜିଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ଏବଂ ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ ସଭା ସଂଯୋଜନା କରିଥିଲେ । ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ଓ ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା ଉପସ୍ଥିତ ଥିଲେ ।

# କାର ଅଟକାଇ ୨୬ ହଜାର ଟଙ୍କା ଲୁଟିଲେ ଦୁର୍ବୃତ୍ତ

**ବିନିକା,୮।୨(ଡି.ଏନ୍.ଏ.)**

ସୋନପୁର-ବିନିକା ଉର୍ଲେ ଛକ ନିକଟସ୍ଥ ଇଂଲିଶ ମିଡିୟମ ସ୍କୁଲ ନିକଟରେ ଦୁର୍ବୃତ୍ତମାନେ ଏକ କାର ଅଟକାଇ ଯାତ୍ରୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ବିନିକା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ବଲାଙ୍ଗୀର ଜିଲା ଅଧୀନ ଫାସଡ ଗ୍ରାମର କରୁଣା ନାୟକ ଗାଁର ସାରଦୁଲ ସ୍ୱାଇଁ, ଶରତ ନାଗ, ଜିତେନ ନାୟକ, କେଜି ବେହେରା ଓ ସେମିଲିଆ ଗ୍ରାମର ଗୋପୀନାଥ ମହାକୁରଙ୍କ ସହିତ ଏକ କାର(ନଂ- ଓଡ଼ି୦୩ସି/୦୪୩୦) ଯୋଗେ ଗୁରୁବାର ସୋନପୁର ଆସିଥିଲେ। କାମ ସାରି ସେମାନେ ରାତିରେ ଗାଁକୁ ଯାଉଥିବା ବେଳେ ଇଂଲିଶ ମିଡିୟମ ସ୍କୁଲ ନିକଟରେ ୭ରୁ ୮ଜଣ ଦୁର୍ବୃତ୍ତ କାରକୁ ଅଟକାଇଥିଲେ। ସେମାନଙ୍କୁ ଆକ୍ରମଣ କରିବା ସହ ଗାଡି ଡ୍ରାଇଭର ଗୋପୀନାଥ ମହାକୁରଙ୍କ ମୁଣ୍ଡରେ ବନ୍ଧୁକ ରଖି ଜୀବନରେ ମାରି ଦେବାର ଧମକ ଦେଇଥିଲେ। ଏପରି କି ଦୁର୍ବୃତ୍ତମାନେ କରୁଣାଙ୍କ ନିକଟରୁ ୨୬ ହଜାର ୫ଶହ ୪୦ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୭/୧୯) ରୁଜୁ ହୋଇଛି।

ସ୍କୁଲ ଟଙ୍କା ଆତ୍ମସାତ ମାମଲା

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ୩ ବର୍ଷ ଜେଲ୍

**ଫୁଲବାଣୀ ଅଫିସ, ୮।୨**

ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ ଆତ୍ମସାତ ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖରୁରୋଜ ନୋଡାଲ ୟୁପି ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନଙ୍କୁ ଶୁକ୍ରବାର ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୪୦ ହଜାର ଟଙ୍କା ଜରିମାନା ହୋଇଛି । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଫୁଲବାଣୀ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଭଗବାନ ପ୍ରଧାନ ଏହି ଦଣ୍ଡାଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ୪ଲକ୍ଷ ୧୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ସେଥିରୁ ୩ ଲକ୍ଷ ୭୫ ହଜାର ଟଙ୍କା ବିଦ୍ୟାଳୟ ଆକାଉଣ୍ଟକୁ ଯାଇଥିଲା । ପ୍ରଧାନଶିକ୍ଷକ ୯୮ ହଜାର ୯୮୬ ଟଙ୍କାର କାମ କରି ବାକି ଟଙ୍କା ଆତ୍ମସାତ କରିଥିଲେ । ଏ ନେଇ ଭିଜିଲାନ୍ସରେ ସର୍ବଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଥିଲା । ତଦନ୍ତ ପରେ ପ୍ରଧାନଶିକ୍ଷକ କେବଳ ୫୮ ହଜାର ୮୯୬ ଟଙ୍କାର କାମ କରି ବଳକା ଟଙ୍କା ହଡପ କରିଥିବା ଜଣାପଡିଥିଲା ।

ଯକ୍ଷ୍ମା ନିୟନ୍ତ୍ରଣ, ନିରାକରଣ ମଞ୍ଚର ବୈଠକ

# ଯକ୍ଷ୍ମାମୁକ୍ତ ସୁବର୍ଣ୍ଣପୁର ଗଠନ ଉପରେ ଗୁରୁତ୍ୱ

**ସୋନପୁର,୮।୨ (ନି.ପ୍ର.)**

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଜିଲା ତାଲିମ କେନ୍ଦ୍ରଠାରେ ଯକ୍ଷ୍ମା ନିୟନ୍ତ୍ରଣ ଓ ନିରାକରଣ ମଞ୍ଚର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କିଭଳି ଜିଲାରେ ଯକ୍ଷ୍ମାକୁ ନିୟନ୍ତ୍ରଣ ଓ ନିରାକରଣ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ପିଡି ଡିଆର୍‌ଡିଏ ସୂର୍ଯ୍ୟନାରାୟଣ ଦାଶ ବୈଠକରେ ଯୋଗଦେଇ ଯକ୍ଷ୍ମାକୁ ପୂର୍ବରୁ ଲୋକେ ଭୟ କରୁଥିଲେ । ଏବେ ଯକ୍ଷ୍ମା ଆଉ ଦୁରାରୋଗ ହୋଇ ରହିନାହିଁ । ତେଣୁ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସିଡିଏମ୍‌ଏଣ୍ଡପିଏଚଓ ଡାକ୍ତର ନାୟକ ବକ୍ତବ୍ୟରେ ୨୦୨୫ ସୁଦ୍ଧା ଭାରତକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ସୁବର୍ଣ୍ଣପୁର ଜିଲାକୁ ଯକ୍ଷ୍ମାମୁକ୍ତ କରାଯିବା ଉପରେ ନାୟକ ଗୁରୁତ୍ୱାରୋପ କରିଥିଲେ । ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମାହଂସ ଦୋରା ଜିଲାରେ ବର୍ତ୍ତମାନ ୫୮ ଜଣ ଯକ୍ଷ୍ମାରୋଗୀ ଚିକିତ୍ସିତ ହେଉଥିବା ଓ ଗତ ୬ ବର୍ଷ ଭିତରେ ୬ ଜଣ ଏମ୍‌ଡିଆର ରୋଗୀଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ । ଡିପିଏଚ୍‌ଓ ଡାକ୍ତର ଦୈତ୍ୟନାରାୟଣ ପାଢୀ, ଏଡିପିଏଚ୍‌ଓ ଭିବିଡି ଡାକ୍ତର ନବ କିଶୋର ବେହେରା, ବୀରମହାରାଜପୁର ଉପଖଣ୍ଡ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ କୁମାର ମହାପାତ୍ର, ଡା. ଅରବିନ୍ଦ ବେହେରା, ସରକାରୀ ଓକିଲ ପ୍ରଦୀପ କୁମାର ହୋତା, ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ, ତାରିଣୀ ପାତ୍ର, ରକ୍ସା ସରପଞ୍ଚ ତ୍ରିଲୋକେଶ ନାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱରର ରାଜୀବ ଗୁରୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିଏମ୍‌ଓ ଏମଏସ ଡାକ୍ତର ପ୍ରଦୀପ କୁମାର ଗୁରୁ ଧନ୍ୟବାଦ ପ୍ରଦାନ କରିଥିଲେ । ଆରଏନଟିସିପିର ଜିଲା ପ୍ରକଳ୍ପ ସଂଯୋଜକ ସମୀର କୁମାର ସାହୁ, ବିନୋଦ ମହାକୁଡ, ସନ୍ତୋଷ ବିଶି ଓ କୁମୁଦ ବଲ୍ଲଭ ନାୟକ ପ୍ରମୁଖ ସହଯୋଗ କରିଥିଲେ।

୨୬ତମ ଅମରପାଲି କ୍ରିକେଟ କପ୍ ଉଦ୍‌ଘାଟିତ

# ବହଲପଦର, ବଡକିରାସିରା ବିଜୟୀ

**ଅମରପାଲି, ୮।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲିଠାରେ ଫ୍ରେଣ୍ଡସ କ୍ଲବ ଓ ଜେମ୍‌ସଷ୍ଟାର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଭଗବାନ ସାହୁ ଗ୍ରାଉଣ୍ଡରେ ୨୬ତମ ଅମରପାଲି କ୍ରିକେଟ କପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ସମ୍ପାଦକ ବରୁଣ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବହଲପଦର ସରପଞ୍ଚ ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟଅତିଥି, ସମିତି ସଭ୍ୟ ପିତାମ୍ବର ସାହୁ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, କନ୍ଦର୍ପ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ ଲୁଡୁରପଙ୍କ ଏବଂ ଗୌଡଗାଡ ମଧ୍ୟରେ ହୋଇଥିଲା । ଗୌଡଗାଡ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୪୬ ରନ୍ କରିଥିବା ବେଳେ ଲୁଡୁରପଙ୍କ ଦଳ ୩ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ୪୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବହଲପଦର ଏବଂ ରେଙ୍ଗାଲି ମଧ୍ୟରେ ହୋଇଥିଲା । ରେଙ୍ଗାଲି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୯ ରନ୍ କରିଥିବା ବେଳେ ବହଲପଦର ଦଳ ୭.୪ ଓଭରରେ ଗୋଟିଏ ଉଇକେଟ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ ଗୁଦଗୁଦା ଓ ବଡକିରାସିରା ମଧ୍ୟରେ ହୋଇଥିଲା । ଗୁଦଗୁଦା ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୭୨ ରନ କରିଥିବା ବେଳେ ବଡକିରାସିରା ଦଳ ୮.୧ ଓଭରରେ ୫ ଉଇକେଟ ହରାଇ ୭୬ ରନ୍ କରି ବିଜୟୀ ହୋଇଥିଲା । ଚତୁର୍ଥ ମ୍ୟାଚ ଲୁଡୁରପଙ୍କ ଓ ବଡକିରାସିରା ମଧ୍ୟରେ ହୋଇଥିଲା । ବଡକିରାସିରା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ହରାଇ ୯୭ ରନ କରିଥିଲା । ଦଳର ରତି ୪୧ରନ କରିଥିଲେ । ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ୧୦ ଓଭରରେ ସନାତନ ମହାକୁରଙ୍କ ୩୦ ବଲରୁ ୫୩ ରନ ସତ୍ତ୍ୱେ ୪ ଉଇକେଟ ହରାଇ ୮୨ ରନ୍ କରି ପରାସ୍ତ ହୋଇଥିଲା । ବଡକିରାସିରା ଦଳର ରତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସୁରେଶ ବିଶି, ସମ୍ପିତ ମାଝି, ପ୍ରବୀଣ ଦାଶ, ଶ୍ରୀତମ ପଧାନ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ବନମାଳୀ ଗୌନ୍ତିଆ, ଜୟପ୍ରକାଶ ସାହୁ ଓ ସୁଶୀଳ ସାହୁ ସ୍କୋରର ଏବଂ ବରୁଣ ନାଏକ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।



ଭଲ ଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ।
- ୱେଣ୍ଡେଲ୍ ଫିଲିପ୍ସ

## ସଂକ୍ଷେପରେ

### ପଥପ୍ରାନ୍ତ ସଚେତନତା, ହେଲମେଟ ଯାଞ୍ଚ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ରେଙ୍ଗାଲି ବସଷ୍ଟାଣ୍ଡସ୍ଥିତ ପୁରୁଣା ଥାନା ସମ୍ମୁଖରେ ପରିବହନ ବିଭାଗ ଏବଂ ରେଙ୍ଗାଲି ପୋଲିସ ମିଳିତ ଭାବରେ ହେଲମେଟ, ସିଟବେଲ୍ଟ ଓ ମଦୁଆଙ୍କୁ ଯାଞ୍ଚ କରିଥିଲେ। ଏହା ସହ ସଚେତନତା କାର୍ଯ୍ୟକ୍ରମ କରି ସଡକ ସୁରକ୍ଷା ଲିଫଲେଟ ବଣ୍ଟନ କରିଥିଲେ। ପରିବହନ ବିଭାଗର ଏମଭିଆଇ ହରିହର ଷଡଙ୍ଗୀ, ଛାତ୍ର ଟ୍ରାଫିକ ଭଲେଣ୍ଟେରି, ରେଙ୍ଗାଲି ପୋଲିସ ଶୁକ୍ରବାର ରେଙ୍ଗାଲି ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଥାନା ସମ୍ମୁଖରେ ଯାଞ୍ଚ କରିବା ସହ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବିନା ହେଲମେଟ୍‌ରେ ବାଇକ ଚଳାଇବା, ତିନି ଚାରିଜଣ ବସି ବାଇକରେ ଯିବା, ସିଟବେଲ୍ଟ ନ ଲଗାଇ ଯାନ ଚଳାଇବା, ମଦ ପିଇ ବାଇକ କିମ୍ବା କାର ଚଳାଇବା ଆଦି ଯାଞ୍ଚ କରିଥିଲେ। ମଦ ଡିକ୍ଟେଟର ମେସିନ ଫୁଙ୍କାଇ ମଦୁଆ ଡ୍ରାଇଭର ମାନଙ୍କୁ ଚିହ୍ନଟ କରି ଫାଇନ କରିବା ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ କରିଥିଲେ।

### ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ

**ସମ୍ବଲପୁର,୮।୨(ବ୍ୟୁରୋ)-** ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା କୟାକୁଦ ଗ୍ରାମ ନିକଟରେ ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ଅନ୍ଧାରୀ ଗ୍ରାମର ନବୀନ ତରିଆ (୬୦)। ସେ କୟାକୁଦ ଗ୍ରାମ ପଞ୍ଚାୟତକୁ ପିଡିଏସ୍ ସାମଗ୍ରୀ ନେବା ପାଇଁ ଯାଇଥିଲେ। ଆହତ ଅବସ୍ଥାରେ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭର ଫେରାର୍ ହୋଇଯାଇଥିବାବେଳେ ବସକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୪/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଓଡି ୧୫- ୧୯୧୯ ନଂ. ଗୁରୁଡ ନାମକ ବସ ସମ୍ବଲପୁର ପଟୁକୁ ଆସୁଥିଲା। ନବୀନ ସାଇକେଲ ଯୋଗେ ନିକଟସ୍ଥ ପଞ୍ଚାୟତକୁ ପିଡିଏସ ସାମଗ୍ରୀ ନେବାକୁ ଯାଇଥିଲେ। ସେ ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଠେଲକୁଲି ଥାନା ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଝାରସୁଗୁଡା ବେହେରାମାଲର ସାନ୍ତନୁ ଗିରି (୨୮) ବାଇକ୍ ଯୋଗେ ଝାରସୁଗୁଡାରୁ ସମ୍ବଲପୁର ଯାଉଥିବା ବେଳେ ଏକ ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ପାଖରେ ଗାଡି ଯାଞ୍ଚ କରୁଥିବା ଏମ୍‌ଭିଆଇ ଗୁରୁତର ଆହତ ହୋଇ ସଂଜ୍ଞାହୀନ ହୋଇଥିବା ସାନ୍ତନୁଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଖରିଆରରୋଡ ସହରରେ ଡକାୟତି ମାମଲା: ୪ ଗିରଫ

ନୂଆପଡା ଅଫିସ/ଖରିଆରରୋଡ, ୮।୨ (ଡି.ଏନ.ଏ.) :ଛତିଶଗଡ ସୀମାନ୍ତବର୍ତ୍ତୀ ଖରିଆରରୋଡ ସହରରେ ଦିନକୁ ଦିନ ଡକାୟତି, ଚୋରି ରାହାଜାନି ବୃଦ୍ଧି ପାଇବାରେ ଲାଗିଥିବାବେଳେ ପୋଲିସ ବର୍ତ୍ତମାନ ତତ୍ପରତା ଦେଖାଇଛି । ଚାରିଦିନ ତଳେ ଖରିଆରରୋଡ ସହରର ଜନଗହଳିପୂର୍ଣ୍ଣ ଚାଲ ମୁଣ୍ଡାଛକ ନିକଟରୁ ସନ୍ଧ୍ୟାରେ ଜଣେ ପଥଚାରୀଙ୍କ ବାଇକ୍ ସହ ମୋବାଇଲ ଲୁଟି ନେବା ଘଟଣାରେ ପୋଲିସ ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଖରିଆରରୋଡ ପିଏଚଡି ପଡାର ଛୋଟୁ ରାଉତ (୧୯), ହେମସାଗର ଦାସ (୨୧), ସୁରଜ ୟାଦବ (୧୯) ଏବଂ ସତ୍ୟନାରାୟଣ ବିଭାର (୧୯) । ପୋଲିସ ମାମଲା ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଖବରୁ ପ୍ରକାଶ ଯେ, ଗତ ୩ ତାରିଖରେ ଏହି ବ୍ଲକ ବୋଥା ଗାଁର ବ୍ରିଜଲାଲ ଦାସ ପନିକା କୌଣସି କାମରେ ଖରିଆରରୋଡ ଆସିଥିଲେ। ଏଠାରୁ କାମ ସାରି ସନ୍ଧ୍ୟାରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସହର ମଧ୍ୟସ୍ଥ ଚାଲମୁଣ୍ଡା ଛକ ନିକଟରେ ସଶସ୍ତ୍ର ଯୁବକମାନେ ତାଙ୍କୁ ଅଟକାଇ ପଲସର ଗାଡି ସହ ୨ଟି ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ । ଏ ସମ୍ପର୍କରେ ପନିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଛାନଭିନ ଆରମ୍ଭ କରିଥିଲା । ଶେଷରେ ପୋଲିସକୁ ସଫଳତା ମିଳିଥିବା ଥାନାଧିକାରୀ ଯୁଗଳ କିଶୋର ମଲ୍ଲିକ ସୂଚନା ଦେଇଛନ୍ତି ।

# ୯୦ ହଜାର କୁଇଣ୍ଟାଲ ଧାନ ବସ୍ତା ପଡ଼ିରହିଛି

**ନୂଆପଡା ଅଫିସ,୮।୨**



ସାରାବଙ୍ଗ ମଣ୍ଡିରେ ଧାନ ବସ୍ତା ପଡ଼ି ରହିଛି।

**୫ଟି ମଣ୍ଡିରେ ପଡ଼ିରହିଛି ଧାନ ବସ୍ତା**
- ଲଘୁଚାପ ବର୍ଷା କାଳ ସାଜିଛି
- ମିଲର୍ସଙ୍କ ମର୍ଜିରେ ଚାଷୀ ହଇରାଣ
- ପ୍ରଶାସନର ଉଦାସୀନତା ଚାଷୀଙ୍କୁ କାଳ ହୋଇଛି

ଜିଲାରେ ମିଲର୍ସ-ଅଧିକାରୀଙ୍କ ମଧୁଚନ୍ଦ୍ରିକା ସବୁବେଳେ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଆସୁଛି । ଅନ୍ୟପଟେ ନେତା ମୁହଁ ବନ୍ଦ କରି ରହୁଥିବାରୁ ଚାଷୀମାନେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଶୋଷିତ ହେବାର ସାର ହେଉଛି । ଚଳିତ ଖରିଫ ଋତୁରେ ଚାଷୀ ଆରମ୍ଭରୁ ଶେଷ ଯାଏଁ ହଇରାଣ ହୋଇଥିବାବେଳେ ବର୍ତ୍ତମାନ ଏହା ଚରମ ସୀମାରେ ଆସି ପହଞ୍ଚିଛି । ଶୁକ୍ରବାର ଜିଲାରେ ଲଘୁଚାପ ବର୍ଷା ହୋଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ଧାନ ବସ୍ତା ସହ ନିଜେ ଭିଜି ମଣ୍ଡିରେ ଜଗିରହିଛନ୍ତି । ଜିଲାର ୫ଟି ପ୍ରମୁଖ ମଣ୍ଡିରେ ୯୦ ହଜାର କୁଇଣ୍ଟାଲ ଅର୍ଥାତ ୧ ଲକ୍ଷ ୮୦ ହଜାର ବସ୍ତା ଧାନ ପଡି ରହିଥିବାବେଳେ ମିଲର୍ସ ଦେଖାଦେଉନାହାନ୍ତି । ଟାର୍ଗେଟ ସରିଯାଇଥିବା ବାହାନା ଦେଖାଇ ମିଲର୍ସ ଆସୁ ନ ଥିବାରୁ ବାଧ୍ୟ ହୋଇ ଚାଷୀମାନେ ଦିନ ରାତି ଶୀତ ବର୍ଷାରେ ଜଗି ରହୁଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ବର୍ଷ ମରୁଡି ସତ୍ତ୍ୱେ ବିଭିନ୍ନ ଜାଗାରେ ଭଲ ଧାନ ଉପାର୍ଜିତ ହୋଇଥିଲା । ଏଥର ସରକାର ଚାଷୀଙ୍କୁ ଠିକ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ଜିଲାପାଳ ଘୋଷଣା କରି ସବୁ କଡା କଡି କରିଥିବା ନେଇ ତାଗିଦ କରିଥିଲେ । ହେଲେ ଏହାକୁ ଠିକ ଭାବେ ଅଧସ୍ତନ ଅଧିକାରୀମାନେ ମିଲର୍ସଙ୍କ ହାତବାରିସି ସାଜି କାର୍ଯ୍ୟାନ୍ୱୟନ କରି ନ ଥିବା ଅଭିଯୋଗ ହୋଇଥିଲା। ମଣ୍ଡିଗୁଡିକରେ ଧାନ ଆସୁଥିଲା। ଏଥର କମ ସଂଖ୍ୟକ ମିଲର୍ସ ଧାନ କିଣାରେ ସାମିଲ ରହିଥିବାରୁ ତାଙ୍କ ମର୍ଜିରେ ମଣ୍ଡିକୁ ଆସୁଥିଲେ। ଅନ୍ୟପଟେ ଖୋଲା ବଜାରରେ ଚାଷୀ ବାଧ୍ୟ ହୋଇ କମ ଦରରେ ବିକ୍ରି କରୁଥିଲେ । ଫଳରେ ମଣ୍ଡିଗୁଡିକରେ ହଜାର ହଜାର ବସ୍ତା ଧାନ ପଡି ରହିଥିଲା । ତେବେ ପ୍ରଥମତଃ ଜିଲାରୁ ୭ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ହେଲେ ଚାଷୀ ଅପେକ୍ଷା ବ୍ୟବସାୟୀମାନେ ମିଲର୍ସ ଏଜେଣ୍ଟ ଏବଂ ପ୍ୟାକ୍ସ କର୍ମକର୍ତ୍ତାଙ୍କୁ ଭୁଟେଇ ଧାନ ବିକ୍ରି କରିବାରେ ସଫଳ ହୋଇଥିବାରୁ ପ୍ରକୃତ ଚାଷୀମାନେ ବଞ୍ଚିତ ରହିଥିଲେ। ବିଭାଗୀୟ ସୂଚନା ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ଧାନକିଣା ୧୦ ଲକ୍ଷ କୁଇଣ୍ଟାଲରେ ପହଞ୍ଚିଛି । ତଥାପି ପ୍ରକୃତ ଚାଷୀ ତାଙ୍କର କଷ୍ଟୋପାର୍ଜିତ ଧାନକୁ ବିକ୍ରି କରିପାରିନାହାନ୍ତି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ମୁତାବକ ସ୍ଥାନୀୟ ସାରାବଙ୍ଗ ମଣ୍ଡିରେ ୩୫ ହଜାର, ମୋଟା ନୂଆପଡା ମଣ୍ଡିରେ ୨୫ ହଜାର, ପରକୋଡ, ବେଲଟୁକୁରୀ ଏବଂ କୁଲିହାବନ୍ଧା ମଣ୍ଡିରେ ୧୦ ହଜାର ଲେଖାଏଁ କରି ଧାନ ପଡି ରହିଛି । ମଣ୍ଡିକୁ ମିଲର୍ସ ଆସୁ ନ ଥିବାରୁ ପ୍ରତିଦିନ ଏହା ବଢିଚାଲିଛି । ଏଣେ ଯୋଗାଣ ବିଭାଗରେ କୌଣସି ଅଧିକାରୀ ନ ଥିବାରୁ ପ୍ରତିଦିନ ଚାଷୀମାନେ ଆସି ହଇରାଣ ହେଉଛନ୍ତି । ଆଜକୁ ଦୁଇ ଦିନ ହେବ ଲଘୁଚାପ ବର୍ଷା ଯୋଗୁ ଚାଷୀ ବେହାଲ ହୋଇପଡିଛନ୍ତି । ନିୟନ୍ତ୍ରିତ ବଜାର କମିଟି ତରଫରୁ ଯୋଗାଇ ଦିଆଯାଇଥିବା ହାତଗଣତି ଟାର ପୋଲିନ ଚାଷୀଙ୍କ ଭରସା ହୋଇଛି । ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରି ତୁରନ୍ତ ଧାନ ଉଠାଣ ପାଇଁ ନିର୍ଦ୍ଦେଶ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନନ୍ଦଙ୍କୁ ଯୋଗାଯୋଗ କରିବାରେ ସବୁ ମଣ୍ଡିରେ ଲଘୁଚାପ ବର୍ଷା ଦାଉରୁ ରକ୍ଷା ପାଇଁ ଆବଶ୍ୟକ ମୁତାବକ ଟାର ପୋଲିନ ଯୋଗାଇ ଦିଆଯାଇଛି । ଖୁବଶୀଘ୍ର ସମସ୍ତ ଧାନ ଉଠିଯିବ ବୋଲି କହିଛନ୍ତି ।

### ତେଲେଙ୍ଗାନାରେ ୧୫ ଦାଦନ ଶ୍ରମିକ ନିର୍ଯାତିତ ଘଟଣା

# ମାନବିକ ଅଧିକାର ସଙ୍ଗଠନର ହସ୍ତକ୍ଷେପ: ମୁକୁଳିଲେ ଦାଦନ ଶ୍ରମିକ

**ବଲାଙ୍ଗୀର ଅଫିସ, ୮।୨**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସିକୁଆଁ, ଉପରଉଡ଼ାର ଓ ଅନ୍ୟ ଗାଁର ୧୫ ଜଣ ଦାଦନ ଶ୍ରମିକ ତେଲେଙ୍ଗାନାର ଏକ ଇଟାଭାଟିରେ ୫ ମାସ ହେଲା ନିର୍ଯାତିତ ହେବା ସହ ବନ୍ଧକ ରହିଥିଲେ। ଏନେଇ ଜଣେ ଶମିକ ସେଠାକାର ମାନବିକ ଅଧିକାର ସଂଗଠନ ସିଭିଲ ଲିବର୍ଟିଜ୍ କମିଟି (ସିଏଲ୍‌ସି) ନିକଟରେ ଅଭିଯୋଗ କରିଥିଲେ। ସଂଗଠନ ହସ୍ତକ୍ଷେପ ପରେ ନିର୍ଯାତିତ ହେଉଥିବା ୧୫ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି। ଏନେଇ ସିଏଲସି ଯୁଗ୍ମ ସମ୍ପାଦକ ମଦନା କୁମାରସ୍ୱାମୀ ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ତେଲେଙ୍ଗାନାର କଛେଗୁଡା ରେଲ ଷ୍ଟେଶନ୍‌ରୁ ଶ୍ରମିକମାନେ ବଲାଙ୍ଗୀର ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି।

ଇଟା ଗଢ଼ିବାକୁ ଯାଇଥିବା ଏହି ୧୫ ଶ୍ରମିକ ଗତ ୫ ମାସ ହେଲା ଏମ୍‌ଏଏସ୍ ଇଟା କାରଖାନା ମାଲିକ ଆରିଫ୍‌ଙ୍କ ଦ୍ୱାରା ବନ୍ଧକ ଥିବା ନେଇ ଶ୍ରମିକ ଧରମ୍ ଓ ମେଘ ସିଏଲ୍‌ସି ଯୁଗ୍ମ ସମ୍ପାଦକ କୁମାରସ୍ୱାମୀଙ୍କ ସହ ଯୋଗାଯୋଗ କରି ଉଦ୍ଧାର ପାଇଁ ନିବେଦନ କରିଥିଲେ। ସିଏଲ୍‌ସି ସଦସ୍ୟ ଏହି ଘଟଣାକୁ ତେଲେଙ୍ଗାନା ଶ୍ରମ କମିଶନର ଓ ଓଡ଼ିଶା ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦାଦନ ଶ୍ରମିକଙ୍କ ନିର୍ଯାତନା ଓ ସୂଚନାକୁ ମୋବାଇଲରେ ରେକର୍ଡିଂ କରି ବିଭାଗୀୟ ଉର୍ଦ୍ଧ୍ୱ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଇଥିଲା। ଏପର କି ଇଟାଭାଟି ମାଲିକ ଆରିଫ୍‌ଙ୍କ ଉପରେ ଚାପ ପକାଇ ତୁରନ୍ତ ବନ୍ଧକ ଦାଦନ ଶ୍ରମିକଙ୍କୁ ମୁକ୍ତ କରିବା ଦିଗରେ ଉଦ୍ୟମ କରିଥିଲେ। ଗତ ୨ଦିନ ମଧ୍ୟରେ ସଂଗଠନର ଉଦ୍ୟମକ୍ରମେ ବଲାଙ୍ଗୀର ଜିଲାର ୧୫ ଦାଦନ ଶ୍ରମିକ ଉଦ୍ଧାର ହୋଇଥିବା ଜଣାପଡିଛି। ଶନିବାର ସୁଦ୍ଧା ଉଦ୍ଧାର ଦାଦନ ଶ୍ରମିକ ବଲାଙ୍ଗୀର ଜିଲାରେ ପହଞ୍ଚିବେ ବୋଲି ଆଶା କରାଯାଉଛି।

# କଣ୍ଟାବାଞ୍ଜିରେ ଶିଳ୍ପ ତାଲିମ ଶିବିର

**କଣ୍ଟାବାଞ୍ଜି,୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ କଣ୍ଟାବାଞ୍ଜିସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ରଠାରେ ଶୁକ୍ରବାର ଦିନିକିଆ ଶିଳ୍ପ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଧରଣ ଶିଳ୍ପୋଦ୍ୟୋଗୀମାନଙ୍କୁ ଶିଳ୍ପର ସଦ୍‌ବିନିଯୋଗ ସହିତ ଏହାର ସୁପରିଚାଳନା ନେଇ ତାଲିମ ଦିଆଯାଇଥିଲା। ଏଥିରେ ବଲାଙ୍ଗୀର ଜିଲା ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପରିଚାଳକ ବିଷ୍ଣୁ ମାରାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କଣ୍ଟାବାଞ୍ଜି ଆନ୍ଧ୍ର ବ୍ୟାଙ୍କ ପରିଚାଳକ ରବୀନ୍ଦ୍ର ଖାଡିଆ, ପୂର୍ବତନ ସିଡବ୍ଲ୍ୟୁସି ଚ୍ୟାରମେନ ଡ. ସଞ୍ଜୟ କୁମାର ମିଶ୍ର, ଆଇପିଓ ଧନ ଟୁଡୁ, ରମେଶ ଚନ୍ଦ୍ର ଦୀପ, ମୁଖ୍ୟ ବକ୍ତା ଭାବେ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସଫଳ ଶିଳ୍ପୋଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ। ସନାତନ ଦାସ ଶିବିର ପରିଚାଳନା କରିଥିଲେ।

# କାର୍ଯ୍ୟରେ ଅବହେଳା: ସହକାରୀ ଶିକ୍ଷକ ନିଲମ୍ବିତ

**ନୂଆପଡା ଅଫିସ,୮।୨**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ବ୍ଲକର ଉପାନ୍ତ ଗାଁ ଗୁଡିକରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ଶିକ୍ଷା ବିଭାଗ ତତ୍ପର ହୋଇ ଉଠିଛି । ସୀମାନ୍ତ ସନ୍ତୋଷ ପଡାସ୍ଥିତ ଇନ୍ଦିରା ଆବାସ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ବାରମ୍ବାର ଅବହେଳା କରିଥିବା ଯୋଗୁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ସହକାରୀ ଶିକ୍ଷକ ଦନୀରାମ ମାଝିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ବିଦ୍ୟାଳୟରେ ଶିକ୍ଷକମାନେ ବାରମ୍ବାର ଅନୁପସ୍ଥିତ ଥିବାହେତୁ ପିଲାଙ୍କ ପାଠପଢା ବ୍ୟାହତ ହେଉଥିବା ନେଇ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଦିନ ସହକାରୀ ଶିକ୍ଷକ ଦନୀରାମ ମାଝି ଅନୁପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ତା. ୧୧।୧।୧୯ ରିଖରେ ବ୍ଲକ ଶିକ୍ଷାଧିକାରୀ ମଧ୍ୟ ପରିଦର୍ଶନ କରିଥିବା ବେଳେ ଦନୀରାମ ଅନୁପସ୍ଥିତ ଥିଲେ । ସେହି ଦିନଠାରୁ ବ୍ଲକ ଶିକ୍ଷାଧିକାରୀ ତାଗିଦ କରିଥିଲେ ହେଁ ତାକୁ ମାନି ନ ଥିଲେ । ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ପତ୍ରାଙ୍କ ସଂଖ୍ୟା ୪୪୧/୧୯ରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ।

# ଲପଙ୍ଗା ହାଇସ୍କୁଲରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ରେଙ୍ଗାଲି, ୮।୨ (ଡି.ଏନ.ଏ)**

ରେଙ୍ଗାଲି ବ୍ଲକ ଲପଙ୍ଗା ହାଇସ୍କୁଲରେ ଭୂଷଣ କମ୍ପାନୀ ଏବଂ ଠେଲକୁଲି ପୋଲିସର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ସଡକ ସୁରକ୍ଷାର ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। କୁଇଜରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଠେଲକୁଲି ଥାନା ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର, ଭୂଷଣ କମ୍ପାନୀର ସୁରକ୍ଷା ଜିଏମ ମୋହାକୁନ୍ଦ ବାବୁ, ଲପଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାହୁ, ଠେଲକୁଲି ଏସଆଇ ସବିତା ଠେମେରିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

# ବେଟି ବଚାଅ-ବେଟି ପଢ଼ାଅ କାର୍ଯ୍ୟକ୍ରମ

**ସିନାପାଲି,୮।୨(ଡି.ଏନ.ଏ.)**

ଭାରତ ସରକାରଙ୍କ ରେଜିଓନାଲ୍ ଆଉଟ୍ ରିଚ୍ ବ୍ୟୁରୋ ତରଫରୁ ଗୁରୁବାର ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ନିଲଜୀ ଗ୍ରାମଠାରେ ପାଲା ଓ ମ୍ୟାଜିକ୍ ମାଧ୍ୟମରେ 'ବେଟି ବଚାଅ-ବେଟି ପଢ଼ାଅ' ନାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ପୁଅମାନଙ୍କ ତୁଳନାରେ ଝିଅଙ୍କ ଅନୁପାତ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଝିଅମାନଙ୍କ ସାକ୍ଷରତା ହାର ମଧ୍ୟ ଯଥେଷ୍ଟ କମ୍ ରହିଛି । ଏଣୁ ଏଭଳି ଏକ ଜନ ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମଙ୍ଗୁଳେଶ୍ୱର ଇନ୍ଦ୍ରଜାଲ ମ୍ୟାଜିକ୍‌ର ପରିଚାଳକ ଶିବନାଥ ମଲ୍ଲିକ ବିଭିନ୍ନ ମ୍ୟାଜିକ୍ କଳା କୌଶଳ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରିଥିବା ବେଳେ ଭବାନୀ ଶେଖର ପାଲା ସଂସଦର ପରିଚାଳକ ଗଗନ ବିହାରୀ ମହାପାତ୍ର ଓ ସାଥୀ ପାଲା ମାଧ୍ୟମରେ ସଚେତନାତା ବାର୍ତ୍ତା ପ୍ରଚାର କରିଥିଲେ। ନୂଆପଡା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସିଡିପିଓ ସହଯୋଗ କରୁଛନ୍ତି । ଆଗାମୀ ଦିନରେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବହୁ ଲୋକଙ୍କ ସମାଗମ ହେଉଥିବା ଦେଖାଯାଉଛି ।



ପାଲା ମାଧ୍ୟମରେ ଦିଆଯାଉଥିବା ସଚେତନତା କାର୍ଯ୍ୟକ୍ରମକୁ ଲୋକେ ଦେଖୁଛନ୍ତି।

# କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ଦେଓଗାଁ,୮।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ଜରାସିଂହା ପଞ୍ଚାୟତ ଅଧୀନ ଜରାସିଂହା ମିନିଷ୍ଟାଡିୟମରେ ଶାଶ୍ୱତ ଡିଗ୍ରୀ କଲେଜର ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ଖେଳ ଶିକ୍ଷକ ନଳୀନିକାନ୍ତ ପ୍ରଧାନଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକାରେ ଭାବେ ମନ୍ଦାକିନୀ ଭୋଇ ଚାମ୍ପିୟନ ଏବଂ ବାଳକରେ ଅମିତ କୁମାର ଜାଲ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଅଧ୍ୟକ୍ଷ ସୁରେଶ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁକ୍ତଦୁଇ କଲେଜର ପରିଚାଳନା କମିଟି ସଭାପତି ଉମା ଶଙ୍କର ସିଂ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ବିଷ୍ଣୁ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ପୁରୁଷୋତ୍ତମ ମେହେର ଓ ପରିଚାଳନା କମିଟି ସଦସ୍ୟ ବୃନ୍ଦାବନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ନଳୀନିକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଖେଳଶିକ୍ଷକ ପ୍ରଶାନ୍ତ କୁମାର ଥନାପତି, ଖେଳ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ କିଷାନ, ପ୍ରଶାନ୍ତ କୁମାର ପାଢ଼ୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଅତିଥିମାନେ କ୍ରୀଡ଼ା ଚାମ୍ପିୟନଙ୍କୁ ପୁରସ୍କୃତ କରୁଛନ୍ତି।

### ଖଡିଆଳ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦଳଗତ ନୃତ୍ୟ, ବିନ୍ଦୁ କମେଡି ଦର୍ଶକଙ୍କ ମନମୋହିଲା





ଖଡିଆଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ (ବାମ) । ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଖଡିଆଳ,୮।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଖଡିଆଳ ଗଡଜାତ ଅଞ୍ଚଳର ବିଲୁପ୍ତ ଲୋକକଳା, ଲୋକସଂସ୍କୃତି ଓ ଲୋକ ସାହିତ୍ୟର ପୁନରୁଦ୍ଧାର ପାଇଁ ଚାଲିଥିବା ଖଡିଆଳ ମହୋତ୍ସବ-୨୦୧୯ର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା । ଅପରାହ୍ନରେ ଅନୁଷ୍ଠିତ ଗଙ୍ଗା ମହାଉତିଙ୍କ ସଂଯୋଜନାରେ ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଦଳଗତ ନୃତ୍ୟ ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଲିଟିଲ୍ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରେ ଅମୂଲ୍ୟ ଡ୍ୟାନ୍ସ ଗ୍ରୁପର ଘୁଡକା ନୃତ୍ୟ, ସଙ୍ଗୀତ ସାଧନା ଲୋକସିଂହାର ସମ୍ବଲପୁରୀ ଲୋକ ନୃତ୍ୟ, ମୁର୍ଶିଦାବାଦ ରାୟବଂଶୀର ଛଉ ନୃତ୍ୟ, କନ୍ଧମାଳ ପ୍ରଗତି ଅନୁଷ୍ଠାନର ଶବର ଶବରୁଣୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଲା । ବିଶେଷ ଆକର୍ଷଣ ସ୍ୱରୂପ ବିନ୍ଦୁ କମେଡି ଦର୍ଶକଙ୍କ ମନ ମୋହିଥିଲା । ତୃତୀୟ ସନ୍ଧ୍ୟାରେ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଫଣିନ୍ଦ୍ରମ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ମାଝି, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ବାଗ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଖଡିଆଳ ହେଉଛି ଲୋକକଳା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟର ସହର । ତାହା ବାସ୍ତବିକ ପ୍ରମାଣିତ କରୁଛି ଏହି ଖଡିଆଳ ମହୋତ୍ସବ। ବିନା ସରକାରୀ ସହାୟତାରେ ଅଞ୍ଚଳର ବିଲୁପ୍ତ ଲୋକ କଳା, ଲୋକ ସାହିତ୍ୟ ଓ ଲୋକ ସଂସ୍କୃତିକୁ ବଞ୍ଚାଇବାର ଏହି ମହୋତ୍ସବ ପାଳନ କରିବା ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଦସ୍ୟ ଲୋହିତାକ୍ଷ ଯୋଶୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖ ଅବଦାନ ପାଇଁ ଖଡିଆଳ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମୁଣ୍ଡ ଓ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖ ଅବଦାନ ପାଇଁ ବୋଡେନ ବ୍ଲକ ଅନକାପୁର ଗାଁର ରୋହିତ ନାଗେଶଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।



ଭଲ ଭାବରେ କଥା କହିବାଟା ସୁନ୍ଦର ଚିତ୍ର ଆଙ୍କିବା ସଙ୍ଗେ ସମାନ।
- ୱେଣ୍ଡେଲ୍ ଫିଲିପ୍ସ

## ସଂକ୍ଷେପରେ

### ପଥପ୍ରାନ୍ତ ସଚେତନତା, ହେଲମେଟ ଯାଞ୍ଚ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ରେଙ୍ଗାଲି ବସଷ୍ଟାଣ୍ଡସ୍ଥିତ ପୁରୁଣା ଥାନା ସମ୍ମୁଖରେ ପରିବହନ ବିଭାଗ ଏବଂ ରେଙ୍ଗାଲି ପୋଲିସ ମିଳିତ ଭାବରେ ହେଲମେଟ, ସିଟବେଲ୍ଟ ଓ ମଦୁଆଙ୍କୁ ଯାଞ୍ଚ କରିଥିଲେ। ଏହା ସହ ସଚେତନତା କାର୍ଯ୍ୟକ୍ରମ କରି ସଡକ ସୁରକ୍ଷା ଲିଫଲେଟ ବଣ୍ଟନ କରିଥିଲେ। ପରିବହନ ବିଭାଗର ଏମଭିଆଇ ହରିହର ଷଡଙ୍ଗୀ, ଛାତ୍ର ଟ୍ରାଫିକ ଭଲେଣ୍ଟେରି, ରେଙ୍ଗାଲି ପୋଲିସ ଶୁକ୍ରବାର ରେଙ୍ଗାଲି ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଥାନା ସମ୍ମୁଖରେ ଯାଞ୍ଚ କରିବା ସହ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ବିନା ହେଲମେଟ୍‌ରେ ବାଇକ ଚଳାଇବା, ତିନି ଚାରିଜଣ ବସି ବାଇକରେ ଯିବା, ସିଟବେଲ୍ଟ ନ ଲଗାଇ ଯାନ ଚଳାଇବା, ମଦ ପିଇ ବାଇକ କିମ୍ବା କାର ଚଳାଇବା ଆଦି ଯାଞ୍ଚ କରିଥିଲେ। ମଦ ଡିକ୍ଟେଟର ମେସିନ ଫୁଙ୍କାଇ ମଦୁଆ ଡ୍ରାଇଭର ମାନଙ୍କୁ ଚିହ୍ନଟ କରି ଫାଇନ କରିବା ସାଙ୍ଗକୁ ସଚେତନତା କାର୍ଯ୍ୟକ୍ରମ କରିଥିଲେ।

### ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ

**ସମ୍ବଲପୁର,୮।୨(ବ୍ୟୁରୋ)-** ସମ୍ବଲପୁର-ଅନୁଗୋଳ ୫୫ନଂ. ଜାତୀୟ ରାଜପଥର ଯୁଯୁମୁରା ଥାନା କଯ୍ୟାକୁଦ ଗ୍ରାମ ନିକଟରେ ବସ୍ ଦୁର୍ଘଟଣାରେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ଅନ୍ଧାରୀ ଗ୍ରାମର ନବୀନ ତରିଆ (୬୦)। ସେ କଯ୍ୟାକୁଦ ଗ୍ରାମ ପଞ୍ଚାୟତକୁ ପିଡିଏସ୍ ସାମଗ୍ରୀ ନେବା ପାଇଁ ଯାଇଥିଲେ। ଆହତ ଅବସ୍ଥାରେ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଡ୍ରାଇଭର ଫେରାର୍ ହୋଇଯାଇଥିବାବେଳେ ବସକୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ. ୧୪/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଓଡି ୧୫- ୧୯୧୯ ନଂ. ଗୁରୁଡ ନାମକ ବସ ସମ୍ବଲପୁର ପଟୁକୁ ଆସୁଥିଲା। ନବୀନ ସାଇକେଲ ଯୋଗେ ନିକଟସ୍ଥ ପଞ୍ଚାୟତକୁ ପିଡିଏସ ସାମଗ୍ରୀ ନେବାକୁ ଯାଇଥିଲେ। ସେ ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରେଙ୍ଗାଲି, ୮।୨ (ଡି.ଏନ.ଏ)-** ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଠେଲକୁଲି ଥାନା ଲପଙ୍ଗା ଆଦିତ୍ୟ ଆଲୁମିନିୟମ ଛକ ନିକଟରେ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଝାରସୁଗୁଡା ବେହେରାମାଲର ସାନ୍ତନୁ ଗିରି (୨୮) ବାଇକ୍ ଯୋଗେ ଝାରସୁଗୁଡାରୁ ସମ୍ବଲପୁର ଯାଉଥିବା ବେଳେ ଏକ ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ପାଖରେ ଗାଡି ଯାଞ୍ଚ କରୁଥିବା ଏମ୍‌ଭିଆଇ ଗୁରୁତର ଆହତ ହୋଇ ସଂଜ୍ଞାହୀନ ହୋଇଥିବା ସାନ୍ତନୁଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୯୦ ହଜାର କୁଇଣ୍ଟାଲ ଧାନ ପଡ଼ିଛି

**ନୂଆପଡା ଅଫିସ,୮।୨**

ଜିଲାରେ ମିଲର୍ସ-ଅଧିକାରୀଙ୍କ ମଧୁଚନ୍ଦ୍ରିକା ସବୁବେଳେ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଆସୁଛି । ଅନ୍ୟପଟେ ନେତା ମୁହଁ ବନ୍ଦ କରି ରହୁଥିବାରୁ ଚାଷୀମାନେ କିଂ କର୍ତ୍ତବ୍ୟ ବିମୂଢ ହୋଇ ଶୋଷିତ ହେବାର ସାର ହେଉଛି । ଚଳିତ ଖରିଫ ଋତୁରେ ଚାଷୀ ଆରମ୍ଭରୁ ଶେଷ ଯାଏଁ ହଇରାଣ ହୋଇଥିବାବେଳେ ବର୍ତ୍ତମାନ ଏହା ଚରମ ସୀମାରେ ଆସି ପହଞ୍ଚିଛି । ଶୁକ୍ରବାର ଜିଲାରେ ଲଘୁଚାପ ବର୍ଷା ହୋଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ଧାନ ବସ୍ତା ସହ ନିଜେ ଭିଜି ମଣ୍ଡିରେ ଜଗିରହିଛନ୍ତି । ଜିଲାର ୫ଟି ପ୍ରମୁଖ ମଣ୍ଡିରେ ୯୦ ହଜାର କୁଇଣ୍ଟାଲ ଅର୍ଥାତ ୧ ଲକ୍ଷ ୮୦ ହଜାର ବସ୍ତା ଧାନ ପଡି ରହିଥିବାବେଳେ ମିଲର୍ସ ଦେଖାଦେଉନାହାନ୍ତି । ଟାର୍ଗେଟ ସରିଯାଇଥିବା ବାହାନା ଦେଖାଇ ମିଲର୍ସ ଆସୁ ନ ଥିବାରୁ ବାଧ୍ୟ ହୋଇ ଚାଷୀମାନେ ଦିନ ରାତି ଶୀତ ବର୍ଷାରେ ଜଗି ରହୁଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ବର୍ଷ ମରୁଡି ସତ୍ତ୍ୱେ ବିଭିନ୍ନ ଜାଗାରେ ଭଲ ଧାନ ଉପାର୍ଜିତ ହୋଇଥିଲା । ଏଥର ସରକାର ଚାଷୀଙ୍କୁ ଠିକ ସମୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ଜିଲାପାଳ ଘୋଷଣା କରି ସବୁ କଡା କଡି କରିଥିବା ନେଇ ତାଗିଦ କରିଥିଲେ । ହେଲେ ଏହାକୁ ଠିକ ଭାବେ ଅଧସ୍ତନ ଅଧିକାରୀମାନେ ମିଲର୍ସଙ୍କ ହାତବାରିସି ସାଜି କାର୍ଯ୍ୟାନ୍ୱୟନ କରି ନ ଥିବା ଅଭିଯୋଗ ହୋଇଥିଲା । ମଣ୍ଡିଗୁଡିକରେ ଧାନ ଆସୁଥିଲା । ଏଥର କମ ସଂଖ୍ୟକ ମିଲର୍ସ ଧାନ କିଣାରେ ସାମିଲ ରହିଥିବାରୁ ତାଙ୍କ ମର୍ଜିରେ ମଣ୍ଡିକୁ ଆସୁଥିଲେ। ଅନ୍ୟପଟେ ଖୋଲା ବଜାରରେ ଚାଷୀ ବାଧ୍ୟ ହୋଇ କମ ଦରରେ ବିକ୍ରି କରୁଥିଲେ । ଫଳରେ ମଣ୍ଡିଗୁଡିକରେ ହଜାର ହଜାର ବସ୍ତା ଧାନ ପଡି ରହିଥିଲା । ତେବେ ପ୍ରଥମତଃ ଜିଲାରୁ ୭ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ହେଲେ ଚାଷୀ ଅପେକ୍ଷା ବ୍ୟବସାୟୀମାନେ ମିଲର୍ସ ଏଜେଣ୍ଟ ଏବଂ ପ୍ୟାକ୍ସ କର୍ମକର୍ତ୍ତାଙ୍କୁ ଭୁଟେଇ ଧାନ ବିକ୍ରି କରିବାରେ ସଫଳ ହୋଇଥିବାରୁ ପ୍ରକୃତ ଚାଷୀମାନେ ବଞ୍ଚିତ ରହିଥିଲେ। ବିଭାଗୀୟ ସୂଚନା ମୁତାବକ ବର୍ତ୍ତମାନ ପର୍ଯ୍ୟନ୍ତ ଧାନକିଣା ୧୦ ଲକ୍ଷ କୁଇଣ୍ଟାଲରେ ପହଞ୍ଚିଛି । ତଥାପି ପ୍ରକୃତ ଚାଷୀ ତାଙ୍କର କଷ୍ଟୋପାର୍ଜିତ ଧାନକୁ ବିକ୍ରି କରିପାରିନାହାନ୍ତି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ମୁତାବକ ସ୍ଥାନୀୟ ସାରାବଙ୍ଗ ମଣ୍ଡିରେ ୩୫ ହଜାର, ମୋଟା ନୂଆପଡା ମଣ୍ଡିରେ ୨୫ ହଜାର, ପରକୋଡ, ବେଲଟୁକୁରୀ ଏବଂ କୁଲିହାବନ୍ଧା ମଣ୍ଡିରେ ୧୦ ହଜାର ଲେଖାଏଁ କରି ଧାନ ପଡି ରହିଛି । ମଣ୍ଡିକୁ ମିଲର୍ସ ଆସୁ ନ ଥିବାରୁ ପ୍ରତିଦିନ ଏହା ବଢିଚାଲିଛି । ଏଣେ ଯୋଗାଣ ବିଭାଗରେ କୌଣସି ଅଧିକାରୀ ନ ଥିବାରୁ ପ୍ରତିଦିନ ଚାଷୀମାନେ ଆସି ହଇରାଣ ହେଉଛନ୍ତି । ଆଜକୁ ଦୁଇ ଦିନ ହେବ ଲଘୁଚାପ ବର୍ଷା ଯୋଗୁ ଚାଷୀ ବେହାଲ ହୋଇପଡିଛନ୍ତି । ନିୟନ୍ତ୍ରିତ ବଜାର କମିଟି ତରଫରୁ ଯୋଗାଇ ଦିଆଯାଇଥିବା ହାତଗଣତି ଟାର ପୋଲିନ ଚାଷୀଙ୍କ ଭରସା ହୋଇଛି । ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରି ତୁରନ୍ତ ଧାନ ଉଠାଣ ପାଇଁ ନିର୍ଦ୍ଦେଶ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନନ୍ଦଙ୍କୁ ଯୋଗାଯୋଗ କରିବାରେ ସବୁ ମଣ୍ଡିରେ ଲଘୁଚାପ ବର୍ଷା ଦାଉରୁ ରକ୍ଷା ପାଇଁ ଆବଶ୍ୟକ ମୁତାବକ ଟାର ପୋଲିନ ଯୋଗାଇ ଦିଆଯାଇଛି । ଖୁବଶୀଘ୍ର ସମସ୍ତ ଧାନ ଉଠିଯିବ ବୋଲି କହିଛନ୍ତି ।



ସାରାବଙ୍ଗ ମଣ୍ଡିରେ ଧାନ ବସ୍ତା ପଡ଼ି ରହିଛି।

**୫ଟି ମଣ୍ଡିରେ ପଡ଼ିଛି**
- ଲଘୁଚାପ ବର୍ଷା କାଳ ସାଜିଛି
- ମିଲର୍ସଙ୍କ ମର୍ଜିରେ ଚାଷୀ ହଇରାଣ
- ପ୍ରଶାସନର ଉଦାସୀନତା ଚାଷୀଙ୍କୁ କାଳ ହୋଇଛି

ଖରିଆରରୋଡ ସହରରେ ଡକାୟତି ମାମଲା

# ୪ ଯୁବକଙ୍କୁ ଗିରଫ କଲା ପୋଲିସ

**ନୂଆପଡା ଅଫିସ/ଖରିଆରରୋଡ, ୮।୨ (ଡି.ଏନ.ଏ.)**

ଛତିଶଗଡ ସୀମାନ୍ତବର୍ତ୍ତି ଖରିଆରରୋଡ ସହରରେ ଦିନକୁ ଦିନ ଡକାୟତି, ଚୋରି ରାହାଜାନି ବୃଦ୍ଧି ପାଇବାରେ ଲାଗିଥିବାବେଳେ ପୋଲିସ ବର୍ତ୍ତମାନ ତତ୍ପରତା ଦେଖାଇଛି । ଚାରିଦିନ ତଳେ ଖରିଆରରୋଡ ସହରର ଜନଗହଳିପୂର୍ଣ୍ଣ ଚାଲ ମୁଣ୍ଡାଛକ ନିକଟରୁ ସନ୍ଧ୍ୟାରେ ଜଣେ ପଥଚାରୀଙ୍କ ବାଇକ୍ ସହ ମୋବାଇଲ ଲୁଟି ନେବା ଘଟଣାରେ ପୋଲିସ ୪ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଖରିଆରରୋଡ ପିଏଚଡି ପଡାର ଛୋଟୁ ରାଉତ (୧୯), ହେମସାଗର ଦାସ (୨୧), ସୁରଜ ଯାଦବ (୧୯) ଏବଂ ସତ୍ୟନାରାୟଣ ବିଭାର (୧୯) । ପୋଲିସ ମାମଲା ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଖବରୁ ପ୍ରକାଶ ଯେ, ଗତ ୩ ତାରିଖରେ ଏହି ବ୍ଲକ ବୋଥା ଗାଁର ବ୍ରିଜଲାଲ ଦାସ ପନିକା କୌଣସି କାମରେ ଖରିଆରରୋଡ ଆସିଥିଲେ। ଏଠାରୁ କାମ ସାରି ସନ୍ଧ୍ୟାରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସହର ମଧ୍ୟସ୍ଥ ଚାଲମୁଣ୍ଡା ଛକ ନିକଟରେ ସଶସ୍ତ୍ର ଯୁବକମାନେ ତାଙ୍କୁ ଅଟକାଇ ପଲସର ଗାଡି ସହ ୨ଟି ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ । ଏ ସମ୍ପର୍କରେ ପନିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଛାନଭିନ ଆରମ୍ଭ କରିଥିଲା । ଶେଷରେ ପୋଲିସକୁ ସଫଳତା ମିଳିଥିବା ଥାନାଧିକାରୀ ଯୁଗଳ କିଶୋର ମଲ୍ଲିକ ସୂଚନା ଦେଇଛନ୍ତି ।



ଗିରଫ ହୋଇଥିବା ଅଭିଯୁକ୍ତମାନେ ।

# କାର୍ଯ୍ୟରେ ଅବହେଳା: ସହକାରୀ ଶିକ୍ଷକ ନିଲମ୍ବିତ

**ନୂଆପଡା ଅଫିସ,୮।୨**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡା ବ୍ଲକର ଉପାନ୍ତ ଗାଁ ଗୁଡିକରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ଶିକ୍ଷା ବିଭାଗ ତତ୍ପର ହୋଇ ଉଠିଛି । ସୀମାନ୍ତ ସନ୍ତୋଷ ପଡାସ୍ଥିତ ଇନ୍ଦିରା ଆବାସ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ବାରମ୍ବାର ଅବହେଳା କରିଥିବା ଯୋଗୁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ସହକାରୀ ଶିକ୍ଷକ ଦନୀରାମ ମାଝିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ବିଦ୍ୟାଳୟରେ ଶିକ୍ଷକମାନେ ବାରମ୍ବାର ଅନୁପସ୍ଥିତ ଥିବାହେତୁ ପିଲାଙ୍କ ପାଠପଢା ବ୍ୟାହତ ହେଉଥିବା ନେଇ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ଶୁକ୍ରବାର ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଦିନ ସହକାରୀ ଶିକ୍ଷକ ଦନୀରାମ ମାଝି ଅନୁପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ତା. ୧୧।୧।୧୯ ରିଖରେ ବ୍ଲକ ଶିକ୍ଷାଧିକାରୀ ମଧ୍ୟ ପରିଦର୍ଶନ କରିଥିବା ବେଳେ ଦନୀରାମ ଅନୁପସ୍ଥିତ ଥିଲେ । ସେହି ଦିନଠାରୁ ବ୍ଲକ ଶିକ୍ଷାଧିକାରୀ ତାଗିଦ କରିଥିଲେ ହେଁ ତାକୁ ମାନି ନ ଥିଲେ । ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ପତ୍ରାଙ୍କ ସଂଖ୍ୟା ୪୪୧/୧୯ରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ।

### ଲପଙ୍ଗା ହାଇସ୍କୁଲରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ରେଙ୍ଗାଲି, ୮।୨ (ଡି.ଏନ.ଏ)**

ରେଙ୍ଗାଲି ବ୍ଲକ ଲପଙ୍ଗା ହାଇସ୍କୁଲରେ ଭୂଷଣ କମ୍ପାନୀ ଏବଂ ଠେଲକୁଲି ପୋଲିସର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ସଡକ ସୁରକ୍ଷାର ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। କୁଇଜରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଠେଲକୁଲି ଥାନା ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ର, ଭୂଷଣ କମ୍ପାନୀର ସୁରକ୍ଷା ଜିଏମ ମୋହାକୁନ୍ଦ ବାବୁ, ଲପଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାହୁ, ଠେଲକୁଲି ଏସଆଇ ସବିତା ଠେମରିଆ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

# ବେଟି ବଚାଅ-ବେଟି ପଢ଼ାଅ କାର୍ଯ୍ୟକ୍ରମ

**ସିନାପାଲି,୮।୨(ଡି.ଏନ.ଏ.)**

ଭାରତ ସରକାରଙ୍କ ରେଜିଓନାଲ୍ ଆଉଟ୍ ରିଚ୍ ବ୍ୟୁରୋ ତରଫରୁ ଗୁରୁବାର ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ନିଲଜୀ ଗ୍ରାମଠାରେ ପାଲା ଓ ମ୍ୟାଜିକ୍ ମାଧ୍ୟମରେ 'ବେଟି ବଚାଅ-ବେଟି ପଢ଼ାଅ' ନାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ପୁଅମାନଙ୍କ ତୁଳନାରେ ଝିଅଙ୍କ ଅନୁପାତ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଝିଅମାନଙ୍କ ସାକ୍ଷରତା ହାର ମଧ ଯଥେଷ୍ଟ କମ୍ ରହିଛି । ଏଣୁ ଏଭଳି ଏକ ଜନ ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମରେ ମଙ୍ଗୁଳେଶ୍ୱର ଇନ୍ଦ୍ରଜାଲ ମ୍ୟାଜିକ୍‌ର ପରିଚାଳକ ଶିବନାଥ ମଲ୍ଲିକ ବିଭିନ୍ନ ମ୍ୟାଜିକ୍ କଳା କୌଶଳ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରିଥିବା ବେଳେ ଭବାନୀ ଶେଖର ପାଲା ସଂସଦର ପରିଚାଳକ ଗଗନ ବିହାରୀ ମହାପାତ୍ର ଓ ସାଥୀ ପାଲା ମାଧ୍ୟମରେ ସଚେତନାତା ବାର୍ତ୍ତା ପ୍ରଚାର କରିଥିଲେ। ନୂଆପଡା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସିଡିପିଓ ସହଯୋଗ କରୁଛନ୍ତି । ଆଗାମୀ ଦିନରେ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବହୁ ଲୋକଙ୍କ ସମାଗମ ହେଉଥିବା ଦେଖାଯାଉଛି ।



ପାଲା ମାଧ୍ୟମରେ ଦିଆଯାଉଥିବା ସଚେତନତା କାର୍ଯ୍ୟକ୍ରମକୁ ଲୋକେ ଦେଖୁଛନ୍ତି।

ଖରିଆରରୋଡରେ ସଡକ ସୁରକ୍ଷା ସପ୍ତାହ

# ସଚେତନତାର ମଙ୍ଗ ଧରିଲେ ମହିଳା



ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

**ନୂଆପଡା ଅଫିସ/ଖରିଆର ରୋଡ, ୮।୨ (ଡି.ଏନ.ଏ.)**

ଆଜିକୁ ସପ୍ତାହେ ହେବ ଜିଲାବ୍ୟାପି ସଡକ ସୁରକ୍ଷା ସଚେତନତା ସକାଶେ ଭିନ୍ନ ଭିନ୍ନ ମାଧ୍ୟମ ଅବଲମ୍ବନ ହେଉଥିବାବେଳେ ଶୁକ୍ରବାର ଖରିଆରରୋଡ ସହରରେ ମହିଳାମାନେ ସଚେତନତାର ମଙ୍ଗ ଧରିଥିବା ବେଶ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସ୍ଥାନୀୟ ଦାଦିଜୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ସଭାପତିତ୍ୱ କରିଥିବାବେଳେ ଖରିଆରରୋଡ ସେବା ସମିତି ଅଧ୍ୟକ୍ଷ ନିଶାନ୍ତ ଡାଗା ମୁଖ୍ୟଅତିଥି, ଅବସରପ୍ରାପ୍ତ ଡିଏଭି କଲେଜ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଖରିଆରରୋଡ ସେବା ସମିତିର ମହିଳା ସେଲ ସଚିବ ନେହା ଡାଗା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୁରକ୍ଷିତ ସଡକ ଜୀବନ ପାଇଁ ବିପଦ ମୁକ୍ତ ହୋଇଥାଏ ବୋଲି ଅତିଥିମାନେ ମତ ରଖିଥିଲେ । ଏଥିସକାଶେ ବହୁ ମାତ୍ରାରେ ସବୁସ୍ତରରେ ସଚେତନତାର ଆବଶ୍ୟକତା ରହିଥିବା କୁହାଯାଇଥିଲା । ଏହି ଅବସରରେ ଜିଲାରେ ପ୍ରଥମ ଥର ପାଇଁ ମହିଳାମାନେ ଘରୁ ପାଦ କାଢି ସଚେତନତାର ମଙ୍ଗ ଧରିଥିଲେ । ଏଠାରୁ ଏକ ସଚେତନତା ରାଲି ବାହାରିଥିଲା । ମହିଳାମାନେ ଦୀର୍ଘ ୨ କି.ମି. ଦୂର ସହରର ମୁଖ୍ୟ ରାସ୍ତାରେ ବିଭିନ୍ନ ସ୍ଲୋଗାନମାନ ଦେଇ ସଚେତନତା କରିଥିଲେ । ଏହି ସମୟରେ ରାସ୍ତାର ଦୁଇ କଡରେ ହଜାର ହଜାର ଲୋକେ ରୁଣ୍ଡ ହୋଇ ଦେଖିଥିଲେ । ଏଥିରେ ଖରିଆରରୋଡ ସେବା ସମିତି ସମସ୍ତ ମହିଳା ସାମିଲ ଥିଲେ। ଏହି ରାଲି ସହରର ଠିକ ଭାବରେ ସଚେତନତା ସୃଷ୍ଟି କରିପାରିଥିବା ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ଗୁପ୍ତା, ଜୟା ମଲାନୀ, ନୀତୁ ଗୁପ୍ତା, ସୁଜାତା ବଂସଲ, ସୁନୀତା ବଂସଲ, ମମତା କାଳିଆ, ଅଞ୍ଜଳୀ ସୋନୀ, ଆଶୀ କାଳିଆ, ସଞ୍ଜୁ ସୋନୀ, ଗୋଲି ତିୱାରୀ, ଜଗନ୍ନାଥ ନାଏକ, ରାକେଶ ବର୍ମା ପ୍ରମୁଖ ସାମିଲ ଥିଲେ ।

ଖଡିଆଳ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦଳଗତ ନୃତ୍ୟ, ବିନ୍ଦୁ କମେଡି ଦର୍ଶକଙ୍କ ମନମୋହିଲା

**ଖଡିଆଳ,୮।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଖଡିଆଳ ଗଡଜାତ ଅଞ୍ଚଳର ବିଲୁପ୍ତ ଲୋକକଳା, ଲୋକସଂସ୍କୃତି ଓ ଲୋକ ସାହିତ୍ୟର ପୁନରୁଦ୍ଧାର ପାଇଁ ଚାଲିଥିବା ଖଡିଆଳ ମହୋତ୍ସବ-୨୦୧୯ର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା । ଅପରାହ୍ନରେ ଅନୁଷ୍ଠିତ ଗଙ୍ଗା ମହାଉତିଙ୍କ ସଂଯୋଜନାରେ ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଦଳଗତ ନୃତ୍ୟ ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଲିଟିଲ୍ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରେ ଅମୂଲ୍ୟ ଡ୍ୟାନ୍ସ ଗ୍ରୁପର ଘୁଡକା ନୃତ୍ୟ, ସଙ୍ଗୀତ ସାଧନା ଲୋକସିଂହାର ସମ୍ବଲପୁରୀ ଲୋକ ନୃତ୍ୟ, ମୁର୍ଶିଦାବାଦ ରାୟବଂଶୀର ଛଉ ନୃତ୍ୟ, କନ୍ଧମାଳ ପ୍ରଗତି ଅନୁଷ୍ଠାନର ଶବର ଶବରୁଣୀ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଲା । ବିଶେଷ ଆକର୍ଷଣ ସ୍ୱରୂପ ବିନ୍ଦୁ କମେଡି ଦର୍ଶକଙ୍କ ମନ ମୋହିଥିଲା । ତୃତୀୟ ସନ୍ଧ୍ୟାରେ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଫଣିନ୍ଦ୍ରମ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଖଡିଆଳ ତହସିଲଦାର ସିନ୍ଧୁସୂତା ପାତ୍ର, ଖଡିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ମାଝି, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ର, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ବାଗ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ଖଡିଆଳ ହେଉଛି ଲୋକକଳା, ଲୋକ ସଂସ୍କୃତି ଓ ଲୋକ ସାହିତ୍ୟର ସହର । ତାହା ବାସ୍ତବିକ ପ୍ରମାଣିତ କରୁଛି ଏହି ଖଡିଆଳ ମହୋତ୍ସବ। ବିନା ସରକାରୀ ସହାୟତାରେ ଅଞ୍ଚଳର ବିଲୁପ୍ତ ଲୋକ କଳା, ଲୋକ ସାହିତ୍ୟ ଓ ଲୋକ ସଂସ୍କୃତିକୁ ବଞ୍ଚାଇବାର ଏହି ମହୋତ୍ସବ ପାଳନ କରିବା ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଦସ୍ୟ ଲୋହିତାକ୍ଷ ଯୋଶୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖ ଅବଦାନ ପାଇଁ ଖଡିଆଳ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମୁଣ୍ଡ ଓ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖ ଅବଦାନ ପାଇଁ ବୋଡେନ ବ୍ଲକ ଅନକାପୁର ଗାଁର ରୋହିତ ନାଗେଶକୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।







ଖଡିଆଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ (ବାମ) । ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।



ଧନ ସଞ୍ଚୟ, ବାହାରର ସଫଳତା, ପ୍ରଚାର, ବିଳାସ
ଏହି ଚାରୋଟିକୁ ମୁଁ ବରାବର ଘୃଣା କରି ଆସିଛି।
- ଆଲବର୍ଟ ଆଇନଷ୍ଟାଇନ

## ସଂକ୍ଷେପରେ

### ବକେୟା ଫସଲ ବୀମା ପ୍ରଦାନ ନେଇ ପ୍ରତିଶ୍ରୁତି : ରବିଚାଷରେ ଚାଷୀଙ୍କୁ ୧୮କୋଟି ଋଣ ସହାୟତା

କଣ୍ଟାବାଞ୍ଜି,୮।୨(ଡି.ଏନ୍.ଏ.): ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେରଙ୍କ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ମେହେର। କଣ୍ଟାବାଞ୍ଜି ବ୍ୟାଙ୍କ ଅଧୀନ ତୁରେକେଲା ଏବଂ ବଙ୍ଗୋମୁଣ୍ଡା ବ୍ଲକର ୨୦ଟି ପ୍ୟାକ୍ସ ଗସ୍ତ କରି ଚାଷୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହଫସଲ ବୀମା ରାଶି ସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ବଙ୍ଗୋମୁଣ୍ଡା ଓ ତୁରେକେଲା ବ୍ଲକର ୯ଟି ପ୍ୟାକ୍ସର ୨୦ଟି ଗ୍ରାମର ୨୮୪ ଜଣ ମହିଳାଙ୍କୁ ୬୩ଟି ଜେଏଲ୍‌ଜି ଋଣ ବାବଦରେ ୩୨ଲକ୍ଷ ୮୭ ହଜାର ୨୫୦ଟଙ୍କା ଋଣ ସହାୟତା ଦେଇଥିବା ପ୍ରକାଶ କରିଥିଲେ। ରବି ଚାଷ ପାଇଁ ନେଇଥିବା ଋଣ ଆସନ୍ତା ଜୁଲାଇ ସୁଦ୍ଧା ଫେରସ୍ତ କଲେ ସେମାନଙ୍କଠାରୁ ୧ ପ୍ରତିଶତ ସୁଧ ନିଆଯିବ ବୋଲି କହିଥିଲେ। ୨୦୧୮ରେ ପ୍ରଧାନମନ୍ତ୍ରୀ କୃଷି ବୀମା ରାଶି ବ୍ୟାଙ୍କ ଜରିଆରେ ୧କୋଟି ୬୦ଲକ୍ଷ କ୍ଷତିପୂରଣ ଦେବାର ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧କୋଟି ୭ଲକ୍ଷ ଟଙ୍କା ଚାଷୀଙ୍କୁ ଦିଆଯାଇଛି। ଆହୁରି ୫୩ କୋଟି ସମ୍ପୃକ୍ତ ବୀମା କମ୍ପାନୀରୁ ପାଇବା ପରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ ବୋଲି ସଭାପତି ମେହେର ପ୍ରକାଶ କରିଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଣ୍ଟାବାଞ୍ଜି ଶାଖା ପରିଚାଳକ ଯୋଗେଶ୍ୱର ମାଝି, ତୁରେକେଲା ସୁପରଭାଇଜର ଦକ୍ଷରାଜ ମାଝି, ବଙ୍ଗୋମୁଣ୍ଡା ସୁପରଭାଇଜର ତପନ କୁମାର ମେହେର, ତୁରେକେଲା ପ୍ୟାକ୍ସ ସଭାପତି ବାୟାମନ ସଗରିଆଙ୍କ ସହିତ ସମସ୍ତ ପ୍ୟାକ୍ସ ସଭାପତି ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଆଦିବାସୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବଲାଙ୍ଗୀର ଅଫିସ, ୮।୨: ଅଲ୍ ଓଡ଼ିଶା ଆଦିବାସୀ ଫୋରମ୍ ଆନୁକୂଲ୍ୟରେ ବଲାଙ୍ଗୀର ଟାଉନ୍ ହଲଠାରେ ଆଦିବାସୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଆଦିବାସୀଙ୍କ ନୃତ୍ୟ, ଗୀତ, ସଂସ୍କୃତି, ଭାଷା, ପରମ୍ପରାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଆଦିବାସୀ ସାଂସ୍କୃତିକ ଦଳ, ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ ଦଳ ଯଥା ଢାପ, ଡକା, ଘୁଡକା, ଦଣ୍ଡା, କରମା, ଖଞ୍ଜଣି, ମାନ୍ଦଳର କଳାକାର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଡ. ଘାସିରାମ ମିଶ୍ର, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, କାଦେ ସୋରେନ ଯୋଗଦେଇଥିଲେ। କଳାକାରମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ।

ଯୁରିଆ ମଣ୍ଡିରେ ପଡ଼ିରହିଛି ଧାନ ବସ୍ତା

# ଯୋଗାଣ ଅଧିକାରୀଙ୍କ ସ୍ଥିତି ଅନୁଧ୍ୟାନ

ଖପ୍ରାଖୋଲ,୮।୨(ଡି.ଏନ.ଏ.)

ସରକାର ଆଗୁଆ ଧାନ କିଣା ବନ୍ଦ କରିଦେଇଥିବାରୁ ବର୍ତ୍ତମାନ ହଜାର ହଜାର ବସ୍ତା ଧାନ ମଣ୍ଡିଗୁଡିକରେ ପଡି ରହିଥିବା ବେଳେ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଏ ନେଇ ଚାଷୀ ପ୍ରଶାସନକୁ ଜଣାଇଲା ପରେ ଧାନ ମଣ୍ଡିର ସ୍ଥିତି ପରଖିବାକୁ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନ, ପାଟଣାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁ, ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ରାଜାରାମ ହୋତା ପ୍ରମୁଖ ଖପ୍ରାଖୋଲ ବ୍ଲକ ଲୁହାସିଂହା କୃଷି ସମବାୟ ସମିତି ଯୁରିଆ ଧାନ ମଣ୍ଡିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ମଣ୍ଡି କମିଟି ଏବଂ ଚାଷୀଙ୍କ



ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନଙ୍କ ସହ ଅନ୍ୟମାନେ ଶୁକ୍ରବାର ଯୁରିଆ ଧାନ ମଣ୍ଡି ସ୍ଥିତ ଅନୁଧ୍ୟାନ କରୁଛନ୍ତି।

ସହ ଆଲୋଚନା କରିଥିଲେ। ମଣ୍ଡିରେ ଧାନ ପଡି ରହିଥିବା ଦେଖି ଧାନ କିଣିବା ପାଇଁ ନୂତନ ଟାର୍ଗେଟ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ମଣ୍ଡିରେ ପ୍ରତିବର୍ଷ ସର୍ବାଧିକ କୁଇଣ୍ଟାଲ ଧାନ କିଣା ଯାଉଥିବା ବେଳେ ୪ଟି ପଞ୍ଚାୟତର ୨୯ଟି ଗାଁର ଚାଷୀ ଏହି ମଣ୍ଡି ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ମଣ୍ଡିରେ ୪୫୩ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୩୧୯ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ମଣ୍ଡିରୁ ୫୪ ହଜାର କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୩୮ ହଜାର ୬ ଶହ କୁଇଣ୍ଟାଲ ଧାନ କିଣା ହୋଇଛି। ବର୍ତ୍ତମାନ ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡି ରହିଛି। ଜିଲା ଯୋଗାଣ ଅଧିକାରୀଙ୍କ ଗସ୍ତ ସମୟରେ ସମବାୟ ସମିତି କମିଟି ସଦସ୍ୟ ଜୟନ୍ତପାଲ ମେହେର, କନ୍ଦର୍ପ ସୁଆର, ରାଜୁ ମେହେର, ପ୍ରଦୀପ ସିଂଦେଓ, ସମ୍ପାଦକ ରାମକୃଷ୍ଣ ସାହୁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଏ ନେଇ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ରାଜରାମ ହୋତାଙ୍କୁ ପଚାରିବାରୁ ଜିଲା ଯୋଗାଣ ଅଧିକାରୀ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ମଣ୍ଡି ସମ୍ମୁଖରେ ପଡିଥିବା ଧାନ ପାଇଁ ଟାର୍ଗେଟ ଦେଇ ତୁରନ୍ତ ଧାନ କିଣାଯିବ ବୋଲି କହିଛନ୍ତି। କେବଳ ଯୁରିଆ ମଣ୍ଡିରୁ ନୁହଁ ଧଣ୍ଡାମୁଣ୍ଡା, ଖପ୍ରାଖୋଲ ମଣ୍ଡିରୁ ଧାନ କିଣିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ଯୁରିଆ ମଣ୍ଡିରେ ଧାନ ପଡି ରହିଥିବା ସମ୍ପର୍କିତ ଏକ ଖବର ଧରିତ୍ରୀରେ ଗତ ୧ ତାରିଖରେ ପ୍ରକାଶିତ ହୋଇଥିଲା।



### ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଗୁଡ଼ଭେଲା,୮।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅଧୀନ ସମରା ଉଚ୍ଚ ବ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ ଓ ମାନସିକ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ସରପଞ୍ଚ ରବୀନ୍ଦ୍ର ପ୍ରଧାନ, ସମିତିସଭ୍ୟ ଶିଶୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜୟନ୍ତୀ ମଞ୍ଜରୀ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବଲାଙ୍ଗୀର ଅଫିସ, ୮।୨

ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ରାମପୁର ଉଚ୍ଚବିଦ୍ୟାଳୟ ଏବଂ ଏକଲବ୍ୟ ଆଦର୍ଶ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାମପୁର ଆଇଡିବିଆଇ ବ୍ୟାଙ୍କ ଶାଖା ପରିଚାଳକ ବିମଳ କୁମାର ପ୍ରଧାନ ଯୋଗଦେଇ ସ୍କୁଲ ଛାତ୍ର ସମୟରେ ଶିକ୍ଷା ଓ କ୍ରୀଡା କିଭଳି ଭାବେ ଗୁରୁତ୍ୱ ବହନ କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁକ୍ରୁ ବର୍ଗେ ଯୋଗ ଦେଇଥିଲେ। ଉଭୟ ବାଳିକା ଓ ବାଳକ ବିଭାଗର ଜୁନିୟର, ସିନିୟର ବିଭାଗରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତରେ କୃତିତ୍ୱ ଅର୍ଜନ କରିଥିବା ୧୪୫ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ସିନିୟର ବିଭାଗରେ ସଞ୍ଜୟ ସେଠ୍, ବାଳିକା ସିନୟର ବିଭାଗରେ ଆସ୍ଥା ମାଟି, ବାଳିକା ଜୁନିୟର ବିଭାଗରେ ଅନୁପମା ବେହେରା, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ସୁନୀଲ କୁମାର ଭୋଇ ଏବଂ ବବିତା ମାଝିଙ୍କୁ ଚାମ୍ପିୟନ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଦୁଇଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାକୁ ସ୍କୁଲ ଖେଳ ଶିକ୍ଷକ ହୃଷୀକେଶ ଭୁଆ ପରିଚାଳନା କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



ରାମପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରାଯାଉଛି।

### କୋସଲ ଆନ୍ଦୋଳନରେ ସାମିଲ ହେଲା ମାଲପଡା ନାଗରିକ କମିଟି

ବଲାଙ୍ଗୀର ଅଫିସ, ୮।୨– ବଲାଙ୍ଗୀର ସହରର ୱାର୍ଡ ନମ୍ବର ୧୪ ଓ ୧୫କୁ ନେଇ ଗଠିତ ମାଲପଡ଼ା ନାଗରିକ କମିଟିର ସମସ୍ତ ସଭ୍ୟ କୋସଲ ଆନ୍ଦୋଳନରେ ସାମିଲ ହେବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଥିବା ଜଣାପଡିଛି। କମିଟି ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ଥାନୀୟ ମାଲପଡ଼ା ରାମମନ୍ଦିରରେ ଅନୁଷ୍ଠିତ ବୈଠକରେ ସଭାପତି ମିଶ୍ରଙ୍କ ଆଗତ ପ୍ରସ୍ତାବ କ୍ରମେ ପଡାର ସୁନା ସାହୁ ଏବଂ ସୁରେନ୍ଦ୍ର ଥପାଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାଗରିକ କମିଟିକୁ ନିମନ୍ତ୍ରିତ ହୋଇଥିବା କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ କୋସଲ ମୁକ୍ତି ଆନ୍ଦୋଳନ ଓ ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଥିଲେ। କୋସଲ ରାଜ୍ୟ ସମନ୍ୱୟ ସମିତି ବଲାଙ୍ଗୀର ଜିଲା ସଭାପତି ବିକ୍ରମାନନ୍ଦ ବହିଦାର ଓ କୋସଲ ବରିଷ୍ଠ ନାଗରିକ ଅଭିଯାନ କୋର କମିଟି ସଦସ୍ୟ ନରେଶ କୁମାର ଦାଶ ମଧ୍ୟ ବକ୍ତବ୍ୟ ଦେଇଥିଲେ। କମିଟି ସଭ୍ୟ ପଞ୍ଚାନନ ସେଠ ଓ ଗୋପବନ୍ଧୁ ପୁରୋହିତ ବିବରଣୀ ପାଠ କରି ୱାର୍ଡର ଉନ୍ନତିମୂଳକ କାର୍ଯ୍ୟ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। କମିଟି କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସିଂ, ସଭ୍ୟ ଶ୍ୟାମସୁନ୍ଦର ଆଚାର୍ଯ୍ୟ, ସହଦେବ ଦର୍ଜୀ, ନିମାଇଁ ଚରଣ ଦାଶ, ଦେବରାଜ ଯୋଷୀ, ଦୟାସାଗର ବଗର୍ତ୍ତୀ, ଶିବ ପ୍ରସାଦ ଶତପଥୀ, ଭାଗୀରଥି ଯୋଷୀ ଓ ନାଞ୍ଜି ବାଗ୍‌ଜି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





କୁଡାସିଂହା ପର୍ଶୁରାମ ହାଇସ୍କୁଲରେ ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ପର୍ଶୁରାମ ହାଇସ୍କୁଲର ବାର୍ଷିକ ଉତ୍ସବ

ଦେଓଗାଁ,୮।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଦରବ୍ଲକ ଅଧୀନ କୁଡ଼ାସିଂହା ପର୍ଶୁରାମ ହାଇସ୍କୁଲରେ ଶୁକ୍ରବାର ଅପରାହ୍ନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମିତ୍ରଭାନୁ ପଧାନଙ୍କ ସଭାପତିତ୍ୱ ଏବଂ ଦିଲୀପ କୁମାର ଯୋଷୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଓଇଏସ୍ ରାମକୃଷ୍ଣ ନାଥ, ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ବିଦ୍ୟାର୍ଥୀମାନେ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ହେଲେ ଅଞ୍ଚଳ ତଥା ଦେଶର ବିକାଶ ସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ତଥା ଘୁଡୁକା ବାଦକ ପବିତ୍ର ଦଣ୍ଡସେନା, ସ୍ଥାନୀୟ ସରପଞ୍ଚ କପିଳ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ସୁଦର୍ଶନ ଝାଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନିନି ବର୍ଗ୍ତି, ରଶ୍ମୀରେଖା ଷଡଙ୍ଗୀ, ଶିକ୍ଷକ ଅଜୟ ଦର୍ଜିଙ୍କ ପରିଚାଳନାରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଏକତା ପ୍ରିୟଦର୍ଶିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ହରେକୃଷ୍ଣ ସାହୁ ଏବଂ ସୁଦର୍ଶନ ଝାଙ୍କରଙ୍କ ନିର୍ଦ୍ଦେଶନା ଓ ଶିକ୍ଷକ ଦିଲୀପ କୁମାର ଯୋଷୀଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ଅଙ୍କିତା ନାଏକ ଓ କିଷନ ସାହୁ ସହଯୋଗ କରିଥିଲେ।

## ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ନବୀନ କୁମାର ନାୟକ ପତାକା ଉତ୍ତୋଳନ ପୂର୍ବକ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଲବଣୀଧର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର, ପୂର୍ବତନ ପ୍ରଧାନ ଶିକ୍ଷକ ନବୀନ ନାୟକ, ମୁଖ୍ୟବକ୍ତା ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା ଯୋଗଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ରାଉତ୍, ମୋ ସ୍କୁଲ ଅଭିଯାନର ଛାତ୍ରୀ କରବୀ ଚାଟାର୍ଜୀ, ଅନିତା ସିଂ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ଅଳକା ବହିଦାର ବିବରଣୀ ପାଠ କରିଥିଲେ। ବିଜ୍ଞାନ ଶିକ୍ଷକ ସିନୁ ସୁନ୍ଦର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ କସ୍ତୁରୀ ରଥ କ୍ରୀଡ଼ା ଓ ମଞ୍ଚ ପରିଚାଳନା କରିଥିଲେ। ଜୁନିଅରା ବିଭାଗରେ ଖୁସି ଶର୍ମା ଓ ସିନିୟର ବିଭାଗରେ ରଶ୍ମିତା ସିଂ ଚାମ୍ପିୟନ ବିବେଚିତ ହୋଇଥିଲେ। ଶ୍ରେଷ୍ଠ ଛାତ୍ରୀ ଭାବେ ଦିପାଳୀ ନାଏକ ଓ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସ୍ୱିଟି ମେହେରଙ୍କୁ ସମ୍ମାନିତ କରାଯାଇଥିଲା। କିରଣମୟୀ ପଟ୍ଟନାୟକ ଓ ଦୀପ୍ତିମାଳ ପାତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ତପସ୍ୱିନୀ ମହାପାତ୍ର, ନିବେଦିତା ପଣ୍ଡା, ଅନିତା ସିଂ, ସ୍ୱାଗତିକା ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସଂଘମିତ୍ରା ମିଶ୍ର, କୃଷ୍ଣଚନ୍ଦ୍ର ବାଗ, କଲ୍ୟାଣ ଉଦ୍‌ଗାତା, ସୁଚିତ୍ରା ବସ୍ତିଆ, ଦମୟନ୍ତୀ ଚନ୍ଦନ ଓ ଟିକେ ଜାଲ ସହଯୋଗ କରିଥିଲେ। ଶେଷରେ ସତ୍ୟାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।





ଟାଉନ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ବହୁ ଆଡମ୍ବରରେ ଲଘୁକ୍ରିୟା

## କୋଣାର୍କ ଉତ୍ସବରେ ପର୍ଯ୍ୟଟକ ସଂଖ୍ୟାରେ ସାମାନ୍ୟ ବୃଦ୍ଧି

**ସୂଚନା ଅଧିକାରରୁ ମିଳିଲା ତଥ୍ୟ**

ବଲାଙ୍ଗୀର ଅଫିସ, ୮।୨

ଓଡ଼ିଶା ହକି ବିଶ୍ୱ କପ୍ ଚାଲିଥିବା ସମୟରେ କୋଣାର୍କ ଉତ୍ସବ ୨୦୧୮ ପାଳନ କରାଯାଇଥିଲା। ସେତେବେଳେ ଆନ୍ତର୍ଜାତିକ ହକି ଖେଳାଳିମାନଙ୍କ ପାଇଁ କୋଣାର୍କ ଉତ୍ସବ ଦେଖିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କଥା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି କଥା ପର୍ଯ୍ୟଟନ ମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ହକି ଖେଳାଳିମାନେ ଉତ୍ସବ ଦେଖିବା ନେଇ ପର୍ଯ୍ୟଟନ ବିଭାଗ ପାଖରେ କୌଣସି ତଥ୍ୟ ନ ଥିବା ସୂଚନା ଅଧିକାର ଆଇନ ଯୋଗ ମିଳିଥିବା ତଥ୍ୟରୁ ଜଣାପଡିଛି।

କୋଣାର୍କ ଉତ୍ସବ ଉପଭୋଗ କରିବା ପାଇଁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ବିଶେଷ ବୃଦ୍ଧି ହୋଇ ନ ଥିବା ମଧ୍ୟ ସୂଚନାରୁ ଜଣାପଡିଛି। ଗତ ୫ ବର୍ଷରେ ମାତ୍ର ୧୬୦ ଜଣ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ହୋଇଥିବା ଜଣାପଡିଛି। ୨୦୧୪ରେ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ୨୧୦ ଥିବାବେଳେ ୨୦୧୮ରେ ଏହା ମାତ୍ର ୩୭୦ରେ ପହଞ୍ଚିଛି। ଘରୋଇ ପର୍ଯ୍ୟଟକ ସଂଖ୍ୟା ୨୦୧୪ରେ ୧୩ ହଜାର ୪୯୪ଜଣ ଥିବାବେଳେ ୨୦୧୮ରେ ମାତ୍ର ୧୭ ହଜାର ୬୯୧ ଜଣ ରହିଥିବା ଜଣାପଡିଛି। ଗତ ୫ବର୍ଷରେ ଘରୋଇ ଦର୍ଶକଙ୍କ ସଂଖ୍ୟା ସମୁଦାୟ ୪୧୯୭କୁ ବୃଦ୍ଧିପାଇଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ରାଜ୍ୟ ପର୍ଯ୍ୟଟନ ବିଭାଗକୁ ମାଗିଥିବା କୋଣାର୍କ ଉତ୍ସବ ସମ୍ବନ୍ଧୀୟ କେତେକ ତଥ୍ୟରୁ ଏଭଳି ସୂଚନା ମିଳିଛି। ଏହି ତଥ୍ୟରୁ ଆନ୍ତର୍ଜାତିକସ୍ତରରେ କୋଣାର୍କ ଉତ୍ସବକୁ ଲୋକପ୍ରିୟ କରିବା ପାଇଁ ସରକାର କେତେ ଆନ୍ତରିକତାର ସହ କାର୍ଯ୍ୟ କରିଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି ବୋଲି ସୂଚନା କର୍ମୀ ପଣ୍ଡା ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

## ଜାତୀୟ କୃମି ନାଶକ ଦିବସ

କଣ୍ଟାବାଞ୍ଜି,୮।୨ (ଡି.ଏନ୍.ଏ.)

ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ମାଝିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ବିରଞ୍ଚି ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଳନ ମୁଖ୍ୟଅତିଥିଭାବେ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ କବିରାଜ ପୁଟେଲ, ସମ୍ମାନିତ ଅତିଥି ଭାବେ ଏଏନ୍‌ଏମ୍ ନମିତା ମିଶ୍ର, ସ୍ୱାସ୍ଥ୍ୟକର୍ମୀ ଆଶିଷ ପଶାୟତ, ସୂର୍ଯ୍ୟକାନ୍ତୀ ମାଝି ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ଜାତୀୟ କୃମି ନାଶକ ଦିବସ ପାଳନର ମହତ୍ୱ ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ଔଷଧ ବଣ୍ଟନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମ ନେଇ ପ୍ରଧାନ ଶିକ୍ଷକ ଦାସଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରଶଂସା କରାଯାଇଥିଲା।



ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

## ବୈଠକରେ ରେଳରୋକୋ, ଭୋଟ ବର୍ଜନ ନିଷ୍ପତ୍ତି

ଦେଓଗାଁ,୮।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗା ବ୍ଲକ ଅଧୀନ ଦେଓଗାଁ ବାଳିକା ହାଇସ୍କୁଲ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟୀ ଏବଂ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶି ଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରମ୍ବାର ଦାବି ସତ୍ତ୍ୱେ ଦେଓଗାଁ ରୋଡ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ଇସ୍ପାତ, ତପସ୍ୱିନି, ସମଲେଶ୍ୱରୀ, ପୁରୀ–ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି ଦାବୀ ପୂରଣ ହୋଇପାରୁ ନ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଚଳିତ ମାସ ୧୭, ୧୮ ଓ ୧୯ ତାରିଖ ୩ଦିନ ଦାବି ପୂରଣ ନେଇ ଦଳମତ ନିର୍ବିଶେଷରେ ରେଳ ଷ୍ଟେସନ ନିକଟରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନେଲେ ୨୦ ତାରିଖରେ ରେଳରୋକୋ ଆନ୍ଦୋଳନ କରାଯିବ। ଏଥିରେ ଦେଓଗାଁବ୍ଲକର ୨୬ଟି ପଞ୍ଚାୟତର ସମସ୍ତ ଜନସାଧାରଣ ତଥା ଗୁଡଭେଲା ଓ ସଦରବ୍ଲକର ଜନସାଧାରଣ ଯୋଗଦେବେ ବୋଲି କମିଟି ସୂତ୍ରରୁ ସୂଚନା ଦିଆଯାଇଥିଲା। ଏଥିସହ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରେଲ ବିଭାଗ ଏହି ଦାବିକୁ ଅଣଦେଖା କଲେ ଦେଓଗାଁ ସଦର ପଞ୍ଚାୟତ ବାସୀ ସାମୂହିକ ଭାବେ ଭୋଟବର୍ଜନ କରିବେ ବୋଲି ଗ୍ରାମ୍ୟ କମିଟି, ବଣିକସଂଘ, ଗ୍ରାମବାସୀ, ସର୍ବଦଳୀୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଓ କମିଟି ସଦସ୍ୟଙ୍କୁ ଦାୟୀତ୍ୱ ଅର୍ପଣ କରାଯାଇଥିଲା। ଶେଷରେ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ ଧନମତ ପନୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ, ବଣିକ ସଂଘ ସଦସ୍ୟ, କଂଗ୍ରେସ, ବିଜେଡି ଏବଂ ଭାଜପାର ନେତୃବୃନ୍ଦ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଦେଓଗାଁ ବାଳିକା ହାଇସ୍କୁଲ ପରିସରରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟି ଓ ସର୍ବଦଳୀୟ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଗ୍ରାମବାସୀ।



ଘୋର ସଙ୍କଟପୂର୍ଣ୍ଣ ପରିସ୍ଥିତି ହିଁ ମହାପୁରୁଷମାନଙ୍କର ବିଦ୍ୟାଳୟ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ



### ସୁରେଶ ରାଓ କେସିଙ୍ଗା ନଗର କଂଗ୍ରେସ ସଭାପତି ମନୋନୀତ

କେସିଙ୍ଗା,୮।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ନଗର କଂଗ୍ରେସ ସଭାପତି ଭାବେ ସୁରେଶ ରାଓଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝିଙ୍କ ଅନୁମୋଦନ କ୍ରମେ ଦାୟିତ୍ୱ ଦିଆଯାଇଛି । ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ କେସିଙ୍ଗା ନଗର କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇ ଯୁବ ସଙ୍ଗଠନକୁ ମଜଭୁତ କରିବା ସହିତ ନୂତନ ସଭ୍ୟ ଗ୍ରହଣରେ ସହାୟତ କରିବେ । ସୁରେଶ ବହୁ ବର୍ଷରୁ କଂଗ୍ରେସର ସକ୍ରିୟ କର୍ମୀ ଭାବରେ ଦଳରେ କାର୍ଯ୍ୟ କରି ଆସୁଛନ୍ତି । ପ୍ରଦେଶ କଂଗ୍ରେସ କମିଟି ଓଡିଶା ପିସିସି ସଭାପତି ସମେତ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ସୁରେଶ ରାଓଙ୍କୁ କେସିଙ୍ଗା ନଗର ସଭାପତି ଭାବରେ ମନୋନୀତ କରିଥିବାରୁ ଜିଲା ତଥା କେସିଙ୍ଗା ସହରର ସମସ୍ତ କଂଗ୍ରେସ କର୍ମିଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି ।

### ଏମ୍.ସି.ସି. କ୍ରିକେଟ୍ ଟୁର୍ନାମେଣ୍ଟ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଆର୍.ସି.ସି. ବିଜୟୀ

ମଦନପୁର,୮।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଖେଳ ପଡିଆଠାରେ ଚାଲିଥିବା ଏମ୍.ସି.ସି କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମଦନପୁର ଆର୍.ସି.ସି. ଦଳ ବିଜୟୀ ହୋଇଛି । ଭାଲୁପିଆ ଓ ମଦନପୁର ଆର୍.ସି.ସି. ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ଆର୍.ସି.ସି. ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୫ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଭାଲୁପିଆ ଦଳ ସମସ୍ତ ଉଇକେଟ ହରାଇ ୬୮ ରନ୍ କରି ପରାଜିତ ହୋଇଥିଲା। ଆର୍.ସି.ସି ଦଳର ଜ୍ୟୋତି ପ୍ରକାଶ ୩୨ ବଲ୍‌ରେ ୬୯ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଦୟା ପ୍ରଧାନୀ ଓ ବିକାଶ ନାଗ ଅମ୍ପାୟର ଦ୍ୱୟ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ଧମେନ୍ଦ୍ର ମୁଣ୍ଡଛିନା ରହିଥିବା ବେଳେ ଅମିତ ଥପା ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ।

### ବିରଘାଟ ସ୍କୁଲରେ ବାର୍ଷିକ ଉତ୍ସବ

**ସମ୍ବଲପୁର,୮।୨(ବ୍ୟୁରୋ):** ସମ୍ବଲପୁର ମାନେଶ୍ୱର ବ୍ଲକ ବିରଘାଟ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ବନବାସ ପ୍ରଧାନ, ମୁଖ୍ୟବକ୍ତା ରମେଶ ପ୍ରଧାନ, ସମ୍ମାନୀୟ ଅତିଥିଭାବେ ଯୁଧିଷ୍ଠିର ପୋଢ, ନବୀନ ସାଲିମା ଯୋଗ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଏକମାତ୍ର ସରକାରୀ ଶାଖା ମୁଦ୍ରଣାଳୟ ଅଚଳ

# ଦେଢ ବର୍ଷ ହେଲା ଛପା ବନ୍ଦ

ଭବାନୀପାଟଣା,୮।୨(ସ୍ୱ.ପ୍ର.)

ଅବିଭକ୍ତ କଳାହାଣ୍ଡି ଓ କୋରାପୁଟ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଫରମ ଓ କାଗଜପତ୍ର ଯୋଗାଣ ପାଇଁ ଭବାନୀପାଟଣାରେ ଏକମାତ୍ର ସରକାରୀ ଶାଖା ମୁଦ୍ରଣାଳୟ
୧୯୮୧ରେ ସ୍ଥାପନ ହୋଇଥିଲା। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ତାହା ଆଜି ପ୍ରାୟ ଅଚଳ ଅବସ୍ଥାରେ ରହିଛି। ଏଠାରେ କର୍ମଚାରୀ ଅଭାବରୁ ଗତ ଦେଢ ବର୍ଷ ହେବ ଛାପା କାମ ବନ୍ଦ ରହିଛି। ଫଳରେ କଟକରୁ ଛପାହୋଇ ଆସି ୬ଟି ଜିଲାକୁ ଯୋଗାଣ ହେଉଛି। ଏଠାରେ ଛାପାକଳ ଥିଲେ ମଧ ଛାପା କର୍ମଚାରୀ (ମେଶିନ ମ୍ୟାନ)ନାହାନ୍ତି। ସେହିପରି କାର୍ଯ୍ୟାଳୟରେ ସେଲ୍‌ସ୍ମ୍ୟାନ ନ ଥିବାରୁ ଏବେ କମ୍ପୋଜିଟରମାନଙ୍କୁ ଯୋଗାଣ ଓ ବାଇନ୍‌ଡିଂ ଦାୟିତ୍ୱ ଦିଆଯାଇଛି। ଏଭଳି ନାନା ଅସୁବିଧାରେ ଏହି ଛାପାଖାନ ଏବେ ଗତି କରୁଛି। ଏଥିପ୍ରତି ସ୍ଥାନୀୟ ନେତା ତଥା ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ଭବିଷ୍ୟତରେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ମଧ ଆଶଙ୍କା ରହିଛି। ଯାହାକୁ ନେଇ ଏବେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।
ପ୍ରକାଶ ଯେ, ଗତ ୫।୮।୧୯୮୧ରେ ଭବାନୀପାଟଣାଠାରେ ଏକ ସରକାରୀ ଶାଖା ମୁଦ୍ରଣାଳୟ ପ୍ରତିଷ୍ଠା ହୋଇଥିଲା। ଏହାକୁ ସେତେବେଳେ ରାଜ୍ୟ ସରକାରଙ୍କ ବାଣିଜ୍ୟ ମନ୍ତ୍ରୀ ଦୟାନିଧି ନାଏକ ଉଦ୍‌ଘାଟନ କରିଥିଲେ। ଓଡିଶାରେ କଟକ, ଭୁବନେଶ୍ୱର, ବଲାଙ୍ଗୀର, କେଉଁଝର, ଛତ୍ରପୁର, ଖଣ୍ଡପଡାରେ ଥିବା ସରକାରୀ ମୁଦ୍ରଣାଳୟ ଭଳି ଏହାର ମଧ ସ୍ୱତନ୍ତ୍ର ଗୁରୁତ୍ୱ ରହିଥିଲା। ଏଠାରୁ କଳାହାଣ୍ଡି ଜିଲା ସମେତ ନୂଆପଡା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା ଜିଲାରେ ଥିବା ବ୍ଲକ, ତହସିଲ ଓ ଅନ୍ୟାନ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ପ୍ରକାର ସରକାରୀ ଫରମ ଓ କାଗଜପତ୍ରଗୁଡିକ ଯୋଗଣ ହେଉଥିଲା। କର୍ମଚାରୀ ଅଭାବ ଯୋଗୁ ଏହାର ସ୍ଥିତି ଦୟନୀୟ ହେବାକୁ ଲାଗିଲା। ଗତ ୨୦୧୭ ଅଗଷ୍ଟରେ ଛାପାକଳ ଚଳାଉଥିବା ଛାପା କର୍ମଚାରୀ (ମେଶିନମ୍ୟାନ) ଅବସର ନେଇଥିଲେ। ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇ ନ ଥିଲା। ଫଳରେ ସେବେଠୁ କାର୍ଯ୍ୟାଳୟରେ ଛାପା କାମ ବନ୍ଦ ରହିଛି। ବର୍ତ୍ତମାନ କଟକରୁ ଛାପା ହୋଇ ଏଠାକୁ ଆସିଲେ ଉପରୋକ୍ତ ଜିଲାଗୁଡିକୁ ସରକାରୀ କାଗଜପତ୍ର ଯୋଗାଣ ହେଉଛି। ଏହି କାର୍ଯ୍ୟାଳୟରେ ସମୁଦାୟ ୧୭ଟି ପଦବୀରୁ ବର୍ତ୍ତମାନ ୧୩ଟି ପଦବୀ ଖାଲିପଡିଛି। ଏଠାରେ ବର୍ତ୍ତମାନ ୨ଜଣ ସିନିୟର କମ୍ପୋଜିଟର (ଅକ୍ଷର ଖଞ୍ଜାଳୀ) ଓ ଜଣେ ସହାୟକ (ହେଲପର) କାର୍ଯ୍ୟ ତୁଲାଉଛନ୍ତି। ଗତ ନଭେମ୍ବରରେ ଏଠାକାର ଅଧିକାରୀ ଜିପିଓଙ୍କୁ କଟକ ବଦଳି ହୋଇଥିବାରୁ ଏବେ କାର୍ଯ୍ୟାଳୟର ଦାୟିତ୍ୱ ଜୈନିକ ସିନିୟର କମ୍ପୋଜିଟର ବୁଝୁଛନ୍ତି। ସେହିପରି ଏଠାରେ ସେଲ୍‌ସ୍ମ୍ୟାନ ଓ ବାଇଣ୍ଡର ନ ଥିବାରୁ କଟକରୁ କାଗଜପତ୍ର ଛପା ହୋଇ ଆସିଲେ କମ୍ପୋଜେଟରମାନେ ଯୋଗାଣ କରିବା ସହ ବାଇନ୍‌ଡିଂ କାମ କରୁଛନ୍ତି । ଯାହାକି ତାଙ୍କ କାମ ହୋଇ ନ ଥିବାବେଳେ କର୍ମଚାରୀ ଅଭାବରୁ ଏପରି କରିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଦେଢବର୍ଷ ପରେ ବି ଏଠାରେ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇପାରୁନାହିଁ। ଏଥିପ୍ରତି ତୁରନ୍ତ ରାଜ୍ୟ ସରକାର ଦୃଷ୍ଟି ଦେଇ ଏହି କାର୍ଯ୍ୟାଳୟର ଆବଶ୍ୟକ ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି।

ରିପୋର୍ଟ–ଉତ୍ତମ କୁମାର ଦାଶ ।





ଭବାନୀପାଟଣାରେ ଥିବା ସରକାରୀ ଶାଖା ମୁଦ୍ରଣାଳୟ ଓ ଭିତରେ ମେଶିନ ପଡ଼ିଛି।

**ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ**
- ୬ଟି ଜିଲା ପାଇଁ ଗୋଟିଏ ମୁଦ୍ରଣାଳୟ
- ଛାପାକଳ ଅଛି, କର୍ମଚାରୀ ନାହାନ୍ତି
- ୧୭ଟି ପଦବୀରୁ ୧୩ଟି ଖାଲି
- କମ୍ପୋଜିଟର କରୁଛନ୍ତି ସେଲ୍‌ସ୍ମ୍ୟାନର କାମ

## ସିଆର୍‌ପିଏଫ୍ ତରଫରୁ ସ୍ୱାସ୍ଥ୍ୟ ଶିବିର

ଗୋଲାମୁଣ୍ଡା,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେଗାଁଠାରେ ଥିବା ଏ୬୪ ବିଏନ ସିଆରପିଏଫ ତରଫରୁ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ କମାଣ୍ଡ ଅଧିକାରୀ ଶିଭମ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ସିଆପିଏଫ ମେଡିକାଲ ଅଫିସର ଡ. ବି.କେ. ବାସୁମତ୍ରି ଓ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. କୃଷ୍ଣ ମୋହନ ପାତ୍ର ଯୋଗଦେଇ ଅଞ୍ଚଳରୁ ଆସିଥିବା ଶତାଧିକ ମହିଳା, ପୁରଷ, ବୃଦ୍ଧ, ବୃଦ୍ଧାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିଥିଲେ । ଇନସପେକ୍ଟର ମନୋରଞ୍ଜନ ହେହେରା ଓ ଇନସପେକ୍ଟର ଏନ.ସି. ମହନ୍ତ ଏବଂ ସିଆରପିଏଫ କ୍ୟାମ୍ପର ସମସ୍ତ ଯବାନ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଦ୍ୱିତୀୟ କମାଣ୍ଡ ଅଧିକାରୀ ଶିଭମ କୁମାର ଅଞ୍ଚଳର ଲୋକଙ୍କ ସୁରକ୍ଷା ସହିତ ଗରିବ, ଖଟିଖିଆ ଲୋକଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି କରିବାରେ ମଧ ସିଆରପିଏଫ ଉଦ୍ୟମ ରତବୋଲି କହିଥିଲେ ।



କେଗାଁଠାରେ ସିଆରପିଏଫ ତରଫରୁ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଜୁନାଗଡ,୮।୨(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଲଦିଆମାଲ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୭୦ ହେବ ବୋଲି ଜଣାପଡିଛି। ସେହିପରି ଏହି ଦୁର୍ଘଟଣାରେ ଜୁନାଗଡ ବ୍ଲକ ଚାରବାହାଲ ଗ୍ରାମର ନିକୁଞ୍ଜ ଚଳାନ ନାମକ ଜଣେ ଖବରଦାତା ମଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଚିକିତ୍ସା ଚାଲିଛି।

## ସ୍କୁଲରେ ଛାତ୍ରୀଛାତ୍ରଙ୍କୁ କୃମି ଔଷଧ ବଣ୍ଟନ ପାଇଁ ବୈଠକ

ରେଙ୍ଗାଲି, ୮।୨ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ଶିକ୍ଷକ ଭବନଠାରେ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ କୃମି ଔଷଧ ବଣ୍ଟନ ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ ପ୍ରତି ପଞ୍ଚାୟତରେ ଆଶାକର୍ମୀ, ଏଏନଏମ ପାରା ମେଡିକାଲ ଷ୍ଟାଫ୍ ଓ ଶିକ୍ଷକମାନଙ୍କୁ ନେଇ ଏକ ମେଡିକାଲ ୟୁନିଟ ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଔଷଧ ବଣ୍ଟନ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଲେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଯୋଗାଇ ଦେବାକୁ ଜିଲାମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ଦିନରେ କୃମି ଔଷଧ ବଣ୍ଟନ ପାଇଁ ପ୍ରତି ପଞ୍ଚାୟତରେ ୩ରୁ ୪ଟି ମେଡିକାଲ ୟୁନିଟ ଗଠନ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କଲ୍ୟାଣ କୁମାର ଗୁପ୍ତା, ଡ. ଚିନ୍ତାମଣି ମେହର, ଡ. ସୁବ୍ରତ ନନ୍ଦ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଜିତେନ୍ଦ୍ର ନନ୍ଦ, ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିଚନ୍ଦ୍ର ଗର୍ଡିଆ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସହସମ୍ପାଦକ ଭୋଜରାଜ ପଧାନ, ଓଷ୍ଟାର କର୍ମକର୍ତ୍ତା ପିତାମ୍ବର ଟଣ୍ଡକାର, ମାମିନୀ ସାହୁ, ଭଗବାନ ରାଉତ ତଥା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୫ ତାରିଖ ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ଏବଂ ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକ କୃମି ଔଷଧ ବଣ୍ଟନ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି କରିଥିଲେ ।

## ଜୁରି କମିଟି ଚୟନରେ ପୁଣିଥରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୮।୨(ବ୍ୟୁରୋ)

**ଚଳଚ୍ଚିତ୍ର ପୁରସ୍କାର ଆବେଦନରୁ ଓହରିଲେ ପ୍ରଯୋଜକ**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ପୁଣି ଦେଖାଦେଇଛି ବିବାଦ। ୨୦୧୮ ପରିବର୍ତ୍ତେ ୨୦୧୯ରେ ଆୟୋଜିତ ହେଉଥିବା ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ଉତ୍ସବ ଲାଗି ଗୁରୁବାର ଜୁରି କମିଟି ଗଠନ କରାଯାଇଥିଲା। କମିଟି ଗଠନ ପରେ ଏବେ ବିବାଦ ମୁଣ୍ଡ ଟେକିଛି। ଗତ କିଛିବର୍ଷ ଭଳି ଚଳିତବର୍ଷ ମଧ ଜୁରି କମିଟି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଜୁରି କମିଟି ସଦସ୍ୟଙ୍କୁ ଲଗାତର ଭାବେ କମିଟିରେ ନ ରଖିବାକୁ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗତ ବର୍ଷରେ କହିଥିଲେ ମଧ ବାରମ୍ବାର ତାହାକୁ ଅବମାନନା କରାଯାଉଛି। ଗତ ଦୁଇବର୍ଷରେ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଜୁରି କମିଟିରେ ଥିବା କେତେଜଣ ସଦସ୍ୟଙ୍କୁ ଏଥର ମଧ ରଖାଯାଇଛି। ଏହାବ୍ୟତୀତ ପୂର୍ବରୁ ପୁରସ୍କାର ବିବାଦ ମଧରେ ଫସିଥିବା ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସଦସ୍ୟ ରଖାଯାଇଛି, ଯାହାକୁ ନେଇ ଆବେଦନକାରୀ ଚଳଚ୍ଚିତ୍ର ପ୍ରଯୋଜକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି, ପୁରସ୍କାର ଲାଗି ଆବେଦନ କରିଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ନିଜ ଫିଲ୍ମକୁ ପ୍ରତ୍ୟାହାର କରିନେଇଛନ୍ତି। କେବଳ ସେତିକି ନୁହେଁ, ଏ ନେଇ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଜୁରି କମିଟି ଅଧକ୍ଷଙ୍କ ନିକଟରେ ଶୁକ୍ରବାର ଅଭିଯୋଗ ପହଞ୍ଚିଥିବା ଜଣାପଡ଼ିଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ମଧରେ ଟଣାଓଟରା ଯୋଗୁ ୨୦୧୭ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଉତ୍ସବ ବିଳମ୍ବରେ ହେଉଛି। ଆଉ ଏବେ ଜଣେ ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସ୍ଥାନ ଦିଆଯିବା ନେଇ ବିବାଦ ଉଠିଛି। ପଦବୀର ଅପବ୍ୟବହାର କରି ନିଜ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମ ପୁରସ୍କାର ପାଇଁ ସୁପାରିଶ କରିଥିବା ଜଣେ ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ରଖାଯାଇଥିବା ଅଭିଯୋଗ କରିଛନ୍ତି ଜଣାଶୁଣା ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା। ୨୦୧୪-୧୫ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିବାଦ ଏବେ ମଧ ଭୁବନେଶ୍ୱର କୋର୍ଟରେ ବିଚାରଧୀନ ଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ କରି ବିବାଦ ମଧରେ ଫସିଥିବା ଜଣେ ଅଧିକାରୀଙ୍କୁ କିଭଳି ପୁଣିଥରେ ଚୟନ କମିଟିରେ ରଖାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳିସ୍ଥଳେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ମାର୍ଥା ପ୍ରଶ୍ନ ଉଠାଇବା ସହ ନିଜ ଚଳଚ୍ଚିତ୍ର 'କଥା ଦେଲି ମଥା ଛୁଇଁ'କୁ ପୁରସ୍କାର ଦୌଡ଼ରୁ ପ୍ରତ୍ୟାହାର କରିନେଇଛନ୍ତି। ଏହାବ୍ୟତୀତ କମିଟିରେ ଏଥର କମ୍ ସଂଖ୍ୟକ ସଦସ୍ୟ ରହିଥିବା ନେଇ ମଧ ଅଭିଯୋଗ ହୋଇଛି। ୧୯୭୩ରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଜୁରି କମିଟିରେ ଅଧକ୍ଷଙ୍କୁ ମିଶାଇ ମୋଟ ୭ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ମାତ୍ର ୨୦୧୭ ମସିହା ପାଇଁ ଯେଉଁ କମିଟି ଗଠିତ ହୋଇଛି, ସେଥିରେ ଚଳଚ୍ଚିତ୍ରରେ ଅଧକ୍ଷଙ୍କୁ ମିଶାଇ ୬ଜଣ ଓ ଟେଲି ପୁରସ୍କାର ଜୁରି କମିଟିରେ ଅଧକ୍ଷଙ୍କୁ ମିଶାଇ ମାତ୍ର ୫ଜଣ ସଦସ୍ୟ ରହିଛନ୍ତି।

### ପ୍ରତିବର୍ଷ ବିବାଦ

ପ୍ରତିବର୍ଷ ପୁରସ୍କାର ଘୋଷଣା ସମୟରେ ସମାନ ବିବାଦ ଉଠୁଥିଲେ ମଧ ତାହାର ସମାଧାନ ନେଇ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଚୟନରେ ସ୍ୱଚ୍ଛତା ହେଉଥିବା ନେଇ ବାରମ୍ବାର କହୁଥିବା ସଂସ୍କୃତି ମନ୍ତ୍ରୀ ଓ ସଚିବ ଏହାର ସମାଧାନ ଦିଗରେ ବି ମୁହଁ ଖୋଲୁନାହାନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରି ସହ ଆମର କୌଣସି ସମ୍ପର୍କ ନାହିଁ, କେବଳ ପୁରସ୍କାର ଦେବା କାମ ଆମର ବୋଲି କହି ଚୁପ୍‌ଚାପ୍ ବସିପଡୁଛନ୍ତି। ୨୦୧୬ ମସିହା ଲାଗି ଦିଆଯାଇଥିବା ଚଳଚ୍ଚିତ୍ର ପୁରସ୍କାରରେ ସ୍ୱଚ୍ଛତାକୁ ନେଇ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରଶ୍ନ ଉଠାଇଥିଲେ। ପରେ ବରିଷ୍ଠ ଅଭିନେତ୍ରୀ, ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜ୍ୟ ସଂସ୍କୃତି ବିଭାଗ ଓ ଜୁରି ସଦସ୍ୟଙ୍କ ପାତରଅନ୍ତର ନୀତିକୁ ସମାଲୋଚନା କରିଥିଲେ। ଏପରି କି, ଜୁରି କମିଟି ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଫିଲ୍ମ ସ୍କ୍ରିନିଂ ଚାଲିଥିବା ସମୟରେ ପ୍ରବେଶ ଅନୁମତି ନ ଥିବା ବେଳେ କେତେଜଣ ବାହାର ଲୋକ ବନ୍ଦ କୋଠରି ଭିତରକୁ ପଶିଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ବି ବିଭାଗ ଚୁପ୍ ରହିଥିଲା। ସେହିଭଳି ୨୦୧୫ରେ ଜୁରି କମିଟିକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। କମିଟିରେ ଥିବା ଜଣେ ସଦସ୍ୟ ଏକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ବରିଷ୍ଠ କଳାକାରଙ୍କୁ କମିଟିରେ ଅଧକ୍ଷ କରା ନ ଯାଇ କନିଷ୍ଠଙ୍କୁ ଉକ୍ତ ପଦବୀରେ ବସାଯାଇଥିବା ଅଭିଯୋଗ ଆସିଥିଲା।

ଦୟନୀୟ ଅବସ୍ଥାରେ ବିତୁଛି ବୃଦ୍ଧାଙ୍କ ଜୀବନ

## ପର ଦାନରେ ପୂରୁଛି ପେଟ

ଜୁନାଗଡ,୮।୨(ଡି.ଏନ.ଏ.)

- ଭତ୍ତା, ଘର, ରାଶନ କାର୍ଡ କିଛି ବି ନାହିଁ
- ସରକାରୀ ଯୋଜନା ଅପହଞ୍ଚ

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅସହାୟ, ଗରୀବ ଲୋକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହି ଯୋଜନାଗୁଡିକ ଏବେ ବି ପ୍ରକୃତ ହିତାଧିକାରଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ଆଜିବି ଅନେକ ଗରୀବ, ଅସହାୟ ଲୋକ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ଯାପନ କରୁଛନ୍ତି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାଲୋପଲା ଗ୍ରାମରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଏହି ଗ୍ରାମର ଭାର୍ଗବୀ ସିଂହ (୬୫) ନାମକ ଜଣେ ବୃଦ୍ଧା ସ୍ୱାମୀଙ୍କ ମୃତ୍ୟୁର ୧୫ ବର୍ଷ ପରେ ବି ବିଧବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପାଇପାରିନାହାନ୍ତି। ସେହିପରି ଚଳିବା ପାଇଁ ରାଶନ କାର୍ଡ ଓ ରହିବା ପାଇଁ ଘରଟିଏ ମଧ ପାଇପାରିନାହାନ୍ତି। ଫଳରେ ଅସହାୟ ଭାବରେ ଏବେ ଜୀବନ ଯାପନ କରୁଛନ୍ତି। ପରିବାର କହିଲେ ତାଙ୍କର କେହିନାହିଁ। ଗତ ୧୫ ବର୍ଷ ତଳେ ସ୍ୱାମୀ ଜଗତ ରାମଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀର ମୃତ୍ୟୁ ପରେ ବିଧବା ଭତ୍ତା ପାଇଁ ଅନେକ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କେହି ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ଭାର୍ଗବୀ ଜଣେ ଅପାଠୁଆ ମହିଳା ଓ ତାଙ୍କର କେହି ନ ଥିବାରୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମଧ କରିପାରିନାହାନ୍ତି। ସେହିପରି ରାଜ୍ୟରେ କେହି ଭୋକିଲା ରହିବେ ନାହିଁ ବୋଲି ରାଜ୍ୟ ସରକାର କହୁଥିବାବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ରାଶନ କାର୍ଡଟିଏ ମିଳି ପାରିନାହିଁ। ବର୍ତ୍ତମାନ ସାହିପଡିଶା ଲୋକେ ପାଳି କରି ଖାଇବାକୁ ଦେଲେ ତାଙ୍କ ପେଟପୂରୁଛି। ସେହିପରି ଗତ ତିତ୍‌ଲିରେ ତାଙ୍କ ମାଟି ଘର ଭାଙ୍ଗିଯାଇଥିଲା। ସେତେବେଳେ କ୍ଷତିପୂରଣ ତ ଦୁରର କଥା କେହି ସରକାରୀ ଅଧିକାରୀ ତାଙ୍କ ଭଙ୍ଗା ଘରକୁ ମଧ ଦେଖିବାକୁ ଆସି ନ ଥିଲେ। ପାଖର ଜଣେ ସମ୍ପର୍କୀୟଙ୍କ ଘରେ ସେ ଏବେ ଆଶ୍ରୟ ନେଇଥିବା ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ବୃଦ୍ଧା ଭାର୍ଗବୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ଶୀଘ୍ର ତାଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ।



ନିଜ ଭଙ୍ଗା ଘର ଆଗରେ ଭାର୍ଗବୀ ସିଂହ ।

୮ ଦଫା ଦାବି ପୂରଣ ପାଇଁ ଭାଜପାର ଦାବି

## ଡାକ୍ତରଖାନା ସମ୍ମୁଖରେ ପ୍ରତିବାଦ ସଭା, ଧାରଣା

କଳମପୁର,୮।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଳମପୁର ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ୮ ଦଫା ଦାବି ପୂରଣ ନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଶୁକ୍ରବାର ପ୍ରତିବାଦ ସଭା ଓ ଧାରଣା ଦିଆଯାଇଛି। କଳମପୁର ଜୋନ ୨ର ସଭାପତି କ୍ଷୀରୋଦ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ଜୋନ ୧ ଜିଲା ପରିଷଦ ସଭ୍ୟ ବିଜୟ ଦେବ ସାହୁ, ଜୋନ ୨ ଜିଲା ପରିଷଦ ସଭ୍ୟ ଶୁଶାନ୍ତ କୁମାର ରାଉତ, ବରିଷ୍ଠ ଭାଜପା ନେତା ଘନ ଶ୍ୟାମ ନାୟକ, ରବୀନ୍ଦ୍ର ନାଏକ, ପ୍ରଦ୍ୟୁମ୍ନ ନିଆଲ, କୃପା ସିନ୍ଧୁ ସାହୁ, ଚନ୍ଦ୍ର ହାସ୍ୟ ଯୋଷୀ ପ୍ରମୁଖ ଯୋଗଦେଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତା ବିଜୟ ପଣ୍ଡା ସଭା ପରିଚାଳନା କରିଥିଲେ । ଦାବି ପୂରଣ ନ ହେବାଯାଏ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ଶର୍ଯ୍ୟା ଏବଂ କର୍ମଚାରୀ ବୃଦ୍ଧି, ଶବ ବାହକ ଯାନକୁ କଳମପୁରରେ ସ୍ଥାୟୀ ଭାବେ ରଖାଯିବା, ମଣ୍ଡଳ ଓ ବଡକୁଟ୍ରୁରେ ଥିବା ଆୟୁର୍ବେଦିକ ଓ ହୋମିଓପାଥିକ କେନ୍ଦ୍ରରେ ଏବଂ ବନ୍ଧକନା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି, କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କ୍ଷୁଦ୍ର ରକ୍ତ ଭଣ୍ଡାର, ଏକ୍ସରେ ଲ୍ୟାବ, ଶବ ବ୍ୟବଚ୍ଛେଦ ଗୃହ ସ୍ଥାପନ ଆଦି ରହିଛି । କଳମପୁର ଅଞ୍ଚଳର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କଳମପୁର ବ୍ଲକ ମୁଖ୍ୟାଳୟରେ ୧୯୭୨ରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯାଇଥିଲା । କଳମପୁର ବ୍ଲକର ୬୦ ହଜାର ଏବଂ ଥୁଆମୂଳ ରାମପୁର ଓ ଜୟପାଟଣା ଏବଂ ଜୁନାଗଡ ବ୍ଲକର କେତେକ ପଞ୍ଚାୟତର ଜନ ସାଧାରଣ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ବର୍ଦ୍ଧିତ ଜନ ସଂଖ୍ୟାକୁ ଲକ୍ଷ୍ୟ କରି ୮ ବର୍ଷ ତଳେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ କରାଯାଇଥିଲା। ଇତି ମଧ୍ୟରେ ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଆବଶ୍ୟକ ଥିବା ସ୍ତ୍ରୀ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଆଦି ପଦବୀ ପୂରଣ କରାଯାଇ ନାହିଁ। ଏଥିସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଏହି ଧାରଣା ଦିଆଯାଇଛି ।



ଭାଜପାର ପ୍ରତିବାଦ ସଭାରେ ଉପସ୍ଥିତ କର୍ମକର୍ତ୍ତା।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବନ ବିଭାଗ ଅଧିକାରୀଙ୍କ ପଦୋନ୍ନତି

କୁଆଁରମୁଣ୍ଡା,୮।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଉରକେଲା ବନଖଣ୍ଡ ଅଧୀନ କୁଆଁରମୁଣ୍ଡା ରେଞ୍ଜ ଡେପୁଟି ରେଞ୍ଜର ମନୋଜ ଟିଗା ପଦୋନ୍ନତି ପାଇଛନ୍ତି। ସେ ବିଶ୍ରାରେ ରେଞ୍ଜର ଭାବେ ଯୋଗ ଦେଇଛନ୍ତି। ଏଥିପାଇଁ ରେଞ୍ଜର ସୁଧାଂଶୁଚନ୍ଦ୍ର ସାହାଣୀଙ୍କ ପରିଚାଳନାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଟିଗାଙ୍କ କର୍ମମୟ ଜୀବନ ଉପରେ କହିଥିଲେ। ସେହିଭଳି ନୂଆ ଜାଗାରେ ନୂଆ ଦାୟିତ୍ୱକୁ ଟିଗା କିଭଳି ସୂଚାରୁ ରୂପେ ସମ୍ପାଦନ କରିବେ ସେ ନେଇ ରେଞ୍ଜର ସାହାଣୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ବନ କର୍ମଚାରୀ ନବୀନ ପ୍ରଧାନ, ଚିନ୍ମୟୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ପରଲୋକ

କୁଆଁରମୁଣ୍ଡା,୮।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବୀରମିତ୍ରପୁର ହଳଦିଆ ଦଫେଇର ଅନନ୍ତ କୁମାର (୪୦)ଙ୍କ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ କୁଆଁରମୁଣ୍ଡା ନିକଟ ଧାଙ୍ଗରିନଚା ୟୁଜିଏମଇ ସ୍କୁଲରେ ଶିକ୍ଷକତା କରୁଥିଲେ। ଗତ ବୁଧବାର ସେ ପାଠ ପଢ଼ାଉଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଏହାପରେ ସହକର୍ମୀମାନେ ତାଙ୍କୁ ଡାକ୍ତରଖାନା ପଠାଇବାର ବନ୍ଦୋବସ୍ତ କରିଥିଲେ। ତାଙ୍କ ପରଲୋକରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଗଭୀର ମର୍ମାହତ। ସେହିଭଳି ନିଜ ଗାଁରେ ମଧ୍ୟ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ସ୍କୁଲର ବାର୍ଷିକ ଉତ୍ସବ

କୁତ୍ରା, ୮।୨ (ଡି.ଏନ.ଏ): କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମରେ ଥିବା ହୃଦାନନ୍ଦ ଦାନୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ର ବେହେରା, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ପୂର୍ବତନ ବିଧାୟକ ମୁଖରାମ ନାୟକ, କୁତ୍ରା ହାଇସ୍କୁଲର ଶିକ୍ଷକ ବିଭୀଷଣ ବାରିକ, ଜିଲାପରିଷଦ ସଭ୍ୟ ଶରତ ସା, ପ୍ରତାପ କୁମାର ଦାନୀ, କୌଶିକ ଦାନୀ, ନିମେଇ ଚରଣ ଦାନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜୁରି କମିଟି ଚୟନରେ ପୁଣିଥରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର,୮।୨(ବ୍ୟୁରୋ)

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ପୁଣି ଦେଖାଦେଇଛି ବିବାଦ। ୨୦୧୮ ପରିବର୍ତ୍ତେ ୨୦୧୯ରେ ଆୟୋଜିତ ହେଉଥିବା ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ଉତ୍ସବ ଲାଗି ଗୁରୁବାର ଜୁରି କମିଟି ଗଠନ କରାଯାଇଥିଲା। କମିଟି ଗଠନ ପରେ ପରେ ଏବେ ବିବାଦ ମୁଣ୍ଡ ଟେକିଛି। ଗତ କିଛିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜୁରି କମିଟି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଜୁରି କମିଟି ସଦସ୍ୟଙ୍କୁ ଲଗାତର ଭାବେ କମିଟିରେ ନ ରଖିବାକୁ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଗତ ବର୍ଷରେ କହିଥିଲେ ମଧ୍ୟ ବାରମ୍ବାର ତାହାକୁ ଅବମାନନା କରାଯାଉଛି। ଗତ ଦୁଇବର୍ଷ ମଧ୍ୟରେ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଜୁରି କମିଟିରେ ଥିବା କେତେଜଣ ସଦସ୍ୟଙ୍କୁ ଏଥର ମଧ୍ୟ ରଖାଯାଇଛି। ଏହାବ୍ୟତୀତ ପୂର୍ବରୁ ପୁରସ୍କାର ବିବାଦ ମଧ୍ୟରେ ଫସିଥିବା ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସଦସ୍ୟ ରଖାଯାଇଛି, ଯାହାକୁ ନେଇ ଆବେଦନକାରୀ ଚଳଚ୍ଚିତ୍ର ପ୍ରଯୋଜକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି, ପୁରସ୍କାର ଲାଗି ଆବେଦନ କରିଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ନିଜ ଫିଲ୍ମକୁ ପ୍ରତ୍ୟାହାର କରିନେଇଛନ୍ତି। କେବଳ ସେତିକି ନୁହେଁ, ଏ ନେଇ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଜୁରି କମିଟି ଅଧ୍ୟକ୍ଷଙ୍କ ନିକଟରେ ଶୁକ୍ରବାର ଅଭିଯୋଗ ପହଞ୍ଚିଥିବା ଜଣାପଡ଼ିଛି।

### ଚଳଚ୍ଚିତ୍ର ପୁରସ୍କାର ଆବେଦନରୁ ଓହରିଲେ ପ୍ରଯୋଜକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ମଧ୍ୟରେ ଟଣାଓଟରା ଯୋଗୁ ୨୦୧୭ ମସିହା ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଉତ୍ସବ ବିଳମ୍ବରେ ହେଉଛି। ଆଉ ଏବେ ଜଣେ ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ଚଳଚ୍ଚିତ୍ର ଜୁରିକମିଟିରେ ସ୍ଥାନ ଦିଆଯିବା ନେଇ ବିବାଦ ଉଠିଛି। ପଦବୀର ଅପବ୍ୟବହାର କରି ନିଜ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମ ପୁରସ୍କାର ପାଇଁ ସୁପାରିଶ କରିଥିବା ଜଣେ ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ରଖାଯାଇଥିବା ଅଭିଯୋଗ କରିଛନ୍ତି ଜଣାଶୁଣା ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା। ୨୦୧୪-୧୫ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିବାଦ ଏବେ ମଧ୍ୟ ଭୁବନେଶ୍ୱର କୋର୍ଟରେ ବିଚାରାଧୀନ ଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ କରି ବିବାଦ ମଧ୍ୟରେ ଫସିଥିବା ଜଣେ ଅଧିକାରୀଙ୍କୁ କିଭଳି ପୁଣିଥରେ ଚୟନ କମିଟିରେ ରଖାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳିସ୍ଥଳେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ମାର୍ଥା ପ୍ରଶ୍ନ ଉଠାଇବା ସହ ନିଜ ଚଳଚ୍ଚିତ୍ର 'କଥା ଦେଲି ମଥା ଛୁଇଁ'କୁ ପୁରସ୍କାର ଦୌଡ଼ରୁ ପ୍ରତ୍ୟାହାର କରିନେଇଛନ୍ତି। ସେହିଭଳି ଟେଲି ପୁରସ୍କାର ଜୁରି କମିଟିରେ ସଦସ୍ୟ ଥିବା ଜଣେ ବ୍ୟକ୍ତିଙ୍କୁ ବିଭାଗ ପକ୍ଷରୁ ବାରମ୍ବାର କମିଟିରେ ରଖାଯାଉଥିବା ଅଭିଯୋଗ ଉଠିଛି।

ଏହାବ୍ୟତୀତ କମିଟିରେ ଏଥର କମ୍ ସଂଖ୍ୟକ ସଦସ୍ୟ ରହିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ୧୯୭୩ରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଜୁରି କମିଟିରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୭ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ମାତ୍ର ୨୦୧୭ ମସିହା ପାଇଁ ଯେଉଁ କମିଟି ଗଠିତ ହୋଇଛି, ସେଥିରେ ଚଳଚ୍ଚିତ୍ରରେ ଅଧ୍ୟକ୍ଷଙ୍କୁ ମିଶାଇ ୬ଜଣ ଓ ଟେଲି ପୁରସ୍କାର ଜୁରି କମିଟିରେ ଅଧ୍ୟକ୍ଷଙ୍କୁ ମିଶାଇ ମାତ୍ର ୫ଜଣ ସଦସ୍ୟ ରହିଛନ୍ତି।

#### ପ୍ରତିବର୍ଷ ବିବାଦ

ପ୍ରତିବର୍ଷ ପୁରସ୍କାର ଘୋଷଣା ସମୟରେ ସମାନ ବିବାଦ ଉଠୁଥିଲେ ମଧ୍ୟ ତାହାର ସମାଧାନ ନେଇ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଚୟନରେ ସ୍ୱଚ୍ଛତା ହେଉଥିବା ନେଇ ବାରମ୍ବାର କହୁଥିବା ସଂସ୍କୃତି ମନ୍ତ୍ରୀ ଓ ସଚିବ ଏହାର ସମାଧାନ ଦିଗରେ ବି ମୁହଁ ଖୋଲୁନାହାନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରି ସହ ଆମର କୌଣସି ସମ୍ପର୍କ ନାହିଁ, କେବଳ ପୁରସ୍କାର ଦେବା କାମ ଆମର ବୋଲି କହି ଚୁପ୍‌ଚାପ୍ ବସିପଡ଼ୁଛନ୍ତି। ୨୦୧୬ ମସିହା ଲାଗି ଦିଆଯାଇଥିବା ଚଳଚ୍ଚିତ୍ର ପୁରସ୍କାରରେ ସ୍ୱଚ୍ଛତାକୁ ନେଇ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରଶ୍ନ ଉଠାଇଥିଲେ। ପରେ ବରିଷ୍ଠ ଅଭିନେତ୍ରୀ, ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜ୍ୟ ସଂସ୍କୃତି ବିଭାଗ ଓ ଜୁରି ସଦସ୍ୟଙ୍କ ପାତରଅନ୍ତର ନୀତିକୁ ସମାଲୋଚନା କରିଥିଲେ। ଏପରି କି, ଜୁରି କମିଟି ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଫିଲ୍ମ ସ୍କ୍ରିନିଂ ଚାଲିଥିବା ସମୟରେ ପ୍ରବେଶ ଅନୁମତି ନ ଥିବା ବେଳେ କେତେଜଣ ବାହାର ଲୋକ ବନ୍ଦ କୋଠରି ଭିତରକୁ ପଶିଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ବି ବିଭାଗ ଚୁପ୍ ରହିଥିଲା। ସେହିଭଳି ୨୦୧୫ରେ ଜୁରି କମିଟିକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। କମିଟିରେ ଥିବା ଜଣେ ସଦସ୍ୟ ଏକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ବରିଷ୍ଠ କଳାକାରଙ୍କୁ କମିଟିର ଅଧ୍ୟକ୍ଷ କରା ନ ଯାଇ କନିଷ୍ଠଙ୍କୁ ଉକ୍ତ ପଦବୀରେ ବସାଯାଇଥିବା ଅଭିଯୋଗ ଆସିଥିଲା।

# ■ ପରିବାରର ୪ଜଣଙ୍କୁ ହତ୍ୟା ମାମଲା
# ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

■ ଲୁଟ୍ ଉଦ୍ଦେଶ୍ୟରେ କରାଯାଇଥିଲା ହତ୍ୟା
■ ବଞ୍ଚିଥିବା ଯାଏ ଜେଲରେ ରହିବେ ଅଭିଯୁକ୍ତ ଦମ୍ପତି

ନିମାପଡ଼ା,୮।୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଦିନାଡିଆ ଗ୍ରାମର ଅବସରପ୍ରାପ୍ତ ଡିଆଇ ଦୀନବନ୍ଧୁ ମଲ୍ଲିକ(୬୮), ସ୍ତ୍ରୀ ନିର୍ମଳା(୪୫), ଦୁଇ ଝିଅ ପ୍ରଣତୀ ଓ ଶାଶ୍ୱତୀଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ପ୍ରାୟ ସାଢ଼େ ୩ବର୍ଷ ପରେ ଏହି ହତ୍ୟା ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ନିମାପଡ଼ା ଏଡିଜେ କୋର୍ଟର ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ତାମଣି ପଣ୍ଡା ୩୧ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ହିମାଦ୍ରି ଶେଖର ଦାସ ଓରଫ୍ ରହିମ ଖାନ, ସ୍ତ୍ରୀ ଆୟେଶା ବେଗମ୍ ଏବଂ ମୃତ ଦୀନବନ୍ଧୁଙ୍କ ସଢୁ ତଥା ଖୋର୍ଦ୍ଧା ଜିଲା ବୋଲଗଡ ଅଞ୍ଚଳର ଫକୀର ମଲ୍ଲିକ। ଅଭିଯୁକ୍ତ ଦମ୍ପତି ଲୁଟ୍ ଉଦ୍ଦେଶ୍ୟରେ ଦୀନବନ୍ଧୁଙ୍କ ଛୋଟ ପରିବାରକୁ ଉଜାଡ଼ି ଦେଇଥିଲେ ଏବଂ ଏସବୁର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ସଢୁ ଫକୀର। ଅଭିଯୁକ୍ତ ଦମ୍ପତି ରହିମ ଓ ଆୟେଶା ବଞ୍ଚିଥିବା ଯାଏ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଥିବା କ୍ରାଇମ୍‌ବ୍ରାଞ୍ଚ ପବ୍ଲିକ ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ଏହି ଚର୍ଚ୍ଚିତ ଓ ଲୋମହର୍ଷଣକାରୀ ହତ୍ୟାକାଣ୍ଡର ଦଣ୍ଡ ଶୁଣାଣି ସମୟରେ ନିମାପଡ଼ା କୋର୍ଟ ପରିସରରେ ସାଧାରଣ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

ସୂଚନାଥାଉ କି ହତ୍ୟାକାଣ୍ଡ ୨୦୧୫ ସେପ୍ଟେମ୍ବର ୨୧ ତାରିଖ ରାତିରେ ଘଟିଥିଲା। ଅଭିଯୁକ୍ତମାନେ ହତ୍ୟା ଘଟାଇବା ପରେ ଦୀନବନ୍ଧୁଙ୍କ ଘରୁ ସୁନାଗହଣା, ଗୋଟିଏ ବାଇକ୍ ଓ ମୋବାଇଲ ଫୋନ ଲୁଟ୍ ନେଇଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ପୋଲିସ ଏକ ମାମଲା(ନଂ. ୯୫/୧୫)ରୁଜୁ କରି ତଦନ୍ତ ଚଳାଇଥିଲା। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ମାମଲା(ନଂ.୩୦/୧୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୫ ଅକ୍ଟୋବର ୯ରେ କ୍ରାଇମବ୍ରାଞ୍ଚ ଆସାମର ହଇଲାଖଣ୍ଡି ଜିଲା ରୋଙ୍ଗପୁର ଗ୍ରାମରୁ ହତ୍ୟାକାରୀ ଦମ୍ପତି ରହିମ ଓ ଆୟେଶାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୁନାଗହଣା, ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ଏକ ବାଇକ୍ ଓ ମୋବାଇଲ ଫୋନ ସହ ଟଙ୍କା ଜବତ କରିଥିଲେ। ସେହିପରି ହତ୍ୟା ଷଡ଼ଯନ୍ତ୍ରକାରୀ ଫକୀରଙ୍କୁ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନେ ସେହିବର୍ଷ ଅକ୍ଟୋବର ୧୪ରେ ଗିରଫ କରିଥିଲେ। ପରେ ଫକୀର ଜାମିନରେ ମୁକୁଳିଥିଲେ। ହେଲେ କୋର୍ଟ ନୋଟିସ ପାଇ ଫକୀର ଗତ ବୁଧବାର କୋର୍ଟରେ ହାଜର ହୋଇଥିଲେ। ସେ ଦୋଷୀ ସାବ୍ୟସ୍ତ ହେବାରୁ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା। ୩ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ବଳିଷ୍ଠ ପ୍ରମାଣ ରହିଥିବା କ୍ରାଇମବ୍ରାଞ୍ଚ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ପି ଆର.କେ.ସୁଆର କହିଥିଲେ। ଶୁକ୍ରବାର ଆଇପିସି ଦଫା ୩୦୨, ୩୯୪, ୩୯୭, ୧୨୦(ବି) ଅନୁଯାୟୀ ବିଚାରପତି ଉପରୋକ୍ତ ଦଣ୍ଡ ଶୁଣାଇଥିଲେ। ହେଲେ ହତ୍ୟାକାରୀମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲେ ଖୁସି ହୋଇଥାନ୍ତୁ ବୋଲି ଦୀନବନ୍ଧୁଙ୍କ ପୁତୁରା ଶଙ୍କର ମଲ୍ଲିକ କହିଛନ୍ତି।

# ହେଲିନା କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା

ବାଲେଶ୍ୱର ଅଫିସ୍,୮।୨

ବାଲେଶ୍ୱର ଜିଲାର ଚାନ୍ଦିପୁର ପରୀକ୍ଷଣ ଘାଟିରୁ ଶୁକ୍ରବାର ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ହେଲିନା'ର ସଫଳ ପରୀକ୍ଷା କରାଯାଇଛି। ହେଲିନା ହେଉଛି 'ନାଗ' କ୍ଷେପଣାସ୍ତ୍ରର ହେଲିକପ୍ଟରରୁ ଲଞ୍ଚ ହୋଇପାରୁଥିବା ସଂସ୍କରଣ। ଏହାର ଲକ୍ଷ୍ୟଭେଦ କ୍ଷମତା ୭ରୁ ୮ କିଲୋମିଟର। ମଧ୍ୟାହ୍ନ ୧୨ଟା ୫୫ ମିନିଟ ସମୟରେ ଉକ୍ତ କ୍ଷେପଣାସ୍ତ୍ରକୁ ସେନା ହେଲିକପ୍ଟରରୁ ଉତ୍‌କ୍ଷେପଣ କରାଯାଇଥିଲା, ଯାହା ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ଟାର୍ଗେଟ କରିଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ବିଶ୍ୱର ଅନ୍ୟତମ ସବୁଠୁ ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର। ଏହା ଦେଶର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ୨୦୧୫ ଜୁଲାଇ ୧୩ରେ ରାଜସ୍ଥାନର ଜୟସାଲମେରରେ ଏବଂ ଗତବର୍ଷ ଅଗଷ୍ଟ ୧୯ରେ ପୋଖରାନରେ ରୁଦ୍ର ହେଲିକପ୍ଟରରୁ ହେଲିନାର ପରୀକ୍ଷା କରାଯାଇଥିଲା।

# ୫,୬୬,୮୬୨ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ

ସୁନ୍ଦରଗଡ, ୮।୨ (ଡି.ଏନ୍.ଏ.)

ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁନ୍ଦରଗଡ ପବ୍ଲିକ ସ୍କୁଲଠାରେ ପାଳିତ ହୋଇଛି । ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଯୋଗ ଦେଇ ଛାତ୍ରୀ ଛାତ୍ରମାନଙ୍କୁ କୃମିନାଶକ ଔଷଧ ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଡିଏମଓ ଦିଲ୍ଲୀପ କୁମାର ଷଡଙ୍ଗୀ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ଜାତୀୟ କୃମିନାଶକ ଦିବସ ପାଳନର ନୋଡାଲ ଅଫିସର ତଥା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଶଶାଙ୍କ ଶେଖର ଚୌଧୁରୀ, ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ, ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟି ସଭ୍ୟ ନିମାଇଁ ନାଏକ, ବେଣୁମାଧବ ତ୍ରିପାଠୀ, ତାରାକାନ୍ତ ରକ୍ସା ଉପସ୍ଥିତ ଥିଲେ। ବିଦ୍ୟାଳୟର ୯୨୫ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା । ଜିଲାରେ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ମୋଟ ୫ଲକ୍ଷ ୬୬ହଜାର ୮୬୨ ଜଣ ପିଲାଙ୍କୁ ଏହି କୃମିନାଶକ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ନୋଡାଲ ଅଫିସର ଚୌଧୁରୀ ସୂଚନା ଦେଇଥିଲେ। ସରକାରୀ ବିଦ୍ୟାଳୟ ଗୁଡିକର ୨ଲକ୍ଷ ,୭୧ ହଜାର, ୩୧୭ଜଣ ପିଲା ରହିଛନ୍ତି। ଘରୋଇ ବିଦ୍ୟାଳୟରେ ୧ଲକ୍ଷ ୩୩ ହଜାର ୩୬୮ଜଣ, ଅଙ୍ଗନୱାଡି କେନ୍ଦ୍ରର ୧ଲକ୍ଷ ୪୧ହଜାର ୬୯୮ ଜଣ ଓ ସ୍କୁଲ ବାହରେ ଥିବା ୩୧ ହଜାର ୧୬୦ଜଣ ପିଲାଙ୍କୁ ଏହି ଔଷଧ ପ୍ରଦାନ କରାଯିବ ବୋଲି ଲକ୍ଷ୍ୟ ରହିଥିବା ଏଥିରେ ସୂଚନା ଦିଆଯାଇଛି। ରାଜ କିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଶୋକ କୁମାର ପରିଡା, ପ୍ରୀତି ପ୍ରସାଦ, ସନ୍ତୋଷ ମହାନ୍ତି, ସୁସ୍ମିତା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍କାଉଟଗାଇଡ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।




ସୁନ୍ଦରଗଡ଼ ପବ୍ଲିକ ସ୍କୁଲଠାରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

## ବାଇକ୍ ଛଡ଼ାଇବାବେଳେ ଧରାପଡ଼ିଗଲେ

ବାଲିଶଙ୍କରା, ୮।୨ (ଡି.ଏନ.ଏ.)

ତଲସରା ତେଲିଯୋର-ଚାଉଳ ଗୋଦାମ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କଠାରୁ ବାଇକ୍ ଛଡାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତ ଧରାପଡିଛନ୍ତି। ସେ ହେଲେ ବାଲିଶଙ୍କରା ଗ୍ରାମର ଜୟପ୍ରକାଶ ସାହୁ ଓରଫ୍ କୁନ୍ଦୁରୁ(୨୪)। ଗ୍ରାମବାସୀ ତାଙ୍କୁ ଧରି ମାଡ ମାରିବା ସହ ତଳସରା ପୋଲିସ ଜିମା ଦେଇଛନ୍ତି। ତେବେ ତାଙ୍କ ସହଯୋଗୀ ସାଗର ଯାଦବ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ତୁମଲିଆ ପଞ୍ଚାୟତ ଭଣ୍ଡାରୀମଙ୍କରା ଗ୍ରାମର ମଙ୍ଗଲ ଓରାମ (୩୧) ତାଙ୍କ ୭ ବର୍ଷର ପୁଅ ସହ ନିଜ ମାମୁଁ ଘର ଛତିଶଗଡ ରାଜ୍ୟ ଖାରିବାହାଲ ଗ୍ରାମକୁ ଯାଇଥିଲେ। ସେଠାରୁ ଅପରାହ୍ନରେ ନିଜ ଗ୍ରାମକୁ ଫେରୁଥିଲେ। ତେଲିଯୋର ଏମଡିଆର-୩୦ ରାଜ୍ୟ ରାଜ୍ୟପଥ ରାସ୍ତାରେ କୁନ୍ଦୁରୁ ଓ ସାଗର ମୁହଁରେ ରୁମାଲ ଢାଙ୍କି ହଠାତ୍ ମଝି ରାସ୍ତାରେ ଛିଡା ହୋଇ ମଙ୍ଗଳଙ୍କୁ ଅଟକାଇଥିଲେ। ଧରିଥିବା ଠେଙ୍ଗାରେ ଆକ୍ରମଣ କରିବାକୁ ଉଦ୍ୟମ କରି ବାଇକ ଚାବି ଛଡାଇ ନେଇଯାଇଥିଲେ। ତାଙ୍କ ପୁଅକୁ ବାଇକରୁ ଓହ୍ଲାଇ ରାସ୍ତାକଡରେ ଠେଲି ଦେଇଥିଲେ । ହେଲେ ମଙ୍ଗଳ ପାଟି କରିବାରୁ ଗ୍ରାମବାସୀ ପହଞ୍ଚି ଯାଇଥିଲେ।

# ୪ ନକଲି ଆର୍‌ଟିଓ, ଏମ୍‌ଭିଆଇ ଗିରଫ

ଟେନସା/ବଣାଇଁ,୮।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ରେଙ୍ଗାଲବେଡାଠାରେ ୪ ଜଣ ନକଲି ଆର୍‌ଟିଓ, ଏମ୍‌ଭିଆଇ ଶୁକ୍ରବାର ପୋଲିସ ହାତରେ ଧରାପଡିଛନ୍ତି। ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଟ୍ରକ୍, ଡମ୍ପର ଅଟକାଇ ସେମାନେ କାଗଜପତ୍ର ଯାଞ୍ଚ ଆଳରେ ଟଙ୍କା ଆଦାୟ କରୁଥିଲେ। ଧରା ପଡିଥିବା ୪ ଅଭିଯୁକ୍ତ ହେଲେ କୋଇଡା ଜଙ୍ଗଲ ବିଭାଗର କର୍ମଚାରୀ ଶମ୍ଭୁନାଥ ଦାଶ, କୋଇଡା ଇନ୍ଦିରା ପବ୍ଲିକ ସ୍କୁଲ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା, କୋଇଡା ନିୟୁ କଲୋନୀର ବସନ୍ତ କୁମାର ରାଉତରାଏ, ଗାଡି ଚାଳକ ରଞ୍ଜନ କୁମାର ଓଝା । କୋଇଡା ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ସ୍କୋର୍ପିଓ (ଓଡି ୦୨ ଏଜେ-୨୨୫୨), ୧୦ ହଜାର ୨ଶହ ଟଙ୍କା, ୪ଟି ମୋବାଇଲ ସହ ଜଙ୍ଗଲ ବିଭାଗ ଲୋଗୋ ଥିବା ୨ ହଳ ଡ୍ରେସ୍ ଜବତ କରିଛି । ପୋଲିସ ଏହି ନକଲି ଆରଟିଓ, ଏମ୍‌ଭିଆଇଙ୍କୁ ଗିରଫ କରି ବଣାଇଁ କୋର୍ଟ ଚାଲାଣ କରିଛି । କେଶ ନଂ. ୮/୧୯। ଅଭିଯୁକ୍ତ ଶମ୍ଭୁନାଥ, ରଞ୍ଜନଙ୍କ ଘର ଯାଜପୁର ଜିଲାରେ। ଲକ୍ଷ୍ମୀଧରଙ୍କ ଘର କଟକ ଓ ବସନ୍ତଙ୍କ ଘର କୋଇଡାରେ।

ପୋଲିସର ସୂଚନା ଅନୁଯାୟୀ,ଗିରଫ ୪ ଯୁବକ ନିଜକୁ ଆରଟିଓ, ଏମ୍‌ଭିଆଇ କହି ମିଳିତ ଭାବେ ଏକ ସ୍କୋର୍ପିଓରେ ୨୧୫ ଜାତୀୟ ରାଜପଥ ରେଙ୍ଗାଲବେଡାଠାରେ ଟ୍ରକ୍, ଡମ୍ପରକୁ ଅଟକାଇ ଡ୍ରାଇଭରମାନଙ୍କଠାରୁ କାଗଜପତ୍ର ଦେଖିବା ସହ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଲଗାତର ୩ ଦିନ ଧରି ଟଙ୍କା ଆଦାୟ ଦେଖି ଟ୍ରକ୍, ଡମ୍ପର ଡ୍ରାଇଭରମାନଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା । କେତେଜଣ ଡ୍ରାଇଭର ସେମାନଙ୍କୁ ପରିଚୟପତ୍ର ମାଗିବାରୁ ଗାଡି ଛାଡି ଏହି ନକଲି ଅଧିକାରୀମାନେ ଦୌଡି ପଳାଇଥିଲେ। ଡ୍ରାଇଭରମାନେ ସ୍କୋର୍ପିଓକୁ ଟେକା ପଥର ମାରି ଭାଙ୍ଗି ଦେଇଥିଲେ। ଏଣେ ଗାଡି ନ ଫେରିବାରୁ ସ୍କୋର୍ପିଓ ମାଲିକ ଡ୍ରାଇଭରଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ । ଶେଷରେ ତାଙ୍କ ସ୍କୋର୍ପିଓ ଭଙ୍ଗାରୁଜା ହୋଇ ରେଙ୍ଗାଲବେଡାରେ ପଡିଥିବା ଜାଣି ମାଲିକ କୋଇଡା ଥାନାରେ ଅଭିଯୋଗ କରିଥିଲେ । କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ସ୍କୋର୍ପିଓ ଡ୍ରାଇଭରଙ୍କୁ ପ୍ରଥମେ ଗିରଫ କରିଥିଲା । ଏହାପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଥିଲା।



ଜବତ ସାମଗ୍ରୀ ସହ ପୋଲିସ ହେପାଜତରେ ନକଲି ଆର୍‌ଟିଓ ଏବଂ ଏମ୍‌ଭିଆଇ।

# ଯୋଗେଶଙ୍କୁ ବିପୁଳ ସମ୍ବର୍ଦ୍ଧନା

ସୁନ୍ଦରଗଡ,୮।୨(ଡି.ଏନ୍.ଏ.)

ଭୁବନେଶ୍ୱରରେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ ପରେ ଶୁକ୍ରବାର ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଏଠାକୁ ଫେରିଛନ୍ତି। ଅପରାହ୍ନରେ ସୁନ୍ଦରଗଡ ଜିଲା ସୀମାନ୍ତ ଭଷ୍ଣାଠାରେ ଜନସାଧାରଣଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜୁ ଜନତା ଦଳର କର୍ମୀ, ସମର୍ଥକମାନେ ଏକ ବାଇକ୍ ଶୋଭାଯାତ୍ରାରେ ସୁନ୍ଦରଗଡ ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ଆଣିଥିଲେ। କୁଣ୍ଡୁକେଲା, ମସ୍କିକାନୀ, କିରେଇ, ଶଙ୍କରାଠାରେ ଦଳୀୟ କର୍ମୀ ଓ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସହର ପରିକ୍ରମା ପରେ ସନ୍ଧ୍ୟାରେ ସାର୍କିଟ ହାଉସଠାରେ ପହଞ୍ଚି ଥିଲେ। ସେଠାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ,ସଦସ୍ଯ, ସମର୍ଥକମାନଙ୍କ ସହିତ ଆଲୋଚନା କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ଓଡିଶାର ବିକାଶ ଧାରାରେ ସୁନ୍ଦରଗଡର ବିକାଶକୁ ଆଗେଇ ନେବା ଦିଗରେ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଏଥି ନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଶିକ୍ଷୟିତ୍ରୀ ନିଲମ୍ବିତ, ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

ଲହୁଣୀପଡା,୮।୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଗମ୍ଭାରଡିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ଗତ ମଙ୍ଗଳବାର ବିଶୃଙ୍ଖଳା ପାଇଁ ଜଣେ ଶିକ୍ଷୟିତ୍ରୀ ଆକଟ କରିବାକୁ ଯାଇ ମାଡ ମାରିଛନ୍ତି। ହେଲେ ଜଣେ ଛାତ୍ର ଦେହରେ ନୋଳା ଫାଟିଯିବା ସହ ସାମାନ୍ୟ ରକ୍ତ ଦେଖା ଦେଇଥିଲା। ଶୁକ୍ରବାର ଏହି ଘଟଣାରେ ସଂପୃକ୍ତ ଶିକ୍ଷୟିତ୍ରୀ ଏବଂ ପ୍ରଧାନଜ ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

### ଛାତ୍ରଙ୍କୁ ମାଡ ଘଟଣା

ଲହୁଣୀପଡା ବ୍ଲକସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରସାଦସେବନ ପାଇଁ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରସାଦସେବନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆଣିଥିଲେ । ପ୍ରସାଦ ସେବନ ପରେ ପାଣି ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏହି ବିଶୃଙ୍ଖଳା ପାଇଁ ଛାତ୍ରୀଛାତ୍ରଙ୍କୁ ଛିଡା କରି ଶିକ୍ଷୟିତ୍ରୀ ମନୋରମା ମାଡ ମାରିଥିଲେ। ଫଳରେ ଷଷ୍ଠ ଶ୍ରେଣୀର ଛାତ୍ର ରୋହିତ କୁମାର ଦାସଙ୍କ ଶରୀରରେ ଦାଗ ରହିବା ସହିତ ରକ୍ତ ବାହାରିଥିଲା । ଏହାକୁ ଦେଖିଲା ପରେ ରୋହିତଙ୍କ ବାପା ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ଖବର ପ୍ରଚାରିତ ହେଲା ପରେ ସାହିରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ ଛାତ୍ର ରୋହିତଙ୍କ ବାପା ନିରଞ୍ଜନ ଦାସ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଇଓ ଆହ୍ଲାଦିନି ନାଏକଙ୍କୁ ଅବଗତ କରିଥିଲେ । ଫଳରେ ବିଇଓ ଘଟଣାକୁ ଗୁରୁତର ସହିତ ବିଚାର କରି ତଦନ୍ତ ଆରମ୍ଭ କରିଥିଲେ । ଶେଷରେ ସଂପୃକ୍ତ ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ଚାକିରିରୁ ନିଲମ୍ବନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଅନ୍ୟପକ୍ଷେ ଲହୁଣୀପଡା ଥାନା ପୋଲିସ ପକ୍ଷରୁ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଏ ସଂକ୍ରାନ୍ତରେ ଲହଣୀପଡା ଶିକ୍ଷା ଅଧିକାରୀ ଆହ୍ଲାଦିନୀ ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଘଟଣା ସମ୍ପର୍କରେ ଜାଣିବା ପରେ ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରିବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସଂପୃକ୍ତ ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷିତ ହୋଇଛି। ଏହା ସତ୍ତ୍ୱେ ଶିକ୍ଷୟିତ୍ରୀଙ୍କର ଏଭଳି ଆଚରଣ ଠିକ ନୁହେଁ ବୋଲି ସେ କହିଛନ୍ତି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବନ ବିଭାଗ ଅଧିକାରୀଙ୍କ ପଦୋନ୍ନତି

**କୁଆଁରମୁଣ୍ଡା,୮।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ରାଉରକେଲା ବନଖଣ୍ଡ ଅଧୀନ କୁଆଁରମୁଣ୍ଡା ରେଞ୍ଜ ଡେପୁଟି ରେଞ୍ଜର ମନୋଜ ଟିଗା ପଦୋନ୍ନତି ପାଇଛନ୍ତି। ସେ ବିଶ୍ରାରେ ରେଞ୍ଜର ଭାବେ ଯୋଗ ଦେଇଛନ୍ତି। ଏଥିପାଇଁ ରେଞ୍ଜର ସୁଧାଂଶୁଚନ୍ଦ୍ର ସାହାଣୀଙ୍କ ପରିଚାଳନାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଟିଗାଙ୍କ କର୍ମମୟ ଜୀବନ ଉପରେ କହିଥିଲେ। ସେହିଭଳି ନୂଆ ଜାଗାରେ ନୂଆ ଦାୟିତ୍ୱକୁ ଟିଗା କିଭଳି ସୂଚାରୁ ରୂପେ ସମ୍ପାଦନ କରିବେ ସେ ନେଇ ରେଞ୍ଜର ସାହାଣୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ବନ କର୍ମଚାରୀ ନବୀନ ପ୍ରଧାନ, ଚିନ୍ମୟୀ ସାମଲ ପ୍ରମୁଖ ଉପସସ୍ଥିତ ଥିଲେ।

### ଶିକ୍ଷକଙ୍କ ପରଲୋକ

**କୁଆଁରମୁଣ୍ଡା,୮।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବୀରମିତ୍ରପୁର ହଳଦିଆ ଦଫେଇର ଅନନ୍ତ କୁମାର (୪୦)ଙ୍କ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ କୁଆଁରମୁଣ୍ଡା ନିକଟ ଧାଙ୍ଗରିନଚା ୟୁଜିଏମଇ ସ୍କୁଲରେ ଶିକ୍ଷକତା କରୁଥିଲେ। ଗତ ବୁଧବାର ସେ ପାଠ ପଢାଉଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଏହାପରେ ସହକର୍ମୀମାନେ ତାଙ୍କୁ ଡାକ୍ତରଖାନା ପଠାଇବାର ବନ୍ଦୋବସ୍ତ କରିଥିଲେ। ତାଙ୍କ ପରଲୋକରେ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଗଭୀର ମର୍ମାହତ। ସେହିଭଳି ନିଜ ଗାଁରେ ମଧ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ସ୍କୁଲର ବାର୍ଷିକ ଉତ୍ସବ

**କୁତ୍ରା, ୮।୨ (ଡି.ଏନ.ଏ):** କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମରେ ଥିବା ହୃଦାନନ୍ଦ ଦାନୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ର ବେହେରା, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ପୂର୍ବତନ ବିଧାୟକ ମୁଖରାମ ନାୟକ, କୁତ୍ରା ହାଇସ୍କୁଲର ଶିକ୍ଷକ ବିଭୀଷଣ ବାରିକ, ଜିଲାପରିଷଦ ସଭ୍ୟ ଶରତ ସା, ପ୍ରତାପ କୁମାର ଦାନୀ, କୌଶିକ ଦାନୀ, ନିମେଇ ଚରଣ ଦାନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ବିଭିନ୍ନ ସ୍ଥାନରେ ଜାତୀୟ ସଡକ ସୁରକ୍ଷା ସପ୍ତାହ

# ନିରାପଦ ଗାଡ଼ି ଚାଳନା ପାଇଁ ପରାମର୍ଶ







ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବୀରମିତ୍ରପୁରରେ ସଚେତନତା ରଥ ଓ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା ପାଇଁ ପ୍ରସ୍ତୁତ ହେଉଛି (ବାମ)। ଟେନ୍‌ସାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ (ମଝି)। ବଡଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

## ନିୟମ ମାନିବାକୁ ଗାଡ଼ି ଚାଳକ, ହେଲ୍‌ପରଙ୍କୁ ମନ୍ତ୍ର

**ଟେନସା, ୮।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଟେନସାରେ ଥିବା ଟିଆରବି ଖଣି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ ପକ୍ଷରୁ ଶୁକ୍ରବାର ଜିରୋ ପଏଣ୍ଟଠାରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି । ଏ ନେଇ ଜିନ୍ଦଲ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଟେନସା, ବରସୁଆଁ, କୋଇଡା ଆଦି ଅଞ୍ଚଳର ୪୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର, ହେଲପରମାନେ ଯୋଗ ଦେଇଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଆରଟିଓ ଏକେ ଜେନା, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଲହୁଣୀପଡା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ଜିନ୍ଦଲ ଖଣିର ଉପସଭାପତି ପ୍ରମୋଦ କୁମାର ପାତ୍ର, ବରସୁଆଁ ଲୌହ ଖଣିର ମହାପ୍ରବନ୍ଧକ ଏକେ ସିଂହ୍ନା, ଟେନସା ଫାଣ୍ଡି ଅଧିକାରୀ ଅନନ୍ତ ନାରାୟଣ ସାହୁ, ଓଡିଶା ମୋଟର ଚାଳକ ସଂଘର ସଭାପତି ପ୍ରଭାକର ମଲ୍ଲିକ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ । ଡ୍ରାଇଭରମାନେ ଗାଡି ଚଳାଇବା ସମୟରେ କିପରି ଗାଡି ଚାଳନା କରିବେ, ମଦ୍ୟପାନ କରିବେ ନାହିଁ, ହାଣ୍ଡିଆ ପିଇବେ ନାହିଁ, ସଡକରେ ଲାଗିଥିବା ଫଳକର ସମସ୍ତ ନିୟମ କିପରି ମାନିବେ, ଗାଡି ଜୋରରେ ଚଳାଇବେ ନାହିଁ ଆଦି ବିଭିନ୍ନ ସମ୍ପର୍କରେ ଡ୍ରାଇଭର, ହେଲପର ମାନଙ୍କୁ ଅତିଥିମାନେ ବୁଝାଇଥିଲେ । ଡିଏଭି ପବ୍ଲିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସଡକ ସୁରକ୍ଷା ନିୟମ ଉପରେ ଅବଗତ କରାଇଥିଲେ । ସଭାର ସଭାପତି ତଥା ଜିନ୍ଦଲ ଖଣିର ଉପସଭାପତି ଚାଳକମାନଙ୍କ ସୁରକ୍ଷା ନିୟମ କିପରି ପାଳନ କରିବେ ସେ ସମ୍ପର୍କରେ ଅବଗତ କରାଇବା ସହ ଏକ ପ୍ରତୀକ୍ଷାଳୟ ମଧ ନିର୍ମାଣ କରାଯାଇଥିବା ପ୍ରକାଶ କରିଥିଲେ । ଡ୍ରାଇଭରମାନଙ୍କ ପାନୀୟ ଜଳ ପାଇଁ ଟେନସା–କଲେଇପୋଷ ମଧ୍ୟରେ ଏକ ସ୍ଥାନରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କରିବାକୁ ପ୍ରକାଶ କରିଥିଲେ । ଜିନ୍ଦଲ କମ୍ପାନୀ ପକ୍ଷରୁ ପ୍ରଶାସନ ବିଭାଗର ଦିଲ୍ଲୀପ କୁମାର ସାହୁ, ଅଭିମନ୍ୟୁ ସାମଲ, ସମୀର ନାହାକ, ସରୋଜ ପ୍ରସାନ ବିଶ୍ୱଲ, ଦେବୀ ପ୍ରସାଦ ଜେନା, ଚିତ୍ତରଞ୍ଜନ ଦାସ, ସୁବାଷ ଦାଶ ପରିଚାଳନା କରିଥିବା ବେଳେ ଜିନ୍ଦଲ ଖଣିର ଏଜିଏମ ଭୀଷ୍ମଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ସାମାନ୍ୟ ଭୁଲ୍, ସଚେତନତା ଅଭାବରୁ ଜୀବନ ଯାଉଛି

**ବଡଗାଁ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁରେ ଶୁକ୍ରବାର ପୂର୍ବାହ୍ନରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବଡଗାଁ ଆଇଟିଆଇର ରୋଡ୍ ସେଫ୍‌ଟି କ୍ଲବ ଓ ଶ୍ୟାମ ପଲ୍ୟୁସନ ଟେଷ୍ଟିଂ ସେଣ୍ଟରର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଏମଭିଆଇ ରାମଦାସ ଟିଡୁ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଜିଇଁଥିଲେ ଜୀବକା, ମରିଗଲେ ଛେତ୍‌କା । ସମସ୍ତେ ଦିନେ ମରିବା, ହେଲେ ରାସ୍ତାରେ କାହିଁକି ବୋଲି ପ୍ରଶ୍ନ କରିଥିଲେ। ସଚେତନ ହେଲେ ସୁରକ୍ଷିତ ରହିବା। ନିଜେ ଶିଖିବା ଓ ଅନ୍ୟକୁ ଶିଖାଇବା ଦ୍ୱାରା ଦୁର୍ଘଟଣା ନିୟନ୍ତ୍ରଣ କରାଯାଇପାରିବ । ସାମାନ୍ୟ ତ୍ରୁଟି, ସଚେତନତାର ଅଭାବ ଯୋଗୁ ମୂଲ୍ୟବାନ ଜୀବନ ନଷ୍ଟ ହେଉଥିବା ସେ କହିଥିଲେ । ଅନ୍ୟତମ ଅତିଥି ସୁନ୍ଦରଗଡ ଆରଟିଓ ରାମନିବାସ ସିରକା ରାସ୍ତା ଦୁର୍ଘଟଣା ହେବାର ବିଭିନ୍ନ କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ । ଦୁର୍ଘଟଣା କେତେବେଳେ କିଭଳି ପରିସ୍ଥିତିରେ ହୋଇଥାଏ ଜାଣିବା ଦରକାର । ଦ୍ରୁତଗତି ଯୋଗୁଁ ବିପଦ ମାଡିଆସେ। ଭୁଲ୍ ଲେନ୍‌ରେ ଯିବାରୁ ଦୁର୍ଘଟଣା ହୁଏ। ଗୋଟିଏ ହାତରେ ମୋବାଇଲ, ଅନ୍ୟ ହାତରେ ହାଣ୍ଡେଲ ଦୁର୍ଘଟଣାର କାରଣ ହୋଇଥାଏ । ଏପରିକି ବୟସ୍କ ବ୍ୟକ୍ତି ମଧ ଏଭଳି ଭୁଲ୍ କରୁଥିବା ଦେଖାଯାଉଥିବା ସେ କହିଥିଲେ। ନିଶା ସେବନ କରି ଗାଡି ଚାଳନା, ଅତିକ୍ରମ ଯୋଗୁ ଆମେ ନିଜ ସହିତ ଅନ୍ୟକୁ ବିପଦରେ ପକାଇ ଥାଉଁ। ତେଣୁ ମାନସିକସ୍ଥିତି ଠିକ ରଖି ଗାଡି ଚଳାଇବା, ଟ୍ରାଫିକ ନିୟମ ଓ ସିଗନାଲ ମାନିବାକୁ ସେ ପରାମର୍ଶ ଦେଇଥିଲେ। ତହସିଲଦାର ସୋନାଲି ଚାନ୍ଦ ଯୋଗ ଦେଇ କହିଥିଲେ ଯେ, ରୋଡରେ ଅନ୍ୟମାନେ ପରେ ମୁଁ ଆଗ ଯିବି ଏଭଳି କରି ଆମେ ସ୍ୱାର୍ଥପର ହେଉଛୁ । ରାସ୍ତାରେ ଗଲାବେଳେ ଅନ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ରଖିବା ଆବଶ୍ୟକ। ଛୋଟ ପିଲା ଦେଖି ଶିଖେ। ତେଣୁ ବଡମାନଙ୍କ ଦାୟିତ୍ୱ ରହିଛି ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବା । ଦୁର୍ଘଟଣାରେ ପଡୁଥିବା ବ୍ୟକ୍ତି ଯୋଗୁ କାହାର କ'ଣ କ୍ଷତି, ସମସ୍ୟା ହୁଏ ତାହା ସେ ବୁଝାଇ ଅନ୍ୟର ସୁଖରେ ନିଜର ସୁଖ ଖୋଜିବାକୁ ସେ ବୁଝାଇଥିଲେ । କଲେଜ ଅଧ୍ୟକ୍ଷ ସୁଶାନ୍ତ ଚୌଧୁରୀ କହିଥିଲେ ଯେ, ସଚେତନତା ଓ ସାବଧାନତା ଦ୍ୱାରା ନିଜ ସହ ଅନ୍ୟର ଜୀବନ ରକ୍ଷା ହୋଇଥାଏ। ସେ ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ । ବଡଗାଁ ଥାନା ଅଧିକାରୀ ସୂର୍ଯ୍ୟକାନ୍ତ ଦାସ ହେଲମେଟ ପିନ୍ଧିବା, ସଚେତନ ହୋଇ ଅନ୍ୟକୁ ସଚେତନ କରାଇବା ଓ ଡ୍ରାଇଭିଂ ଲାଇସନ୍ସର ଆବଶ୍ୟକତା ଉପରେ ବୁଝାଇଥିଲେ। ଆଇଟିଆଇ ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଗାଡି ଚାଳକ ସର୍ବଦା ଅନ୍ୟକୁ ଯେପରି ଅସୁବିଧା ନ ହୁଏ ଦୃଷ୍ଟି ରଖି ଗାଡି ଚଳାଇବାକୁ କହିଥିଲେ। ଓଡିଶାରେ ସର୍ବାଧିକ ରାସ୍ତା ଦୁର୍ଘଟଣା ହୋଇଥାଏ ବୋଲି ସୂଚନା ଦେଇଥିଲେ। ଏଥିପାଇଁ ନ୍ୟାୟଳୟରେ ସରକାର ପ୍ରତିବର୍ଷ ୩୦ ପ୍ରତିଶତ ଦୁର୍ଘଟଣା କମାଇବାକୁ କହୁଥିଲେ ମଧ ବଢୁଥିବା ଉଦ୍‌ବେଗଜନକ ବୋଲି କହି ସଚେତନତା ହିଁ ସୁରକ୍ଷାର ମାଧମ ବୋଲି ବୁଝାଇଥିଲେ। ଏହି ଅବସରରେ ଆଇଟିସି ଡ୍ରାଇଭିଂ ଟ୍ରେନିଂ ସେଣ୍ଟରକୁ ତହସିଲଦାର ଚାନ୍ଦ ଉଦ୍‌ଘାଟନ କରିଥିଲେ । ସଚେତନତା ସଭାରେ ଯୋଗଦେଇଥିବା ଆଇଟିଆଇ କଲେଜ, ସ୍କୁଲ ଛାତ୍ରୀଛତ୍ର ବଡଗାଁ ବସଷ୍ଟାଣ୍ଡରେ ପ୍ଲା କାର୍ଡ ପ୍ରଦର୍ଶିତ କରି ଲିପଲେଟ୍ ବଣ୍ଟନ କରି ଓ ଗୋଲାପ ଫୁଲ ଦେଇ ଚାଳକମାନଙ୍କୁ ସଚେତନ କରାଇଥିଲେ।

## ସଚେତନତା ରଥ ସହ ବାଇକ୍ ଶୋଭାଯାତ୍ରା

**କୁଆଁରମୁଣ୍ଡା (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ବୀରମିତ୍ରପୁର ପୌରାଞ୍ଚରେ ଶୁକ୍ରବାର ୩୦ତମ ଜାତୀୟ ସଡକ ସୁରକ୍ଷା ଦିବସ ଉପଲକ୍ଷେ ସଚେତନତା ରଥ ବୁଲିବା ସହ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀରମିତ୍ରପୁର ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଶ୍ରମଶକ୍ତି ଓ ନିର୍ମାଣ କଲେଜ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଦୁଇ ଚକିଆ ଯାନ ଚଳାଇବା ବେଳେ ଠିକ୍ ଭାବେ ହେଲ୍‌ମେଟ୍ ପିନ୍ଧିବା, ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରିବା, ନିଶା ସେବନ କରି ଗାଡି ନ ଚଳାଇବା, ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ନ କରିବା ଇତ୍ୟାଦି ବିଷୟରେ ସଚେତନତା ପ୍ଲାକାର୍ଡ ଧରି ଛାତ୍ରୀଛାତ୍ର ଏବଂ ଉଭୟ ବୀରମିତ୍ରପୁର ପୋଲିସ ଓ ପରିବହନ କର୍ମଚାରୀମାନେ ସହରର ପରିକ୍ରମା କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ପୂର୍ବରୁ ଆୟୋଜିତ କୁଇଜ୍, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ବୀରମିତ୍ରପୁର ଏସଡିପିଓ ପ୍ରକାଶ କୁମାର ପାତ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି, ପରିବହନ ବିଭାଗର ସ୍ଥାନୀୟ ଅଧିକାରୀମାନେ ପୁରସ୍କାର ପ୍ରଦାନ କରିଛନ୍ତି। ବୀରମିତ୍ରପୁର ପୋଲିସ ଓ ରାଉରକେଲା ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୫,୬୬,୮୬୨ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ

**ସୁନ୍ଦରଗଡ, ୮।୨ (ଡି.ଏନ୍.ଏ.)**

ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁନ୍ଦରଗଡ ପବ୍ଲିକ ସ୍କୁଲଠାରେ ପାଳିତ ହୋଇଛି । ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଯୋଗ ଦେଇ ଛାତ୍ରୀ ଛାତ୍ରମାନଙ୍କୁ କୃମିନାଶକ ଔଷଧ ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଡିଏମଓ ଦିଲ୍ଲୀପ କୁମାର ଷଡଙ୍ଗୀ, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ଜାତୀୟ କୃମିନାଶକ ଦିବସ ପାଳନର ନୋଡାଲ ଅଫିସର ତଥା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଶଶାଙ୍କ ଶେଖର ଚୌଧୁରୀ, ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ, ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟି ସଭ୍ୟ ନିମାଇଁ ନାଏକ, ବେଣୁମାଧବ ତ୍ରିପାଠୀ, ତାରାକାନ୍ତ ରକ୍ସା ଉପସ୍ଥିତ ଥିଲେ। ବିଦ୍ୟାଳୟର ୯୨୫ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା । ଜିଲାରେ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ମୋଟ ୫ଲକ୍ଷ ୬୬ହଜାର ୮୬୨ ଜଣ ପିଲାଙ୍କୁ ଏହି କୃମିନାଶକ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ନୋଡାଲ ଅଫିସର ଚୌଧୁରୀ ସୂଚନା ଦେଇଥିଲେ। ସରକାରୀ ବିଦ୍ୟାଳୟ ଗୁଡିକର ୨ଲକ୍ଷ ,୭୧ ହଜାର, ୩୧୭ଜଣ ପିଲା ରହିଛନ୍ତି। ଘରୋଇ ବିଦ୍ୟାଳୟରେ ୧ଲକ୍ଷ ୩୩ ହଜାର ୩୬୮ଜଣ, ଅଙ୍ଗନୱାଡି କେନ୍ଦ୍ରର ୧ଲକ୍ଷ ୪୧ହଜାର ୬୯୮ ଜଣ ଓ ସ୍କୁଲ ବାହରେ ଥିବା ୩୧ ହଜାର ୧୬୦ଜଣ ପିଲାଙ୍କୁ ଏହି ଔଷଧ ପ୍ରଦାନ କରାଯିବ ବୋଲି ଲକ୍ଷ୍ୟ ରହିଥିବା ଏଥିରେ ସୂଚନା ଦିଆଯାଇଛି। ରାଜ କିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଶୋକ କୁମାର ପରିଡା, ପ୍ରୀତି ପ୍ରସାଦ, ସନ୍ତୋଷ ମହାନ୍ତି, ସୁସ୍ମିତା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍କାଉଟଗାଇଡ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।




ସୁନ୍ଦରଗଡ଼ ପବ୍ଲିକ ସ୍କୁଲଠାରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ର।

## ବାଇକ୍ ଛଡ଼ାଇବାବେଳେ ଧରାପଡ଼ିଗଲେ

**ବାଲିଶଙ୍କରା, ୮।୨ (ଡି.ଏନ.ଏ.)**

ତଳସରା ତେଲିଯୋର–ଚାଉଳ ଗୋଦାମ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କଠାରୁ ବାଇକ୍ ଛଡାଇ ନେବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତ ଧରାପଡିଛନ୍ତି। ସେ ହେଲେ ବାଲିଶଙ୍କରା ଗ୍ରାମର ଜୟପ୍ରକାଶ ସାହୁ ଓରଫ୍ କୁନ୍ଦୁରୁ(୨୪)। ଗ୍ରାମବାସୀ ତାଙ୍କୁ ଧରି ମାଡ ମାରିବା ସହ ତଳସରା ପୋଲିସ ଜିମା ଦେଇଛନ୍ତି। ତେବେ ତାଙ୍କ ସହଯୋଗୀ ସାଗର ଯାଦବ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଡୁମଲିଆ ପଞ୍ଚାୟତ ଭଣ୍ଡାରୀମଙ୍କରା ଗ୍ରାମର ମଙ୍ଗଲ ଓରାମ (୩୧) ତାଙ୍କ ୭ ବର୍ଷର ପୁଅ ସହ ନିଜ ମାମୁଁ ଘର ଛତିଶଗଡ ରାଜ୍ୟ ଖାରିବାହାଲ ଗ୍ରାମକୁ ଯାଇଥିଲେ। ସେଠାରୁ ଅପରାହ୍ନରେ ନିଜ ଗ୍ରାମକୁ ଫେରୁଥିଲେ। ତେଲିଯୋର ଏମଡିଆର–୩୦ ରାଜ୍ୟ ରାଜ୍ୟପଥ ରାସ୍ତାରେ କୁନ୍ଦୁରୁ ଓ ସାଗର ମୁହଁରେ ରୁମାଲ ଢାଙ୍କି ହଠାତ୍ ମଝି ରାସ୍ତାରେ ଛିଡା ହୋଇ ମଙ୍ଗଳଙ୍କୁ ଅଟକାଇଥିଲେ। ଧରିଥିବା ଠେଙ୍ଗାରେ ଆକ୍ରମଣ କରିବାକୁ ଉଦ୍ୟମ କରି ବାଇକ ଚାବି ଛଡାଇ ନେଇଯାଇଥିଲେ। ତାଙ୍କ ପୁଅକୁ ବାଇକରୁ ଓହ୍ଲାଇ ରାସ୍ତାକଡରେ ଠେଲି ଦେଇଥିଲେ । ହେଲେ ମଙ୍ଗଳ ପାଟି କରିବାରୁ ଗ୍ରାମବାସୀ ପହଞ୍ଚି ଯାଇଥିଲେ।

# ୪ ନକଲି ଆର୍‌ଟିଓ, ଏମ୍‌ଭିଆଇ ଗିରଫ

**ଟେନସା/ବଣାଇଁ,୮।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ରେଙ୍ଗାଲବେଡାଠାରେ ୪ ଜଣ ନକଲି ଆର୍‌ଟିଓ, ଏମ୍‌ଭିଆଇ ଶୁକ୍ରବାର ପୋଲିସ ହାତରେ ଧରାପଡିଛନ୍ତି। ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଟ୍ରକ୍, ଡମ୍ପର ଅଟକାଇ ସେମାନେ କାଗଜପତ୍ର ଯାଞ୍ଚ ଆଳରେ ଟଙ୍କା ଆଦାୟ କରୁଥିଲେ। ଧରା ପଡିଥିବା ୪ ଅଭିଯୁକ୍ତ ହେଲେ କୋଇଡା ଜଙ୍ଗଲ ବିଭାଗର କର୍ମଚାରୀ ଶମ୍ଭୁନାଥ ଦାଶ, କୋଇଡା ଇନ୍ଦିରା ପବ୍ଲିକ ସ୍କୁଲ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା, କୋଇଡା ନିୟୁ କଲୋନୀର ବସନ୍ତ କୁମାର ରାଉତରାଏ, ଗାଡି ଚାଳକ ରଞ୍ଜନ କୁମାର ଓଝା । କୋଇଡା ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ସ୍କୋର୍ପିଓ (ଓଡି ୦୨ ଏଜେ–୨୨୫୨), ୧୦ ହଜାର ୨ଶହ ଟଙ୍କା, ୪ଟି ମୋବାଇଲ ସହ ଜଙ୍ଗଲ ବିଭାଗ ଲୋଗୋ ଥିବା ୨ ହଳ ଡ୍ରେସ୍ ଜବତ କରିଛି । ପୋଲିସ ଏହି ନକଲି ଆରଟିଓ, ଏମ୍‌ଭିଆଇଙ୍କୁ ଗିରଫ କରି ବଣାଇଁ କୋର୍ଟ ଚାଲାଣ କରିଛି । କେଶ ନଂ. ୮/୧୯। ଅଭିଯୁକ୍ତ ଶମ୍ଭୁନାଥ, ରଞ୍ଜନଙ୍କ ଘର ଯାଜପୁର ଜିଲାରେ। ଲକ୍ଷ୍ମୀଧରଙ୍କ ଘର କଟକ ଓ ବସନ୍ତଙ୍କ ଘର କୋଇଡାରେ। ପୋଲିସର ସୂଚନା ଅନୁଯାୟୀ,ଗିରଫ ୪ ଯୁବକ ନିଜକୁ ଆରଟିଓ, ଏମ୍‌ଭିଆଇ କହି ମିଳିତ ଭାବେ ଏକ ସ୍କୋର୍ପିଓରେ ୨୧୫ ଜାତୀୟ ରାଜପଥ ରେଙ୍ଗାଲବେଡାଠାରେ ଟ୍ରକ୍, ଡମ୍ପରକୁ ଅଟକାଇ ଡ୍ରାଇଭରମାନଙ୍କଠାରୁ କାଗଜପତ୍ର ଦେଖିବା ସହ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଲଗାତର ୩ ଦିନ ଧରି ଟଙ୍କା ଆଦାୟ ଦେଖି ଟ୍ରକ୍, ଡମ୍ପର ଡ୍ରାଇଭରମାନଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା । କେତେଜଣ ଡ୍ରାଇଭର ସେମାନଙ୍କୁ ପରିଚୟପତ୍ର ମାଗିବାରୁ ଗାଡି ଛାଡି ଏହି ନକଲି ଅଧିକାରୀମାନେ ଦୌଡି ପଳାଇଥିଲେ। ଡ୍ରାଇଭରମାନେ ସ୍କୋର୍ପିଓକୁ ଟେକା ପଥର ମାରି ଭାଙ୍ଗି ଦେଇଥିଲେ। ଏଣେ ଗାଡି ନ ଫେରିବାରୁ ସ୍କୋର୍ପିଓ ମାଲିକ ଡ୍ରାଇଭରଙ୍କୁ ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ । ଶେଷରେ ତାଙ୍କ ସ୍କୋର୍ପିଓ ଭଙ୍ଗାରୁଜା ହୋଇ ରେଙ୍ଗାଲବେଡାରେ ପଡିଥିବା ଜାଣି ମାଲିକ କୋଇଡା ଥାନାରେ ଅଭିଯୋଗ କରିଥିଲେ । କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ସ୍କୋର୍ପିଓ ଡ୍ରାଇଭରଙ୍କୁ ପ୍ରଥମେ ଗିରଫ କରିଥିଲା । ଏହାପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଥିଲା ।



ଜବତ ସାମଗ୍ରୀ ସହ ପୋଲିସ ହେପାଜତରେ ନକଲି ଆର୍‌ଟିଓ ଏବଂ ଏମ୍‌ଭିଆଇ।

# ଯୋଗେଶଙ୍କୁ ବିପୁଳ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୮।୨(ଡି.ଏନ୍.ଏ.)**

ଭୁବନେଶ୍ୱରରେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦାନ ପରେ ଶୁକ୍ରବାର ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂ ଏଠାକୁ ଫେରିଛନ୍ତି। ଅପରାହ୍ନରେ ସୁନ୍ଦରଗଡ ଜିଲା ସୀମାନ୍ତ ଭସ୍ମାଠାରେ ଜନସାଧାରଣଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଜୁ ଜନତା ଦଳର କର୍ମୀ, ସମର୍ଥକମାନେ ଏକ ବାଇକ୍ ଶୋଭାଯାତ୍ରାରେ ସୁନ୍ଦରଗଡ ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ଆଣିଥିଲେ। କୁଣ୍ଡୁକେଲା, ମସ୍ନିକାନୀ, କିରେଇ, ଶଙ୍କରାଠାରେ ଦଳୀୟ କର୍ମୀ ଓ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସହର ପରିକ୍ରମା ପରେ ସନ୍ଧ୍ୟାରେ ସାର୍କିଟ ହାଉସଠାରେ ପହଞ୍ଚି ଥିଲେ। ସେଠାରେ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ,ସଦସ୍ଯ, ସମର୍ଥକମାନଙ୍କ ସହିତ ଆଲୋଚନା କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ଓଡିଶାର ବିକାଶ ଧାରାରେ ସୁନ୍ଦରଗଡର ବିକାଶକୁ ଆଗେଇ ନେବା ଦିଗରେ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଏଥି ନିମନ୍ତେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଶିକ୍ଷୟିତ୍ରୀ ନିଲମ୍ବିତ, ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ

**ଛାତ୍ରଙ୍କୁ ମାଡ ଘଟଣା**

**ଲହୁଣୀପଡା,୮।୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଗମ୍ଭାରଡିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ଗତ ମଙ୍ଗଳବାର ବିଶୃଙ୍ଖଳା ପାଇଁ ଜଣେ ଶିକ୍ଷୟିତ୍ରୀ ଆକଟ କରିବାକୁ ଯାଇ ମାଡ ମାରିଛନ୍ତି। ହେଲେ ଜଣେ ଛାତ୍ର ଦେହରେ ନୋଳା ଫାଟିଯିବା ସହ ସାମାନ୍ୟ ରକ୍ତ ଦେଖା ଦେଇଥିଲା। ଶୁକ୍ରବାର ଏହି ଘଟଣାରେ ସଂପୃକ୍ତ ଶିକ୍ଷୟିତ୍ରୀ ଏବଂ ପ୍ରଧାନଜ ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି।

ଲହୁଣୀପଡା ବ୍ଲକସ୍ଥିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରସାଦସେବନ ପାଇଁ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରସାଦସେବନ ପାଇଁ ଛାତ୍ରୀଛାତ୍ରମାନଙ୍କୁ ଆଣିଥିଲେ । ପ୍ରସାଦ ସେବନ ପରେ ପାଣି ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏହି ବିଶୃଙ୍ଖଳା ପାଇଁ ଛାତ୍ରୀଛାତ୍ରଙ୍କୁ ଛିଡା କରି ଶିକ୍ଷୟିତ୍ରୀ ମନୋରମା ମାଡ ମାରିଥିଲେ। ଫଳରେ ଷଷ୍ଠ ଶ୍ରେଣୀର ଛାତ୍ର ରୋହିତ କୁମାର ଦାସଙ୍କ ଶରୀରରେ ଦାଗ ରହିବା ସହିତ ରକ୍ତ ବାହାରିଥିଲା । ଏହାକୁ ଦେଖିଲା ପରେ ରୋହିତଙ୍କ ବାପା ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ଖବର ପ୍ରଚାରିତ ହେଲା ପରେ ସାହିରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ ଛାତ୍ର ରୋହିତଙ୍କ ବାପା ନିରଞ୍ଜନ ଦାସ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ବିଇଓ ଆହ୍ଲାଦିନି ନାଏକଙ୍କୁ ଅବଗତ କରିଥିଲେ । ଫଳରେ ବିଇଓ ଘଟଣାକୁ ଗୁରୁତର ସହିତ ବିଚାର କରି ତଦନ୍ତ ଆରମ୍ଭ କରିଥିଲେ । ଶେଷରେ ସଂପୃକ୍ତ ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ଚାକିରିରୁ ନିଲମ୍ବନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଳାସିନୀ ମହାନ୍ତଙ୍କୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଅନ୍ୟପକ୍ଷେ ଲହୁଣୀପଡା ଥାନା ପୋଲିସ ପକ୍ଷରୁ ମଧ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଏ ସଂକ୍ରାନ୍ତରେ ଲହଣୀପଡା ଶିକ୍ଷା ଅଧିକାରୀ ଆହ୍ଲାଦିନୀ ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଘଟଣା ସମ୍ପର୍କରେ ଜାଣିବା ପରେ ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରିବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସଂପୃକ୍ତ ଶିକ୍ଷୟିତ୍ରୀ ମନୋରମା ମହାନ୍ତଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷିତ ହୋଇଛି। ଏହା ସତ୍ତ୍ୱେ ଶିକ୍ଷୟିତ୍ରୀଙ୍କର ଏଭଳି ଆଚରଣ ଠିକ ନୁହେଁ ବୋଲି ସେ କହିଛନ୍ତି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଅସହାୟଙ୍କୁ ମିଳିଲା ଆର୍ଥିକ ସହାୟତା

ଝାରସୁଗୁଡ଼ା ଅଫିସ,୮।୨: ଝାରସୁଗୁଡ଼ା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଦେବାଡିହି ଗ୍ରାମର ଅମୃତ ବେରିହାଙ୍କୁ ଜିଲାପାଳ ଅଫିସରୁ ଆର୍ଥିକ ସହାୟତା ମିଳିଛି। ଅମୃତଙ୍କ ସ୍ୱାମୀଙ୍କ ଅଣ୍ଟା ଭାଙ୍ଗି ଯାଇଥିଲା। ବୁର୍ଲାରେ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ଥିବାରୁ ସହାୟତା ପାଇଁ ସେ ଲିଗାଲ ସେଲ୍‌ର ଆଶ୍ରୟ ନେଇଥିଲେ। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଧାକାନ୍ତ ବିଶ୍ୱାଳ, ସଚିବ ଜାନକୀ ବିଶ୍ୱାଳଙ୍କ ପଦକ୍ଷେପ ପରେ ଶୁକ୍ରବାର ଜିଲା କାର୍ଯ୍ୟାଳୟରୁ ତାଙ୍କୁ ୧୫ ହଜାର ଟଙ୍କା ସହାୟତା ମିଳିଛି। ସ୍ୱେଚ୍ଛାସେବୀ ରାଏମତି ହାଓ, ବିନୀତା ତାଙ୍ଗ ଏଥିରେ ସହଯୋଗ କରିଥିଲେ।

# ଉଡାନ୍‌-୩.୧ ବିଡିଂ ପ୍ରକ୍ରିୟାରେ ରାଜ୍ୟର ୮ ରୁଟ୍ ସାମିଲ

ଝାରସୁଗୁଡ଼ା ଅଫିସ,୮।୨

ରିଜିଓନାଲ କନେକ୍ଟିଭିଟି ସ୍କିମ୍ 'ଉଡାନ୍'-୩ର ରୁଟ୍ ଆୱାର୍ଡ ପରେ ଏବେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ଉଡାନ୍-୩.୧ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଡାନ୍-୩ର ବିଡିଂ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଝାରସୁଗୁଡ଼ା-ରାଞ୍ଚି ଏବଂ ରାଞ୍ଚି-ଝାରସୁଗୁଡ଼ା ବିମାନ ସେବା ପାଇଁ ପୁନଶ୍ଚ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ରୁଟ୍ ସମେତ ରାଜ୍ୟର ଆଉ ୬ ରୁଟ୍‌କୁ ମିଶାଇ ମୋଟ ୮ଟି ରୁଟ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଯେଉଁଥିରେ ଭୁବନେଶ୍ୱର-ଉତ୍‌କେଲା, ଉତ୍‌କେଲା-ଭୁବନେଶ୍ୱର, ଉତ୍‌କେଲା-ରାୟପୁର, ରାୟପୁର-ଉତ୍‌କେଲା, ଜୟପୁର-ଭୁବନେଶ୍ୱର, ଭୁବନେଶ୍ୱର-ଜୟପୁର ଭଳି ନୂଆ ରୁଟ୍ ଅନ୍ତର୍ଭୁକ୍ତ ହୋଇଛି। ଏହିପରି ଭାବେ ଉଡାନ୍-୩.୧ରେ ଦେଶର ୧୩୩ ରୁଟ୍‌ରେ ବିମାନ ଚଳାଚଳ ପାଇଁ ଶୁକ୍ରବାରଠାରୁ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିଜ ଟୁଇଟରରେ ଉଲ୍ଲେଖ କରିଛି। ଫେବୃୟାରୀ ୧୩ରେ ଇ-ବିଡିଂ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଫେବୃୟାରୀ ୨୬ରେ ଫାଇନାନ୍‌ସିଆଲ ବିଡ୍ ଖୋଲିବ ଏବଂ ୨୭ରେ ରୁଟ୍ ହାତେଇଥିବା ବିମାନ କମ୍ପାନୀର ନାମ ଘୋଷଣା କରାଯିବ। ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଯଥାଶୀଘ୍ର ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ଗୋଟିଏ ପଟେ ଉଡାନ୍ ଯୋଜନାରେ ରୁଟ୍ ଘୋଷଣା କରାଯାଇଥିଲେ ମଧ୍ୟ ବିମାନ ଚଳାଚଳ କ୍ଷେତ୍ରରେ ଝାରସୁଗୁଡ଼ା ବହୁ ପଛରେ ରହିଛି। ଖୋଦ୍ ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୨୨ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦର ଉଦ୍‌ଘାଟନ କରି ଏଠାରୁ ରାଜ୍ୟର ପ୍ରଥମ ଉଡାନ୍ ଯୋଜନା ଆରମ୍ଭ କରିଥିଲେ। ହେଲେ ଦିନ ପାଞ୍ଚଟାରେ ବିମାନ ଚଳାଚଳ ବନ୍ଦ ହୋଇଯାଇଥିଲା। ପରେ ବିମାନ ଚଳାଚଳ କମ୍ପାନୀ ଏୟାର ଓଡ଼ିଶାର ଲାଇସେନ୍ସ ବାତିଲ କରି ଉଡାନ୍-୩ ବିଡିଂ ପ୍ରକ୍ରିୟାରେ ଝାରସୁଗୁଡ଼ା-ଭୁବନେଶ୍ୱର-ରାୟପୁର ରୁଟ୍ ସାମିଲ କରାଯାଇଥିଲା। ଜାନୁୟାରୀ ୨୯ରେ ଏହି ୩ ରୁଟ୍ ସମେତ ଝାରସୁଗୁଡ଼ାରୁ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତାକୁ ବିମାନ ଚଳାଚଳ ପାଇଁ ବିମାନ କମ୍ପାନୀର ନାମ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟ ଉଡାନ୍‌ରେ ସାମିଲ ଥିବା ରାଞ୍ଚି ରୁଟ୍ ବାଦ୍ ପଡ଼ିଥିବାରୁ ବର୍ତ୍ତମାନ ଉଡାନ୍-୩.୧ରେ ଏହାକୁ ସାମିଲ କରାଯାଇଛି।

## ସିଆର୍‌ସିସିଙ୍କ ବିରୋଧରେ ଥାନାରେ ଅଭିଯୋଗ

କୋଲାବିରା,୮।୨(ଡି.ଏନ୍.ଏ.)

କୋଲାବିରା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ ସିଆର୍‌ସିସି ସନ୍ତୋଷ କିଷାନ ମାରପିଟ କରିଥିବା ନେଇ ଲଇକେରା ଥାନାରେ ଅଭିଯୋଗ ହୋଇଛି। ତେବେ ପୋଲିସ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଲଇକେରା ଥାନା ଅନ୍ତର୍ଗତ ରେଙ୍ଗାଲବେଡ଼ା ଗ୍ରାମର ଚଇତୁ କିଷାନ ସକାଳ ୭ଟାରେ ବିଲରେ ଗାଈଗୋରୁ ବାନ୍ଧି ଘରକୁ ଫେରୁଥିବାବେଳେ ସିଆର୍‌ସିସି ସନ୍ତୋଷ କିଷାନ ତାଙ୍କୁ ଅଟକାଇଥିଲେ। ପୂର୍ବ ସନ୍ଧ୍ୟାରେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ କ'ଣ କହୁଥିଲୁ ବୋଲି ପଚାରିବା ସହ ଅଶ୍ରାବ୍ୟ ଭାଷାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସନ୍ତୋଷ ହାତରେ ଧରିଥିବା ଏକ ଠେଙ୍ଗାରେ ଚଇତୁଙ୍କୁ ମାଡ଼ ମାରିଥିଲେ। ଏପରି କି ସନ୍ତୋଷଙ୍କ ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ବ୍ୟକ୍ତି ଗୌରୀ କିଷାନ ଏବଂ ବୈଦନାଥ କିଷାନ ମଧ୍ୟ ଚଇତୁଙ୍କୁ ମାଡ଼ ମରି ଘାଇଲା କରିଥିଲେ। ଏ ନେଇ ଚଇତୁଙ୍କ ପୁଅ ଭୀମସେନ କିଷାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚଇତୁଙ୍କୁ ସନ୍ତୋଷ ଏବଂ ତାଙ୍କ ସାଥୀମାନେ ମାରପିଟ କରୁଥିବାବେଳେ ଗ୍ରାମର ରତନି କିଷାନ, ସୁମିତ୍ରା କିଷାନ ଏବଂ ବିରଞ୍ଚି କିଷାନ ସେଠାରେ ଉପସ୍ଥିତ ଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଲାଇକେରା ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଲେ, ଉଭୟ ପକ୍ଷଙ୍କୁ ଥାନାକୁ ଡାକାଯାଇଛି। କିନ୍ତୁ କେହି ଆସିନାହାନ୍ତି। ସେମାନେ ଆସିବା ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

ସୂଚନାଯୋଗ୍ୟ, ସିଆର୍‌ସିସି ସନ୍ତୋଷ କିଷାନଙ୍କ ବିରୋଧରେ ଆଗରୁ ମଧ୍ୟ ତିନିଟି ମାମଲା ବିଭାଗୀୟ ଦତନ୍ତ ନାମରେ ଗଡୁଛି। ବର୍ଷାଧିକ କାଳ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଉଦଉସୀନତା ହେଉ କିମ୍ବା ଅନୁକମ୍ପା, ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ତାଙ୍କୁ ଘଣ୍ଟ ଘୋଡ଼ାଯାଉଥିବା ଅଭିଯୋଗ ହେଉଛି। ସେ ନିଜକୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଖାସ୍ ଲୋକ ଭାବରେ ପରିଚୟ ଦେଇ କର୍ତ୍ତବ୍ୟ ପ୍ରତି ଅବହେଳା କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏ ସମସ୍ତ ବିଷୟରେ ଜିଲା ଶିକ୍ଷା ଅଧିକାରୀ ଅବଗତ ଥାଇ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପରୋକ୍ଷରେ ସିଆର୍‌ସିସିଙ୍କୁ ଘଣ୍ଟ ଘୋଡ଼ାଉଥିବା ଭଳି ମନେ ହେଉଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବେଲପାହାଡ଼,୮।୨(ଡି.ଏନ୍.ଏ.)

ସଂସ୍କାରମୂଳକ ଶିକ୍ଷା ଓ ଭଲ ପରୀକ୍ଷା ଫଳ ଯୋଗୁ ପିଲାମାନେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି। ଶୁକ୍ରବାର ଝାରସୁଗୁଡ଼ା ଜିଲା କଦେଲପିଟାସ୍ଥିତ ବେଲପାହାଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ମନ୍ତ୍ରୀ ଓରାମ କହିଲେ ଯେ ଓଡ଼ିଶାରେ ଅନେକ ପ୍ରକାର ବିଦ୍ୟାଳୟ ରହିଛି। ସବୁଠି ପାଠ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମାନ ଶିକ୍ଷାଦାନ କରାଯାଉଥିବା କୁହାଯାଉଛି। ତଥାପି ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଶିଶୁ ବିଦ୍ୟାମନ୍ଦିରଗୁଡ଼ିକର ସ୍ୱତନ୍ତ୍ରତା ବଜାୟ ରହିଛି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଭଲ ଶିକ୍ଷାଦାନ ହେଉଛି। ଏଥିସହ ଭାରତୀୟ ରୀତିନୀତି ଓ ସଂସ୍କୃତିକୁ ଅନୁସରଣ କରାଯାଉଛି। ବେଲପାହାଡ଼ ଶିଶୁ ବିଦ୍ୟାମନ୍ଦିର ଏକ ଭଲ ଶିକ୍ଷାନୁଷ୍ଠାନ। ମାତ୍ର ଏହି ଶିକ୍ଷାନୁଷ୍ଠାନରେ ଅନେକ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ସେ ଲଖନପୁର କୋଇଲା ଖଣି କ୍ଷେତ୍ରର ମହାପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଓରାମ ପ୍ରକାଶ କରିଛନ୍ତି। ଉତ୍ସବରେ ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚୌହାନ ଓ ଜିଲା କାଯ୍ୟକାରିଣୀ ସଦସ୍ୟ ରଘୁନନ୍ଦନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଓରାମ ବିଦ୍ୟାଳୟ ପକ୍ଷରୁ ଦୀର୍ଘକାଳୀନ ଜନସେବା ଓ ସାମାଜିକ କାର୍ଯ୍ୟ ପାଇଁ ଚିକିତ୍ସିକା ଡା. ଲତିକା ପଟେଲଙ୍କୁ ସମ୍ମାନିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚନ୍ଦ୍ରଭାନୁ ପଟ୍ଟା ବାର୍ଷିକ ବିବରଣୀ ପାଠ ଏବଂ ବିଦ୍ୟାଳୟ ସାଧାରଣ ସମ୍ପାଦକ ମୋତିରାମ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ତପସ୍ୱିନୀ ନାୟକ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ର ସାଶ୍ୱତ ସାହୁ, ହେମକାନ୍ତ ଡନସେନା, ଶ୍ରୀତମ ମେହେର, ସ୍ମରଣିକା ସା, ସନ୍ଧ୍ୟା ପଟେଲ, ହିତାଂଶୁ ରଣା, ଅଙ୍କିତା ସାହୁ, ପ୍ରୀତିପଣତି ପରିଡ଼ା, ଶିବମ ମେହେର ଓ କୁଳଦୀପ ରାଉତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଟ୍ରାକ୍ଟର ଓଲଟି ଚାଳକ ମୃତ

ଲଖନପୁର,୮।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ନୂଆଛର୍ଲା ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଓଲଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଲେ ସମ୍ବଲପୁର ମହୁଲପାଲିର ବରୁଣ ମୁଣ୍ଡା (୨୨)। ବନ୍ଧବାହାଲ ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଓଆର୍‌୨୩-ଏଫ୍‌୨୧୩୮ନଂ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଏ ନେଇ ଏକ ମାମଲା (ନଂ.-୧୫/୧୯) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଟ୍ରାକ୍ଟର ଏକ ପାଣି ଟ୍ୟାଙ୍କର ନେଇ ବନ୍ଧବାହାଲରୁ ନୂଆଛର୍ଲା ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ପାଚେରିରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଫଳରେ ବରୁଣ ଟ୍ରାକ୍ଟର ତଳେ ଚାପିହୋଇ ମୃତ୍ୟୁବରଣ କରିଥିଲେ।

## ନିଃଶୁଳ୍କ ଅଙ୍ଗ ପ୍ରତିରୋପଣ ଶିବିର ଆରମ୍ଭ

ଝାରସୁଗୁଡ଼ା ଅଫିସ,୮।୨

ମାରୱାଡି ଯୁବାମଞ୍ଚ ଝାରସୁଗୁଡ଼ା ଶାଖା ପକ୍ଷରୁ ଶୁକ୍ରବାର ନିଶୁଳ୍କ ଅଙ୍ଗ ପ୍ରତିରୋପଣ ଶିବିର ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ବିଭିନ୍ନ ସ୍ଥାନରୁ ଆସିଥିବା ୧୫୦ ଅସହାୟ ଓ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଛନ୍ତି। ବିଶେଷଜ୍ଞ ଡାକ୍ତରମାନେ ଟିବ୍ରିୱାଲ ଧର୍ମଶାଳାରେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ସହାୟତା କରିଥିଲେ। ଓମ୍‌ପ୍ରକାଶ ପୋଦ୍ଦାର, ଅର୍ଜୁନଲାଲ ମୋର, ଶଙ୍କରଲାଲ ଶାହା, ସଞ୍ଜୟ ଲୋଧା, ସଞ୍ଜୟ ସରାୱଗି, ମନୀଷ ଡିଡୱାନିଆ, ସଚିନ ଶର୍ମା, ଆକାଶ ଅଗ୍ରୱାଲ, ଆନନ୍ଦ ଶର୍ମା, କିଶୋର ମେଡିଆ, ନୀଲେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## କୁମ୍ଭାରୀ ଆଶ୍ରମ ସ୍କୁଲରେ ଜାତୀୟ କୃମିନାଶକ ଦିବସ

ଝାରସୁଗୁଡ଼ା ଅଫିସ/ ଲଖନପୁର,(ଡି.ଏନ୍.ଏ.)୮।୨

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଅଧୀନ କୁମ୍ଭାରୀ ଆଶ୍ରମ ସ୍କୁଲରେ ଶୁକ୍ରବାର ଜାତୀୟ କୃମିନାଶକ ଦିବସ ପାଳନ ହୋଇଛି। ପ୍ରଧାନ ଶିକ୍ଷକ ସୁଜିତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କୃମି ଆକ୍ରାନ୍ତ ଦ୍ୱାରା ମାନବସମ୍ବଳର କିପରି ଅବକ୍ଷୟ ହୁଏ ଏବଂ ଶରୀର କିପରି ରୁଗ୍‌ଣ ହୋଇପଡ଼େ ସେ ବିଷୟରେ ଅତିଥି ଓ ଶିକ୍ଷକମାନେ ମତ ଦେଇଥିଲେ। ଶିକ୍ଷୟିତ୍ରୀ ଇ.ଏଲ୍. ଡୁମ୍‌ଡୁମ୍, ବବିତା ପଣ୍ଡା, ଭାଗ୍ୟବତୀ ଚାନ୍ଦ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଲୁକେଶ୍ୱରୀ ସାହୁ, ରୀନା ରାଉତ ପ୍ରମୁଖ ସ୍କୁଲର ୧୫୬ ଜଣଙ୍କୁ କୃମିନାଶକ ବଟିକା ସେବନ କରାଇଥିଲେ।



ଭଗବାନ ପୃଷେଷ୍ଟ ହାଇସ୍କୁଲ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଗୁଡ଼ିଆଲି ଭଗବାନ ପୃଷେଷ୍ଟ ହାଇସ୍କୁଲର ବାର୍ଷିକୋତ୍ସବ

ଲଖନପୁର,୮।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଗୁଡ଼ିଆଲି ଭଗବାନ ପୃଷେଷ୍ଟ ହାଇସ୍କୁଲ, ମହାତ୍ମା ଗାନ୍ଧୀ ଏମ୍‌ଇ ସ୍କୁଲ ଓ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ବସନ୍ତ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧାପିକା ଡ. ସଞ୍ଜୁକ୍ତା ହୋତା, ସମ୍ମାନିତ ଅତିଥି ଭାବେ ନାଇସ୍ ନିର୍ଦ୍ଦେଶକ ସୁଶିଲ ପୁରୋହିତ, ଦଲଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳ ପଟେଲ, ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ମହାରଣା, ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ ପଟେଲ, ରାମଶରଣ ସାହୁ, ରଞ୍ଜନ ଭୋଇ, ଆଶିଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିବା ସହ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷକ ଚୂଳଦେବ ସା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗୋଟଏ ପାଚେରି ଭିତରେ ୩ ସ୍କୁଲ ରହିଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦେଖିଲେ ଏହାର ପରିବେଶ, ଭିତ୍ତିଭୂମି ଆଦିରେ ବିକାଶ ହେବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ୩ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

କୋଲାବିରା,୮।୨(ଡି.ଏନ୍.ଏ.)

ଶୁକ୍ରବାର ସନ୍ଧ୍ୟା ୭ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଡ଼ବାହାଲ ଅଏତାପଡ଼ାର ଗୋଲାପ ମାଝି (୩୨)। ଆହତମାନେ ହେଲେ ଗହ୍ମାପାଲି ଗ୍ରାମର ମଣ୍ଟୁ ପଧାନ ଓ ସନ୍ୟାସୀପାଲି ଗ୍ରାମର ପୀତାମ୍ବର ମାଝୀ। ସୂଚନା ଅନୁଯାୟୀ, ରାଜମିସ୍ତ୍ରି ଭାବେ କାମ କରୁଥିବା ଗୋଲାପ ଓ ମଣ୍ଟୁ ବାଇକ୍ ଯୋଗେ କୋଲାବିରାରୁ ସଉଦା କିଣି ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସାଇକେଲରେ ଯାଉଥିବା ପୀତାମ୍ବରଙ୍କ ସହ ସେମାନେ ସନ୍ୟାସିପାଲି ଛକ ନିକଟରେ ଧକ୍କା ହୋଇଥିଲେ। ଗୋଲାପ ବାଇକ୍‌ରୁ ଦୂରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପୀତାମ୍ବରଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ମଣ୍ଟୁ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଦମକଳ ବାହିନୀ ଏମାନଙ୍କୁ ଉଦ୍ଧାର କରି କୋଲାବିରା ଡାକ୍ତରଖାନା ପଠାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଏମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଗୋଲାପଙ୍କୁ ମୃତ ଘୋଷଣା କରିଥିଲେ।


ଆନ୍ଦୋଳନରତ ମହିଳାଙ୍କ ସହ ପୋଲିସ କର୍ମଚାରୀମାନେ ଆଲୋଚନା କରୁଛନ୍ତି।

■ମଦଭାଟି ଉଚ୍ଛେଦ ଦାବିରେ ମହିଳାଙ୍କ ଅନଶନ ୫ମ ଦିନରେ

## ଭାଟି ପାଇଁ ଅନୁମତି ନ ଦେବାକୁ ସରପଞ୍ଚଙ୍କୁ ନିବେଦନ

କିର୍ମିରା,୮।୨(ଡି.ଏନ୍.ଏ.)

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଭାଲୁପତ୍ରା ଗ୍ରାମରେ ଥିବା ଲାଇସେନ୍ସପ୍ରାପ୍ତ ମଦଭାଟି ଉଚ୍ଛେଦ ଦାବିରେ ଚାଲିଥିବା ମହିଳାଙ୍କ ଆନ୍ଦୋଳନ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ବର୍ତ୍ତମାନ ଅନଶନ ରୂପ ନେଇଥିବାବେଳେ ବିଭିନ୍ନ ବର୍ଗରୁ ଆନ୍ଦୋଳନକୁ ସମର୍ଥନ ମିଳିବାରେ ଲାଗିଛି। ପ୍ରଥମେ ଲଇକେରା ଥାନା ଏବଂ ପରେ ଅବକାରୀ ବିଭାଗ ତରଫରୁ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ତେବେ ଭାଟି ଉଚ୍ଛେଦ ଦାବିରେ ମହିଳାଙ୍କ ଦୃଢ଼ ସଂକଳ୍ପ ଆଗରେ ତାହା ସଫଳ ହୋଇପାରି ନ ଥିଲା। ମହିଳାଙ୍କ ଏହି ପଦକ୍ଷେପ ପ୍ରତି ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଏବଂ ଅନ୍ୟାନ୍ୟ ରାଜନୈତିକ ଗୋଷ୍ଠୀର ସମର୍ଥନ ରହିଥିବା ଜଣାପଡ଼ିଛି। ତେବେ ମହିଳାଙ୍କ ପକ୍ଷରୁ ଆଗକୁ ଭାଟି ପାଇଁ ଅନୁମତି ନ ଦେବାକୁ ଶୁକ୍ରବାର ସରପଞ୍ଚଙ୍କୁ ଲିଖିତ ଭାବେ ନିବେଦନ କରାଯାଇଛି। ଏକ ବୈଠକ କରାଯାଇ ସମସ୍ୟାର ସମାଧାନ ବାଟ ଖୋଜାଯିବ ବୋଲି ସରପଞ୍ଚ ମଞ୍ଜୁଲତା ପଟେଲ କହିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କଲେ ଛାତ୍ରୀଛାତ୍ର

ବେଲପାହାଡ଼, ୮।୨ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଶୁକ୍ରବାର ବେଲପାହାଡ଼ ସହରାଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି। ଏଥିରେ ବେଲପାହାଡ଼ କଲେଜର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ହାତରେ ବ୍ୟାନର ଓ ହୋର୍ଡିଂ ଧରି ସହର ପରିକ୍ରମା କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ସଡ଼କ ସୁରକ୍ଷା ନିୟମ ତଥା ଟ୍ରାଫିକ ନିୟମ ପାଳନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରା ଫାଟକରୁ ଆରମ୍ଭ ହୋଇ ଟିଆର୍‌ଏଲ୍ ଏମ୍ପ୍ଲଇଜ କ୍ଲବଠାରେ ଶେଷ ହୋଇଥିଲା। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ, ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣେଲ ଡି. ମିଶ୍ର, ମୋଟରଯାନ ନିରୀକ୍ଷକ ଜନ୍ମେଜୟ ନାୟକ ଓ ସଡ଼କ ସୁରକ୍ଷା ଅଧିକାରୀ କାଜଲ ପ୍ରଧାନ ଯୋଗଦେଇଥିଲେ।


ବେଲପାହାଡ଼ ସହରରେ ଆୟୋଜିତ ସଡ଼କ ସୁରକ୍ଷା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଲୋକଙ୍କୁ ସଚେତନ କରୁଛନ୍ତି।

ବ୍ରଜରାଜନଗର,୮।୨(ଡି.ଏନ୍.ଏ.)

ଓରିଏଣ୍ଟ ପେପର ମିଲ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜିଲା ଗାଇଡ୍ କମିଶନର ପ୍ରତିଭା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ସ୍କୁଲ ପରିସରରୁ ବାହାରି ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନଙ୍କୁ ସଚେତନ କରାଯାଇଥିଲା। ରାସ୍ତାର ବାମ ପାର୍ଶ୍ୱରେ ଯିବା, ମୁଣ୍ଡରେ ହେଲ୍‌ମେଟ ପିନ୍ଧିବା, ଦ୍ରୁତ ଗାଡ଼ିଚାଳନା ନ କରିବା ପାଇଁ ଛାତ୍ରୀମାନେ ପରାମର୍ଶ ଦେଇଥିଲେ। କଲୋନୀରେ ରହୁଥିବା ପରିବାରଗୁଡ଼ିକୁ କୃମିନାଶକ ବଟିକା ପ୍ରଦାନ କରିଥିଲେ। ଜାତୀୟ କୃମି ଦିବସ ଉପଲକ୍ଷେ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀମାନେ ଛାତ୍ରୀଙ୍କ ସହିତ ଯୋଗଦେଇ ମଧ୍ୟାହ୍ନ ଭୋଜନ ପରେ ପିଲାମାନଙ୍କୁ କୃମି ବଟିକା ଖାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଧାଂଶୁ ପଣ୍ଡା, ଧର୍ମେନ୍ଦ୍ର ପାଢ଼ୀ, ସସ୍ମିତା ଜେନା, ପ୍ରହ୍ଲାଦ ବାରିକ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ଫେବୃୟାରୀ, ୨୦୧୯



ଧନ ସଞ୍ଚୟ, ବାହାରର ସଫଳତା, ପ୍ରଚାର, ବିଳାସ
ଏହି ଚାରୋଟିକୁ ମୁଁ ବରାବର ଘୃଣା କରି ଆସିଛି।
- ଆଲବର୍ଟ ଆଇନଷ୍ଟାଇନ



## ସଂକ୍ଷେପରେ




### ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ର ଫୁଙ୍କିଲେ ଜୁଏଲ

**ସୁନ୍ଦରଗଡ, ୮।୨ (ଡି.ଏନ୍.ଏ.):** ନିର୍ବାଚନ ପାଖେ ଆସିଲାଣି। ଏହାକୁ ମୁକାବିଲା କରି ଭୋଟ ହାତେଇବା ପାଇଁ ସବୁ ରାଜନୈତିକ ଦଳ ପରି ଭାଜପା ମଧ ନିଜର ରଣ କୌଶଳ ଆରମ୍ଭ କରିଛି। ଶିବିରକୁ ସଜାଡିଲାଣି। ଶୁକ୍ରବାର ଭାଜପା ପକ୍ଷରୁ ସୁନ୍ଦରଗଡ ଲୋକସଭା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ ସାଂଗଠନିକ ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ମନ୍ତ୍ର ଫୁଙ୍କିଛନ୍ତି। ରାଜ୍ୟର ବିଜେଡି ସରକାର ୧୯ବର୍ଷ ଶାସନରେ ଅମଲାତନ୍ତ୍ର ଶାସନ ଚଳାଇଛି। ଲୋକଙ୍କୁ ବିଭିନ୍ନ ଯୋଜନା ମାଧମରେ ନିର୍ବାଚନ ପାଇଁ ଟଙ୍କା ପ୍ରଲୋଭନ ଦେଖାଇ ନିର୍ବାଚନ ବୈତରଣୀ ପାରି ହେବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକରାତ୍ମକ ଭାବନା ରଖି କଠିନ ପରିଶ୍ରମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ଜିଲାର ୭ଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନକୁ ଭାଜପା ହାତକୁ ଆଣିବା ସହିତ ଓଡିଶାରେ ଭାଜପା ସରକାର କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ରାଜ୍ୟ ସହସଂଗଠନ ସଂପାଦକ ଅମିତାଭ ଚକ୍ରବର୍ତ୍ତୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନାର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇ ହିତାଧିକାରୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଧୀରେନ୍ ସେନାପତି, ପାନପୋଷ ସାଂଗଠନିକ ଜିଲା ସଭା ପତି ଜଗବନ୍ଧୁ ବେହେରା, ବଣାଇଁ ସାଂଗଠନିକ ଜିଲା ସଭାପତି ରାହାସବିହାରୀ ପ୍ରଧାନ, ପୂର୍ବତନ ସଦର ବିଧାୟିକା ସୁଷମା ପଟେଲ ଅଭିଭାଷଣ ରଖିଥିଲେ । ଏହି ବୈଠକରେ ଜିଲାର ସମସ୍ତ ଜାତୀୟ ଓ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ, ସମସ୍ତ ନିର୍ବାଚନମଣ୍ଡଳୀର ପ୍ରଭାରୀ, ଜିଲା ପରିଷଦ ସଭ୍ୟ, ଜିଲା ପଦାଧିକାରୀ, ମଣ୍ଡଳ ସଭାପତି ଏବଂ ଶକ୍ତି କେନ୍ଦ୍ର ପ୍ରମୁଖମାନେ ଉପସ୍ଥିତ ଥିଲେ।

### ଭାଜପା କମିଟିରେ ଅଦଳବଦଳ

**ରାଉରକେଲା ଅଫିସ,୮।୨:** ସଂଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ଭାରତୀୟ ଜନତା ପାର୍ଟି (ଭାଜପା) ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ଛୋଟ ଧରଣର ଅଦଳବଦଳ କରାଯାଇଛି। ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ଅନୁମୋଦନ କ୍ରମେ ପୂର୍ବରୁ ଜିଲା ସମ୍ପାଦକ ରହିଥିବା ନାରୟଣ ମହାନ୍ତିଙ୍କୁ ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହଭଳି ପୂର୍ବରୁ ଯୁବମୋର୍ଚ୍ଚା ସଭାପତି କାର୍ଯ୍ୟ ତୁଲାଉଥିବା ଦେବେନ୍ଦ୍ର ବୀରଗଣ୍ଡିଆଙ୍କୁ ଜିଲା ଭାଜପା ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ଦଳ ମୁଖପାତ୍ର ଭାଗବାନ ରାଉତ ଏକ ବିବୃତିରେ ସୂଚନା ଦେଇଛନ୍ତି। ଏହି ଅଦଳବଦଳ ଦଳକୁ ମଜବୁତ କରିବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ଓକିଲ ସଂଘର ଦୁଇଦିନିଆ କାର୍ଯ୍ୟବନ୍ଦ ଡାକରା

**ରାଉରକେଲା ଅଫିସ,୮।୨**

ଓକିଲଙ୍କ ବିଭିନ୍ନ ସମସ୍ୟା ସହ ଅନ୍ୟ ୫ଦଫା ଦାବି ନେଇ ଭାରତୀୟ ଓ ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତି କ୍ରମେ ଏକ ଜରୁରୀ ବୈଠକ ଶୁକ୍ରବାର ସଭାପତି ରମେଶ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଆସୋସିଏଶନ ସହସମ୍ପାଦକ ଦେବାନନ୍ଦ ତନ୍ତୀଙ୍କ ପ୍ରସ୍ତାବକ୍ରମେ ଏକ ୫ଦଫା ସମ୍ବଳିତ ଦାବିପତ୍ର ରାଉରକେଲା ଏଡିଏମ୍‌ଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ସଂଘକୁ ଆବଶ୍ୟକ ଗୃହ ଯୋଗାଇ ଦେବା, ପାଠାଗାର ବ୍ୟବସ୍ଥା କରିବା, ଇଣ୍ଟରନେଟ ସଂଯୋଗ, ଶୌଚାଳୟ ନିର୍ମାଣ, ମହିଳା ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥ,




ରାଉରକେଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଆଇନଜୀବୀଙ୍କ ଲଲ୍ୟାଣ ପାଇଁ କେନ୍ଦ୍ରୀୟ ବଜେଟରେ ୫ହଜାର କୋଟି ଟଙ୍କା ବ୍ୟୟ ବରାଦ, ଆଇନଜୀବୀ ଓ ସେମାନଙ୍କ ପରିବାର ପାଇଁ ବୀମା ସୁବିଧା, ନୂତନ ଭାବେ ଯୋଗଦେଉଥିବା ଆଇନଜୀବୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ୧୦ ହଜାର ଟଙ୍କାର ଷ୍ଟାଇପେଣ୍ଡ, ଦୁର୍ଘଟଣା ଓ ଅନ୍ୟ କାରଣରୁ ମୃତ୍ୟୁବରଣ କରୁଥିବା ଓ ଅକ୍ଷମ ହେଉଥିବା ଆଇନଜୀବୀ ତଥା ସେମାନଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ, ବାସଗୃହ ପାଇଁ ସରକାରୀ ଯୋଜନାରେ ଜମି ପ୍ରଦାନ, ଆଇନ ସେବା ପ୍ରାଧିକରଣ ନେଇ ଆଇନରେ ସଂଶୋଧନ ଆଣିବାକୁ ଏଥିରେ ଦାବି କରାଯାଇଛି। ଏହାକୁ ନେଇ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ରାଉରକେଲା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଘୋଷଣା କରାଯାଇଛି। ଏଥିରେ ଆଇନଜୀବୀ ଶ୍ରୀନିବାସ ପଣ୍ଡା, ଶରତ ବାରିକ, ଅନୁସୟା ପଣ୍ଡା, ପଦ୍ମିନୀ ଦାସ, ସୌଦାମିନୀ ଜେନା, ମନୋରଞ୍ଜନ ବାରିକ, ଦେବେନ୍ଦ୍ର ପଣ୍ଡା, ସୁଜୟ ପାଣି, ଏସ୍.ଏନ୍. ବହିଦାର, ଏସ୍.ଏନ୍. ମହାପାତ୍ର, ଜି.ବି. ନନ୍ଦ, ଅଞ୍ଜନ ବାରିକ, ପ୍ରଦୀପ ଜେନା, ପ୍ରଶାନ୍ତ ସେନାପତି, ସରୋଜ ମହାପାତ୍ର, ଆନନ୍ଦ ଅଗ୍ରୱାଲ, ରବି ମିଶ୍ର, ଗାର୍ଗୀ ପଣ୍ଡା, ପ୍ରମୋଦ ଷଡ଼ଙ୍ଗୀ, ରମେଶ ପାଲ, ସୁଶୀଲ ଜେନା ଓ ପୂର୍ଣ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଉଦ୍‌ଘାଟିତ

**କୁଆଁରମୁଣ୍ଡା,୮।୨(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକର ତେଲିପୋଷଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ମାଗଦାଲି କୋନ୍‌ଗାଡି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ନବ ନିର୍ମିତ ଛାତ୍ରୀ ନିବାସକୁ ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଏଥିରେ ମୁଖ୍ୟବକ୍ତାଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ, ସମ୍ମାନୀୟ ଅତିଥି ଭାବେ ଏବିଇଓ ଗୁରୁଚରଣ ସାହୁ, ମୋହନ କୁମାର, କୁଆଁରମୁଣ୍ଡା ସରପଞ୍ଚ ସୁଷମା କିଣ୍ଡୋ ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କ ରହିବା ସହ ଖାଇବା ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଅଧକ୍ଷା ପ୍ରତିମା ଶର୍ମା ପ୍ରତିଶ୍ରୁତି ଦେଇଛନ୍ତି।

## ୬ଷ୍ଠ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଆଜିଠାରୁ

**ରାଉରକେଲା ଅଫିସ, ୮।୨**

ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଶନିବାରଠାରୁ ଆରମ୍ଭ ହେବ। ସେକ୍ଟର-୫ସ୍ଥିତ ଅରବିନ୍ଦ ଯୋଗ ମନ୍ଦିର ପରିସରରେ ଏହି ସମ୍ମିଳନୀ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ପାରିପାର୍ଶ୍ୱିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଦିନକୁ ଦିନ ମଣିଷ ରୋଗଗ୍ରସ୍ତ ହୋଇପଡୁଛି। ସମୟ ଆସିଛି ଚେତନାର ପ୍ରୟୋଗ ଦ୍ୱାରା ନିଜକୁ ସୁସ୍ଥ ରଖିବା ପାଇଁ। କେବଳ ବଞ୍ଚିବା ଆମ ଲକ୍ଷ୍ୟ ହେବା ଉଚିତ ନୁହେଁ। କିପରି ସୁସ୍ଥ ଜୀବନ କାଟିବା ତାହା ଆମର ଧେୟ ହେବା ଉଚିତ ବୋଲି ଏନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଅନ୍ତର୍ନିହିତ ଶକ୍ତି ବଳରେ ନିଜକୁ ନିରୋଗ ରଖିବା ଓ ଚେତନା ସ୍ତରରେ ନିଜକୁ ସଂଗୃହୀତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସମ୍ପାଦକ ଡାକ୍ତର ପ୍ରଶାନ୍ତ ପାତ୍ର ଏଥିରେ ସୂଚନା ଦେଇଥିଲେ।




ସ୍ୱାସ୍ଥ୍ୟ ସମ୍ମିଳନୀ ନେଇ ସେକ୍ଟର-୫ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

## ଏକମା ପଞ୍ଚାୟତ ହାଇସ୍କୁଲର ବାର୍ଷିକୋତ୍ସବ

**ବଡଗାଁ, ୮।୨ (ଡି.ଏନ.ଏ.)**

ବଡଗାଁ ବ୍ଲକ ଅନ୍ତର୍ଗତ ଏକମାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ପତିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ମନୋଜ ପୁରୋହିତ, ବିଇଓ ସାରଙ୍ଗଧର ବରିହା, ଲେଫ୍ରିପଡା ବିଇଓ ହରେକୃଷ୍ଣ ପୁରୋହିତ, ସ୍କୁଲର ପ୍ରତିଷ୍ଠାତା ସଭ୍ୟ ସନ୍ତୋଷ ପୁରୋହିତ, ଲକ୍ଷ୍ମଣ ପୁରୋହିତ, ଗଣେଷ ରାମସିଂ ଠାକୁର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ଗଣେଷ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଲିସା ମାଝି, ଅଶୋକ ଲାକ୍ରା ଓ ବେଷ୍ଟ ଷ୍ଟୁଡେଣ୍ଟ ଭାବେ ଚାମ୍ପିୟନ ହୋଇଥିବା ଲିପ୍‌ସା ମାଝିଙ୍କ ସହ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜବାବ ମାଗୁଛି ଓଡ଼ିଶା କୃଷକ
# ଲାଠିକଟାରେ ଚାଷୀ ସମାବେଶ




ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ଲାଠିକଟା ବ୍ଲକ ହାତୀବନ୍ଧାଠାରେ ଆୟୋଜିତ ସମାବେଶରେ ମଞ୍ଚାସୀନ ଅତିଥି।

**ରାଉରକେଲା ଅଫିସ, ୮।୨**

ଭାରତୀୟ ଜନତା ପାର୍ଟି (ଭାଜପା) କୃଷକମୋର୍ଚ୍ଚା ପକ୍ଷରୁ ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ଅଞ୍ଚଳରେ ଜବାବ ମାଗୁଛି ଓଡ଼ିଶା କୃଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରଘୁନାଥପାଲି ନିର୍ବାଚନ ମଣ୍ଡଳୀ କୃଷକମୋର୍ଚ୍ଚା ସଭାପତି ରାଜକିଶୋର ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାନପୋଷ ସାଙ୍ଗଠନିକ ଜିଲା ଭଜପା ସଭାପତି ଜଗବନ୍ଧୁ ବେହେରା ଯୋଗଦେଇ କହିଥିଲେ, ଗତ ୧୯ ବର୍ଷ ଧରି ରାଜ୍ୟ ବିଜେଡି ସରକାର କୃଷକଙ୍କ ପ୍ରତି ଚରମ ଅବହେଳା କରି ଆସିଛି। ଜଳସେଚନ ଅଭାବରୁ କ୍ଷେତ ଆଜି ଶୁଖିଲା ପଡ଼ିଛି। ଚାଷୀକୁ ତାର ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନି। ବଜାର ବ୍ୟବସ୍ଥା କିମ୍ବା ସଂରକ୍ଷଣ ସୁବିଧା ନାହିଁ। ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଚାଷୀର ମେରୁହାଡ଼ ଭାଙ୍ଗିଯାଇଛି। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଭୁଆଁ ବୁଲାଇବାକୁ କାଳିଆ ଯୋଜନାର ଆଶ୍ରା ନେଇଛି ବିଜେଡି। ଆଗାମୀ ଦିନରେ ଚାଷୀକୁଳ ସରକାରଙ୍କ ଅବହେଳାର ଜବାବ ନିଶ୍ଚିତ ଦେବ ବୋଲି ବେହେରା ମତ ପ୍ରକାଶ କରିଥିଲେ। କୃଷକମୋର୍ଚ୍ଚା ପାନପୋଷ ସାଙ୍ଗଠନିକ ଜିଲା ସଭାପତି ମଳୟ ମହପାତ୍ର କହିଥିଲେ, ବିଜେଡି ସରକାରଙ୍କ ଅମଳରେ ଚାଷୀ ସର୍ବାଧିକ ଶୋଷଣର ଶିକାର ହୋଇଛି। ପ୍ରତି କ୍ଷେତ୍ରରେ ଏମାନଙ୍କୁ ଅବହେଳା କରାଯାଇଛି। ନିର୍ବାଚନ ଆସିଯାଇଥିବାରୁ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେବେ ଏଥିରେ କେହି ଭଳିବେ ନାହିଁ ବୋଲି ମହାପାତ୍ର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମନୋରଞ୍ଜନ ମୁନି, ବରିଷ୍ଠ ଭାଜପା ନେତା ଉଦିତ ଅମାତ, ମୁରଲୀ ଗୌଡ଼, ଶମ୍ଭୁନାଥ ସିଂ, ଅମ୍ରିତଲାଲ ଓରାମ, ରାମକାନ୍ତ ଜେନା, ରାମ ଇକବାଲ ବର୍ମା, ଅମୂଲ୍ୟ ସେଠୀ, ସଞ୍ଜୟ ଭୂମିଜ, କୃଷ୍ଣ ପାତ୍ର, ମନୋଜ ପାତ୍ର, ମହିଳାମୋର୍ଚ୍ଚା ସଭାନେତ୍ରୀ ପିଙ୍ଗଳା ସିଂ, ହେମରାଜ ସାହୁ, ଅନୀତା ଲୋହାର, ପୁନମ ଲୋହାର, ପଦ୍ମା ମହାନ୍ତ, ଦୁଲାରୀ ଲୋହାର ଓ ମମତା ଲୋହାର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଯୋଗଦେଇଥିଲେ।

# ଜନଜାତି ଉପକରଣ ବଣ୍ଟନ ସମାରୋହ

**ରାଉରକେଲା ଅଫିସ,୮।୨**

ଉଦିତନଗର ଆଇଟିଡିଏ ହଲରେ ଗୁରୁବାର ସୁନ୍ଦରଗଡ଼ ଉନ୍ନୟନ ପରିଷଦ ପକ୍ଷରୁ ଜନଜାତିଙ୍କୁ କ୍ରୀଡ଼ା ଉପକରଣ ଓ ସାଂସ୍କୃତିକ ବିକାଶ ସମ୍ପର୍କିତ ପୋଷାକ ବିତରଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା କୁସୁମ ଟେଟେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ରାଜ୍ୟରେ ବସବାସ କରୁଥିବା ଜନଜାତିଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଉଛନ୍ତି। ଜାତିର ସମାଗ୍ରିକ ବିକାଶ ନେଇ ନାନା ଯୋଜନା ପ୍ରଚଳନ କରିଛନ୍ତି। ଏ ଦିଗରେ ସଚେତନତା ସୃଷ୍ଟି ଉପରେ ଟେଟେ ଗୁରୁତ୍ୱାରୋପ କରିଥିଲେ। ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା କହିଥିଲେ,




ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଉଦିତନଗର ଆଇଟିଡିଏ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆଦିବାସୀବହୁଳ ଜିଲାର ବିକାଶ ପାଇଁ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଏଥିରୁ ସୁଫଳ ନେବାକୁ ଏକ୍କା ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଆର୍‌ଡିଏ ଅଧକ୍ଷ ସାରଦା ନାୟକ ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ସମଗ୍ର ଜିଲାର କୋଣ ଅନୁକୋଣରେ ବିକାଶର ଧାରା ଆବ୍ୟାହତ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ସହଯୋଗ ରହିଲେ ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟ କରାଯାଇ ପାରିବ ବୋଲି ନାୟକ କହିଥିଲେ। ଏଥିରେ ନୂଆଗାଁ ବ୍ଲକ ଅଧକ୍ଷ ମଖଲୁ ଏକ୍କା, ସୁରେଶ ଓରାମ, ବିଜେଡି ନେତ୍ରୀ, ମିନତୀ ଦେବତା, ଆଇଟିଡିଏ ସହକାରୀ ଯନ୍ତ୍ରୀ ବିଜୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପାନପୋଷ ଉପଖଣ୍ଡ ଅନ୍ତର୍ଗତ ବିଶ୍ରା, ଲାଠିକଟା, ନୂଅଗାଁ ଓ କୁଆଁରମୁଣ୍ଡା ଅଞ୍ଚଳରୁ ଆସିଥିବା ଜନଜାତି ଲୋକଙ୍କୁ ବାଦ୍ୟ, ପୋଷାକ ଓ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଥିଲା।

## ଅଧ୍ୟାପକ ଓ କର୍ମଚାରୀ ସଂଘର ବୈଠକ

**ସୁନ୍ଦରଗଡ , ୮।୨ (ଡି.ଏନ.ଏ.)**

୩୯୧ ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ ଶୁକ୍ରବାର ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଆତ୍ମାରାମ ବାରିକଙ୍କ ଆବହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ଯୋଗ ଦେଇଥିଲେ। ସଂଘର ଏକମାତ୍ର ଦାବି ୧୯୯୪ ଅନୁଦାନ ନୀତି ଉପରେ ବିଷଦ ଭାବେ ସେ ଆଲୋଚନା କରିଥିଲେ। ଏ ଦିଗରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିବା ନେଇ ବୈଠକରେ କୃତଜ୍ଞତା ପ୍ରକାଶ କରାଯାଇଥିଲା। ଅନ୍ୟ କୌଣସି ସଂଘର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ନ କରି ପରୀକ୍ଷା ପରିଚାଳନା, ମୂଲ୍ୟାୟନ ଓ ଶିକ୍ଷାଦାନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅଧ୍ୟାପିକା ରଶ୍ମିତାରାଣୀ ଦାଶ ପରିଚାଳନା କରିଥିଲେ। ଜିଲା ସଭାପତି ଅଧ୍ୟାପକ ଡମ୍ବରୁଧର ପଟେଲ, ଡଃ ଭଗବାନ ପଟେଲ, ନାରାୟଣ ପ୍ରଧାନ, ଆଲୋକ କୁମାର ଚୌଧୁରୀ, ହେମରାମ ପଟେଲ, ତନୟା ନାଏକ, ନବୀନ ନାଏକ, ମନୋଜ ନାଏକ, ଦେବେନ୍ଦ୍ର ଚୌଧୁରୀ, ଗୋରାଚାନ୍ଦ ନାଏକ, ସୁବାଷଚନ୍ଦ୍ର ପଣ୍ଡା, ସଂଯୁକ୍ତା ପଟେଲ, ମନୋରଂଜନ ମିଶ୍ର, ଯୋଗେଶ୍ୱର ସାହୁ, ଅଶୋକ କୁମାର ଦାଶ ପ୍ରମୁଖ ଯାଗଦେଇ ଆଲୋଚନାରେ ମତ ରଖିଥିଲେ। ହିମାଂଶୁ ଭୈଷାଁଲ ଧନ୍ୟବାଦ ଦେଇଥିଲେ।

## ପୂଜ୍ୟପୂଜା ପରିଷଦ ଗଠିତ

**ରାଉରକେଲା ଅଫିସ,୮।୨**

ପୂଜ୍ୟପୂଜା ପରିଷଦ ନାମରେ ଛେଣ୍ଡ ଅଞ୍ଚଳରେ ଏକ ନୂତନ ସଂଗଠନ ଜନ୍ମ ନେଇଛି। ସ୍ଥାନୀୟ ଯୁବକଙ୍କ ଉଦ୍ୟମ କ୍ରମେ ଉମାଶଙ୍କର ପୀଠ ପରିସରରେ ଆୟୋଜିତ ବୈଠକରେ ଏନେଇ ଗୁରୁବାର ଘୋଷଣା କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ଛେଣ୍ଡ କଲୋନୀ ଓ ଏଠାକାର ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ଏହି ସଂଗଠନ ବିଶେଷ ଦୃଷ୍ଟି ଦେବ ବୋଲି କୁହାଯାଇଛି। ଏଥିସହ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ବିଭବକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରିବ ସଂଗଠନ। ଏହି ଅବସରରେ ଏହାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। କମିଟି ଉପଦେଷ୍ଟା ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଆର୍‌ଏସ୍‌ପି ଅଧିକାରୀ ଶରତ ଧଳ ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରକାଶ ସାହାଣୀଙ୍କୁ ମନୋନୀତ କରାଯାଇଛି। ପରିଷଦ ସଭାପତି ଭାବେ ରହିଛନ୍ତି କୈଳାସ ବେହେରା, ସାଧାରଣ ସମ୍ପାଦକ ଆଶିଷ ସିଂ, ସହସମ୍ପାଦକ ରମଣୀରଞ୍ଜନ ବାରିକ ଓ କୋଷାଧକ୍ଷ ପଦରେ ପ୍ରିୟଦର୍ଶନ ରାଉତଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧରେ ଶୁଭମ ମହାପାତ୍ର, ଅଭିଷେକ ନାୟକ, ରାହୁଲ ପଲାଇ, ମନୋଜ ମଲ୍ଲିକ, ଚନ୍ଦନ ସୂତାର, ବାବୁଲି ବେହେରା, ବିଜୟ ସେଠୀ, ରାହୁଲ ଚକ୍ରବର୍ତ୍ତୀ, ସମୀର ନାୟକ, ଅଙ୍କିତ ଶର୍ମା, ବବଲୁ ପ୍ରସାଦ, ବିଶ୍ୱଜିତ ଘୋଷ, ତାପସ ଜୟପୁରିଆ, ଅଭୟ ସାହୁ, ଶ୍ରୀଧର ସେନାପତି, ରାମ ଦାସ, ଆଶୁତୋଷ ବିଶ୍ୱାଳ, ଦୀପ୍ତିରଞ୍ଜନ ବାରିକ ଓ ଚିନ୍ମୟ ବେହେରାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଗ୍ରହଣ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଶାରଳା ପରିବାର ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ରାଉରକେଲା ଅଫିସ, ୮।୨**

ସ୍ୱେଚ୍ଛାସେବୀ ସଂଗଠନ ଶାରଳା ପରିବାର ପକ୍ଷରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଆମ୍ବାଗାନ ଛକଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ରାଉରକେଲା ମୋଟରଯାନ ନିରୀକ୍ଷକ ପର୍ଶୁରାମ ସାହୁ ଓ ସଞ୍ଜୟ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କୁ ସୁରକ୍ଷା ନିୟମ ସମ୍ପର୍କରେ ସଂଗଠନ ସ୍ୱେଚ୍ଛାସେବୀ ଅବଗତ କରାଇଥିଲେ। ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ ପରିଧାନ କରିବା, ଦୁଇରୁ ଅଧିକ ନ ବସିବା, ଦ୍ରୁତ ଗାଡ଼ି ଚାଳନାରୁ ଦୂରେଇ ରହିବା, ବୀମା ଓ ଡ୍ରାଇଭିଂ ଲାଇସେନ୍ସ ଆଦି ନବୀକରଣ ପ୍ରତି ଗୁରୁତ୍ୱ ଦେବା ଭଳି କେତେକ ନିୟମ




ଶାରଳା ପରିବାର ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ସମ୍ପର୍କରେ ଅବଗତ କରାଯାଇଥିଲା। ସଭାପତି ନଟବର ଦାସ ସଭା ପରିଚାଳନ କରି କହିଥିଲେ, ଆଜିକାଲି କୋମଳମତି ପିଲାମାନେ ସଡ଼କ ସୁରକ୍ଷା ପ୍ରତି ଯତ୍ନବାନ ହେଉ ନ ଥିବାରୁ ଏହା ଅନେକ ସମୟରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିନା କାରଣରେ ଦ୍ରୁତ ଗାଡ଼ି ଚଳାଇବା ପଥଚାରୀଙ୍କ ପାଇଁ ବିପଦର କାରଣ ପାଲଟିଛି। ଏଥିପ୍ରତି ଉଭୟ ଅଭିଭାବକ ଓ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଦାସ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ରମେଶ ସେଠୀ ନିଜ ବକ୍ତବ୍ୟରେ କହିଥିଲେ, ପ୍ରତି କ୍ଷେତ୍ରରେ ସୁରକ୍ଷା ହେଉଛି ଏକ ବଡ଼ ଉପାୟ। ଏହାକୁ ପାଳନ କଲେ ଆମେ ବହୁ କ୍ଷେତ୍ରରେ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଉ। ଗାଡ଼ି ଚାଳକ ଏଥିପ୍ରତି ଯତ୍ନବାନ ହେବାକୁ ସେଠୀ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ପ୍ରଭାତ ସ୍ୱାଇଁ ସଡ଼କ ସୁରକ୍ଷା ସମ୍ପର୍କିତ ବହୁ ନୀତିନିୟମର ଅବତାରଣା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶତାଧିକ ବାଇକ୍ ଚାଳକଙ୍କୁ ନେଇ ସୁରକ୍ଷା ସମ୍ପର୍କିତ ଏକ ଶୋଭାଯାତ୍ରା ରିଂ ରୋଡ୍ ପରିକ୍ରମା କରିଥିଲା। ଏଥିରେ ପ୍ରଶାନ୍ତ ତରାଇ,ବାଇଧର ପ୍ରଧାନ, ପ୍ରଫୁଲ୍ଲ ଭୋଇ, ଭବାନୀ ଦାସ, ସୁଶାନ୍ତ ରାଉତ, ଟିକମ ନାୟକ, ନବୀନ ପୃଷ୍ଟି, ବିକାଶ ମାଝି, ପବିତ୍ର ପରିଡ଼ା, ବିମ୍ବାଧର ଚୁଳିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏଏସ୍‌ଆଇ ନାରାୟଣ ଦଳାଇ ମୋଟର ସାଇକେଲ ଶୋଭାଯାତ୍ରାରେ ସାମିଲ ହୋଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।